# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ ୧୧/୨୦୨୧ (୧୨ ପୃଷ୍ଠା) | Bhubaneswar, Tuesday, May 11/2021 | ★★★★★★

୪୭ଶ ଭାଗ ୧୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସୁଶୀଲଙ୍କ ବିରୋଧରେ ଲୁକ୍ ଆଉଟ ସର୍କୁଲାର**

ଏକ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ସନ୍ଦେହରେ ଭାରତର ତାରକା ରେସଲର ସୁଶୀଲ କୁମାରଙ୍କ ବିରୋଧରେ 'ଲୁକ୍ ଆଉଟ ସର୍କୁଲାର' ଜାରି ହୋଇଛି।

୧୨

୧୦

**ଟ୍ରୋଲ୍ ହେଲେ ଦିବ୍ୟା ଖୋସ୍‌ଲା**

ଟିକା ନେବା ସମୟରେ ଅଭିନେତ୍ରୀ ଦିବ୍ୟା ଖୋସ୍‌ଲା କୁମାର ମାସ୍କ ପିନ୍ଧି ନ ଥିବାରୁ ତାଙ୍କୁ ସୋସିଆଲ ମିଡିଆରେ ସମାଲୋଚନାର ଶିକାର ହେବାକୁ ପଡ଼ିଛି।



# ବିଦେଶରୁ ଆସିବ ଟିକା

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ରାଜ୍ୟ ସରକାର ଲୋକଙ୍କୁ ଟିକା ଦେବା ପାଇଁ ଗ୍ଲୋବାଲ ଟେଣ୍ଡର ବ୍ୟବସ୍ଥା ଆପଣାଇବାକୁ ନିଷ୍ପତ୍ତି ନେଇଛନ୍ତି। ସୋମବାର ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଗ୍ଲୋବାଲ ଟେଣ୍ଡର କରାଗଲେ ରାଜ୍ୟ ଆଉ ପୂର୍ବଭଳି ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ କୋଭାକ୍ସିନ, ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ପ୍ରସ୍ତୁତ କୋଭିଶିଲ୍ଡ ଉପରେ ନିର୍ଭର କରିବାକୁ ବାଧ୍ୟ ହେବ ନାହିଁ। ଏହାଦ୍ୱାରା ଆମେରିକାର ମଡର୍ନା, ଫାଇଜର, ଜନ୍‌ସନ ଆଣ୍ଡ ଜନ୍‌ସନ ଓ ରୁଷିଆର ସ୍ପୁଟନିକ୍-ଭି ଭଳି ଟିକା ଲୋକମାନଙ୍କୁ ମିଳିପାରିବ। କିନ୍ତୁ ଚାଇନାର ଟିକା ଯଦି ଦରକୁ ଦେଖାଯାଇ ନିଆଯାଏ ତେବେ ଲୋକଙ୍କ ଭରସା ରହିବ ନାହିଁ। କାରଣ ଚାଇନା ବ୍ୟବସାୟିକ ଢଙ୍ଗରେ ନିମ୍ନମାନର ଟିକା କମ୍ ଦରରେ ଯୋଗାଇବା ସହିତ ଲାଭ ଉଠାଇବାକୁ ଚେଷ୍ଟା କରିପାରେ।

ରାଜ୍ୟରେ ଲୋକମାନେ ଯେପରି ସୁବିଧାରେ ଟିକା ପାଇପାରିବେ ସେଥିପାଇଁ ବିଶ୍ୱର ବିଭିନ୍ନ ଟିକା କମ୍ପାନୀରୁ ଟିକା ସଂଗ୍ରହ କରାଯିବ। ଏଥିପାଇଁ ଏକ ଗ୍ଲୋବାଲ ଟେଣ୍ଡର ଡାକିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ବିଶ୍ୱର ବିଭିନ୍ନ ପ୍ରମୁଖ ଟିକା ଉତ୍ପାଦନ କମ୍ପାନୀଙ୍କଠାରୁ ଟିକା ସଂଗ୍ରହ ପାଇଁ ପଦକ୍ଷେପ ନିଆଯିବ। ଏଥିଲାଗି ଏକ ବୈଷୟିକ କମିଟି ଗଠନ କରାଯିବ। କମିଟି ଟିକା ଟେଣ୍ଡର ନେଇ ସମସ୍ତ ବ୍ୟବସ୍ଥା କରିବ। ଏହାଛଡ଼ା ଟିକା ଉପରୁ ସମସ୍ତ ପ୍ରକାର ଟିକସ ଉଠାଇ ଦେବାପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି। ଫଳରେ ଏହା ରାଜ୍ୟ ଅର୍ଥନୀତି ଉପରେ କମ୍ ଚାପ ପଡ଼ିବା ସହ ସାର୍ବଜନୀନ ଟିକାକରଣ କ୍ଷେତ୍ରରେ ବିଶେଷ ସହାୟକ ହେବ।

କରୋନା ମହାମାରୀ ବିରୋଧୀ ଲଢ଼େଇରେ କୋଭିଡ୍ ଯୋଦ୍ଧାମାନେ ଯେପରି ନିଷ୍ଠା ଓ ତ୍ୟାଗ ମନୋଭାବ ନେଇ କାମ କରୁଛନ୍ତି, କ୍ୟାବିନେଟ ବୈଠକରେ ତାହାର ଉଚ୍ଚ ପ୍ରଶଂସା କରାଯାଇଛି। କୋଭିଡ୍ ବିରୋଧୀ ଲଢ଼େଇରେ ରାଜ୍ୟ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ



**କ୍ୟାବିନେଟ ନିଷ୍ପତ୍ତି**

ଯଥା ଟେଷ୍ଟିଂ, ଟ୍ରେସିଂ, ଟିକାକରଣ, ଲକ୍‌ଡାଉନ ଇତ୍ୟାଦିରେ ରାଜ୍ୟବାସୀ ଯେପରି ସହଯୋଗ ଯୋଗାଇ ଆସିଛନ୍ତି, ସେଥିପାଇଁ କ୍ୟାବିନେଟ କୃତଜ୍ଞତା ଜଣାଇଛି। ଭବିଷ୍ୟତର କୋଭିଡ୍ ସଂକ୍ରମଣରୁ ରାଜ୍ୟବାସୀଙ୍କୁ ସୁରକ୍ଷା ଦେବା ତଥା ଅମୂଲ୍ୟ ଜୀବନ ରକ୍ଷା କରିବା ନିମନ୍ତେ ଟିକାକରଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଇସ୍ରାଏଲ ପରି ଦେଶ ତା' ଜନସଂଖ୍ୟାର ବୃହତ୍ ଭାଗକୁ ଟିକା ଦେଇ ସାରିଛି। ସେମାନେ ଏବେ ସ୍ୱାଭାବିକ ଅବସ୍ଥାକୁ ଫେରୁଛନ୍ତି। ରୋଗର ଜଟିଳତା ହ୍ରାସ କରି ରୋଗୀର ଜୀବନ ରକ୍ଷା ଦିଗରେ ଟିକାକରଣ ବହୁତ ଫଳପ୍ରଦ ହେଉଥିବା ଜଣାପଡ଼ିଛି। ବିପଦପୂର୍ଣ୍ଣ କାର୍ଯ୍ୟ ପରିବେଶ ସତ୍ତ୍ୱେ କୋଭିଡ୍ ଯୁଦ୍ଧରେ ନିୟୋଜିତ ଆଗଧାଡ଼ିର କର୍ମଚାରୀ ତଥା ସ୍ୱାସ୍ଥ୍ୟ ସେବାରେ ନିୟୋଜିତ କର୍ମଚାରୀଙ୍କର ସମ୍ପୂର୍ଣ୍ଣ ଟିକାକରଣ ହୋଇସାରିଛି। ଟିକା ନେଇଥିବା ବ୍ୟକ୍ତିମାନଙ୍କର ସଂକ୍ରମଣ ହେଉଥିଲେ ମଧ୍ୟ ସେମାନଙ୍କଠାରେ ଖୁବ୍ କମ୍ ଲକ୍ଷଣ ଦେଖାଯାଉଛି।

ଏହି ପରିପ୍ରେକ୍ଷୀରେ ଓଡ଼ିଶାବାସୀଙ୍କ ପାଇଁ ଟିକା ସଂଗ୍ରହ ନିମନ୍ତେ ସର୍ବୋତ୍ତମ ଚେଷ୍ଟା କରିବା, ଟିକା ଯୋଗାଣକୁ ନିଶ୍ଚିତ କରି ରାଜ୍ୟବାସୀଙ୍କୁ ସୁରକ୍ଷିତ ରଖିବା ଏବଂ ରାଜ୍ୟରେ ଶୀଘ୍ର ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ରାଜ୍ୟ ସରକାର ସଂକଳ୍ପବଦ୍ଧ। କୋଭିଡ୍ ବିରୋଧୀ ଲଢ଼େଇ ଏକ ଲମ୍ବା ଲଢ଼େଇ। କେନ୍ଦ୍ର ସରକାର ବିଭିନ୍ନ ସେସ୍ ଓ ସରଚାର୍ଜ ଜରିଆରେ ଆଦାୟ କରୁଥିବା ଅତିରିକ୍ତ ସମ୍ବଳକୁ ରାଜ୍ୟଗୁଡ଼ିକ ମଧ୍ୟରେ ଉପଯୁକ୍ତ ଭାବେ ବଣ୍ଟନ କରିବା ଆବଶ୍ୟକ ରହିଛି। ଏହି ଜଟିଳ ପରିସ୍ଥିତିରେ କୋଭିଡ୍ ଲଢ଼େଇରେ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତିକୁ ମଜଭୁତ କରିବାରେ ଏହା ଶକ୍ତି ଯୋଗାଇବ। ରାଜ୍ୟ ସରକାର ତାଙ୍କ ଉପଲବ୍ଧ ସମ୍ବଳର ବିନିଯୋଗ କରି କରୋନା ବିରୋଧରେ ଲଢ଼େଇକୁ ଜୋରଦାର କରିବା ଏବଂ କୋଭିଡ୍ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ପାଇଁ ସରକାର ବଦ୍ଧପରିକର। ଏହି ଅବସରରେ ରାଜ୍ୟରେ କୋଭିଡ୍ ନିୟମାବଳୀକୁ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। କ୍ୟାବିନେଟ୍ ବୈଠକରେ ଜଳ ସମ୍ପଦ, ଶିଳ୍ପ, ବାଣିଜ୍ୟ ଓ ପରିବହନ, ସାଧାରଣ ପ୍ରଶାସନ ଏବଂ ଗୃହ ବିଭାଗର ୧୦ଟି ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି।

## ଚିନ୍ତା ବଢ଼ାଇଲାଣି ମ୍ୟୁକୋରମାଇକୋସିସ୍

**ଭୁବନେଶ୍ୱର ଘରୋଇ ହସ୍ପିଟାଲରୁ ଜଣେ ଆକ୍ରାନ୍ତ ଚିହ୍ନଟ**

- ଡାଇବେଟିସ୍ ରୋଗୀ ଆକ୍ରାନ୍ତ ହେବା ଆଶଙ୍କା ଅଧିକ
- କରୋନାରୁ ସୁସ୍ଥ ରୋଗୀ ସତର୍କ ରହିବା ଜରୁରୀ



**ଭୁବନେଶ୍ୱର, ୧୦।୫(ବ୍ୟୁରୋ)**

କରୋନା ପରେ ଏବେ ଡରାଇଲାଣି 'ମ୍ୟୁକୋରମାଇକୋସିସ୍'(ବ୍ଲାକ୍ ଫଙ୍ଗସ୍)। ଦିଲ୍ଲୀ, ଗୁଜରାଟ, ମୁମ୍ବାଇ ପରେ ଏବେ ଓଡ଼ିଶାରେ ଏହି ମାରାତ୍ମକ ବ୍ଲାକ୍ ଫଙ୍ଗସ୍ ରୋଗ ଦେଖାଯାଇଛି। ସୋମବାର ରାଜ୍ୟରେ ପ୍ରଥମ ବ୍ଲାକ୍ ଫଙ୍ଗସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ସେ ହେଉଛନ୍ତି ଯାଜପୁରର ୭୧ବର୍ଷୀୟ ଆନନ୍ଦ କୁମାର ଦାଶ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କ ପାଖରେ ଏହି ରୋଗର ଲକ୍ଷଣ ପରିଲକ୍ଷିତ ହୋଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ଡିଏମ୍‌ଇଟି ଡାକ୍ତର ସି.ବି.କେ. ମହାନ୍ତି କହିଛନ୍ତି, ଉକ୍ତ ରୋଗୀଙ୍କ ଡାଇବେଟିସ୍ ଅନିୟନ୍ତ୍ରିତ। ତାଙ୍କ ପରିବାର ସଦସ୍ୟଙ୍କ କରୋନା ପଜିଟିଭ୍ ବାହାରିବା ପରେ ତାଙ୍କର ଗତ ମାସ ୧୮ତାରିଖରେ କୋଭିଡ୍ ଟେଷ୍ଟ ହୋଇଥିଲା। ୨୦ ତାରିଖରେ ପଜିଟିଭ୍ ବାହାରିଥିଲା। ସେ ହୋମ୍ ଆଇସୋଲେଶନରେ ରହିଥିଲେ। ଗତ ୮ତାରିଖରେ ତାଙ୍କ ଆଖି ଫୁଲିବା ସହିତ ନାକରୁ କଳାପାଣି ବାହାରିଥିଲା। ସେ ଭୁବନେଶ୍ୱରର ଉକ୍ତ ☞ପୃଷ୍ଠା-୪




# କୋର୍ଟକୁ ଦୂରେଇ ଦେବାର ପ୍ରୟାସ

**ଟିକା ନୀତିରେ ଅଦାଲତ ହସ୍ତକ୍ଷେପ ନ କରୁ: କେନ୍ଦ୍ର**

**ନୂଆଦିଲ୍ଲୀ, ୧୦।୫(ପି.ଟି.)**

କୋଭିଡ୍-୧୯ ଟିକାକରଣ ନୀତି ଯଥାର୍ଥ ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ବୈଜ୍ଞାନିକ ମତାମତ ଓ ମେଡିକାଲ ବିଶେଷଜ୍ଞମାନଙ୍କ ପରାମର୍ଶ ଆଧାରରେ ଟିକା ନୀତି ପ୍ରସ୍ତୁତ ହୋଇଛି। ତେଣୁ ଏଥିରେ ହସ୍ତକ୍ଷେପ କରିବା ଏବଂ ଦେଶର ସବୁ ବୟସ ବର୍ଗର ଲୋକଙ୍କୁ ମାଗଣାରେ ଟିକା ଦେବା ଉପରେ ଗୁରୁତ୍ୱ ଦେବାର କୌଣସି ଅବକାଶ ନାହିଁ ବୋଲି କେନ୍ଦ୍ର ସରକାର କହିଛନ୍ତି। ଏହା ଦ୍ୱାରା କୋର୍ଟକୁ ଟିକା ସମ୍ପର୍କିତ ନିଷ୍ପତ୍ତିରୁ ଦୂରେଇ ରଖିବା ଲାଗି ସରକାର ପ୍ରୟାସ ଆରମ୍ଭ କରିଛନ୍ତି।

ସୋମବାର ପୂର୍ବାହ୍ନରେ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼. ଏଲ୍.ଏନ୍. ରାଓ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟ ଟିକାକରଣ ସମ୍ପର୍କରେ ନିଜଆଡ୍ରୁ ଏକ ମାମଲାର ଶୁଣାଣି କରି ଟିକାର ଭିନ୍ନ ଭିନ୍ନ ଦାମ୍, ଯୋଗାଣ ନିଅଣ୍ଟ ଏବଂ ମନ୍ଥର ଟିକାଦାନକୁ ନେଇ କେନ୍ଦ୍ରକୁ ସମାଲୋଚନା କରିଥିଲେ। ଏହା ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରବିବାର ରାତିରେ ଦାଖଲ ହୋଇଥିବା ସତ୍ୟପାଠକୁ ଅନୁଧ୍ୟାନ କରାଯାଇଥିଲା। ସର୍ଭର ଡାଉନ ରହିବାରୁ ପରବର୍ତ୍ତୀ ଶୁଣାଣି ଗୁରୁବାରକୁ ଧାର୍ଯ୍ୟ କରାଯାଇଛି। ଗତ ସପ୍ତାହରେ ସର୍ବୋଚ୍ଚ ଅଦାଲତ ପଚାରିଥିବା ପ୍ରଶ୍ନ ଉପରେ ସରକାର ସତ୍ୟପାଠ ମାଧ୍ୟମରେ ଉତ୍ତର ରଖିଥିଲେ। ଏଥିରେ ଟିକା ନୀତିକୁ ଯଥାର୍ଥ ବୋଲି ଦର୍ଶାଯିବା ସହ ନ୍ୟାୟପାଳିକା ହସ୍ତକ୍ଷେପକୁ ବିରୋଧ କରାଯାଇଥିଲା। ହସ୍ତକ୍ଷେପର ପରିଣାମ ଅପ୍ରତ୍ୟାଶିତ ଓ ଅନପେକ୍ଷିତ ହୋଇପାରେ ବୋଲି ଏଥିରେ କୁହାଯାଇଥିଲା।

ସାରା ବିଶ୍ୱ ମହାମାରୀ କବଳିତ ହୋଇଥିବାବେଳେ ଏହାର ମୁକାବିଲା ପାଇଁ ସମସ୍ତ ନୀତି ବୈଜ୍ଞାନିକ ଓ ମେଡିକାଲ ବିଶେଷଜ୍ଞମାନଙ୍କ ପରାମର୍ଶକ୍ରମେ ନିଆଯାଉଛି। ଦୁଇ ଟିକା କମ୍ପାନୀ ସହ ବୁଝାମଣା କ୍ରମେ ସାରା ଦେଶରେ ଟିକା ଦାମ୍ ସମାନ ଓ କମ୍ ରହିଛି। କେତେକ ରାଜ୍ୟ ୧୮ରୁ ୪୪ ବର୍ଷ ବୟସ ବର୍ଗର ଲୋକଙ୍କୁ ମାଗଣାରେ ଟିକା ଦେବା ପାଇଁ ଘୋଷଣା କରିଛନ୍ତି ବୋଲି କେନ୍ଦ୍ର ସରକାର ଅଦାଲତଙ୍କୁ ଜଣାଇଥିଲେ। ୨୧୮ ପୃଷ୍ଠାର ସତ୍ୟପାଠରେ କେନ୍ଦ୍ର ଦର୍ଶାଇଛି, ସମ୍ବିଧାନର ଅନୁଚ୍ଛେଦ ୧୪ ଏବଂ ୨୧ର ନିର୍ଦ୍ଦେଶାବଳୀ ଅନୁଯାୟୀ ବିଭିନ୍ନ ରାଜ୍ୟ ସରକାର, ବିଶେଷଜ୍ଞ ଏବଂ ଟିକା ଉତ୍ପାଦନକାରୀ କମ୍ପାନୀ ସହ ଏକାଧିକ ପର୍ଯ୍ୟାୟ ପରାମର୍ଶ ଓ ଆଲୋଚନାକ୍ରମେ ଟିକା ନୀତି ପ୍ରସ୍ତୁତ ହୋଇଛି। ମହାମାରୀ ସମୟରେ ବୃହତର ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବାରୁ କୋର୍ଟ ହସ୍ତକ୍ଷେପର ଆବଶ୍ୟକତା ନାହିଁ ବୋଲି ସରକାର କହିଛନ୍ତି। ସୂଚନାଯୋଗ୍ୟ କୋଭିଡ୍ ପରିଚାଳନାରେ ସରକାରଙ୍କ ବିଫଳତା ଏବଂ ହସ୍ପିଟାଲଗୁଡ଼ିକୁ ଆବଶ୍ୟକ ପରିମାଣର ଅକ୍ସିଜେନ୍ ☞ପୃଷ୍ଠା-୪

## ପେଟ୍ରୋଲ ୨୬, ଡିଜେଲ ୩୬ ପଇସା ବୃଦ୍ଧି



**ନୂଆଦିଲ୍ଲୀ/ଭୁବନେଶ୍ୱର,୧୦।୫**

କରୋନା ମହାମାରୀ ସମୟରେ କ୍ରମାଗତ ଭାବେ ଦେଶରେ ତୈଳ ଦର ବୃଦ୍ଧି ପାଉଛି। ଗତ ୨ଦିନର ବିରତି ପରେ ପୁଣି ଥରେ ଏହା ବଢ଼ିଛି। ଫଳରେ ସାରା ଦେଶରେ ତେଲ ଦର ରେକର୍ଡ କରିବା ସହ ୩ ପ୍ରମୁଖ ରାଜ୍ୟ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ମହାରାଷ୍ଟ୍ରରେ ପେଟ୍ରୋଲ ୧୦୦ଟଙ୍କା ଉପରେ ରହିଛି। ସେହିଭଳି ଏହି ସବୁ ରାଜ୍ୟରେ ଡିଜେଲ ଦର ମଧ୍ୟ ୯୫ ଟଙ୍କାରେ ବିକ୍ରି ହେଉଥିବା ଜଣାପଡିଛି। ଏପରି କି ଓଡିଶାର ମାଲକାନଗିରି ଜିଲ୍ଲାରେ ପେଟ୍ରୋଲ ୯୭ ଟଙ୍କା ଟପିଯାଇଥିବା ବେଳେ ଏହାର ପ୍ରିମିୟମ ଦର ୧୦୦ ଟଙ୍କାକୁ ଛୁଇଁଥିବା ସୂଚନା ମିଳିଛି। ☞ପୃଷ୍ଠା-୪

## ଶୁଭେନ୍ଦୁ ଅଧିକାରୀ ବିରୋଧୀ ଦଳ ନେତା

**ମମତାଙ୍କ କ୍ୟାବିନେଟ୍‌ର ୪୩ ମନ୍ତ୍ରୀ ଶପଥ ନେଲେ**



**କୋଲକାତା,୧୦।୫:** ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ସୋମବାର ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ନିର୍ବାଚିତ ହୋଇଛନ୍ତି। ନନ୍ଦିଗ୍ରାମ ଆସନରେ ସେ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ଅଧକ୍ଷା ମମତା ବାନାର୍ଜୀଙ୍କୁ ପରାସ୍ତ କରି ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଦଳର କୋଲକାତା କାର୍ଯ୍ୟାଳୟରେ ନବନିର୍ବାଚିତ ବିଧାୟକମାନଙ୍କ ବୈଠକରେ ଶୁଭେନ୍ଦୁଙ୍କୁ ଭାଜପା ବିଧାୟକ ଦଳ ନେତା ଭାବେ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଘୋଷଣା କରିଥିଲେ। ନେତା ନିର୍ବାଚିତ ହୋଇଥିବାରୁ ଶୁଭେନ୍ଦୁ ଖୁସି ବ୍ୟକ୍ତ କରିବା ସହ ପଶ୍ଚିମବଙ୍ଗ ଭାଜପା ନେତୃବୃନ୍ଦ ତାଙ୍କ ଉପରେ ଆସ୍ଥା ରଖିଥିବାରୁ ଧନ୍ୟବାଦ ☞ପୃଷ୍ଠା-୪

## ଗଙ୍ଗା କୂଳରେ ୪୦ ମୃତଦେହ

**ପାଟନା, ୧୦।୫**

- ବିହାରରେ ଭୟର ବାତାବରଣ
- ମୃତଦେହ କୋଭିଡ୍ ଆକ୍ରାନ୍ତଙ୍କ କହିଲା ପ୍ରଶାସନ
- ଉତ୍ତରପ୍ରଦେଶରୁ ଭାସି ଆସିଛି

ବିହାରର ବକ୍ସର ଜିଲା ଦେଇ ବହିଯାଇଥିବା ଗଙ୍ଗାନଦୀ କୂଳରେ ସୋମବାର ୪୦ରୁ ଉର୍ଦ୍ଧ୍ୱ ମୃତଦେହ ଭାସିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳାଇଦେଇଛି। ମୃତଦେହଗୁଡ଼ିକ ପଚିଶଢ଼ି ଯାଇଥିବାବେଳେ ତାହା କୋଭିଡ୍‌ଜନିତ ମୃତ୍ୟୁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଉତ୍ତରପ୍ରଦେଶ ସୀମା ନିକଟ ତଥା ବିହାରର ଚଉସା ସହରରେ ନଦୀକୂଳରେ ୪୦ରୁ ୪୫ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ପ୍ରଶାସନର କହିବା ମୁତାବକ, ଶବଗୁଡ଼ିକ କୋଭିଡ୍ ଆକ୍ରାନ୍ତଙ୍କର ଏବଂ ତାହା ଉତ୍ତରପ୍ରଦେଶରୁ ଭାସି ଆସି ବିହାରରେ ପହଞ୍ଚିଛି। ଏଗୁଡ଼ିକ ପ୍ରାୟ ୫/୭ ଦିନ ତଳର ହେବ। ମୃତଦେହ ସତ୍କାର ☞ପୃଷ୍ଠା-୪

## ରେଡ୍ ଜୋନ୍‌ରେ ୨୫ ଜିଲା



**ରାଜ୍ୟରେ ସ୍ଥିର ରହିଛି କରୋନା**

- ଦିନକରେ ୧୭ ମୃତ, ୧୦,୦୩୧ ଆକ୍ରାନ୍ତ ଚିହ୍ନଟ
- ୨୪ ଘଣ୍ଟାରେ ସର୍ବାଧିକ ସୁସ୍ଥ ହେଲେ ୯,୭୦୬

**ଭୁବନେଶ୍ୱର, ୧୦।୫(ବ୍ୟୁରୋ)**

ରାଜ୍ୟରେ ଗତ କିଛିଦିନ ହେବ ଦୈନିକ କରୋନା ସଂକ୍ରମଣ ପ୍ରାୟ ୧୦ହଜାର ପାଖାପାଖି ରହୁଛି। ତେଣୁ ସଂକ୍ରମଣ ଏବେ ସ୍ଥିର ରହିଛି ବୋଲି କୁହାଯାଉଛି। ଯଦିଓ ସଂକ୍ରମଣ ବୃଦ୍ଧି ପାଉନି କିନ୍ତୁ ସେଭଳି ହ୍ରାସ ମଧ୍ୟ ପାଇନାହିଁ। ବିଭିନ୍ନ ଜିଲାରେ କରୋନା କାୟା ବିସ୍ତାର କରିଚାଲିଛି। ଏବେ ସୁଦ୍ଧା ସକ୍ରିୟ ରୋଗୀ ସଂଖ୍ୟାରେ ରାଜ୍ୟର ୨୫ ଜିଲା ରେଡ୍ ଜୋନ୍‌ରେ ସାମିଲ ହୋଇସାରିଲାଣି। ସେଥିମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୨,୭୪୨ଜଣ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମହାକାଶ ହାବେଳି**

# ଲିଙ୍କ୍‌ରେ କ୍ଲିକ୍ କଲେ ଆକାଉଣ୍ଟ ହ୍ୟାକ୍

**କରୋନା କାଳରେ ମାତିଛନ୍ତି ସାଇବର ହ୍ୟାକର**

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ସାଇବର ଅପରାଧୀମାନେ ନୂଆ ଉପାୟରେ ଲୋକଙ୍କୁ ଠକିଚାଲିଛନ୍ତି। ପୋଲିସ ଯେତେ ଚେଷ୍ଟା କଲେ ବି ସେମାନଙ୍କଠାରୁ ପଛରେ ପଡ଼ିଯାଉଛି। ରାଜ୍ୟରେ କରୋନା ପାଇଁ ଲକ୍‌ଡାଉନ, ଶଟ୍‌ଡାଉନ୍ ଜାରି ରହିଥିବାବେଳେ ଲୋକେ ଘରେ ରହି ଅଧିକାଂଶ ସମୟ ଇଣ୍ଟରନେଟ୍‌ରେ ବିତାଉଛନ୍ତି। ଏହାର ସୁଯୋଗ ନେଇ ସାଇବର ହ୍ୟାକର ଲୋକଙ୍କୁ ତାଙ୍କ ଜାଲରେ ଫସାଇ ଠକୁଛନ୍ତି। ପୂର୍ବରୁ ସାଇବର ଠକ ବିଭିନ୍ନ ଆଳରେ କଲ୍ କରି ଲୋକଙ୍କ ବ୍ୟାଙ୍କ ତଥ୍ୟ ନେଇ ଠକୁଥିବା ବେଳେ ଏବେ ସୋସିଆଲ୍ ମିଡିଆରେ ଲିଙ୍କ୍ ପଠାଇ ଜନସାଧାରଣଙ୍କୁ ଫସାଉଛନ୍ତି। ବିଶେଷକରି ଯୁବଗୋଷ୍ଠୀ ଏହାଦ୍ୱାରା ଅଧିକ ଶିକାର ହେଉଛନ୍ତି। ଏପରିକି ଓଡ଼ିଶାର ଜଣାଶୁଣା ଆଇଏଏସ୍, ଆଇପିଏସ୍ ଅଫିସର ଓ ଖବରଦାତା ମଧ୍ୟ ବିଭିନ୍ନ ସମୟରେ ଏଭଳି ଠକଙ୍କ ଶିକାର ହେଉଛନ୍ତି।

ଗତ କିଛିଦିନ ହେବ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ହ୍ୱାଟ୍ସଆପ୍ ଓ ଟୁଇଟ୍‌ର ଭଳି ସୋସିଆଲ ମିଡ଼ିଆ ଆକାଉଣ୍ଟ ହ୍ୟାକ୍ ବୃଦ୍ଧିପାଇଛି। ସାଇବର ଠକମାନେ ହ୍ୟାକ୍ କରି ଏହାର ୟୁଜରମାନଙ୍କୁ ଟଙ୍କା ମାଗୁଛନ୍ତି। ଏକ ଲିଙ୍କ୍ ସାହାଯ୍ୟରେ ଏପରି ଠକେଇ କରିବାରେ ସେମାନେ ସଫଳ ହେଉଛନ୍ତି। ପ୍ରଥମେ ସାଇବର ଠକ ଲୋକଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ସହ ଯୋଡ଼ି



**ଫେସ୍‌ବୁକ୍ ପେଜ୍ ଓ ଚର୍ଚ୍ଚିତ ଲୋକଙ୍କୁ ଟାର୍ଗେଟ**

ହେଉଛନ୍ତି। ପରେ ସେମାନେ ମେସେଜରେ ଲିଙ୍କ୍ ପଠାଉଛନ୍ତି। ଏହାପରେ ପୁରସ୍କାର ଲୋଭ ଦେଖାଉଛନ୍ତି ନଚେତ ଭୟଭୀତ କରାଉଛନ୍ତି। ଯେମିତି କି ଆପଣଙ୍କର କିଛି ବ୍ୟକ୍ତିଗତ ଫଟୋ ଏଡିଟିଂ ହୋଇ କେତେକ ପର୍ନ ସାଇଟ୍‌ରେ ଅପଲୋଡ୍ ହୋଇଛି। ଏହି ଲିଙ୍କ୍‌ରେ କ୍ଲିକ୍ କରି ଆପଣ ଫଟୋକୁ ଯାଞ୍ଚ କରିପାରିବେ। ଏହା ଶୁଣିବା ମାତ୍ରେ ୟୁଜର ଜଣକ ଭୟରେ ସଙ୍ଗେସଙ୍ଗେ ଉକ୍ତ ଲିଙ୍କ୍‌ରେ କ୍ଲିକ୍ କରିଦିଅନ୍ତି। ଯାହାଫଳରେ ତାଙ୍କ ଆକାଉଣ୍ଟ ହ୍ୟାକ୍ ହୋଇଯାଏ। ଏଥିସହ ଆକାଉଣ୍ଟର ଆକ୍ସେସ୍ ମଧ୍ୟ ସାଇବର ଠକମାନେ ପାଇଯାନ୍ତି। ଏହାପରେ ହ୍ୟାକର୍ ସମ୍ପୃକ୍ତ ୟୁଜରଙ୍କୁ ☞ପୃଷ୍ଠା-୪



ପଣ୍ଡିଚେରୀ ମୁଖ୍ୟମନ୍ତ୍ରୀ ଏନ୍. ରାଙ୍ଗାସ୍ୱାମୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ରବିବାର ସେ ଇନ୍ଦିରା ଗାନ୍ଧୀ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ କୋଭିଡ୍ ପରୀକ୍ଷା କରାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଚେନ୍ନାଇର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟ ବିଭାଗ ମୁଖପାତ୍ର କହିଛନ୍ତି।



# ଦ୍ୱିତୀୟ ଲହର ଡାକିଆଣିଛି ଦାରିଦ୍ର୍ୟ

**ଦେଶରେ ଦିନକୁ ପାଖାପାଖି ୪ ଲକ୍ଷ ଲୋକ କରୋନାରେ ସଂକ୍ରମିତ ହୋଇ କଲବଲ ହେଉଥିବାବେଳେ ପ୍ରାୟ ୪ ହଜାରଙ୍କ ଦୈନିକ ମୃତ୍ୟୁ ଘଟୁଛି। ଏଭଳି ସମୟରେ ବିନା କରୋନାରେ ବି ବଞ୍ଚିବାକୁ ସଂଘର୍ଷରତ ଲକ୍ଷ ଲକ୍ଷ ଲୋକ। ବେଶି ପ୍ରଭାବିତ ରୋଜଗାର ପାଇଁ ବାହାରକୁ ଆସିଥିବା ପ୍ରବାସୀ ଶ୍ରମିକ ଓ ଦିନ ମଜୁରିଆ। ଗତ ବର୍ଷର ଯନ୍ତ୍ରଣାର ଚିହ୍ନ ଲିଭି ନ ଥିବାବେଳେ ଏବେ କରୋନାର ଦ୍ୱିତୀୟ ଲହର ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ରୋଜଗାର ହ୍ରାସ ସାଙ୍ଗକୁ ସଞ୍ଚୟ ଟଙ୍କା ଶେଷ ଯୋଗୁ ଦରିଦ୍ରତାର ଜାଲରେ ବହୁ କୋଟି ଲୋକଙ୍କ ଜୀବନ ଛନ୍ଦି ହୋଇଯାଇଛି।**



**ନୂଆଦିଲ୍ଲୀ, ୧୦।୫**

ଏସିଆର ତୃତୀୟ ବୃହତ୍ତମ ଅର୍ଥନୀତିର ଦେଶ ଭାରତ ପୂର୍ବବର୍ଷର କୋଭିଡ୍ ମହାମାରୀଜନିତ କ୍ଷତି ଭରି ପାରି ନ ଥିବାବେଳେ ଘାତକ ଦ୍ୱିତୀୟ ଲହର ସ୍ଥିତିକୁ ଆହୁରି ଦୋହଲାଇ ଦେଇଛି। ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୮ ପ୍ରତିଶତ ହ୍ରାସ ପାଇଥିବା ସରକାର ଆକଳନ କରିଛନ୍ତି। ୧୯୫୨ ପରଠାରୁ ଜିଡିପିରେ ଏତେ ବଡ଼ ଧରଣର ହ୍ରାସରେ ଏହା ପ୍ରଥମ। ବେକାରି ବୃଦ୍ଧି, ସଞ୍ଚୟ ହ୍ରାସ ଯୋଗୁ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ସମ୍ଭାବନା କମ୍ ରହିଥିବାରୁ ଅନେକ ଅର୍ଥନୀତିଜ୍ଞ ସେମାନଙ୍କ ଆକଳନରେ ମଧ୍ୟ ରୋକ ଲଗାଇଛନ୍ତି। ଏସ୍ ଆଣ୍ଡ ପି ଗ୍ଲୋବାଲ ରେଟିଂରେ ଏସିଆ ପାସିଫିକ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ଶନ୍ ରୋଚେ ପୂର୍ବରୁ ୧୧ ପ୍ରତିଶତ ଜିଡିପି ବୃଦ୍ଧିକୁ ନେଇ ପୂର୍ବାନୁମାନ କରିଥିବାବେଳେ ଏବେ ତାହାକୁ ୯.୮ ପ୍ରତିଶତକୁ ହ୍ରାସ କରିଛନ୍ତି। କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ଭାରତର ଅର୍ଥନୀତିରେ ବଡ଼ ବାଧକ ହେବ ବୋଲି ରୋଚେ କହିଛନ୍ତି। କରୋନା ଭାଇରସ୍‌ର ନୂଆ ଷ୍ଟ୍ରେନ୍ ଯୋଗୁ ଦେଶରେ ସଂକ୍ରମଣ ୨ କୋଟି ୨୬ ଲକ୍ଷ ଟପିଛି। ଆଗାମୀ ସପ୍ତାହରେ ସ୍ଥିତି ଆହୁରି ଖରାପ ହେବ ବୋଲି ବିଶେଷଜ୍ଞ ଚେତାଇଛନ୍ତି, ଯାହା ଭାରତର ଅର୍ଥନୀତି ପାଇଁ ବେଶ୍ କ୍ଷତିକାରକ। ସେହିପରି ପର୍ଯ୍ୟଟନ ଉପରେ କଟକଣା ଯୋଗୁ ମଧ୍ୟ ଦେଶର ଆୟ ଘୋର ପ୍ରଭାବିତ ହୋଇଛି।

ଜିଡିପି ହ୍ରାସର ପ୍ରଭାବ ସିଧାସଳଖ ଭାବେ ଖଟିଖିଆ, ଦିନ ମଜୁରିଆ, ପ୍ରବାସୀ ଶ୍ରମିକଙ୍କ ଉପରେ ପଡ଼ିଛି। ଅହମଦାବାଦ ୟୁନିଭର୍ସିଟିର ଅର୍ଥନୀତି ପ୍ରଫେସର ଜିମୋଲ ଉନାନୀଙ୍କ କହିବା ଅନୁଯାୟୀ, ଭାରତରେ ପ୍ରାୟ ୪୧ କୋଟି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଅନୌପଚାରିକ ଭାବେ ପ୍ରବାସୀ ଶ୍ରମିକ ବା ମଜୁରିଆ ରୂପେ କାର୍ଯ୍ୟରତ। କୃଷି କ୍ଷେତ୍ରରେ ସ୍ୱଳ୍ପ ବେତନରେ ଅଧିକାଂଶ କାମ କରୁଥିବାବେଳେ ନିର୍ମାଣ କାମରେ ୫ କୋଟିରୁ ଊର୍ଦ୍ଧ୍ୱ ନିୟୋଜିତ। ସବୁଠୁ ଅସୁରକ୍ଷିତ ଥିବା ଏହି ଗୋଷ୍ଠୀ ଦୈନିକ ରୋଜଗାରରୁ ଖୁବ୍ କମ୍ ଅଂଶ ସଞ୍ଚୟ କରିପାରିଥାନ୍ତି। ମହାମାରୀବେଳେ ଆନୁଷ୍ଠାନିକ କ୍ଷେତ୍ରଗୁଡ଼ିକ ପ୍ରାୟ ସ୍ୱାଭାବିକ ରହିଥିବାବେଳେ ଏହି ଅନୌପଚାରିକ ଗୋଷ୍ଠୀ ଅସମାନତାର ଶିକାର ହୋଇ

- ବହୁ କୋଟି ଲୋକଙ୍କ ଜୀବିକା ପ୍ରଭାବିତ
- ୮ ପ୍ରତିଶତ ଖସିଛି ଜିଡିପି
- ଅସମାନତାର ଶିକାର ଅନୌପଚାରିକ ଗୋଷ୍ଠୀ
- କାମ ଖୋଜୁଛନ୍ତି ଶ୍ରମିକ, ମଜୁରିଆ

ସବୁଠୁ ଅଧିକ ମାତ୍ରାରେ ବିପଦ ମୁହଁକୁ ଠେଲି ହୋଇଯାଇଛନ୍ତି। ସଂକ୍ରମଣର ଶିକାର ହେଲେ ଅର୍ଥ ଅଭାବରୁ ଚିକିତ୍ସା ପାଇବା କଷ୍ଟକର ହୋଇପଡୁଥିବାବେଳେ ଏବେ ରୋଜଗାରର ବାଟ ବାହାର କରିବା ସେମାନଙ୍କ ପକ୍ଷେ କାଠିକର ପାଠ ହୋଇଛି। ଧୀରେ ଧୀରେ ସଞ୍ଚୟ ମଧ୍ୟ ହ୍ରାସ ପାଉଥିବାରୁ ଲକ୍ଷ ଲକ୍ଷ ଲୋକ ଦାରିଦ୍ର୍ୟ କଷଣରେ ଶଢ଼ୁଛନ୍ତି। ଏହାବାଦ୍ ବିଭିନ୍ନ ରାଜ୍ୟରେ ଲକ୍‌ଡାଉନ୍, ଶଟ୍‌ଡାଉନ୍ କଟକଣା ଲାଗୁ ହୋଇଥିବା ଯୋଗୁ ଅନେକ ଦୋକାନୀ, ବ୍ୟବସାୟୀଙ୍କ ରୋଜଗାର ମଧ୍ୟ ମାଡ଼ ହୋଇଛି। ଫଳରେ ଅନେକେ ସେମାନଙ୍କ ସଞ୍ଚୟ ରାଶି ମଧ୍ୟ ଖର୍ଚ୍ଚ କରି ଦୈନିକ ଆବଶ୍ୟକତା ମେଣ୍ଟାଉଛନ୍ତି। ଶୀଘ୍ର କରୋନା ମୁକାବିଲାରେ ବିଜୟ ହାସଲ ନ ହେଲେ ଅଧିକରୁ ଅଧିକ ଲୋକ ଦାରିଦ୍ର୍ୟର ଶିକାର ହେବେ ଏବଂ ମହାମାରୀଠାରୁ ଏହା ଅଧିକ ଭୟଙ୍କର ସ୍ଥିତି ସୃଷ୍ଟି କରିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା କରିଛନ୍ତି।

## ଆସ୍ଥା ଭୋଟ ହାରିଲେ ନେପାଳ ପ୍ରଧାନମନ୍ତ୍ରୀ



କେ.ପି. ଶର୍ମା ଓଲି

**କାଠମାଣ୍ଡୁ, ୧୦।୫(ପି.ଟି.)**

ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ସୋମବାର ପ୍ରତିନିଧି ସଭାରେ ଆସ୍ଥାଭୋଟ ହାରିଯାଇଛନ୍ତି। ପୁଷ୍ପକମଲ ଦହଲ 'ପ୍ରଚଣ୍ଡ'ଙ୍କ ନେତୃତ୍ୱାଧୀନ ସିଏନ୍‌ପି (ମାଓଇଷ୍ଟ ସେଣ୍ଟର) ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେବା ପରେ ଏହା ସଂଖ୍ୟାଲଘୁରେ ପରିଣତ ହୋଇଥିଲା। ଆସ୍ଥା ଭୋଟ ହାରିବା ପରେ କ୍ଷମତାରେ ରହିବା ପାଇଁ ଉଦ୍ୟମ ଚଳାଇଥିବା ଓଲି ସରକାରଙ୍କୁ ଶକ୍ତ ଝଟ୍‌କା ଲାଗିଛି। ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀଙ୍କ ନିର୍ଦ୍ଦେଶକ୍ରମେ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲା। ୨୭୫ ସଦସ୍ୟ ବିଶିଷ୍ଟ ନିମ୍ନ ସଦନରେ ଓଲିଙ୍କୁ ଆସ୍ଥା ଭୋଟ ଜିତିବା ପାଇଁ ୧୩୬ ଭୋଟର ଆବଶ୍ୟକତା ଥିବାବେଳେ ମିଳିଥିଲା ମାତ୍ର ୯୩ ଖଣ୍ଡ ଭୋଟ। ୪ ସଦସ୍ୟ ନିଲମ୍ବିତ ଥିବାବେଳେ ୧୨୪ ଜଣ ଓଲି ସରକାରଙ୍କ ବିରୋଧରେ ଭୋଟ ଦେଇଥିଲେ। ପ୍ରଚଣ୍ଡଙ୍କ ସହ କ୍ଷମତା କନ୍ଦଳକୁ ନେଇ ଗତବର୍ଷ ଡିସେମ୍ବର ୨୦ରେ ପ୍ରଧାନମନ୍ତ୍ରୀ ଓଲି ନିମ୍ନ ସଦନକୁ ଭାଙ୍ଗି ସାନି ନିର୍ବାଚନ ଘୋଷଣା କରିବାକୁ ସୁପାରିସ କରିଥିଲେ। ସେବେଠାରୁ ନେପାଳରେ ରାଜନୈତିକ ସଙ୍କଟ ଲାଗି ରହିଛି।

## ସଂକ୍ଷେପରେ

ବିଲ୍ ଗେଟ୍ସ-ମେଲିଣ୍ଡା ଛାଡ଼ପତ୍ର ଘଟଣା

### ଯୌନ ଅପରାଧୀଙ୍କ ସହ ଗେଟ୍ସଙ୍କ ଲିଙ୍କ୍



**ୱାଶିଂଟନ୍, ୧୦।୫:** ବିବାହର ୨୭ ବର୍ଷ ପରେ ବିଶ୍ୱର ଚତୁର୍ଥ ଧନୀ ତଥା ମାଇକ୍ରୋସଫ୍ଟ ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ଓ ମେଲିଣ୍ଡା ଗେଟ୍ସ ପରସ୍ପରକୁ ଛାଡ଼ପତ୍ର ଦେବା ପାଇଁ ଘୋଷଣା କରିବା ପଛର କାରଣ ସଂକ୍ରାନ୍ତରେ ରିପୋର୍ଟ ପ୍ରକାଶ ପାଇଛି। ବିଲ୍ ଗେଟ୍ସ ତାଙ୍କ ପୂର୍ବତନ ପ୍ରେମିକା ଏନ୍. ୱିନ୍‌ବ୍ଲେଡ୍‌ଙ୍କ ସହ ସମ୍ପର୍କରେ ରହିବା ଏହି ଦମ୍ପତିଙ୍କ ଛାଡ଼ପତ୍ରର କାରଣ ବୋଲି ପ୍ରଥମେ କୁହାଯାଉଥିବାବେଳେ ଏବେ ଦି ୱାଲ ଷ୍ଟ୍ରିଟ୍ ଜର୍ନାଲ ଚକିତ କଲା ଭଳି ଖବର ପ୍ରକାଶ କରିଛି। କୁଖ୍ୟାତ ଯୌନ ଅପରାଧୀ ଜେଫ୍‌ରି ଏପ୍‌ଷ୍ଟେନଙ୍କ ସହ ବିଲ୍ ଗେଟ୍ସଙ୍କ ସମ୍ପର୍କ ଯୋଗୁ ମେଲିଣ୍ଡା ୨୦୧୯ରୁ ଛାଡ଼ପତ୍ର ଦେବାକୁ ଓକିଲଙ୍କ ସହ ଆଲୋଚନା କରୁଥିଲେ। ନାବାଳିକା, ଯୁବତୀଙ୍କୁ ନେଇ ସେକ୍ସ ର୍ୟାକେଟ ଚଳାଇଥିବା ଆମେରିକୀୟ ଜେଫ୍‌ରୀଙ୍କ ସହ ଗେଟ୍ସଙ୍କ ବନ୍ଧୁତା ଥିଲା। ଦୋଷୀ ସାବ୍ୟସ୍ତ ହେବା ପରେ ଜେଫ୍‌ରି ୨୦୧୯ରେ ଆତ୍ମହତ୍ୟା କରିଦେଇଥିଲେ। ଏହା ପରଠାରୁ ମେଲିଣ୍ଡା ଓ ଗେଟ୍ସଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବା ସହ ଛାଡ଼ପତ୍ର ପାଇଁ ମେଲିଣ୍ଡା ଓକିଲଙ୍କ ସହ ପରାମର୍ଶ କରିଥିଲେ ବୋଲି ଉକ୍ତ ପତ୍ରିକା ଉଲ୍ଲେଖ କରିଛି।

ଜନ୍ମଦିନ ଉତ୍ସବରେ ଗୁଳିକାଣ୍ଡ

### ୬ ଜଣଙ୍କୁ ହତ୍ୟା ପରେ ନିଜକୁ ଗୁଳିକଲେ ଆକ୍ରମଣକାରୀ

**କଲରାଡୋ ସ୍ପ୍ରିଙ୍ଗ୍‌ସ, ୧୦।୫:** ଆମେରିକାର କଲରାଡୋରେ ଏକ ଜନ୍ମଦିନ ଉତ୍ସବ ଚାଲିଥିବାବେଳେ ଗୁଳିକାଣ୍ଡ ଘଟି ୭ ଜଣଙ୍କ ମୃତ୍ୟୁ ହୋଇଛି। କଲରାଡୋ ସ୍ପ୍ରିଙ୍ଗ୍‌ସରେ ଥିବା ଏକ ମୋବାଇଲ ହୋମ୍ ପାର୍କରେ ରବିବାର ମଧ୍ୟରାତ୍ରରେ ଏହି ଗୁଳିକାଣ୍ଡ ଘଟିଥିବା ପୋଲିସ କହିଛି। ଜନ୍ମଦିନ ଉତ୍ସବରେ ଯୋଗଦେଇଥିବା ଜଣେ ଯୁବତୀଙ୍କ ପୁରୁଷ ବନ୍ଧୁ ଗୁଳି ଚଳାଇଥିଲେ। ଏଥିରେ ଯୁବତୀଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ହତ୍ୟାକାରୀ ନିଜକୁ ଗୁଳି କରିବା ପରେ ତାଙ୍କର ମୃତ୍ୟୁ ଘଟିଛି। ଗୁଳିକାଣ୍ଡର କାରଣ ଜଣାପଡ଼ିନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଥିଲା।

### ନକଲି ରେମ୍‌ଡେସିଭିର ବିକ୍ରି: ଭିଏଚ୍‌ପି ନେତା ଗିରଫ

**ଜବଲପୁର, ୧୦।୫:** କରୋନା ରୋଗୀଙ୍କ ଚିକିତ୍ସାରେ ବ୍ୟବହୃତ ହେଉଥିବା ରେମଡେସିଭିରର ନକଲି ଇଞ୍ଜେକଶନ ବିକ୍ରି ଅଭିଯୋଗରେ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି)ର ୩ ଜଣଙ୍କୁ ମଧ୍ୟପ୍ରଦେଶର ଜବଲପୁର ପୋଲିସ ଗିରଫ କରିଛି। ସେମାନେ ହେଲେ ଜବଲପୁର ଭିଏଚ୍‌ପି ଅଧକ୍ଷ ସର୍ବଜିତ୍ ସିଂ ମୋଖା, ଦେବେନ୍ଦ୍ର ଚୌରାସିଆ ଏବଂ ସ୍ୱପନ ଜୈନ। ଅଭିଯୁକ୍ତମାନେ କରୋନା ରୋଗୀଙ୍କ ସମ୍ପର୍କୀୟଙ୍କୁ ଲକ୍ଷାଧିକ ଟଙ୍କାରେ ନକଲି ରେମଡେସିଭିର ବିକ୍ରି କରୁଥିଲେ ବୋଲି ପୋଲିସ କହିଛି। ଜବଲପୁରରେ ସର୍ବଜିତ୍‌ଙ୍କ ଏକ ହସ୍ପିଟାଲ ଥିବାବେଳେ ଦେବେନ୍ଦ୍ର ତାଙ୍କ ମ୍ୟାନେଜର ଭାବେ କାମ କରୁଥିଲେ। ସେହିପରି ସ୍ୱପନ ଫାର୍ମା କମ୍ପାନୀଗୁଡ଼ିକର ଔଷଧ ଡିଲରଶିପ୍ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

### ପଶ୍ଚିମବଙ୍ଗ ଭାଜପା ବିଧାୟକଙ୍କୁ ଭିଆଇପି ସୁରକ୍ଷା

**ନୂଆଦିଲ୍ଲୀ, ୧୦।୫:** ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସା ଜାରି ରହିଥିବାରୁ ଭାଜପାର ୬୧ ବିଧାୟକଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏକ୍ସ ବର୍ଗର ସୁରକ୍ଷା ମଞ୍ଜୁର କରିଛି। ସିଆଇଏସ୍‌ଏଫ୍ ଯବାନମାନେ ବିଧାୟକମାନଙ୍କୁ ଏହି ସୁରକ୍ଷା ଯୋଗାଇଦେବେ। ଏକ୍ସ ସୁରକ୍ଷାରେ ବିଧାୟକମାନଙ୍କୁ ଦୁଇ କିମ୍ବା ତିନି ଜଣ ସଶସ୍ତ୍ର କମାଣ୍ଡୋ ଜଗି ରହିବେ। ନିର୍ବାଚନ ପରେ ଟିଏମ୍‌ସି ଗୁଣ୍ଡାଙ୍କ ଆକ୍ରମଣରେ ୧୪ ଦଳୀୟ କର୍ମୀ ପ୍ରାଣ ହରାଇଲେଣି ଏବଂ ପାଖାପାଖି ଲକ୍ଷେ ଘର ଛାଡ଼ି ପଳାଇଗଲେଣି ବୋଲି ଭାଜପା ଅଭିଯୋଗ କରିଥିଲା। ବିଧାନସଭା ନିର୍ବାଚନ ପୂର୍ବରୁ ୧୦ ଭାଜପା ନେତାଙ୍କୁ ଅତିରିକ୍ତ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଶୁଭେନ୍ଦୁ ଅଧିକାରୀଙ୍କୁ ଜେଡ୍ ସୁରକ୍ଷା ମିଳିଛି।

## ସଂକ୍ରମିତ ହେଉଛନ୍ତି ଅଧିକ ମହିଳା

**ହାଇଦ୍ରାବାଦ, ୧୦।୫**

କରୋନା ମହାମାରୀ ଦ୍ୱିତୀୟ ଲହରରେ ମହିଳାମାନେ ଅଧିକ ସଂଖ୍ୟାରେ ସଂକ୍ରମିତ ହେଉଥିବା ତେଲଙ୍ଗାନା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡ଼ିଛି। ସେଠାରେ ମହିଳା ସଂକ୍ରମିତଙ୍କ ସଂଖ୍ୟା ୩୮.୫ ପ୍ରତିଶତ ରହିଛି, ଯାହା ଗତବର୍ଷ ଜୁଲାଇରେ ପ୍ରାୟ ୩୪ ପ୍ରତିଶତ ରହିଥିଲା। ଜାତୀୟ ସ୍ତରରେ ଦେଖିଲେ ମହିଳାମାନଙ୍କ ସଂକ୍ରମଣ ହାର ୩୬ ପ୍ରତିଶତ ରହିଛି। ପ୍ରଥମ ଲହରରେ ମହିଳାମାନଙ୍କ ସଂକ୍ରମଣ ହାର ଯଥେଷ୍ଟ କମ୍ ଥିଲା। ତେବେ କରୋନାଜନିତ ପୁରୁଷ ଓ ମହିଳା ମୃତ୍ୟୁହାର ସମାନ ରହିଥିବା ନିଜାମାବାଦ ସରକାରୀ ଜେନେରାଲ ହସ୍ପିଟାଲର ଆସୋସିଏଟ୍ ପ୍ରଫେସର ଡ. କିରଣ ମଦଲା କହିଛନ୍ତି। ପୂର୍ବରୁ ଆଇସିୟୁରେ ୩୩ ପ୍ରତିଶତ ମହିଳା ରୋଗୀ ଆଡମିଶନ ହେଉଥିବାବେଳେ ଏବେ ତାହା ୩୯ ପ୍ରତିଶତକୁ ବୃଦ୍ଧି ପାଇଛି। ତେବେ ମୃତ୍ୟୁହାର ସମାନ ରହିବାର କାରଣ ହେଲା ମହିଳାମାନେ ସାଧାରଣତଃ ବିଳମ୍ବରେ ହସ୍ପିଟାଲ ଆସିଥାନ୍ତି ଏବଂ ପୁରୁଷଙ୍କ ଭଳି ମହିଳା ସଦସ୍ୟଙ୍କ ପ୍ରତି ପରିବାର ଉପଯୁକ୍ତ ଧ୍ୟାନ ଦେଇ ନ ଥାଏ ବୋଲି କିରଣ କହିଛନ୍ତି। ମହିଳାମାନେ କୋଭିଡ୍-୧୯ ନିୟମ ପାଳନ କରିବା ସହ ବାହାରକୁ ଯାଉ ନ ଥିବାରୁ କମ୍ ସଂକ୍ରମିତ ହୋଇଥାନ୍ତି। ତେବେ କମ୍ ବୟସର ମହିଳା ଏବେ ଅଧିକ ସଂକ୍ରମିତ ହେଉଥିବା ଏଏସ୍‌ସିଆଇ ପ୍ରଫେସର ଡ. ସୁବୋଧ କନ୍ଦମୁଥନ କହିଛନ୍ତି। ବିଭିନ୍ନ ରାଜ୍ୟରେ ମହିଳା ସଂକ୍ରମଣ ହାରକୁ ଦେଖିଲେ ବିହାରରେ ସର୍ବାଧିକ ୪୨ ପ୍ରତିଶତ ରହିଛି। ଗତବର୍ଷ ଜୁଲାଇ ସୁଦ୍ଧା ମହାରାଷ୍ଟ୍ରରେ ୩୮ ପ୍ରତିଶତ ମହିଳା ସଂକ୍ରମିତ ହୋଇଥିବାବେଳେ କର୍ଣ୍ଣାଟକରେ ୩୬%, ତାମିଲନାଡୁରେ ୩୨% ସଂକ୍ରମିତ ହୋଇଥିଲେ।



ଝାଡ଼ଖଣ୍ଡର ଜାମ୍‌ସେଦପୁରସ୍ଥିତ ପରୱାତି ଘାଟରେ ସୋମବାର କରୋନା ମୃତକଙ୍କ ସମୂହ ସତ୍କାର କରାଯାଉଛି।

## ଦିଲ୍ଲୀ ଦଙ୍ଗା ଘଟଣା: ନତାଶାଙ୍କୁ ଜାମିନ

**ନୂଆଦିଲ୍ଲୀ, ୧୦।୫**

ଗତ ବର୍ଷ ମେ'ରେ ଉତ୍ତର-ପୂର୍ବ ଦିଲ୍ଲୀରେ ଦଙ୍ଗା ଘଟଣାରେ ଗିରଫ ହୋଇଥିବା 'ପିଞ୍ଜରା ତୋଡ୍' ଗ୍ୟାଙ୍ଗର ନତାଶା ନରୱାଲଙ୍କୁ ଦିଲ୍ଲୀ ହାଇକୋର୍ଟ ବାପାଙ୍କ ଅନ୍ତିମ ସଂସ୍କାର ନିମନ୍ତେ ୩ ସପ୍ତାହ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। କୋଭିଡ୍‌ରେ ସଂକ୍ରମିତ ହୋଇ ତାଙ୍କ ବାପା ମହାବୀର ନରୱାଲଙ୍କ ମୃତ୍ୟୁ ଘଟିଥିଲା। ଜବାହରଲାଲ ନେହେରୁ ୟୁନିଭର୍ସିଟି ଛାତ୍ରୀ ନତାଶାଙ୍କ ଜାମିନ ଆବେଦନକୁ ଦିଲ୍ଲୀ ପୋଲିସ ବିରୋଧ କରିଥିଲା। ତେବେ ୫୦ ହଜାର ଟଙ୍କା ବ୍ୟକ୍ତିଗତ ମୁଚାଲିକା ବଦଳରେ କୋର୍ଟ ନତାଶାଙ୍କ ଆବେଦନକୁ ଗ୍ରହଣ କରିଥିଲେ।

## ହସ୍ପିଟାଲର ୮୦ ଡାକ୍ତର ସଂକ୍ରମିତ

**ନୂଆଦିଲ୍ଲୀ, ୧୦।୫**

- ଆଖି ବୁଜିଲେ ବରିଷ୍ଠ ସର୍ଜନ
- ଦିଲ୍ଲୀରେ ୩୦୦ରୁ ଊର୍ଦ୍ଧ୍ୱ ଡାକ୍ତର ଆକ୍ରାନ୍ତ
- ରିପୋର୍ଟ ପଜିଟିଭ୍ ଆସିବାର କିଛି ଘଣ୍ଟା ପରେ ଯୁବ ଡାକ୍ତର ମୃତ

ଦିଲ୍ଲୀର ସରୋଜ ହସ୍ପିଟାଲରେ କାର୍ଯ୍ୟରତ ୮୦ ଜଣ ଡାକ୍ତର କରୋନାରେ ସଂକ୍ରମିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ବରିଷ୍ଠ ସର୍ଜନଙ୍କ ମୃତ୍ୟୁ ଘଟିଛି। ୧୨ ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ଅନ୍ୟମାନେ ହୋମ୍ କ୍ୱାରାଣ୍ଟାଇନରେ ରହିଛନ୍ତି। କରୋନାରେ ମୃତ୍ୟୁ ଘଟିଥିବା ସର୍ଜନ ଡା. ଏ. କେ. ରାୱତ ୨୭ ବର୍ଷ ହେଲା ଉକ୍ତ ହସ୍ପିଟାଲରେ କାର୍ଯ୍ୟ କରୁଥିଲେ। ଦିଲ୍ଲୀରେ ଭୟଙ୍କର ସ୍ଥିତି ସୃଷ୍ଟି କରିଥିବା କରୋନାରେ ୩ ଶହରୁ ଊର୍ଦ୍ଧ୍ୱ ଡାକ୍ତର ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଦିଲ୍ଲୀର ଜିଟିବି ହସ୍ପିଟାଲରେ କାର୍ଯ୍ୟରତ ୨୬ ବର୍ଷୀୟ ଯୁବ ଡାକ୍ତର ଅନସ୍ ମୁଜାହିଦ୍‌ଙ୍କ ରବିବାର କରୋନାରେ ମୃତ୍ୟୁ ଘଟିଛି। ରିପୋର୍ଟ ପଜିଟିଭ୍ ଆସିବାର ମାତ୍ର କିଛି ଘଣ୍ଟା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ମୁଜାହିଦ୍ ଏକ ଇଫ୍‌ତାର ପାର୍ଟିରେ ଯୋଗ ଦେଇ ଫେରିବା ପରେ ଶନିବାର ଜ୍ୱର ଅନୁଭବ କରିଥିଲେ। ମଧ୍ୟାହ୍ନରେ ସେ କରୋନା ଟେଷ୍ଟ କରାଇଥିଲେ। ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଉକ୍ତ ହସ୍ପିଟାଲର ଜଣେ ଡାକ୍ତର କହିଛନ୍ତି, ଏତେ ଶୀଘ୍ର କରୋନା ସଂକ୍ରମଣ ବ୍ୟାପିବା ବିରଳ ଘଟଣା। ମୁଜାହିଦ୍ ସଂକ୍ରମିତ ହେବା ପରେ ତାଙ୍କ ମସ୍ତିଷ୍କରେ ରକ୍ତସ୍ରାବ ହୋଇଥିଲା। ଏହାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ସେ କହିଛନ୍ତି।

## କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ସ୍ଥଗିତ

**ନୂଆଦିଲ୍ଲୀ, ୧୦।୫**

**ପ୍ରଧାନମନ୍ତ୍ରୀଙ୍କୁ ପ୍ରାୟଶ୍ଚିତ୍ତ କରିବାକୁ ହେବ: ସିଡବ୍ଲୁସିରେ ସଂକଳ୍ପ ଗୃହୀତ**

କରୋନା ମହାମାରୀ ସ୍ଥିତିକୁ ଦୃଷ୍ଟିରେ ରଖି ଅଧ୍ୟକ୍ଷ ନିର୍ବାଚନ ସ୍ଥଗିତ ରଖିବାକୁ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି) ସୋମବାର ନିଷ୍ପତ୍ତି ନେଇଛି। କଂଗ୍ରେସ ନେତୃତ୍ୱରେ ପରିବର୍ତ୍ତନ ପାଇଁ ଗତବର୍ଷ ଗୁଲାମ ନବୀ ଆଜାଦ, କପିଲ ସିବଲ ଏବଂ ଆନନ୍ଦ ଶର୍ମାଙ୍କ ସମେତ କଂଗ୍ରେସର ୨୩ ଅସନ୍ତୁଷ୍ଟ ନେତା ସୋନିଆ ଗାନ୍ଧୀଙ୍କୁ ପତ୍ର ଲେଖି ଜଣାଇଥିଲେ। ଚଳିତ ବର୍ଷ ଜୁନ୍ ସୁଦ୍ଧା ଦଳରେ ଜଣେ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ନିଯୁକ୍ତି ପାଇଁ ନିଷ୍ପତ୍ତି ହୋଇଥିଲା। କେନ୍ଦ୍ର ସରକାରଙ୍କ ଭୁଲ୍ ନୀତି ଯୋଗୁ ରାଜ୍ୟଗୁଡ଼ିକୁ ପର୍ଯ୍ୟାପ୍ତ କୋଭିଡ୍ ଟିକା, ଅକ୍ସିଜେନ୍ ଏବଂ ଅତ୍ୟାବଶ୍ୟକ ଔଷଧ ମିଳୁନାହିଁ। ସରକାର ନିଜ କର୍ତ୍ତବ୍ୟରୁ ଓହରିଯାଇ ଟିକାକରଣ ଦାୟିତ୍ୱ ରାଜ୍ୟଗୁଡ଼ିକ ଉପରେ ଛାଡ଼ିଦେଇଥିବା କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସିଡବ୍ଲୁସି ବୈଠକରେ କହିଥିଲେ। କରୋନା ପରିଚାଳନାରେ ମୋଦି ସରକାରଙ୍କ ଅପାରଗତା, ସମ୍ବେଦନଶୂନ୍ୟତା ଏବଂ ଉପେକ୍ଷା ଯୋଗୁ ଦେଶରେ ମହାମାରୀ ସ୍ଥିତି ଗମ୍ଭୀର ହୋଇଛି। ପ୍ରଧାନମନ୍ତ୍ରୀ ତାଙ୍କ ଭୁଲ୍‌ର ପ୍ରାୟଶ୍ଚିତ୍ତ କରିବାକୁ ହେବ। କରୋନା ସ୍ଥିତିକୁ ନେଇ ସିଡବ୍ଲୁସ ବୈଠକରେ ଏଭଳି ଏକ ସଂକଳ୍ପ ପାରିତ ହୋଇଛି।

## ଶପଥ ନେଲେ ହିମନ୍ତ

**ଗୁଆହାଟୀ, ୧୦।୫**

**ଏନ୍‌ଆର୍‌ସି ତାଲିକାର ପୁନଃ ଯାଞ୍ଚ ହେବ**

ଉତ୍ତରପୂର୍ବ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଇଡିଏ)ର ଆବାହକ ହିମନ୍ତ ବିଶ୍ୱଶର୍ମା ସୋମବାର ଆସାମର ୧୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଗୁଆହାଟୀର ଶ୍ରୀମନ୍ତ ଶଙ୍କରଦେବ କଳାକ୍ଷେତ୍ରଠାରେ ରାଜ୍ୟପାଳ ଜଗଦୀଶ ମୁଖି ହିମନ୍ତଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ତାଙ୍କ ସରକାର ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)ର ପୁନଃ ଯାଞ୍ଚ କରିବ ବୋଲି ଶପଥ ଦେବା ପରେ ହିମନ୍ତ କହିଛନ୍ତି। ତାଲିକାରେ ସୀମାନ୍ତ ଜିଲାଗୁଡ଼ିକର ୨୦ ପ୍ରତିଶତ ଏବଂ ଅନ୍ୟ ଜିଲାର ୧୦ ପ୍ରତିଶତର ଅନୁଧ୍ୟାନ କରାଯିବ। ଆସାମ ଏନ୍‌ଆର୍‌ସି ଚୂଡ଼ାନ୍ତ ତାଲିକା ୨୦୧୯ ଅଗଷ୍ଟ ୩୧ରେ ପ୍ରକାଶ ପାଇଥିଲା। ଏଥିରେ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ବାଦ୍ ଦିଆଯାଇଥିଲା।

ନିର୍ବାଚନ ପୂର୍ବରୁ ଜନସାଧାରଣଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରାଯିବ। ଲଭ୍ ଜିହାଦ ଏବଂ ଲ୍ୟାଣ୍ଡ ଜିହାଦ ବିରୋଧରେ ଆଇନ ଅଣାଯିବ ବୋଲି ହିମନ୍ତ କହିଛନ୍ତି। ଭାଜପାରୁ ୧୦, ଏଜେପିରୁ ୨ ଏବଂ ୟୁପିପିଏଲ୍‌ର ଜଣେ ବିଧାୟକ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଶପଥ ଉତ୍ସବରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ, ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ୍ ସାଙ୍ଗମା, ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ରାଜ୍ୟପାଳ ଜଗଦୀଶ ମୁଖୀ ଅଭିନନ୍ଦନ ଜଣାଉଛନ୍ତି।

## ସାଇବର ଆକ୍ରମଣରୁ ପାଇପ୍‌ଲାଇନ ବନ୍ଦ

**ନ୍ୟୁୟର୍କ, ୧୦।୫**



ଦୈନିକ ୨.୫ ନିୟୁତ ବ୍ୟାରେଲ୍ ଇନ୍ଧନ ପରିବହନ କରୁଥିବା ଆମେରିକାର ସର୍ବବୃହତ୍ କଲୋନିଆଲ ପାଇପ୍‌ଲାଇନ ରାନ୍‌ସମୱେର ସାଇବର ଆକ୍ରମଣର ସମ୍ମୁଖୀନ ହେବା ଫଳରେ ୧୮ ରାଜ୍ୟକୁ ଡିଜେଲ୍, ପେଟ୍ରୋଲ ଓ ଜେଟ୍ ଇନ୍ଧନ ପରିବହନ ଗୁରୁତର ବାଧାପ୍ରାପ୍ତ ହୋଇଛି। ଇଷ୍ଟ କୋଷ୍ଟର ୪୫ ପ୍ରତିଶତ ଇନ୍ଧନ ଉକ୍ତ ପାଇପ୍‌ଲାଇନରେ ପରିବହନ ହେଉଥିଲା। ୩ ଦିନ ହେଲା ଲାଇନରେ ଯୋଗାଣ ବନ୍ଦ ରହିଛି। ଫଳରେ ଆମେରିକା ପରିବହନ ବିଭାଗ ପକ୍ଷରୁ ଆଞ୍ଚଳିକ ଜରୁରୀ ପରିସ୍ଥିତି ଜାରି କରାଯାଇଛି। ସଡ଼କ ପଥରେ ଇନ୍ଧନ ପରିବହନ ଲାଗି ସରକାର ନିୟମ କୋହଳ କରିଛନ୍ତି। ଅର୍ଥାତ୍ ୧୮ ରାଜ୍ୟର ଡ୍ରାଇଭରମାନେ ଅଧିକ ସମୟ କାର୍ଯ୍ୟ କରି ପେଟ୍ରୋଲିୟମ ସାମଗ୍ରୀ ପରିବହନ କରିପାରିବେ।

ଡାର୍କସାଇଡ୍ ନାମକ ଅପରାଧୀ ଗ୍ୟାଙ୍ଗ ଏଭଳି ସାଇବର ଆକ୍ରମଣରେ ସମ୍ପୃକ୍ତ ଥିବା କୁହାଯାଉଛି। ଏହି ଗ୍ୟାଙ୍ଗ ବିଭିନ୍ନ କର୍ପୋରେଶନଠାରୁ ସଂଗ୍ରହ କରୁଥିବା ଅର୍ଥର ଏକ ଭାଗ ଦାତବ୍ୟ ଅନୁଷ୍ଠାନକୁ ପ୍ରଦାନ କରିଥାଏ ବୋଲି ତଦନ୍ତ ସହ ଜଡ଼ିତ ଦୁଇଜଣ ବ୍ୟକ୍ତି ସୂଚନା ଦେଇଛନ୍ତି। ଶୁକ୍ରବାରଠାରୁ କମ୍ପାନୀ ଅଫ୍‌ଲାଇନରେ ଇନ୍ଧନ ପରିବହନ କରିବା ସହ ସେବା ପୁନର୍ବାର କାର୍ଯ୍ୟକାରୀ କରିବା ଲାଗି ଉଦ୍ୟମ ଜାରି ରଖିଥିବା କହିଛି। ପେଟ୍ରୋଲ ପମ୍ପଗୁଡ଼ିକରେ ଇନ୍ଧନ ଦର ବଢ଼ି ନାହିଁ। ତେବେ ଏଭଳି ଅବସ୍ଥା ଅଧିକ ଦିନ ଲାଗି ରହିଲେ ଦର ବଢ଼ିବା ଆଶଙ୍କା ରହିଛି। ମଙ୍ଗଳବାର ସୁଦ୍ଧା ଯଦି ସମସ୍ୟାର ସମାଧାନ ନ ହୁଏ ତେବେ ବଡ଼ ବିପର୍ଯ୍ୟୟ ଦେଖାଦେବ ବୋଲି ତୈଳ ବଜାର ବିଶ୍ଳେଷକ ଗୌରବ ଶର୍ମା କହିଛନ୍ତି। ଜର୍ଜିଆର କଲୋନିଆଲ ପାଇପ୍‌ଲାଇନ ଦ୍ୱାରା ପରିଚାଳିତ ଉକ୍ତ ପାଇପ୍‌ରେ ଟେକ୍ସାସ୍‌ରୁ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଗ୍ୟାସୋଲିନ୍, ଡିଜେଲ ଓ ପେଟ୍ରୋଲ ପରିବହନ ହେଉଥିଲା। ସାଇବର ଅପରାଧୀମାନେ ଡାଟା

**ଜରୁରୀ ସ୍ଥିତି ଜାରି କଲା ଆମେରିକା**

ଏନ୍‌କ୍ରିପ୍ଟ କରିବା ସହ ନେଟ୍‌ୱର୍କକୁ ଅଚଳ କରିଦେବା ଫଳରେ କମ୍ପ୍ୟୁଟର ସିଷ୍ଟମ ଲକ୍ ହୋଇଯାଏ। ଏହା ପରେ ସେମାନେ ରାନ୍‌ସମୱେର ଆକ୍ରମଣରୁ ସିଷ୍ଟମକୁ ମୁକ୍ତ କରିବା ଲାଗି ମୋଟା ଅଙ୍କର ଅର୍ଥ ଦାବି କରିଥାନ୍ତି। ତେବେ କଲୋନିଆଲ ପାଇପ୍‌ଲାଇନକୁ ସାଇବର ଅପରାଧୀ ଅର୍ଥ ମାଗିଛନ୍ତି କି ନାହିଁ କିମ୍ବା ବୁଝାମଣା ହୋଇଛି କି ନାହିଁ ସେ ସମ୍ପର୍କରେ କମ୍ପାନୀ ପକ୍ଷରୁ କିଛି କୁହାଯାଇନାହିଁ।

ସାଇବର ଆକ୍ରମଣ ଆମେରିକାର ବାଣିଜ୍ୟ ପାଇଁ ଚିନ୍ତାର କାରଣ ହୋଇଛି। ଏହାର ପ୍ରତିକାର ଲାଗି ହୋମଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ସହ ମିଶି ଉଦ୍ୟମ ଚଳାଇଥିବା ଆମେରିକା ବାଣିଜ୍ୟ ସଚିବ ରାଇମଣ୍ଡୋ କହିଛନ୍ତି। ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ମଧ୍ୟ ସାଇବର ଆକ୍ରମଣ ସମ୍ପର୍କରେ ଅବଗତ କରାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୫,୯୩,୭୫,୨୩୯ | ୩୩,୧୨,୩୩୧ | ୧୩,୬୯,୭୧,୬୧୫ |
| ଭାରତ | ୨,୨୯,୪୦,୫୧୬ | ୨,୪୯,୧୮୩ | ୧,୮୯,୭୦,୦୧୮ |
| ଓଡ଼ିଶା | ୫,୪୪,୮୭୩ | ୨୧୯୭(+୫୩) | ୪,୫୭,୫୬୯ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




## ଆଜି ସବୁ ଜିଲାରେ ଟିକାକରଣ

**ଭୁବନେଶ୍ୱର, ୧୦।୫(ବ୍ୟୁରୋ):** ରାଜ୍ୟରେ ପୁଣି ଟିକାକରଣ ଆରମ୍ଭ ହୋଇଛି। ପୂର୍ବରୁ ଦୈନିକ ପ୍ରାୟ ୨ଲକ୍ଷ ଟିକା ଦିଆଯାଉଥିବାବେଳେ ଏହାର ଅଭାବ ଯୋଗୁ ଏଥିରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଫଳରେ ରାଜ୍ୟରେ ଦୈନିକ ଟିକାକରଣ ୨୦ହଜାର ତଳକୁ ଖସିଯାଇଥିଲା। ପ୍ରତିଦିନ ବିଭିନ୍ନ ଜିଲାରେ ଟିକାକରଣ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଉଥିଲା। କିନ୍ତୁ ସୋମବାର ପୁଣି ପୂର୍ବ ପରି ଏହାର ଆରମ୍ଭ ହୋଇଛି। ସେହିପରି ମଙ୍ଗଳବାର ସମସ୍ତ ଜିଲାରେ ଟିକାକରଣ ହେବ। ମୋଟ ୫୪୯ ସେଣ୍ଟର୍‌ରେ ଟିକା ଦିଆଯିବ। ସୋମବାର ରାଜ୍ୟରେ ୧,୩୨,୪୨୯ଜଣ ଟିକା ନେଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିମଧ୍ୟରେ ସର୍ବାଧିକ ୧,୧୫,୨୬୪ ଜଣ ୪୫ବର୍ଷ ଓ ଉର୍ଦ୍ଧ୍ୱ ବୟସ୍କ ହିତାଧିକାରୀ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ଏବେ ମୋଟ ଟିକାକରଣ ୬୨,୮୪,୬୪୪ ହୋଇଥିବା ଜଣାପଡ଼ିଛି।

# ହାଇକୋର୍ଟରେ ଗୋଳନ୍ଥରା ହାଜତ ମୃତ୍ୟୁ

**ରୁଜୁହେଲା ଜନସ୍ୱାର୍ଥ ମାମଲା**

**କଟକ ଅଫିସ, ୧୦।୫**



ଗଞ୍ଜାମ ଜିଲା ଗୋଳନ୍ଥରା ହାଜତ ମୃତ୍ୟୁ ଘଟଣାରେ ସୋମବାର ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ସେ ତାଙ୍କ ପିଟିଶନରେ ଦର୍ଶାଇଛନ୍ତି, ଗୋଳନ୍ଥରା ଥାନା ଅଧୀନ ରଙ୍ଗିପୁରର ଗଣେଶ ଡାକୁଆ ନାମକ ଯୁବକ ଥାନାରେ ଆତ୍ମହତ୍ୟା କରିନାହାନ୍ତି ବରଂ ତାଙ୍କୁ ମାରି ଦିଆଯାଇଛି। ପରେ ପୋଲିସ ପିନ୍ଧିଥିବା ବେଲ୍ଟରେ ମୃତକଙ୍କୁ ଝରକାରେ ଟାଙ୍ଗି ଆତ୍ମହତ୍ୟାର ରୂପ ଦିଆଯାଇଛି। ଏହି ମାମଲାରେ ଗୋଳନ୍ଥରା ପୋଲିସର ଭୂମିକା ସନ୍ଦେହଘେରକୁ ଆସିଛି। ଯେହେତୁ ଏହି ଘଟଣା ଏକ ହାଜତ ମୃତ୍ୟୁ ସମ୍ପର୍କିତ ତେଣୁ ଉକ୍ତ ମାମଲାକୁ ସିବିଆଇକୁ ହସ୍ତାନ୍ତର କରାଯାଉ। ଗଣେଶଙ୍କ ଏକ ଦେଢ଼ ବର୍ଷର ପୁଅ ରହିଥିବାବେଳେ ତାଙ୍କ ସ୍ତ୍ରୀ ଏବେ ଗର୍ଭବତୀ ଅଛନ୍ତି। ବୃଦ୍ଧ ମାଆ ବାପାଙ୍କର ଗଣେଶ ଏକମାତ୍ର ରୋଜଗାରିଆ ପୁଅ ଥିଲେ। ଏଣୁ ତାଙ୍କ ପରିବାରକୁ ରାଜ୍ୟ ସରକାର ଆର୍ଥିକ ସହାୟତା ସ୍ୱରୂପ ୫୦ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ କେନ୍ଦ୍ର ଗୃହ ସଚିବ, ରାଜ୍ୟ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ପ୍ରମୁଖ ଶାସନ ସଚିବ, ଡିଜିପି, ବ୍ରହ୍ମପୁର ଏସ୍‌ପି ଓ ଗୋଳନ୍ଥରା ଥାନା ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି।

ପ୍ରକାଶ ଯେ ଏକ ଇଟାଭାଟିରେ ଶ୍ରମିକମାନଙ୍କୁ ଗାଳିଗୁଲଜ ସହ ମାଡ଼ ମାରିବା ଅଭିଯୋଗରେ ଗଣେଶଙ୍କୁ ଗୋଳନ୍ଥରା ପୋଲିସ ଗତ ୩ ତାରିଖରେ ଥାନାକୁ ଆଣି ଶିଶୁ ଓ ମହିଳା ଅଭ୍ୟର୍ଥନା କକ୍ଷରେ ରଖି ପଚରାଉଚରା କରିଥିଲା। ରାତି ପ୍ରାୟ ୮ଟାରେ ପୋଲିସ କର୍ମଚାରୀଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ଗଣେଶ ପିନ୍ଧିଥିବା ବେଲ୍ଟକୁ ବେକରେ ବାନ୍ଧି ଝୁଲି ପଡ଼ିଥିଲେ। ଏହାଦେଖି ଦାୟିତ୍ୱରେ ଥିବା ସେଣ୍ଟ୍ରି ଗଣେଶଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କାର୍ଯ୍ୟରେ ଅବହେଳା ଅଭିଯୋଗରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଏଏସ୍‌ଆଇ ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ ଏବଂ କନଷ୍ଟେବଲ ଡି.ପି. ଜେନାଙ୍କୁ ନିଲମ୍ବିତ କରିଥିଲେ। ଏପରିକି ଗୋଳନ୍ଥରା ଥାନା ଅଧିକାରୀ ବାବୁଲି ନାୟକଙ୍କୁ ଘଟଣାର ତଦନ୍ତ ଶେଷ ପର୍ଯ୍ୟନ୍ତ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ଏହି ମାମଲାରେ ରାଜ୍ୟ ମାନବ ଅଧିକାର ଆୟୋଗରେ ମଧ୍ୟ ଏକ ମାମଲା ଚାଲୁ ରହିଛି।

# ଦୁର୍ଗମ ଅଞ୍ଚଳରେ ସୌରଶକ୍ତିରେ ଜଳସେଚନ

- ହକି ବିଶ୍ୱକପ୍ ପାଇଁ ଟେଣ୍ଡରକୁ ଅନୁମୋଦନ
- ବଦଳିଲା ଜଙ୍ଗଲ ଓ ପରିବେଶ ବିଭାଗ ନାମ

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

କମାଣ୍ଡ ଏରିଆରେ ଜଳସେଚନ ପରିଚାଳନା, ବିଜୁ କୃଷକ ବିକାଶ ଯୋଜନାରେ ସୌରଶକ୍ତି ମାଧ୍ୟମରେ ଦୁର୍ଗମ ଅଞ୍ଚଳରେ ଗଭୀର ନଳକୂପ ସାହାଯ୍ୟରେ ଜଳସେଚନ କରାଯିବ। ଜଳସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଜଳସମ୍ପଦ, ଶିଳ୍ପ, ବାଣିଜ୍ୟ ଓ ପରିବହନ, ସାଧାରଣ ପ୍ରଶାସନ ଏବଂ ଗୃହ ବିଭାଗର ୧୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୈଠକରେ ଓଡ଼ିଶା ନର୍ସିଂ କଲେଜ ଶିକ୍ଷା ସେବାରେ ନିଯୁକ୍ତ କର୍ମଚାରୀଙ୍କ ପାଇଁ ନିଯୁକ୍ତି ଓ ଚାକିରି ସର୍ତ୍ତାବଳୀକୁ ଅନୁମୋଦନ କରାଯାଇଛି। ପୁରୁଷ ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ, ଏବଂ ରାଉରକେଲାର ଅନ୍ତର୍ଜାତୀୟ ହକି ଷ୍ଟାଡିୟମର କ୍ରୀଡ଼ା ଭିତ୍ତିଭୂମି ପାଇଁ ଡକାଯାଇଥିବା ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ମେଡିକାଲ ଅକ୍ସିଜେନ ଉତ୍ପାଦନ, ରିଫିଲିଂର ପ୍ରତିକୂଳ ସଂଶୋଧନ କରାଯିବ। ଏଥିସହିତ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ପରିବହନ ଟ୍ରାଫିକ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ରୁଲ୍‌ସ-୨୦୧୩ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ଜଙ୍ଗଲ ଓ ପରିବେଶ ବିଭାଗ ନାମ ପରିବର୍ତ୍ତନ କରାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ପରିବର୍ତ୍ତେ ଏଣିକି ଏହା ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଭାବେ ନାମିତ କରାଯିବ। ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏଥିସହିତ ଓଡ଼ିଶା ଏକ୍ସସର୍ଭିସମେନ (ରିକ୍ରୁଟମେଣ୍ଟ ଟୁ ଷ୍ଟେଟ୍ ସିଭିଲ ସର୍ଭିସେସ ଆଣ୍ଡ ପୋଷ୍ଟସ୍) ରୁଲ୍ସ ସଂଶୋଧନ, ଓଡ଼ିଶା ପବ୍ଲିକ ସର୍ଭିସ କମିଶନଙ୍କ ୨୦୧୭-୧୮ର ବାର୍ଷିକ ରିପୋର୍ଟ, ରାଜ୍ୟ ବାହାରେ ଥିବା ଗୃହ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ବିଭିନ୍ନ ଓଡ଼ିଶା ଭବନଗୁଡ଼ିକରେ ରହିବା ଓ ଅନ୍ୟାନ୍ୟ ସେବା ପାଇଁ ଏକ ସ୍ୱତନ୍ତ୍ର ନିୟମ ପ୍ରସ୍ତୁତ ହେବ। ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।



ଭୁବନେଶ୍ୱରର ବିଭିନ୍ନ କଲ୍‌ସେଣ୍ଟରରେ କାମ କରୁଥିବା ଯୁବତୀମାନେ ସୋମବାର ଖରାରେ ଯାଉଛନ୍ତି।

# ଟ୍ରେନ୍ ଯାତ୍ରୀଙ୍କ ପାଇଁ ଏସ୍‌ଓପି ଜାରି

**ନେଗେଟିଭ୍ ରିପୋର୍ଟ କିମ୍ବା ଦୁଇ ଡୋଜ୍ ଟିକା ପ୍ରମାଣପତ୍ର ଜରୁରୀ**

**ଭୁବନେଶ୍ୱର, ୧୦।୫(ବ୍ୟୁରୋ)**

ଟ୍ରେନ ଯାତ୍ରୀଙ୍କ ପାଇଁ ଦିଲ୍ଲୀ ଓ ଗୋଆ ସରକାରଙ୍କ ପକ୍ଷରୁ ସୋମବାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର (ଏସ୍‌ଓପି) ଜାରି କରାଯାଇଛି। ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶରୁ ଟ୍ରେନ୍‌ରେ ଦିଲ୍ଲୀ ଏବଂ ଦେଶର ଯେକୌଣସି ସ୍ଥାନରୁ ଗୋଆ ଯାଉଥିବା ଯାତ୍ରୀଙ୍କ ପାଇଁ ଉଭୟ ସରକାର ଏସ୍‌ଓପି ଜାରି କରିଛନ୍ତି। ଦେଶର ଯେକୌଣସି ସ୍ଥାନରୁ ଗୋଆର କୌଣସି ଷ୍ଟେଶନକୁ ଯାଉଥିବା ଯାତ୍ରୀ ଗୋଆରେ ପ୍ରବେଶ କରିବାର ୭୨ଘଣ୍ଟା ମଧ୍ୟରେ ଆରଟି-ପିସିଆର୍ ନେଗେଟିଭ୍ ରିପୋର୍ଟ କିମ୍ବା ଦୁଇ ଡୋଜ୍ କୋଭିଡ୍ ଟିକା ନେଇଥିବା ପ୍ରମାଣପତ୍ର ଦର୍ଶାଇବା ଜରୁରୀ। ତେବେ ଗୋଆ ବାସିନ୍ଦା, କାମ ପାଇଁ ଗୋଆରେ ପ୍ରବେଶ କରୁଥିବା ବ୍ୟକ୍ତି କାର୍ଯ୍ୟ ପ୍ରମାଣପତ୍ର କିମ୍ବା ନିଯୁକ୍ତିଦାତାଙ୍କଠାରୁ ମିଳିଥିବା ଚିଠି ଦେଖାଇ ଯାଇପାରିବେ। ମେଡିକାଲ ସେବା ଭଳି ଜରୁରିକାଳୀନ ସେବା ପାଇଁ ନିୟୋଜିତ ବ୍ୟକ୍ତିଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ସେହିଭଳି ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶରୁ ଦିଲ୍ଲୀକୁ ଯାଉଥିବା ଟ୍ରେନ୍‌ଗୁଡିକର ଯାତ୍ରୀଙ୍କୁ ସମ୍ପୃକ୍ତ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଚିହ୍ନଟ ସରକାରୀ କ୍ୱାରାଣ୍ଟାଇନ୍ କିମ୍ବା ଦେୟଯୁକ୍ତ କ୍ୱାରାଣ୍ଟାଇନ୍‌ରେ ବାଧ୍ୟତାମୂଳକ ଭାବେ ୧୪ଦିନ ପାଇଁ ରହିବାକୁ ପଡ଼ିବ। ଯଦି କୌଣସି ବ୍ୟକ୍ତିଙ୍କର ଘର କ୍ୱାରଣ୍ଟାଇନ୍ ପାଇଁ ଉପଯୁକ୍ତ ବ୍ୟବସ୍ଥା ନ ଥାଏ, ତେବେ ସେ ୭ଦିନ ପାଇଁ ସରକାରୀ ସ୍ୱୀକୃତିପ୍ରାପ୍ତ ହୋଟେଲରେ ଦେୟଯୁକ୍ତ କ୍ୱାରାଣ୍ଟାଇନ୍ ଚୟନ କରିପାରିବେ। କୌଣସି ପ୍ରକାର ପ୍ରମାଣପତ୍ର ଦେଖାଇ ନ ପାରିବା ବ୍ୟକ୍ତିଙ୍କୁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କ୍ୱାରାଣ୍ଟାଇନ୍ ସମ୍ବନ୍ଧୀୟ ପ୍ରୋସିଡ୍ୟୁର ବା ଗାଇଡ୍‌ଲାଇନ ଅନୁପାଳନ କ୍ଷେତ୍ରରେ ୭ଦିନ ସରକାରୀ କୋଭିଡ୍ କେନ୍ଦ୍ରରେ ରଖାଯିବ ବୋଲି ସୂଚନା ଦିଆଯାଇଛି।

# ୧୪ ଯାଏ ଝଡ଼ବର୍ଷା ଆଶଙ୍କା

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**



ରାଜ୍ୟରେ ଗତ କିଛିଦିନ ହେବ ଝଡବର୍ଷା ଲାଗି ରହିବା ଫଳରେ ଗ୍ରୀଷ୍ମର ପ୍ରକୋପରୁ ରାଜ୍ୟବାସୀଙ୍କୁ ତ୍ରାହି ମିଳିଛି। ପାରଦ ୪୦ ଡିଗ୍ରୀ ତଳେ ରହିଛି। ରବିବାର ମଧ୍ୟରାତ୍ରିରେ ଉପକୂଳ ଓଡିଶାର ଅନେକ ସ୍ଥାନରେ ଘଡଘଡି ସହ ପ୍ରବଳ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ସର୍ବାଧିକ ୫୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୩୨, ଦାରିଙ୍ଗିବାଡି ୩୨, ଚାନ୍ଦବାଲି ୧୦.୬, କଟକ ୮.୨, ପୁରୀ ୧୮, କେନ୍ଦୁଝର ୨୧, ଅନୁଗୋଳ ୪.୨, ବାରିପଦା ୪.୨, ବଲାଙ୍ଗୀର ୪.୨, କୋରାପୁଟ ୧୭, ଫୁଲବାଣୀ ୧୨, ଟିଟିଲାଗଡରେ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଏଥିଯୋଗୁ ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ହ୍ରାସ ପାଇଛି। ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଥିବା ବେଳେ ରାଜ୍ୟର ଅନ୍ୟାନ୍ୟ ଭାଗରେ ତାପମାତ୍ରା ଏହା ତଳକୁ ରହିଛି। ଆସନ୍ତା ୧୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନୂଆପାଡା, କନ୍ଧମାଳ, କଳାହାଣ୍ଡି,ବଲାଙ୍ଗୀର, ରାୟଗଡା, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ୧୨ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ସୁନ୍ଦରଗଡ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଜିଲାର କେତେକ ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୩ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, ଢେଙ୍କାନାଳ ଏବଂ କନ୍ଧମାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡବର୍ଷା ହେବ। ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ୍ୱାର୍ଣ୍ଣିଂ ଜାରି କରାଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ମାମା
ପରିବାରବର୍ଗ



ପ୍ରଶାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଆଜିର ମନ୍ତବ୍ୟ

"ଗତ ନିର୍ବାଚନରେ କଂଗ୍ରେସ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ଏବେଠାରୁ ଘର ନ ସଜାଡ଼ିଲେ ଆହୁରି ବିପର୍ଯ୍ୟୟର ସାମ୍ନା କରିବାକୁ ହେବ।

**– ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା**

# ଚନ୍ଦନଯାତ୍ରା ପାଇଁ ସେବାୟତଙ୍କ ଜୀବନବୀମା

## ଗଜପତି ମହାରାଜାଙ୍କ ସ୍ୱତନ୍ତ୍ର ବୈଠକ




**ପୁରୀ ଅଫିସ,୧୦।୫**

ଅକ୍ଷୟ ତୃତୀୟାରେ ଚନ୍ଦନଯାତ୍ରା ଓ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏ ନେଇ ସୋମବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ଭିଡିଓ କନଫରେନ୍ସ ବୈଠକ ଅନୁଷ୍ଠିତ ହୋଇଛି। ଛତିଶା ନିଯୋଗ ବୈଠକର ଚୂଡ଼ାନ୍ତ ନିଷ୍ପତ୍ତି ଆସିବା ପୂର୍ବରୁ ଏହି ବୈଠକରେ ରଥଯାତ୍ରା ଓ ୨୧ ଦିନିଆ ଚନ୍ଦନଯାତ୍ରା ପରିଚାଳନାକୁ ନେଇ ଥିବା ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ବୈଠକରେ ଆଲୋଚନା ହୋଇଛିଯେ, ରଥ, ବାହୁଡ଼ା, ରଥଖଳା ଓ ପହଣ୍ଡି ସମୟରେ କୌଣସି ଅଘଟଣ ଘଟିଲେ ସମ୍ପୃକ୍ତ ମହାରଣା କିମ୍ବା ସେବାୟତମାନଙ୍କୁ ବୀମା ରାଶି ପ୍ରଦାନ କରାଯିବ। ଗତବର୍ଷ ସେବାୟତ ଓ ମହାରଣାମାନେ ରଥକାର୍ଯ୍ୟ ଓ ରଥଯାତ୍ରା ସମୟରେ ଅଘଟଣରେ ପ୍ରାଣ ହରାଇଲେ ସେମାନଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ରାଶି ମିଳିଆସୁଥିଲା। ଚଳିତବର୍ଷ ମଧ୍ୟ ଏହି ୫ ଲକ୍ଷ ଟଙ୍କାର ବୀମା ରାଶି ମିଳିବା ନେଇ ଆପାତତଃ ନିଷ୍ପତ୍ତି ହୋଇଥିବା ସେବାୟତ ମାଧବ ପୂଜାପଣ୍ଡା କହିଛନ୍ତି। କିନ୍ତୁ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ମଙ୍ଗଳବାର ଛତିଶା ନିଯୋଗ ବୈଠକ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି। ରଥଖଳା, ରଥପହଣ୍ଡି, ରଥଦାଣ୍ଡ ଓ ମନ୍ଦିର ଭିତରେ ସେବାୟତଙ୍କର ଅଘଟଣରେ ବିୟୋଗ ହେଲେ କିଭଳି ଭାବେ ଜୀବନ ବୀମା ସୁବିଧା ମିଳିପାରିବ ସେନେଇ ଟେଣ୍ଡର ଆହ୍ୱାନ ହୋଇଥିଲା। ଓରିଏଣ୍ଟାଲ୍ ଇନସୁରାନ୍ସ ବୀମା ଦାୟିତ୍ୱ ନେଇଛି। ତେବେ ଏହି ଜୀବନ ବୀମାରେ କେଉଁ କେଉଁ ସୁବିଧା ରହିବ ସେନେଇ ସ୍ପଷ୍ଟ କୌଣସି ସୂଚନା ଦେଇନାହାନ୍ତି। ଅନ୍ୟପକ୍ଷେ ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଏଯାବତ୍ ୧୮୬ଜଣ ସଂକ୍ରମିତ ହୋଇଥିବା ବେଳେ ୧୩୪ ସେବାୟତ ଓ ୫୨ଜଣ ଶ୍ରୀମନ୍ଦିର କାର୍ଯ୍ୟାଳୟର କର୍ମଚାରୀ ରହିଛନ୍ତି। ସେହିଭଳି ଏମାନଙ୍କ ମଧ୍ୟରୁ ୧୦୬ଜଣ ସୁସ୍ଥ ହୋଇସାରିଥିବା ବେଳେ ୭୮ଜଣ ହୋମ୍ ଆଇସୋଲେଶନ ଓ ନୀଳାଚଳ ଭକ୍ତ ନିବାସରେ ଆଇସୋଲେଶନ୍‌ରେ ରହିଛନ୍ତି। ସେବାୟତ ସଂକ୍ରମିତଙ୍କ ସଂଖ୍ୟା ୮୪ ହୋଇଥିବା ବେଳେ ସେମାନଙ୍କ ପରିବାର ସଦସ୍ୟ ୫୦ଜଣ ରହିଛନ୍ତି। ଭ୍ୟାକ୍ସିନେସନ୍ ପ୍ରକ୍ରିୟା ଚାଲୁ ରହିଛି। ୩୩୧୦ ଭ୍ୟାକ୍ସିନେସନ୍ ଡୋଜ୍ ଦିଆସରିଛି। ଏଥିରୁ ୨୪୧୮ ପ୍ରଥମ ଡୋଜ୍ ନେଇଥିବା ବେଳେ ୮୯୨ଜଣ ୨ୟ ଡୋଜ୍ ନେଇସାରିଲେଣି। ଏବେ କେବଳ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ସେବାୟତଙ୍କ ଟିକାକରଣ ଚାଲିଛି। ଟେଷ୍ଟିଂ ପାଇଁ ଉତ୍କଳ ହିନ୍ଦୀ ବିଦ୍ୟାପୀଠରେ ସ୍ୱତନ୍ତ୍ର କ୍ୟାମ୍ପର ଆୟୋଜନ ହୋଇଛି। ୫୬୨ ଜଣଙ୍କ ଟେଷ୍ଟିଂ ହୋଇଛି। ସେମାନଙ୍କ ମଧ୍ୟରୁ ୧୪୬ ପଜିଟିଭ୍ ହୋଇଛନ୍ତି। ସେହିଭଳି ନୀଳାଚଳ ଭକ୍ତ ନିବାସରେ ହୋଇଥିବା କୋଭିଡ୍ କେୟାର ସେଣ୍ଟରରେ ୪୬ଜଣ ସେବାୟତଙ୍କୁ ୨୬ଟି ସ୍ୱତନ୍ତ୍ର ରୁମ୍‌ରେ ରଖାଯାଇ ଚିକିତ୍ସା କରାଯାଉଛି। ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ମହାରଣା ସେବାୟତମାନଙ୍କର ଟେଷ୍ଟିଂ ଅକ୍ଷୟତୃତୀୟାର ୭୨ଘଣ୍ଟା ପୂର୍ବରୁ ହେବ, ଯାହାଦ୍ୱାରା ସଂକ୍ରମଣ ମୁକ୍ତ ସେବାୟତଙ୍କୁ ଚିହ୍ନଟ କରିବା ସହଜ ହେବ। ସେହିଭଳି ଚନ୍ଦନଯାତ୍ରା ଓ ରଥଯାତ୍ରାରେ ନିୟୋଜିତ ହେବାକୁ ଥିବା ସେବାୟତମାନେ କିଭଳି ଭାବେ ସଂକ୍ରମଣର ଶିକାର ହେବେ ନାହିଁ ସେନେଇ ପ୍ରଶାସନ ଯଥାସମ୍ଭବ ପ୍ରୟାସ କରୁଥିବା ଅଜୟ କୁମାର ଜେନା କହିଛନ୍ତି। ଅନ୍ୟପକ୍ଷରେ ରଥ ଓ ଚନ୍ଦନଯାତ୍ରାର ପ୍ରସ୍ତୁତି ଓ ପରିଚାଳନାକୁ ନେଇ ସ୍ପଷ୍ଟ ଚିତ୍ର ମଙ୍ଗଳବାର ଛତିଶା ନିଯୋଗ ବୈଠକ ପରେ ମିଳିପାରିବ।

# ସେବାୟତଙ୍କ ଆକ୍ରମଣରେ ସେବାୟତ ଆହତ



**ପୁରୀ ଅଫିସ,୧୦।୫**

ଶ୍ରୀମନ୍ଦିର ଆନନ୍ଦ ବଜାରରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ସେବାୟତଙ୍କ ଆକ୍ରମଣରେ ଆଉ ଜଣେ ସେବାୟତ ଆହତ ହୋଇଛନ୍ତି। ଆହତ ସେବାୟତ ହେଉଛନ୍ତି ସୁଆରସାହିର ହରେକୃଷ୍ଣ ସୁଆର। ତାଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଛି। ପରେ ସେବାୟତ ଶିବ ପ୍ରସନ୍ନ ପଣ୍ଡା ଓରଫ ବୁଲୁଙ୍କ ଆକ୍ରମଣରେ ସେ ଆହତ ହୋଇଥିବା ଅଭିଯୋଗ କରିଛନ୍ତି ହରେକୃଷ୍ଣ। ଏ ନେଇ ହରେକୃଷ୍ଣ ସିଂହଦ୍ୱାର ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ନଂ. ୫୫/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିବା ଅନୁଯାୟୀ, ଉଭୟ ହେଉଛନ୍ତି ସମ୍ପର୍କୀୟ ଭାଇ। ତାଙ୍କର ବ୍ୟକ୍ତିଗତ କାରଣକୁ ନେଇ ଅଧିକାଂଶ ସମୟରେ ପାଟିତୁଣ୍ଡ ହୋଇଥାଏ। ସୋମବାର ଆନନ୍ଦ ବଜାରସ୍ଥିତ ସ୍ନାନମଣ୍ଡପ ନିକଟରେ ହରେକୃଷ୍ଣ ଓ ବୁଲୁଙ୍କ ମଧ୍ୟରେ କୌଣସି ଘଟଣାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବୁଲୁ ହରେକୃଷ୍ଣଙ୍କୁ ଠେଲି ଦେଇଥିଲେ। ଫଳରେ ହରେକୃଷ୍ଣ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତେବେ ସେଠାରେ ଉପସ୍ଥିତ ଥିବା ସୁରକ୍ଷାକର୍ମୀ ଏବଂ ସେବାୟତମାନେ ତାଙ୍କୁ ଉଦ୍ଧାର କରି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ଘଟଣାର ତଦନ୍ତ ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କେ. ବିଶାଳ ସିଂ ସୂଚନା ଦେଇଛନ୍ତି। ଏହାପୂର୍ବରୁ ଶ୍ରୀମନ୍ଦିରରେ ଗତ ମାସ ୧୮ତାରିଖରେ ୨ଜଣ ଜେଟିପିଙ୍କ ମଧ୍ୟରେ ମାରପିଟ ହୋଇଥିଲା।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
ଆଜି ରାଶିରେ ରବି ଓ ଚନ୍ଦ୍ର ଥିବାରୁ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ସକାଳୁଆ ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସୁଫଳ ପାଇବେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଭୁଲ୍‌ବୁଝାମଣା ହେତୁ ନିଜ ଲୋକଙ୍କ ପରୋକ୍ଷ ଶତ୍ରୁତା ଦେଖି ବ୍ୟସ୍ତ ହେବେ।

**ବୃଷ**
ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ପ୍ରଶାସନିକ ସ୍ତରରେ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ**
ଆଜି ଗୋଟିଏ କଥା ଭାବି ଆଉ ଗୋଟିଏ କାମ କରିବାକୁ ବାଧ ହେବେ। ଏହାର କୁପରିଣାମ ସ୍ୱରୂପ ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହେବାକୁ ପଡ଼ିବ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ ଓ ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ। ଅନ୍ୟମନସ୍କ ନ ରହି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ**
ଆଜି ଏମିତି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ, ଏଣୁ ସାବଧାନତା ଆବଶ୍ୟକ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ ଏବଂ ଆନୁଷ୍ଠାନିକ କାମରୁ ଖୁସି ରହିବେ।

**ସିଂହ**
ସମସ୍ୟା ମଧ୍ୟରେ ନିଜକୁ ସମ୍ଭାଳି ନେଇ କାମ କରିବା ଦୁଷ୍କର ହୋଇପଡିବ। ସାମାଜିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସାହାଯ୍ୟ, ସହଯୋଗ ପାଇ ପାରିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା**
ପାରିବାରିକ ଜୀବନରେ ବିଲୁପ୍ତ ସ୍ନେହ, ଶ୍ରଦ୍ଧା ଓ ଆଦରର ସଦ୍‌ଭାବ ଆକସ୍ମିକ ଅନୁଭବ କରିବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇ ଯାଇ ପାରନ୍ତି।

**ତୁଳା**
କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାରେ ପଛେଇ ଯିବେ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋଷ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ନିର୍ମାଣ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଚ୍ଛା**
ଅତୀତ ଘଟଣା କିମ୍ବା ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ଆଜି ପାରିବାରିକ କ୍ଷେତ୍ର, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କାରଣରୁ ପରିବାରରେ ସାମୟିକ କଳହ ଦେଖାଦେଇପାରେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ସଙ୍ଗକୁ ରାଜନୀତିରେ ପ୍ରଶଂସିତ ହେବେ।

**ମକର**
ଆଜି ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଗୁଡିକୁ ଆଣିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ଦୂରଯାତ୍ରାର ସୁଯୋଗ ମଧ୍ୟ ପାଇବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ଅନୁତାପ କରିପାରନ୍ତି।

**କୁମ୍ଭ**
ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଅତି ଭଲ ପାଉଥିବା ସମ୍ପର୍କୀୟା ଭାଇ କିମ୍ବା ପଡ଼ୋଶୀଟିର ମନୋଭାବ ବଦଳିଯିବ।

**ମୀନ**
ଗାମ୍ଭୀର୍ଯ୍ୟପୂର୍ଣ୍ଣ କଥାବାର୍ତ୍ତା ଓ ଓଜସ୍ୱିନୀ ଭାଷା ମାଧ୍ୟମରେ ବୁଦ୍ଧିଜୀବୀଙ୍କ ସୁନଜରରେ ଆସିବେ। ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳରେ ଅଶାନ୍ତିର ସମ୍ଭାବନା ରହିଛି। ଆଲୋଚନା କାଳରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

ଆଜି ବୈଶାଖ ମାସର ରୁକ୍ମିଣୀ ଅମାବାସ୍ୟା ମଙ୍ଗଳବାର, ମେ ୧୧ ତାରିଖ, ବିଶ୍ୱ ଶ୍ୱାସରୋଗ ଦିବସ, ରାଷ୍ଟ୍ରୀୟ ପ୍ରଯୁକ୍ତି ଦିବସ। ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୫୧ମି. ଗତେ ଘ.୧୦.୨୫ମି. ମଧ୍ୟେ, ଘ.୦୧.୦୦ମି. ଗତେ ଘ.୦୨.୪୩ମି. ମଧ୍ୟେ, ଘ.୦୩.୩୫ମି. ଗତେ ଘ.୦୫.୧୮ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୨.୫୬ମି. ଗତେ ଘ.୦୪.୩୩ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଚିନ୍ତା ବଢ଼ାଇଲାଣି...

ଘରୋଇ ହସ୍ପିଟାଲ ଓପିଡିରେ ଦେଖାଇ ଡାକ୍ତରଙ୍କ ପରାମର୍ଶକ୍ରମେ ନାଜାଲ ଏଣ୍ଡୋସ୍କୋପି କରିଥିଲେ। ଏହାପରେ ତାଙ୍କର ବ୍ଲାକ୍ ଫଙ୍ଗସ୍ ଥିବା ଜଣାପଡ଼ିଥିଲା। ସୋମବାର ସେ ସେହି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତେବେ ଗାର୍ଡେନିଂ କିମ୍ବା ଚାଷ କରିବା ଭଳି ତାଙ୍କର କୌଣସି ଇତିହାସ ନାହିଁ। ସେ ବହୁ ପୁରୁଣା ଏକ କୁଲର ବ୍ୟବହାର କରୁଥିଲେ। ଯାହାକି ବହୁ ସମୟ ହେବ ବ୍ୟବହାର ହେଉ ନ ଥିଲା ଏବଂ ସେଥିରେ ପାଣି ବଦଳାଯାଇ ନ ଥିଲା। ଫଳରେ ତାଙ୍କ ପାଖରେ ଏଭଳି ଲକ୍ଷଣ ଦେଖାଯାଇଥିଲା ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତେବେ ବ୍ଲାକ୍ ଫଙ୍ଗସ୍ ପାଇଁ ବିବ୍ରତ ନ ହେବାକୁ ରାଜ୍ୟବାସୀଙ୍କୁ ଡିଏମ୍‌ଇଟି ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଏହି ଚିକିତ୍ସା ପାଇଁ ସୁଯୋଗ ରହିଛି। କୌଣସି ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ସେ କହିଛନ୍ତି।

କରୋନାରୁ ରୋଗୀ ସୁସ୍ଥ ହେବା ପରେ ଶରୀରରେ କଳାରଙ୍ଗର ଯାଦୁ ଭଳି ଦାଗ ବା ବ୍ଲାକ୍ ଫଙ୍ଗସ୍ ଦେଖାଯାଉଛି। ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ଲୋକଙ୍କଠାରେ ଏହା ଦେଖାଯାଉଛି। ବିଶେଷକରି ଡାଇବେଟିସ୍, କିଡ୍‌ନୀଜନିତ ସମସ୍ୟା, ହୃଦ୍‌ରୋଗ ଥିବା ବ୍ୟକ୍ତି ଆକ୍ରାନ୍ତ ହେବା ଅଧିକ ସମ୍ଭାବନା ରହିଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି। ଏହି ନୂଆ ଲକ୍ଷଣ ବ୍ଲାକ୍ ଫଙ୍ଗସ୍‌କୁ ନେଇ ପ୍ରତିକ୍ରିୟା ରଖିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର। ଏହା କିପରି ହୁଏ, ଲକ୍ଷଣ କ'ଣ ଓ କିପରି ରକ୍ଷା ପାଇହେବ ସେ ସମ୍ପର୍କରେ ଡା. ମିଶ୍ର କହିଛନ୍ତି। ସେ କହିଛନ୍ତି, ଶରୀରର ସୁଗାର ଲେଭଲ ସ୍ଥିର ରଖିବା ସହ କମ୍ ଷ୍ଟିରଏଡ୍ ବ୍ୟବହାର କରିବା ଆବଶ୍ୟକ। ଆଖି ଲାଲ୍ ପଡ଼ିଲେ ଓ ନାକରୁ କଳାପାଣି ବାହାରିଲେ ଡାକ୍ତରଙ୍କୁ ତୁରନ୍ତ ଦେଖାଇବା ଜରୁରୀ। ବିଳମ୍ବ କଲେ ଏହା ଫୁସ୍‌ଫୁସ୍ ଓ ବ୍ରେନ୍‌କୁ ସଂକ୍ରମିତ କରିପାରେ। ଏହା ସଂକ୍ରାମକ ନୁହେଁ। ଠିକ୍ ସମୟରେ ଚିକିତ୍ସା କଲେ ସୁସ୍ଥ ହୋଇପାରିବେ ବୋଲି ଡା. ମିଶ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବ୍ଲାକ୍ ଫଙ୍ଗସ୍ ମାଟି ବା କ୍ଷେତରେ ଥାଏ। କରୋନାରୁ ସୁସ୍ଥ ହୋଇଥିବା ରୋଗୀ ସତର୍କ ହେବା ଜରୁରୀ। ବ୍ଲାକ୍ ଫଙ୍ଗସ୍‌ରୁ ବର୍ତ୍ତିବାକୁ ହେଲେ ମାଟିରୁ ଦୂରେଇ ରହିବା ସହ ମାସ୍କ, ଫୁଲ୍‌ଶାର୍ଟ ଓ ଫୁଲ୍‌ପ୍ୟାଣ୍ଟ ପିନ୍ଧିବା ଆବଶ୍ୟକ। ବଗିଚା କାମ କରିବାବେଳେ ହାତରେ ଗ୍ଲୋଭ୍‌ସ ଓ ପାଦରେ ଗମ୍ ବୁଟ୍ ପିନ୍ଧିବା ଜରୁରୀ।

କରୋନା ରୋଗୀଙ୍କ ଚିକିତ୍ସା ପାଇଁ ମାତ୍ରାଧିକ ଷ୍ଟିରଏଡ୍ ବ୍ୟବହାର ବ୍ଲାକ୍ ଫଙ୍ଗସ୍ ରୋଗର ଆଶଙ୍କା ବଢ଼ାଉଛି। ଏହା ରୋଗୀର ନାକ, ଆଖି ଓ ମସ୍ତିଷ୍କକୁ ନଷ୍ଟ କରିଦେଉଛି। ଏହି ରୋଗରେ ହାରାହାରି ମୃତ୍ୟୁ ହାର ୫୦ ପ୍ରତିଶତ ରହିଛି। ତେବେ ପ୍ରାରମ୍ଭିକ ଚିହ୍ନଟ ଦ୍ୱାରା ଏହି ରୋଗର ଉପଚାର ସମ୍ଭବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡା. ରାଧାମାଧବ ସାହୁ କହିଛନ୍ତି, ବ୍ଲାକ୍ ଫଙ୍ଗସ୍ ପୂର୍ବରୁ ମଧ୍ୟ ଥିଲା। ହେଲେ ଏବେ ଏହା ନୂଆ ରୂପ ନେଇ ଆସିଛି। କରୋନା ସମୟରେ ଏହି ରୋଗ ସମସ୍ତଙ୍କ ପାଇଁ ଅଧିକ ଚିନ୍ତା ବଢ଼ାଇଦେଇଛି। ଏହା ନାକ ମାଧ୍ୟମରେ ଶରୀର ଭିତରକୁ ପ୍ରବେଶ କରିଥାଏ। ନାକକୁ ନଷ୍ଟ କରିବା ପରେ ଏହା ଆଖି, ମସ୍ତିଷ୍କକୁ ନଷ୍ଟ କରିଥାଏ। ଶରୀରରେ ଥିବା ଛୋଟ ଛୋଟ ଭେସେଲ୍‌କୁ ଏହା ବନ୍ଦ କରିଦେଉଛି। ଯଦି ଏହା ବ୍ଲଡ୍ ଭେସେଲ୍‌ସକୁ ବନ୍ଦ କରିଦିଏ, ତେବେ ଏହା ପଚିଯାଇ କଳା ପଡ଼ିଯିବ। ଏଥିପାଇଁ ଏହାର ନାମ ବ୍ଲାକ୍ ଫଙ୍ଗସ୍ ରଖାଯାଇଛି। ଡାଇବେଟିସ୍ ରୋଗୀଙ୍କ ବ୍ୟତୀତ ଅନ୍ୟ ରୋଗୀ ମଧ୍ୟ ବ୍ଲାକ୍ ଫଙ୍ଗସ୍‌ରେ ଆକ୍ରାନ୍ତ ହୋଇପାରନ୍ତି। ରୋଗ ପ୍ରତିରୋଧକ ଶକ୍ତି କମିବା ମାତ୍ରେ ଏହା ଶରୀର ଭିତରକୁ ପ୍ରବେଶ କରିବା ସମ୍ଭାବନା ରହିଛି। ତେଣୁ ଏଥିପ୍ରତି ଧ୍ୟାନ ଦେବା ଉଚିତ ବୋଲି ଡା. ସାହୁ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଗୁଜରାଟରେ ଏଭଳି ୪୦ଟି ମାମଲା ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ନଜରକୁ ଆସିଛି।

### କୋର୍ଟଙ୍କୁ ଦୂରେଇ...

ଯୋଗାଇ ନ ପାରିବା ଘଟଣାରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ରକୁ ଭର୍ତ୍ସନା କରିଥିଲେ। ଦିଲ୍ଲୀକୁ ଆବଶ୍ୟକ ଅନୁଯାୟୀ ଅକ୍ସିଜେନ ଯୋଗାଇବାରେ ବିଫଳ ହୋଇଥିବାରୁ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିବା ସହ ଅଦାଲତ ଅବମାନନା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ସୁପ୍ରିମକୋର୍ଟ ମଧ୍ୟ ସରକାରଙ୍କ କୋଭିଡ୍ ପରିଚାଳନାରେ ବିଫଳତାକୁ ସମାଲୋଚନା କରିଥିଲେ। ଏବେ ସରକାର ଅଦାଲତକୁ ଟିକା ନୀତିଠାରୁ ଦୂରେଇ ରଖିବା ପାଇଁ ଏଥିରେ ହସ୍ତକ୍ଷେପ ନ କରିବାକୁ କହିଛନ୍ତି।

### ଲିଙ୍କ୍‌ରେ କ୍ଲିକ୍...

ବ୍ଲାକ୍‌ମେଲିଂ କରି ଟଙ୍କା ମାଗିଥାନ୍ତି। ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଥିବା ସମସ୍ତ ବନ୍ଧୁଙ୍କୁ ମେସେଜ୍ କରି ତାଙ୍କ ନାମରେ ଟଙ୍କା ମାଗିଥାନ୍ତି। ଏପରି କି ସେମାନଙ୍କୁ ମଧ୍ୟ ଏଭଳି ଲିଙ୍କ ପଠାଇ ଆକାଉଣ୍ଟ ହ୍ୟାକ କରନ୍ତି। ସାଇବର ଠକମାନେ ଏଭଳି ଏକ ଚେନ୍ ପ୍ରୋସେସ୍‌ରେ ସୋସିଆଲ୍ ମିଡିଆ ୟୁଜରଙ୍କୁ ଠକିଆନ୍ତି। ବିଶେଷକରି ଫେସ୍‌ବୁକ୍‌ରେ ଅଧିକ ଫ୍ରେଣ୍ଡସ୍ ଏବଂ ଫଲୋଅର୍ସ ଥିବା ପେଜ୍‌କୁ ହ୍ୟାକର୍‌ମାନେ ଟାର୍ଗେଟ୍ କରୁଛନ୍ତି। ଏହାକୁ ହ୍ୟାକ୍ କରିବା ପରେ ପେଜ୍‌ର ମାଲିକଙ୍କୁ ଟଙ୍କା ମାଗିଥାନ୍ତି। ୟୁଜର ଜଣକ ଅନେକ ସମୟ ଦେଇ ଓ କଷ୍ଟ କରି ନିଜ ପେଜ୍‌ର ଫଲୋଅର୍ସ ବଢାଇଥିବାରୁ ପେଜ୍ ହାତରୁ ଚାଲିଯିବା ଭୟରେ ସେମାନଙ୍କୁ ଟଙ୍କା ଦେଇଥାଏ। ଏପରି କି ସାଇବର ଠକମାନେ ଆଇଏଏସ୍, ଆଇପିଏସ୍ ଅଫିସର ଓ ଚର୍ଚ୍ଚିତ ଲୋକଙ୍କ ସୋସିଆଲ ମିଡିଆକୁ ହ୍ୟାକ୍ କରୁଛନ୍ତି। ଏହା ପରେ ତାଙ୍କ ନାମରେ ବିଭିନ୍ନ ଆଳରେ ଲୋକଙ୍କୁ ଟଙ୍କା ମାଗୁଛନ୍ତି।

ସାଇବର ବିଶେଷଜ୍ଞ ପ୍ରଶାନ୍ତ କୁମାର ସାହୁଙ୍କ କହିବା ଅନୁସାରେ, ଅଲଗା କୌଣସି ଅପରିଚିତ ସାଇଟ୍‌ରେ କେବେ ମଧ୍ୟ ସୋସିଆଲ୍ ମିଡ଼ିଆ ୟୁଜର ନେମ୍ ଓ ପାସୱାର୍ଡ ଦେଇ ଲଗ୍‌ଇନ୍ କରନ୍ତୁ ନାହିଁ। ଭଲଭାବେ ନିଜ ସୋସିଆଲ ମିଡିଆର ପ୍ରାଇଭେସି ସେଟିଂ କରନ୍ତୁ। ଫେସବୁକ୍‌ରେ ନିଜ ପ୍ରୋଫାଇଲକୁ ଲକ୍ କରିବା ସହ ଅଜଣା ଲୋକଙ୍କ ନିବେଦନ ଆସିଲେ ଗ୍ରହଣ କରନ୍ତୁ ନାହିଁ। ଅଜଣା ଲୋକଙ୍କ ନିକଟରୁ ଆସୁଥିବା କୌଣସି ଲିଙ୍କ୍ ମେସେଜ୍‌ରେ କ୍ଲିକ୍ କରନ୍ତୁ ନାହିଁ କିମ୍ବା କାହାକୁ ଫରୱାର୍ଡ ମଧ୍ୟ କରନ୍ତୁ ନାହିଁ। ଯଦି ଆପଣ ଏପରି କିଛି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ନିକଟସ୍ଥ ସାଇବର ଥାନାରେ ଅଭିଯୋଗ କରନ୍ତୁ। ଏଥିସହ ଆବଶ୍ୟକସ୍ଥଳେ ସାଇବର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ବୋଲି ସାହୁ କହିଛନ୍ତି।

ସେହିପରି ଜଣେ କଲେଜ ଛାତ୍ର ବାପୁନ୍ ସେଠୀଙ୍କ କହିବା ହେଲା, ଅନେକ ସମୟରେ ଫେସବୁକ୍ ଓ ହ୍ୱାଟସ୍‌ଆପ ମାଧ୍ୟମରେ ଏଭଳି ଲିଙ୍କ ଆସୁଛି। କେତେବେଳେ ଅନ୍‌ଲାଇନ୍ ଶପିଂ ପାଇଁ ଲୋଭନୀୟ ଅଫର ତ କେତେବେଳେ କୁଇଜ୍ ଓ ଅନ୍ୟ କିଛି ଲେଖାଯାଇ ଲିଙ୍କ ଆସୁଛି। ଅନେକ ଥର ଏହି ଲିଙ୍କକୁ ଅଣଦେଖା କରିବା ପରେ ଥରେ ଉତ୍କଣ୍ଠାପୂର୍ଣ୍ଣ ହୋଇ ଲିଙ୍କରେ କ୍ଲିକ୍ କରି ଖୋଲିଥିଲି। ଏହାପରେ ଲିଙ୍କରେ ଆସୁଥିବା ଷ୍ଟେପ୍‌ସଗୁଡ଼ିକୁ ଫଲୋ କରିବା ପରେ ତୁରନ୍ତ ମୋ ଫେସବୁକ୍ ଲଗ୍‌ଆଉଟ୍ ହୋଯାଇଥିଲା। ବାରମ୍ବାର ଚେଷ୍ଟା କରିବା ସତ୍ତ୍ୱେ ପାସ୍‌ୱାର୍ଡ଼ ଭୁଲ୍ ଲେଖିବା ସହ ଆଉ ଖୋଲି ନ ଥିଲା। ପରେ ମୋ ଫେସ୍‌ବୁକ୍ ଆଇଡିରୁ ମୋର ସାଙ୍ଗମାନଙ୍କ ପାଖକୁ ଏହି ଭଳି ମେସେଜ୍ ଆସିଥିଲା ବୋଲି ବାପୁନ୍ କହିଛନ୍ତି।

### ପେଟ୍ରୋଲ ୨୬...

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସୋମବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୬ ପଇସା ଏବଂ ଡିଜେଲ ୩୬ ପଇସା ବଢ଼ିଛି। ଫଳରେ ଏଠାରେ ପେଟ୍ରୋଲ ଦର ୯୨.୨୨ ଟଙ୍କା ହୋଇଥିବା ବେଳେ ଡିଜେଲ ଦର ୮୯.୩୯ ଟଙ୍କାରେ ପହଞ୍ଚିଛି। ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୬ ପଇସା ଏବଂ ଡିଜେଲରେ ୩୩ ପଇସା ବୃଦ୍ଧି ଘଟି ସେଠାରେ ପେଟ୍ରୋଲ ଦର ଲିଟର ପିଛା ୯୧.୫୩ ଟଙ୍କା ଓ ଡିଜେଲ ଲିଟର ପିଛା ୮୨.୦୬ ଟଙ୍କାରେ ବିକ୍ରି ହେଉଛି। ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୩.୩୮ ଟଙ୍କା, ୯୧.୬୬ ଟଙ୍କା ଏବଂ ୯୭.୮୬ ଟଙ୍କାକୁ ଛୁଇଁଛି। ସେହିପରି ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ଲିଟର ପିଛା ୮୬.୯୬ ଟଙ୍କା, ୮୪.୯୦ଟଙ୍କା ଏବଂ ୮୯.୧୭ଟଙ୍କାକୁ ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଗତ କିଛି ମାସ ମଧ୍ୟରେ ତେଲ ଦର ଅହେତୁକ ଭାବେ ବୃଦ୍ଧି ପାଇ ଦେଶରେ ସର୍ବୋଚ୍ଚ ରେକର୍ଡ ସୃଷ୍ଟି କରିଛି। ଏପରିକି ଗତ ୫ ଦିନରେ ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୧.୧୪ ଟଙ୍କା ଏବଂ ଡିଜେଲ ୧.୩୩ ଟଙ୍କା ବଢିଥିବା ତୈଳ ବିପଣନ କମ୍ପାନୀଗୁଡିକ ପକ୍ଷରୁ କୁହାଯାଇଛି। ସେହିପରି ଏହି ସମୟ ମଧ୍ୟରେ ଓଡିଶାରେ ପେଟ୍ରୋଲ ୧.୧୦ଟଙ୍କା ଏବଂ ଡିଜେଲ ୧.୪୧ ଟଙ୍କା ବଢିଥିବା ଜଣାପଡିଛି।

### ରେଡ୍ ଜୋନ୍‌ରେ...

ସକ୍ରିୟ ରୋଗୀ ଥିବାବେଳେ ସୁନ୍ଦରଗଡ଼ରେ ଏହି ସଂଖ୍ୟା ୧୦ହଜାର ଟପିଛି। ସୁନ୍ଦରଗଡ଼ରେ ସକ୍ରିୟ ରୋଗୀ ସଂଖ୍ୟା ୧୦,୦୩୯ ସହ ରାଜ୍ୟର ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି କେନ୍ଦୁଝର, ଗଜପତି, କନ୍ଧମାଳ, ଦେବଗଡ଼ ଓ ମାଲକାନଗିରି ଆଦି ୫ ଜିଲା ୟେଲୋ ଜୋନ୍‌ରେ ରହିଛି। ଯଦି ବର୍ତ୍ତମାନ ଭଳି ଦୈନିକ ସଂକ୍ରମଣ ଚିହ୍ନଟ ଜାରି ରହେ, ତେବେ ଖୁବ୍‌ଶୀଘ୍ର ଏସବୁ ଜିଲା ମଧ୍ୟ ରେଡ୍ ଜୋନ୍‌ରେ ସାମିଲ ହୋଇଯିବ ବୋଲି ଆଶଙ୍କା କରାଯାଉଛି।

ଅନ୍ୟପକ୍ଷରେ ରାଜ୍ୟରେ ଗତ ୨୪ଘଣ୍ଟାରେ ୧୦,୦୩୧ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୩୨୯ଜଣ ଥିବାବେଳେ ସୁନ୍ଦରଗଡ଼ରୁ ୮୨୪, କଟକ ୭୨୦, ପୁରୀ ୭୦୮, ଅନୁଗୋଳ ୪୫୬, ବରଗଡ଼ ୪୫୦, କଳାହାଣ୍ଡି ୪୩୩, ଖାରସୁଗୁଡ଼ା ୪୧୮, ଯାଜପୁର ୩୨୮, ନୂଆପଡ଼ା ୩୧୧, ନବରଙ୍ଗପୁର ୩୦୬, ସମ୍ବଲପୁରରୁ ୩୦୨ଜଣ ରହିଛନ୍ତି। ବାକି ସବୁ ଜିଲାରେ ସଂକ୍ରମିତ ସଂଖ୍ୟା ୩ଶହ ତଳକୁ ରହିଛି। ରାଜ୍ୟରେ ଏବେ ମୋଟ ପଜିଟିଭ୍ ସଂଖ୍ୟା ୫,୪୪,୮୬୩ରେ ପହଞ୍ଚିଛି। ସେହିପରି ରାଜ୍ୟରେ ଆଉ ୧୭ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା, କଳାହାଣ୍ଡି, ସୁନ୍ଦରଗଡ଼ ଓ ରାୟଗଡ଼ାରେ ୩ଜଣ ଲେଖାଏ, ପୁରୀରୁ ୨, ଅନୁଗୋଳ, ଢେଙ୍କାନାଳ, ବଲାଙ୍ଗୀରରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ମୋଟ ମୃତ୍ୟୁ ସଂଖ୍ୟା ୨,୧୯୭କୁ ଛୁଇଁଛି। ଅନ୍ୟପଟେ ସଂକ୍ରମଣ ବୃଦ୍ଧି ଭିତରେ ଆଶ୍ୱସ୍ତିକର ଖବର ମିଳିଛି। ସୋମବାର ରାଜ୍ୟରେ ସର୍ବାଧିକ ୯,୭୦୬ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୬୮୭ଜଣ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୪,୫୭,୫୬୯କୁ ବୃଦ୍ଧି ପାଇଛି।

### ଗଙ୍ଗା କୂଳରେ...

କରି ନ ପାରି ସେଗୁଡ଼ିକୁ ପରିବାର ଲୋକେ ଭସାଇ ଦେଇଥାଇପାରନ୍ତି। ତେବେ କେଉଁଠାରୁ ମୃତଦେହ ଭାସି ଆସିଛି ତାହାର ତଦନ୍ତ କରାଯିବ ବୋଲି ବିହାର ପ୍ରଶାସନ ପକ୍ଷରୁ କୁହାଯାଇଛି। ନଦୀରେ ଏତେ ସଂଖ୍ୟାରେ ଶବ ଭାସିବାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ନଦୀ ଜଳ ବ୍ୟବହାର କଲେ କୋଭିଡ୍ ସଂକ୍ରମଣ ହେବା ନେଇ ସେଠାକାର ବାସିନ୍ଦାଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ସେଗୁଡ଼ିକୁ ପୋଡ଼ାଯିବାକୁ ଉଦ୍ୟମ କରାଯାଉଛି।

### ଶୁଭେନ୍ଦୁ ଅଧିକାରୀ...

ଜଣାଇଛନ୍ତି। ଅନ୍ୟପକ୍ଷରେ ମମତା ବାନାର୍ଜୀଙ୍କ କ୍ୟାବିନେଟର ୪୩ ଜଣ ମନ୍ତ୍ରୀ ସୋମବାର ଶପଥ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୨୪ କ୍ୟାବିନେଟ ମନ୍ତ୍ରୀ ଥିବାବେଳେ ୧୦ ରାଷ୍ଟ୍ରମନ୍ତ୍ରୀ ସ୍ୱାଧୀନ ଦାୟିତ୍ୱ ଏବଂ ୯ ଜଣ ରାଷ୍ଟ୍ରମନ୍ତ୍ରୀ ଅଛନ୍ତି। ରାଜଭବନରେ କୋଭିଡ୍ କଟକଣା ମଧ୍ୟରେ ଶପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା। ୩ ଜଣ ମନ୍ତ୍ରୀ ଭର୍ଚୁଆଲି ଶପଥ ନେଇଥିଲେ। ପରେ ମୁଖ୍ୟମନ୍ତ୍ରୀ ସମସ୍ତ ମନ୍ତ୍ରୀଙ୍କୁ ବିଭାଗ ବଣ୍ଟନ କରିଥିଲେ। ମମତା ଗୃହ, ପାର୍ବତ୍ୟାଞ୍ଚଳ ବ୍ୟାପାର, ସ୍ୱାସ୍ଥ୍ୟ, ସୂଚନା ଓ ସଂସ୍କୃତି, ଜମି, ଜମି ସଂସ୍କାର ଓ ଶରଣାର୍ଥୀ ଥଇଥାନ ବିଭାଗ ନିଜ ହାତରେ ରଖିଥିବାବେଳେ ଅମିତ୍ ମିତ୍ରଙ୍କୁ ଅର୍ଥ ଏବଂ ପାର୍ଥ ଚାଟାର୍ଜୀଙ୍କୁ ବାଣିଜ୍ୟ ଓ ଶିଳ୍ପ ବିଭାଗ ଦେଇଛନ୍ତି।


classifieds Everyday 0674-2580101, 2549302




**SALE**

Gharabari plot 40 decimal, near Check Gate, Pipili immediate sale. Contact: 9937162220. D-20692

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836




Newly open Spa Offer @599/-, positively health benefits, Jaydevbihar. 7846814019. D-59990

New opening Saikrupa Panchakarma and Spa jointpain, fullbody massage, 8984068077. D-65918

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୧୨ରୁ ଓକିଲଙ୍କୁ ଦ୍ୱିତୀୟ ଡୋଜ ଟିକା

ଭୁବନେଶ୍ୱର,(ବ୍ୟୁରୋ): ଆସନ୍ତା ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଓକିଲଙ୍କୁ ଦ୍ୱିତୀୟ ଡୋଜ ଟିକା ମିଳିବ। ସେମାନେ ବୃତ୍ତିଗତ ପ୍ରମାଣପତ୍ର ଓ ଆଧାର କାର୍ଡ ଧରି କଟକ ରୋଡସ୍ଥିତ ଯାତ୍ରୀନିବାସରେ ନିର୍ଦ୍ଧାରିତ ଦିନ ଟିକା ନେବାକୁ ଭୁବନେଶ୍ୱର ଓକିଲ ସଂଘ ସମ୍ପାଦକ ରାଜକିଶୋର ଦାସ ସୂଚନା ଦେଇଛନ୍ତି। ଗତ ଏପ୍ରିଲ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଓକିଲ ଓ ତାଙ୍କ ପରିବାର ସଦସ୍ୟଙ୍କୁ ପ୍ରଥମ ଡୋଜ ଟିକା ଦିଆଯାଇଥିଲା। ଏବେ ସେମାନଙ୍କୁ ଦ୍ୱିତୀୟ ଡୋଜ ଦିଆଯିବ ବୋଲି ଦାସ ଜଣାଇଛନ୍ତି।

# ଟିକା ପାଇଁ ଉତ୍ତେଜନା

**ବାଲକାଟୀ,୧୦।୫(ଡି.ଏନ୍.ଏ.)**

ରାଜ୍ୟର ସବୁ ଟିକା କେନ୍ଦ୍ରରେ ଲୋକେ ଟିକା ନେବା ପାଇଁ ଅସମ୍ଭାଳ ଭିଡ଼ ହେଉଛି। ଟିକା ନେବା ପାଇଁ ରାତି ୩ଟାରୁ ଲୋକେ ଆସି ଲାଇନ୍ ଲଗାଉଛନ୍ତି। ଫଳରେ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହୁ ନ ଥିବାବେଳେ ପରିସ୍ଥିତି ମଧ୍ୟ ଅଣାୟତ୍ତ ହୋଇପଡୁଛି। ଅନ୍ୟପଟେ କେନ୍ଦ୍ରକୁ ୧୦୦ଟିକା ଆସିଥିବାବେଳେ ପ୍ରାୟ ୩୦୦ ଲୋକ ଲାଇନ୍‌ରେ ରହୁଛନ୍ତି। ଶେଷରେ ଟିକା ନ ପାଇ ଅସନ୍ତୋଷ ପ୍ରକାଶ କରିବା ସହ ଟିକାକେନ୍ଦ୍ରରେ ଉତ୍ତେଜନା ଦେଖାଦେଇଛି। ଏଭଳି ଅଭାବନୀୟ ଘଟଣା ରାଜଧାନୀ ଉପକଣ୍ଠ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି। ବାଲକାଟୀ ଅଞ୍ଚଳରେ ପ୍ରଥମ ଡୋଜ୍ ନେଇଥିବା ବ୍ୟକ୍ତିମାନଙ୍କର ଦ୍ୱିତୀୟ ଡୋଜ୍ ନେବା ପାଇଁ ସମୟ ହୋଇଯାଇଥିବାରୁ ସେମାନେ ମଧ୍ୟ ଟିକା କେନ୍ଦ୍ରକୁ ଆସି ଲାଇନ ଲଗାଉଛନ୍ତି। ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଅଦ୍ୟାବଧି ୨୩୦୦ ଲୋକ ଦ୍ୱିତୀୟ ଡୋଜ୍ ନେବା ପାଇଁ ଅପେକ୍ଷାରେ ଥିବାବେଳେ ସେହି ଅନୁପାତରେ ଟିକା ଆସି ନାହିଁ। ୨/୩ ଦିନ ଅନ୍ତରରେ ଟିକା ଆସୁଥିବାବେଳେ ଏକା ସମୟରେ ଦ୍ୱିତୀୟ ଡୋଜ ନେବା ଲାଗି ଥିବା ବ୍ୟକ୍ତି ଓ ପ୍ରଥମ ଡୋଜ୍ ଟିକା ନେବା ପାଇଁ ଲୋକ ସଂଖ୍ୟା ବଢ଼ିବାରେ ଲାଗୁଛି। ଫଳରେ ଟିକା ଯଥେଷ୍ଟ ପରିମାଣରେ ଆସୁ ନ ଥିବାରୁ ଅଧିକାଂଶ ଲୋକ ନିରାଶ ହୋଇ ଫେରୁଛନ୍ତି। ସୋମବାର ଟିକା କେନ୍ଦ୍ର ଆଗରେ ପୁରୁଷ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଲାଇନ ଥିବାବେଳେ ରାତି ୩ଟାରୁ ଲୋକେ ଧାଡ଼ିରେ ଛିଡ଼ା ହୋଇଥିବା ଦେଖାଯାଇଥିଲା। ଅପରପକ୍ଷେ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହୁ ନ ଥିଲା। ୧୦୦ଜଣଙ୍କ ପାଇଁ ଟିକା ଆସିଥିବାରୁ କୁପନ ବଣ୍ଟାଯିବା ପରେ ଘଣ୍ଟା ଘଣ୍ଟା ଧରି ଲାଇନରେ ଅପେକ୍ଷା କରିଥିବା ପ୍ରାୟ ୩୦୦ ଲୋକ ଶେଷରେ ନିରାଶ ହୋଇ ଫେରିଥିବାରୁ ଉତ୍ତେଜନା ଦେଖାଯାଇଥିଲା। ପରେ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଆସି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ସଂକ୍ଷେପରେ

### ବାପା ମୃତ୍ୟୁର ୧୫ଦିନ ପରେ ସାନ ପୁଅ ମୃତ

**ବାଲିଅନ୍ତା,୧୦।୫(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଣ୍ଡିଲୋ ଗ୍ରାମରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ବାପାଙ୍କ ମୃତ୍ୟୁର ପନ୍ଦର ଦିନ ନ ପୁରୁଣୁ ସାନ ପୁଅର ମୃତ୍ୟୁ ହୋଇଛି। ମୃତକ ହେଲେ ସାନ ପୁଅ ତ୍ରିନାଥ ସାହୁ(୪୬)। ସୂଚନା ମୁତାବକ, ସୋମବାର ସକାଳେ ତ୍ରିନାଥଙ୍କ ଦେହ ଖରାପ ହେବାରୁ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ତ୍ରିନାଥ ଜଣେ ବ୍ୟବସାୟୀ ଥିଲେ।

### ପୋଲିସ ସହ ଯୁକ୍ତି କରି ଦଣ୍ଡ ଗଣିଲେ ଯୁବକ

**ଭୁବନେଶ୍ୱର,୧୦।୫(ବ୍ୟୁରୋ):** ଲକଡାଉନ୍ ପାଇଁ ସହରର ମୁଖ୍ୟ ଛକରେ ପୋଲିସ ବ୍ୟାରିକେଡ୍ କରି କଡ଼ା ଚେକିଂ କରୁଛି। ଏପରି ସ୍ଥିତିରେ ସୋମବାର ଜଣେ ଯୁବକ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ହେଲମେଟ ନ ପିନ୍ଧି ଜଣେ ଯୁବକ ଚେକିଂ ପଏଣ୍ଟରେ ଯାଉଥିବାବେଳେ ପୋଲିସ ତାଙ୍କୁ ଅଟକାଇଥିଲା। ସେ ପୋଲିସ ସହ ଉଚ୍ଚ ସ୍ୱରରେ ଯୁକ୍ତିତର୍କ କରିଥିଲେ। ତେବେ ଶେଷରେ ଯୁବକ ଜଣକ ଥାନାରେ ଜରିମାନା ଦେଇଛନ୍ତି। ଏଭଳି ଏକ ଘଟଣା ମଞ୍ଚେଶ୍ୱର ଥାନା ପାଣ୍ଡରା ଛକ ନିକଟରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ପାଣ୍ଡରା ଅଞ୍ଚଳର ଜଣେ ଯୁବକ ମାର୍କେଟିଂ କର୍ମଚାରୀ ଭାବେ କାମ କରନ୍ତି। ସୋମବାର ମଧ୍ୟାହ୍ନରେ ସେ ଡିଉଟିରୁ ଘରକୁ ଫେରୁଥିବାବେଳେ ପାଣ୍ଡରା ଛକରେ ପୋଲିସ ତାଙ୍କୁ ଅଟକାଇଥିଲେ। ସେ ହେଲମେଟ୍ ପିନ୍ଧି ନ ଥିବାବେଳେ ତାଙ୍କୁ ପୋଲିସ କେଉଁଆଡୁ ଆସିଲ ବୋଲି ପଚାରି ପାସ୍ ଦେଖାଇବା ପାଇଁ କହିଥିଲେ। ଏ ନେଇ ପୋଲିସ ଓ ତାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପୋଲିସ ବାଇକ ଜବତ କରି ଯୁବକଙ୍କୁ ଥାନାକୁ ଆଣି ପରିବାର ଲୋକଙ୍କୁ ଖବର ଦେଇଥିଲା। ସେ ମଞ୍ଚେଶ୍ୱର ଥାନାରେ ଦୀର୍ଘ ୫ଘଣ୍ଟା ଅଟକ ରହିବା ପରେ ପରିବାର ଲୋକଙ୍କ ଉପସ୍ଥିତିରେ ୫୦୦ ଟଙ୍କା ଜରିମାନା ଗଣି ଘରକୁ ଫେରିଥିଲେ।

### ରେଲୱେ ଇଞ୍ଜିନିୟରଙ୍କ ମୃତ୍ୟୁ

**ଭୁବନେଶ୍ୱର,୧୦।୫ :** ପୂର୍ବତଟ ରେଳପଥ ଖୋର୍ଦ୍ଧା ଡିଭିଜନର ଅବସରପ୍ରାପ୍ତ ସିନିୟର ସେକ୍ସନ ଇଞ୍ଜିନିୟର ମହମ୍ମଦ ଫୟାଜ (୫୮)ଙ୍କ ମୃତ୍ୟୁ ଘଟିଛି। ସେ କରୋନାରେ ଆକ୍ରାନ୍ତ ହୋଇ ଗତ କିଛିଦିନ ହେଲା ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିବା ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ସେ ଗତ ମାର୍ଚ୍ଚ ମାସରେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ତାଙ୍କର କାର୍ଯ୍ୟଦକ୍ଷତା ପାଇଁ ସେ ବହୁବାର ବିଭିନ୍ନ ସ୍ଥାନରୁ ସମ୍ମାନିତ ହୋଇଛନ୍ତି। ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କର ଦୁଇ ଝିଅ ଓ ଗୋଟିଏ ପୁତ୍ର ଅଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ପୂର୍ବତଟ ରେଳପଥର ଇଞ୍ଜିନିୟର ସଂଘର ଖୋର୍ଦ୍ଧା ଡିଭିଜନର ସମ୍ପାଦକ ଏବଂ ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ସମୟରେ ସଂଘର ଖୋର୍ଦ୍ଧା ଡିଭିଜନ ଶାଖା ବହୁ ଉନ୍ନତି ସହ ସୁଦୃଢ଼ ହୋଇପାରିଥିଲା ବୋଲି ସଂଘ ସୂଚନା ଦେଇଛି। ତାଙ୍କ ଦେହାନ୍ତ ସଂଘ ପାଇଁ ବହୁତ ବଡ କ୍ଷତି ହୋଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ତାଙ୍କ ଶୋକସନ୍ତପ୍ତ ପରିବାରକୁ ସଂଘ ପକ୍ଷରୁ ଆବଶ୍ୟକ ସହଯୋଗ ଓ ସାନ୍ତ୍ୱନା ପ୍ରଦାନ କରାଯାଇଛି।

## ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ହୋହଲ୍ଲା

**ଚୌଦ୍ୱାର,୧୦।୫(ଡି.ଏନ.ଏ.)**




ଦୀର୍ଘ ସମୟ ଅପେକ୍ଷା କଲେ। ଶେଷରେ ଟିକା ମିଳିଲାନି। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ଦ୍ୱିତିୟ ଡୋଜ୍ ଟିକା ନେବା ପାଇଁ ଆସିଥିବା ଲୋକମାନେ ହୋହଲ୍ଲା କରିଥିଲେ। ସୋମବାର ଏଭଳି ଘଟଣା ଚୌଦ୍ୱାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଦେଖିବାକୁ ମିଳିଥିଲା। ମିଳିଥିବା ସୂଚନା ଅନୁଯାୟୀ, ଦ୍ୱିତୀୟ ଡୋଜ୍ ଟିକା ନେବା ପାଇଁ ସୋମବାର ଭୋରରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଶତାଧିକ ଲୋକ ଦୀର୍ଘ ସମୟ ଅପେକ୍ଷା କରିଥିଲେ। ହେଲେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୌଣସି କର୍ମଚାରୀ ଟିକା ପ୍ରଦାନ ପାଇଁ ନ ପହଞ୍ଚିବାରୁ ଅପେକ୍ଷାରତ ଲୋକମାନେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ହୋହଲ୍ଲା କରିଥିଲେ। ଖବରପାଇ ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଆଗାମୀ ପାଳିରେ ଟିକାଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ହଟ୍ଟଗୋଳ ବନ୍ଦ ହୋଇଥିଲା।

ଚୌଦ୍ୱାର ସହରାଞ୍ଚଳରେ ବିଶୋଧନ କାର୍ଯ୍ୟ କରାଯାଉନାହିଁ। ଏ ସମ୍ପର୍କରେ ଅଭିଯୋଗ କରି ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ପୌର କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ କର୍ମୀମାନେ ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରାଙ୍କୁ ଭେଟି ସମଗ୍ର ଚୌଦ୍ୱାର ସହରାଞ୍ଚଳରେ ତୁରନ୍ତ ବିଶୋଧନ ବ୍ୟବସ୍ଥା କରିବା ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ବିଦ୍ୟୁତ୍ ଆଘାତରେ ବୃଦ୍ଧାଙ୍କ ଜୀବନ ଗଲା

**ଚୌଦ୍ୱାର,୧୦।୫(ଡି.ଏନ.ଏ.)**

ବିଦ୍ୟୁତ୍ ଆଘାତରେ ଚୌଦ୍ୱାର ଥାନା ଅଧୀନ ଦାମୋଦରପୁର ଗ୍ରାମର କମଳା ପଣ୍ଡା(୬୫)ଙ୍କ ମୃତ୍ୟୁ ଘଟିଛି। ସୋମବାର ଭୋର ସମୟରେ ସେ ନିଜ ପଛପଟ ଚାଷଜମିରେ ଥିବା ଆମ୍ବଗଛ ନିକଟକୁ ଆମ୍ବ ଗୋଟାଇବାକୁ ଯାଇଥିଲେ। ହେଲେ ପୂର୍ବରୁ ଚାଷଜମି ଚାରିପଟେ ବେଆଇନ୍ ଭାବେ ଲଗାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ତାଙ୍କର ତାଙ୍କର ମୃତ୍ୟୁ ଘଟିଥିଲା। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା(ନଂ. ୧୨/୨୧) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇ ତଦନ୍ତ ଆରମ୍ଭ କରିଛି। ସେହିପରି ବିଦ୍ୟୁତ୍ ବିଭାଗ ପକ୍ଷରୁ ଏ ସମ୍ପର୍କରେ ତଦନ୍ତ କରାଯିବ ବୋଲି ବିଭାଗୀୟ ଏସ୍‌ଡିଓ ସମୀର କୁମାର ପଢିହାରୀ କହିଛନ୍ତି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଉନ୍ନତୀକରଣ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

(୧) ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଆର୍-ଟି-୧୪-୨୧-୨୨, ତାରିଖ: ୦୬।୦୫।୨୦୨୧
କାର୍ଯ୍ୟ: ଡିଭିଜନାଲ ରେଲ୍‌ୱେ ହସ୍ପିଟାଲ/ରାୟପୁର ଏବଂ ସବ୍-ଡିଭିଜନାଲ ହସ୍ପିଟାଲ/ବିଏମ୍‌ୱାଇଠାରେ ଇନ୍-ହାଉସ୍ ଚିକିତ୍ସାକୁ ଉନ୍ନତ କରିବା ପାଇଁ ଭିତ୍ତିଭୂମିର ଉନ୍ନତୀକରଣ । ଟେଣ୍ଡର ମୂଲ୍ୟ: ₹୫୧,୨୧,୮୬୩/- । ଟେଣ୍ଡର ଦାଖଲ: ତା୦୩।୦୬।୨୦୨୧ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡର ଖୋଲାଯିବ: ତା୦୩।୦୬।୨୦୨୧ରିଖ ୧୧.୦୦ ଘଟିକାରେ ।

ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଭିଜନାଲ ଇଞ୍ଜିନିୟର (ସିଓ.)/ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ରାୟପୁରଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ ।

ଡିଭିଜନାଲ ଇଞ୍ଜିନିୟର (II)
PR/R/Engg/IP/13 ରାୟପୁର
South East Central Railway @secrail



ସପ୍ତାହାନ୍ତ ଶଟ୍‌ଡାଉନ୍ ପରେ ସୋମବାର ସିଡିଏ ପେଟାନାଳ ଚିଂବନ୍ଧ ରାସ୍ତା ପାର୍ଶ୍ୱ ମାର୍କେଟରେ ଲୋକମାନେ ପରିବା କିଣୁଛନ୍ତି।

## ୧ ହଜାର ତଳକୁ ଖସିଲା ପଜିଟିଭ୍ ସଂଖ୍ୟା

**ଭୁବନେଶ୍ୱର,୧୦।୫(ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଗତ ୨୪ ଘଣ୍ଟାରେ ସଂକ୍ରମିତଙ୍କ ସଂଖ୍ୟା ୧ହଜାର ତଳକୁ ଖସିଛି। ୯୬୨ ନୂତନ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୮୫୯ ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୫୪ହଜାର ୫୭୬ରେ ପହଞ୍ଚିଛି। ସେହିପରି ୪୩ହଜାର ୯୨୦ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ତେବେ ୨ଜଣଙ୍କ ମୃତ୍ୟୁ ପରେ ମୃତ୍ୟୁ ସଂଖ୍ୟା ୨୮୨କୁ ବୃଦ୍ଧି ପାଇଛି। ୧୦ ହଜାର ୩୫୩ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଚିହ୍ନଟ ନୂତନ ସଂକ୍ରମିତଙ୍କ ମଧ୍ୟରୁ ୧୮୧ କ୍ୱାରାଣ୍ଟାଇନ୍‌ର ଓ ୭୮୧ ଲୋକାଲ୍ କେସ୍। ପଟିଆରୁ ୫୬, ପୁରୁଣା ଭୁବନେଶ୍ୱରରୁ ୩୮, ୟୁନିଟ-୯ରୁ ୨୪, ୟୁନିଟ୍-୮ରୁ ୨୦, ୟୁନିଟ୍-୩ରୁ ୨୧, ନୀଳାଦ୍ରି ବିହାରରୁ ୧୭, ଟଙ୍କପାଣି ରୋଡ୍‌ରୁ ୧୧, ନୟାପଲ୍ଲୀରୁ ୩୭, ଚନ୍ଦ୍ରଶେଖରପୁରରୁ ୨୭, ଖଣ୍ଡଗିରିରୁ ୪୦, ଲକ୍ଷ୍ମୀସାଗରରୁ ୨୮, ଡୁମୁଡୁମାରୁ ୨୪, ବମିଖାଲରୁ ୧୮, ବରମୁଣ୍ଡାରୁ ୧୬, କଳ୍ପନାରୁ ୧୪, ଗଜପତି ନଗରରୁ ୧୨, କଟକ ରୋଡ୍‌ରୁ ୭, କଳିଙ୍ଗ ନଗରରୁ ୧୦, ବିଜେବି ନଗରରୁ ୧୧, କାନନ ବିହାରରୁ ୧୦, ଜୟଦେବ ବିହାରରୁ ୧୪, ଖାରବେଳ ନଗରରୁ ୯ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

**NTPC Limited** (A Govt. of India Enterprise)

**Invitation for Expression of Interest for Issue of Dry Fly Ash & bottom ash from NTPC Darlipali, Dist-Sundergarh - 770072, Odisha.**

NTPC Limited, Darlipali Super Thermal Power Station located nearly 32 KM from Sundergarh/ Jharsuguda invites Expression of Interest (EOI) from interested agencies in the prescribed format for issue of Dry Fly ash & bottom ash on chargeable basis from plant silos/ ash pond. Interested parties are requested to submit their requirement as per details/format given in website www.ntpc.co.in/www.ntpctender.com. The details/format may also be obtained from the address given below:

**Address:**
AGM (EMG), Darlipali Super Thermal Power Station, NTPC Ltd., PO-Darlipali, Dist-Sundergarh, Odisha – 770072.
Email : sajuthomas@ntpc.co.in, ajitbose@ntpc.co.in
Mob.: 8828187465

*Leading the Power Sector*

## ଆଉ ୩ ସ୍ଥାନରେ ଭାକ୍ସିନ ଇନ୍ ଡ୍ରାଇଭ୍

**ଭୁବନେଶ୍ୱର, ୧୦।୫ (ବ୍ୟୁରୋ)**

**୫ଦିନ ଧରି ଚାଲିବ**
- ୧୯ ପର୍ଯ୍ୟନ୍ତ ସ୍ଲଟ୍ ବୁକିଂ ସରିଛି
- ଟିକା ଆସିଲେ ଘରୋଇ ହସ୍ପିଟାଲ ପାଇବେ: ବିଏମ୍‌ସି କମିଶନର



ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ

ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମିତ ହାର ଦିନକୁ ଦିନ ବଢି ଚାଲିଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟିକାକରଣକୁ ତ୍ୱରାନ୍ୱିତ କରାଯାଇଛି। ଗତ ୮ତାରିଖରୁ ଦ୍ୱିତୀୟ ଡୋଜ୍ ଟିକାକରଣ ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ରସୁଲଗଡସ୍ଥିତ ଏସ୍‌ପ୍ଲାନେଡ୍ ମଲର ପାର୍କିଂସ୍ଥଳରେ ଗାଡ଼ି ଭିତରେ (ଭ୍ୟାକ୍ସିନ ଇନ୍ ଡ୍ରାଇଭ୍) ହିତାଧିକାରୀଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଥିଲା। ତେବେ ଏସ୍‌ପ୍ଲାନେଡ୍ ମଲ୍ ପରି ଆଉ ୩ଟି ସ୍ଥାନରେ ଯଥା କଳ୍ପନା ଛକସ୍ଥିତ ଉତ୍କଳ କନିକା ଗ୍ୟାଲେରୀଆ ମଲ ପାର୍କିଂସ୍ଥଳ, ରୁଦ୍ରପୁରସ୍ଥିତ ସିମ୍ଫୋନି ମଲ୍ ପାର୍କିଂସ୍ଥଳ ଓ ପଟିଆସ୍ଥିତ କିଟ୍ ୟୁନିଭର୍ସିଟିର କ୍ରିକେଟ୍ ଷ୍ଟାଡିୟମ୍‌ରେ ବିଏମ୍‌ସର ଭ୍ୟାକ୍ସିନ ଇନ୍ ଡ୍ରାଇଭ୍ କରାଯିବ ବୋଲି ସୋମବାର ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି। ଏଠାରେ ୪୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନେ ଦ୍ୱିତୀୟ ଡୋଜ୍ ଟିକା ନେଇପାରିବେ। ଦିନକୁ ପ୍ରତ୍ୟେକ ସ୍ଥାନରେ ୩ଶହ ଲେଖାଏଁ ସ୍ଲଟ ବୁକିଂ ଧାର୍ଯ୍ୟ କରାଯାଇଥିବାବେଳେ ମଙ୍ଗଳବାରଠାରୁ ଆସନ୍ତା ୧୫ତାରିଖ ୫ଦିନ ପର୍ଯ୍ୟନ୍ତ ଏହି ଟିକାକରଣ ହେବ। ଏନେଇ https:/selfreg-istration.cowin.gov.in/ରେ ସୋମବାର ସନ୍ଧ୍ୟା ୬ଟାରୁ ବୁକିଂ ଆରମ୍ଭ କରାଯାଇଥିଲା। ଟିକାକରଣ ସ୍ଥାନକୁ କେବଳ ସ୍ଲଟ ବୁକିଂ କରିଥିବା ବ୍ୟକ୍ତିଙ୍କୁ ନିଜ ସଙ୍ଗରେ ପ୍ରଥମ ଡୋଜ୍ ଟିକାକରଣର ସାର୍ଟିଫିକେଟ ନେଇ ଆସିବାକୁ ଅନୁମତି ଦିଆଯାଇଛି। ସେହିପରି ଗାଡ଼ିରେ ରହି ଟିକା ନେବା ପରେ ୩୦ ମିନିଟ୍ ପର୍ଯ୍ୟନ୍ତ ଅବ୍‌ଜରଭେଶନ୍ ପାଇଁ ୱେଟିଂ ଏରିଆରେ ରହିବାକୁ କୁହାଯାଇଛି। ରାଜଧାନୀରେ ଘରୋଇ ହସ୍ପିଟାଲରେ ଟିକାଦାନ ପାଇଁ ପୂର୍ବରୁ ୩୧ଟି ବେସରକାରୀ ହସ୍ପିଟାଲକୁ ପ୍ରଥମ ଫେଜ୍‌ରେ ଚିହ୍ନଟ କରାଯାଇଥିଲା। ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଘରୋଇ ହସ୍ପିଟାଲକୁ ଟିକା ଦିଆଯାଇନାହିଁ। ଟିକା ଆସିଲେ ଘରୋଇ ହସ୍ପିଟାଲରେ ଟିକା ଦିଆଯିବ ବୋଲି ସେ କହିଛନ୍ତି। ଗତ ୧ ତାରିଖରୁ ମହାନଗର ଅଞ୍ଚଳରେ ୧୮ରୁ ୪୪ ବର୍ଷ ବର୍ଗର ହିତାଧିକାରୀମାନଙ୍କୁ ଟିକାକରଣ ଆରମ୍ଭ କରାଯାଇଛି। ଏହି ବର୍ଗର ହିତାଧିକାରୀଙ୍କ ପାଇଁ ଦେଢ଼ ଲକ୍ଷ ଟିକା ଆସିଥିଲା। ବିଏମ୍‌ସି ପକ୍ଷରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍ଲଟ୍ ବୁକିଂ ସରିଛି। ତେଣୁ ବୁକିଂ କ୍ୟାନ୍‌ସେଲ କରାଯାଇପାରିବ ନାହିଁ। ତେଣୁ ନୂଆ ଭ୍ୟାକ୍ସିନ ଆସିଲେ ଘରୋଇ ହସ୍ପିଟାଲକୁ ଦେବାର ବ୍ୟବସ୍ଥା କରାଯିବ। ଏଯାବତ୍ ମହାନଗର ଅଞ୍ଚଳରେ ପ୍ରାୟ ୫ଲକ୍ଷ ହିତାଧିକାରୀ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଟିକା ନେଇ ସାରିଲେଣି ବୋଲି କମିଶନର କହିଛନ୍ତି।

**OFFICE OF THE NOTIFIED AREA COUNCIL, DASPALLA**
At/P.O.- Daspalla, Dist.- Nayagarh
Ph.: 06757220005, e-Mail: nacdaspalla@gmail.com
No. 1065 Date: 10.05.2021

**1st CORRIGENDUM**
Bid Identification No. NAC-Daspalla/01/2021-22
Tender ID: 2021_ORULB_68093_1 and 2021_ORULB_68093_2

With reference to the tender ID No. **2021_ORULB_68093_1** and **2021_ORULB_68093_2,** the last date of Bid submission has been extended to **26th May 2021** and opening date extended to **27th May 2021** due to lockdown of State for COVID-19.
All other contents will remain unchanged.

**Sd./- Executive Officer**
**N.A.C., Daspalla**

## ବଦଳିଲା ୧ନଂ. ପରିବା ହାଟ ନିୟମ

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

- ବ୍ୟବସାୟୀ, ଖାଉଟିଙ୍କ ପାଇଁ ପୃଥକ୍ ସମୟ
- ଜିଗ୍‌ଜାଗ୍ ପଦ୍ଧତିରେ ଖୋଲାଯିବ ଦୋକାନ



ଭୁବନେଶ୍ୱର ୧ ନମ୍ବର ପରିବା ମାର୍କେଟରେ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ନାହିଁ।

ଲକ୍‌ଡାଉନ୍ ସମୟରେ ପରିବା ହାଟ ସକାଳ ୬ଟାରୁ ୧୨ଟା ଯାଏ ଖୋଲା ରହିବାକୁ ନିୟମ ହୋଇଥିଲା। ତେବେ ହାଟରେ ଲୋକଙ୍କ ଅତ୍ୟଧିକ ଗହଳି ଦେଖିବାକୁ ମିଳୁଥିବାରୁ ଏହି ନିୟମରେ କିଛିଟା ପରିବର୍ତ୍ତନ କରାଯାଇଛି। ଭିଡ଼କୁ ଦୃଷ୍ଟିରେ ରଖି ହାଟ ପାଖକୁ ବାଇକ୍ ନେବାକୁ ବାରଣ କରାଯାଇଛି। ଏଥିସହିତ ୧ ନମ୍ବର ପରିବା ହାଟରେ ବ୍ୟବସାୟୀ ଓ ଖାଉଟିଙ୍କ ପାଇଁ ଭିନ୍ନ ଭିନ୍ନ ସମୟ ନିର୍ଦ୍ଧାରଣ କରାଯାଇଛି। ମୁଖ୍ୟତଃ ସପ୍ତାହାନ୍ତ ଶଟ୍‌ଡାଉନ୍‌ର ପୂର୍ବ ଓ ପରଦିନ ହାଟରେ ହେଉଥିବା ଅସମ୍ଭବ ଭିଡ଼କୁ କମାଇବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଭୋର ୩ଟାରୁ ସକାଳ ୬ ମଧ୍ୟରେ କେବଳ ହୋଲସେଲ୍‌ର ବା ବେପାରୀମାନେ କିଣାବିକା କରି ପାରିବେ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ସକାଳ ୬ ରୁ ଦିନ ୧୨ଯାଏ ସାଧାରଣ ଗ୍ରାହକ ପରିବା କିଣି ପାରିବେ ବୋଲି ସୋମବାର ବିଏମ୍‌ସି, ପରିବା ବ୍ୟବସାୟୀ ମହାସଂଘ ଓ କମିଶନରେଟ୍ ପୋଲିସ ଅଧିକାରୀଙ୍କୁ ନେଇ ବସିଥିବା ବୈଠକରେ ନିଷ୍ପତି ନିଆଯାଇଛି। ଅନ୍ୟପକ୍ଷେ ହାଟରେ ଖୋଲାଯାଉଥିବା ପରିବା ଦୋକାନଗୁଡ଼ିକୁ ଜିଗ୍‌ଜାଗ୍ ପଦ୍ଧତିରେ (ଗୋଟିଏ ଦୋକାନ ଖୋଲା ରହିଲେ ପାଖ ଦକାନ ବନ୍ଦ ରହିବ) ଖୋଲିବାକୁ ନିଷ୍ପତି ନିଆଯାଇଛି।

ସୂଚନାଯୋଗ୍ୟ, ନିୟମ ଅନୁଯାୟୀ ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ନିଜ ଘର ଠାରୁ ୫୦୦ମିଟର ମଧ୍ୟରେ ଥିବା ମାର୍କେଟକୁ ଚାଲି ଚାଲି ଯିବା କଥା। କିନ୍ତୁ ଏହାକୁ ଲୋକମାନେ ମାନୁନାହାନ୍ତି। ବାଇକ୍ ଧରି ୧ନମ୍ବର ହାଟକୁ ଯାଉଥିବାରୁ ସେଠାରେ ନାହିଁ ନ ଥିବା ଭିଡ଼ ହେଉଛି। ତେବେ ନୂଆ ନିୟମ ପରେ କିଶୋର କ୍ଲବ ପାଖରେ ଗୋଟିଏ ଗେଟ୍ ଆଗକୁ ଖୋଲାଯିବ ବୋଲି ବିଏମ୍‌ସି ଜୋନାଲ୍ ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି। ଯେଉଁମାନେ ଡାଲା ଅଟୋରେ ପରିବା ନେବେ ସେମାନେ ଏହି ବାଟ ଦେଇ ନେଇପାରିବେ।

Powering Your Wealth
**SMIFS LIMITED** LEGACY | TRUST | GROWTH

CIN-U51109WB1993PLC060987
Regd. Office Address: 4, Lee Road, Vaibhav, 5th Floor, Kolkata – 700 020 West Bengal, India;
Tel. No.: (+91 33) 6634 5400, (+91 33) 4011 5400; E-mail : helpdesk@smifs.com Web : www.smifs.com
Single SEBI Registration No.: NSE (Cash) NSE (F&O) NSE (CD) BSE (Cash) BSE (F&O) BSE (CD); MCX; ICEX; :INZ000220635; CDSL & NSDL
SEBI Registration No.: IN-DP-414-2019; AMFI: ARN-3080 PMS: INP000004623;
RESEARCH ANALYST SEBI REGN. NO.: INH300001474

**Promise of Fixed and Guaranteed Returns from Un-Authorized Persons**

Dear Investor,
Greetings from SMIFS Limited (formerly known as Stewart & Mackertich Wealth Management Limited) and thank you for being our valued client.
It is our continuous effort to make your association with SMIFS Limited (in short "the Company") fruitful, convenient and hassle free the Company endeavors to provide timely updates to safeguard your valuable investments.
As per the information received from Stock Exchanges, it has come to the knowledge of SMIFS Limited that some unscrupulous and unauthorized persons are fabricating the Name of "SMIFS Limited" as "Stewart & Mackertich", along with the Company Logo, its address, contact details, etc. and circulating Pamphlets/Leaflets, offering illegal and unlawful Investment Schemes/ Proposals to innocent Investors promising Guaranteed/ Assured Returns in way of Brokerage Pass Back, Salary, Profit Sharing, Health Cover, SIP, Education for Children, Life Insurance, Weekly/Fortnightly/Monthly Payments, ETC.. The Fraudsters are also canvassing that the Company as Listed with SEBI.
Please note that SMIFS Limited in NOWHERE related to these Unscrupulous and Unauthorized Persons and their Illegal and Unlawful Investment Schemes and/or Guaranteed/Assured Returns. Thus all existing and prospective investors are requested to stay away from the unlawful alluring trap and protect their valuable investments. Any fraudulent, illegal and unlawful activities may please be reported to the Compliance Desk at compliance@smifs.com and/or call at the Contact Numbers provided below.
Investors are advised to protect themselves by being cautious and be on the lookout of warning signs of investment fraud as Guaranteed, High Investment Returns, Unsolicited Offers, Pressure to buy "Right Now" and Handle their Trading Account themselves on their Own and DO NOT allow others to operate their Trading Accounts. Investors must carefully read any material given and verify the truth of every statement told about the investment, before making any investment. SMIFS Limited DOES NOT deal in Cash with its Clients.
Investors are advised to check their registered E-Mail In-Box and use Secured Online Back Office Facility on a Daily Basis to verify their Statements, Financial Ledgers, Demat Account Statements on a Regular Basis. Investors are also advised to check the SMS Alerts provided by the Stock Exchanges and Depository Participants, on their registered Mobile Numbers, for the verification of Books of Records submitted to the said Authorities. Please DO NOT share your Password with anyone for your "SAFETY". Please update your KYC Records with the correct E-Mail Address and Mobile Numbers, if necessary.
The Company has already initiated Legal Recourse against the accused persons who are tarnishing the goodwill and reputation of SMIFS Limited.
**Remember: A little awareness and alertness can go a long way keeping your Investments "SAFE".**
Assuring you the best of our services and attention.

**Compliance Officer**
**SMIFS Limited**
**4, Lee Road, Vaibhav**
**Kolkata – 700020**
Contact: +91 33 40115401/ 6634 5401
E-Mail: investors@smifs.com
Date: 09.05.2021

ସବୁ ଅଭ୍ୟାସ ଭିତରେ- ମୃତ୍ୟୁ ହେଉଛି ସବୁଠାରୁ ଅବାଧ ଅଭ୍ୟାସ। .. କିନ୍ତୁ ଭୟ କରନା। ଭଗବାନ ମୃତ୍ୟୁଠାରୁ ଅଧିକ ଶକ୍ତିଶାଳୀ ଏବଂ ସେ ତୁମ ପାଖେ ପାଖେ ଅଛନ୍ତି। ... ମୃତ୍ୟୁକୁ ଇଚ୍ଛା କରନା କି ମୃତ୍ୟୁକୁ ସମ୍ମତି ଦିଅନା ଏବଂ ମୃତ୍ୟୁକୁ ଭୟ ମଧ୍ୟ କରନା। -ଶ୍ରୀମା

# ମହାକାଶ ହାବେଳି

ପୃଥିବୀରେ ଅଳିଆ ଆବର୍ଜନା ଏତେ ମାତ୍ରାରେ ବଢ଼ିଗଲାଣି ଯେ, ତାହାକୁ ସହ୍ୟ କରିବା କ୍ଷମତା ଏହି ଗ୍ରହର କମି ଆସୁଛି ବୋଲି ବୈଜ୍ଞାନିକମାନେ ଆଶଙ୍କା ବ୍ୟକ୍ତ କଲେଣି। ଭୂପୃଷ୍ଠ ଓ ଜଳଭାଗ ପଲିଥିଲିନ୍‌ରେ ଭର୍ତ୍ତି। ପର୍ଯ୍ୟାପ୍ତ ଜଙ୍ଗଲକ୍ଷୟ ଯୋଗୁ ବିଶ୍ୱତାପନ ବୃଦ୍ଧି ପାଉଛି। ପର୍ବତାରୋହୀ ବ୍ୟବହାର କରୁଥିବା ଜିନିଷ ଓ ଉପକରଣ ଛାଡ଼ି ଦେଇ ଆସୁଥିବାରୁ ସେଠାରେ ଯେଭଳି ବହଳରେ ଅଳିଆ ରହିଲାଣି ତାହା ତା'ର ପର୍ଯ୍ୟାବରଣ ପ୍ରତି ବିପଦ ସୃଷ୍ଟି କଲାଣି। ହିମାଳୟ ନଷ୍ଟ ହେଉଥିବାର ଅନେକ ରିପୋର୍ଟ ପ୍ରକାଶ ପାଇଲାଣି। ଏହିଭଳି ଅସ୍ୱାଭାବିକ ସ୍ଥିତି ଯୋଗୁ ଜଳବାୟୁ ପରିବର୍ତ୍ତନ ଦେଖାଦେଉଛି। ଆଜିର କରୋନା ମହାମାରୀ ପ୍ରକୃତିଗତ ଅସନ୍ତୁଳନରୁ ଜନ୍ମ ନେଇଛି ବୋଲି କେତେକ ବିଶେଷଜ୍ଞ କହୁଛନ୍ତି। ଫଳରେ ପୃଥିବୀବ୍ୟାପୀ ମଣିଷ ଏବେ ଜୀବନ ବଞ୍ଚାଇବା ପାଇଁ କିଭଳି ଡହଳବିକଳ ହେଉଛି ତାହା ସମସ୍ତେ ଅନୁଭବ କଲେଣି।

ମହାକାଶ କଥା ଦେଖିଲେ ସେଠାରେ ମଧ୍ୟ ପ୍ରଦୂଷଣ ଘନେଇବାରେ ଲାଗିଛି। ମହାଶୂନ୍ୟକୁ ଜୟ କରିବା ପ୍ରତିଦ୍ୱନ୍ଦ୍ୱିତାରେ ମହାକାଶରେ ଯାନ ଚଳାଇବାରେ ଅନେକ ରାଷ୍ଟ୍ର ଲାଗିପଡ଼ିଛନ୍ତି। ପରବର୍ତ୍ତୀ ସମୟରେ ସେହି ଯାନଗୁଡ଼ିକ ଅକ୍ଷମ ହୋଇ ସ୍ପେସ୍ କ୍ଲଟର ବା ମହାକାଶରେ ଅଳିଆ ଭାବେ ବୁଲିଥାଉଛି। ଆଉ କିଛି ଅକାମୀ ହୋଇ ଭୂପୃଷ୍ଠକୁ ଖସିପଡ଼ୁଛି। ମହାକାଶ ଯାତ୍ରାରେ ଅହରହ କାର୍ଯ୍ୟ କରୁଥିବା ରାଷ୍ଟ୍ର ସେହିଠାରେ ତାହାକୁ ନଷ୍ଟ କରିବାର ପ୍ରଯୁକ୍ତି ବ୍ୟବହାର କରୁଥିଲେ ମଧ୍ୟ କେତେକ ଦେଶ ସେଥିପ୍ରତି ନଜର ନ ଦେବାରୁ ଏହା ପୃଥିବୀ ପାଇଁ ବିପଦ ଆଣିଦେଲାଣି। ଏହାର ସଦ୍ୟ ଉଦାହରଣ ହେଉଛି ଚାଇନାର 'ଲଙ୍ଗ୍ ମାର୍ଚ୍ଚ-୫ବି' ରକେଟ୍‌ର ଭଗ୍ନାବଶେଷ ସପ୍ତାହେ ହେବ ଦିଗହରା ହୋଇପଡ଼ିଥିବା ଘଟଣା। ଏହି ରକେଟ୍ ପ୍ରାୟ ୧୦୦ ଫୁଟ୍ ଲମ୍ବ ବିଶିଷ୍ଟ ହୋଇଥିବା ବେଳେ ଓଜନ ୨୧ ଟନ୍ । ଶେଷରେ ୯ ମେ'ରେ ଏହାର ଭଗ୍ନାବଶେଷ ଭାରତ ମହାସାଗରରେ ମାଳଦ୍ୱୀପ ନିକଟରେ ଖସିପଡ଼ିଛି। ପୃଥିବୀର ସ୍ଥଳଭାଗରେ ଖସିପଡ଼ିଲେ ତାହା ବ୍ୟାପକ କ୍ଷତି କରିବ ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା। ପ୍ରଥମେ ଅନୁମାନ ଲଗାଯାଉଥିଲା ଯେ, ଏହା ନ୍ୟୁଜିଲାଣ୍ଡର କୌଣସି ଏକ ଦ୍ୱୀପରେ ଖସିପାରେ। ଅବଶ୍ୟ କୁହାଯାଉଛି ଏହାର ଅନେକ ଅଂଶ ପୃଥିବୀ ଆଡ଼କୁ ଆସୁଥିବା ବେଳେ ନଷ୍ଟ ହୋଇଯାଇଛି। ସୂଚନା ଦିଆଯାଇପାରେ ଯେ, ଗତ ବର୍ଷ ମେ'ରେ ଚାଇନାର ଏକ ରକେଟ୍ ପଶ୍ଚିମ ଆଫ୍ରିକାର ଆଇଭରି କୋଷ୍ଟର ସ୍ଥଳଭାଗରେ ପଡ଼ିଥିଲା। ତାହା ସମ୍ପୃକ୍ତ ଅଞ୍ଚଳକୁ ନଷ୍ଟ କରିଥିଲେ ହେଁ ସେଠାରେ କେହି ବସବାସ କରୁ ନ ଥିବା ଜଣାପଡ଼ିଛି। ବାସ୍ତବରେ ଯଦି କେହି ବାସ କରୁଥାଆନ୍ତେ, ତାହା ବ୍ୟାପକ ଜୀବନହାନି ଘଟାଇଥାଆନ୍ତା। ତେଣୁ ଚାଇନାର ବୈଜ୍ଞାନିକମାନେ ଠିକ୍ ଭାବେ ପ୍ରଯୁକ୍ତି କୌଶଳ ଅବଲମ୍ବନ କରି ନ ଥିବାରୁ ଏପରି ଘିଟିଥିଲା। ଉଲ୍ଲେଖଯୋଗ୍ୟ ଯେ, ସାଧାରଣରେ ବାୟୁମଣ୍ଡଳକୁ ପୁନଃ ପ୍ରବେଶ କଲା ବେଳେ ଘର୍ଷଣ ଯୋଗୁ ଭଗ୍ନାବଶେଷ ଜଳି ଯାଇଥାଏ। ଯଦି ରକେଟ୍‌ର ଓଜନ ୨୨ ଟନ୍‌ରୁ ଅଧିକ ହୋଇଥାଏ, ତାହା ହେଲେ ତାହାର ଏକ ବୃହତ୍ ଅଂଶ ପୃଥିବୀପୃଷ୍ଠରେ ପଡ଼ି କ୍ଷତି କରିଥାଏ। ବୈଜ୍ଞାନିକଙ୍କ ଆକଳନ ଅନୁଯାୟୀ ମହାକାଶକୁ ଛଡ଼ା ଯାଉଥିବା ରକେଟ୍‌ର ଭଗ୍ନାବଶେଷ ପ୍ରାୟତଃ ଅନ୍ତର୍ଜାତୀୟ ଜଳସୀମାରେ ପଡ଼ିଥାଏ। ଚାଇନା କ୍ଷେତ୍ରରେ ଦେଖାଦେଇଥିବା ବ୍ୟତିକ୍ରମ ତାହା ପ୍ରଯୁକ୍ତି କୌଶଳରେ ସ୍ୱଚ୍ଛତା ବଜାୟ ରଖିବାରେ ବିଫଳ ହୋଇଛି ବୋଲି କହି ଆମେରିକା ମହାକାଶ କେନ୍ଦ୍ର 'ନାସା' ସମାଲୋଚନା କରିଛି। ନାସା ଯେଉଁ ଉଦ୍‌ବେଗ ପ୍ରକାଶ କରିଛି, ତାହାକୁ ମହାକାଶ ଯାତ୍ରା କାର୍ଯ୍ୟରେ ନିୟୋଜିତ ଦେଶଗୁଡ଼ିକ ଗମ୍ଭୀରତାର ସହିତ ନେବା ଦରକାର। ପରସ୍ପର ଭିତରେ ପ୍ରତିଦ୍ୱନ୍ଦ୍ୱିତା କରାଯିବା ଦ୍ୱାରା ପୃଥିବୀ ଗ୍ରହକୁ ବହୁତ କ୍ଷତି ପହଞ୍ଚିଲାଣି। ପୁଣି ମହାକାଶ ଓ ବାୟୁମଣ୍ଡଳକୁ ଅସନ୍ତୁଳନ କରାଗଲେ ସେଥିରେ ଯେଉଁ କ୍ଷତି ଘଟିବ, ମଣିଷ ସମ୍ଭାଳିପାରିବ ନାହିଁ।

# ପ୍ରତିପାଳନ ଯତ୍ନ ଓ ଶିଶୁ



ଶୁଭନାରାୟଣ ଶତପଥୀ

ପୌରାଣିକ କଥାବସ୍ତୁରୁ ଆମେ ଜାଣୁ ଯେ, ଦ୍ୱାପର ଯୁଗରେ ଦେବକୀନନ୍ଦନ ଶ୍ରୀକୃଷ୍ଣଙ୍କୁ ପ୍ରତିପାଳିତ କରୁଥିଲେ ମାଆ ଯଶୋଦା। ମାତା କୁନ୍ତୀ ତାଙ୍କ ମାନସ ପୁତ୍ର କର୍ଣ୍ଣଙ୍କୁ ତ୍ୟାଗ କରିବା ପରେ ତାଙ୍କର ପ୍ରତିପାଳନ କରିଥିଲେ ରାଧା। ସେଥିପାଇଁ ପରବର୍ତ୍ତୀ ସମୟରେ ସେ ରାଧେୟ ନାମରେ ପରିଚିତ ହୋଇଥିଲେ। ଏସବୁ ଘଟଣାରେ ଯେତେବେଳେ ଏହି ଶିଶୁମାନେ ବିପଦସଙ୍କୁଳ ଅବସ୍ଥାକୁ ଚାଲିଯାଇଛନ୍ତି ସେତେବେଳେ ତାଙ୍କର ପ୍ରତିପାଳନ ପାଇଁ ସ୍ୱେଚ୍ଛାକୃତ ଭାବେ ମାତାପିତା ବା ଦମ୍ପତି ଆଗକୁ ଆସିଛନ୍ତି। ଏହାକୁ କେହିକେହି ଭଗବାନଙ୍କ ଲୀଳା କୁହନ୍ତି ବା ସ୍ୱେଚ୍ଛାକୃତ ଭାବେ ପ୍ରତିପାଳନ ପାଇଁ ଶିଶୁମାନଙ୍କୁ କୋଳେଇ ନେବାକୁ ଆଗକୁ ଆସିଥିବା ଉକ୍ତ ଦମ୍ପତିଙ୍କ ଅବଦାନ ବୋଲି ଅଭିହିତ କରନ୍ତି। ଏ ଘଟଣାର ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ ଜଣାଯାଏ କେଉଁଠି ସାମାଜିକ କଳଙ୍କକୁ ଡର ତ ଆଉ କେଉଁଠି ନିଷ୍ପାପ ଶିଶୁଟିକୁ ଜୀବନରେ ମାରିଦେବାର ଭୟ, ଆହୁରି ପୁଣି ପରିବାରରୁ ପିତା ବା ମାତାଙ୍କ ବିଚ୍ଛେଦକୁ ନେଇ ଏହି ଶିଶୁମାନଙ୍କ ଯତ୍ନ, ସୁରକ୍ଷା ଓ ସ୍ୱାର୍ଥ ପାଇଁ ତାଙ୍କର ପ୍ରତିପାଳନ ବ୍ୟବସ୍ଥା ସାମାଜିକ ସ୍ତରରେ ଏହିପରି ଭାବେ ହୋଇଥିବା କୁହାଯାଇପାରେ। ତେବେ ଅଧୁନା ସମାଜରେ ଏମିତି ଶିଶୁ ଅନେକ ଅଛନ୍ତି। ସେମାନଙ୍କ ମଧ୍ୟରୁ କେହିକେହି ଅନୁଷ୍ଠାନରେ ରହିଛନ୍ତି ତ ଆଉ କେହି ଅସହାୟ ଅବସ୍ଥାରେ ଘୂରି ବୁଲୁଛନ୍ତି। ଏପରି ସ୍ଥିତିରେ ରହୁଥିବା ଶିଶୁମାନଙ୍କ ବିଷୟରେ କିଶୋର ନ୍ୟାୟ ଆଇନରେ ବିସ୍ତୃତ ରୂପେ ବର୍ଣ୍ଣନା କରାଯାଇଛି। ଏହି ଆଇନ ଦେଶରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି ଓ ବିପଦସଙ୍କୁଳ ଅବସ୍ଥାରେ ଥିବା ବା ବିପରୀତ ପରିସ୍ଥିତିକୁ ଚାଲିଯିବାର ଭୟଥିବା ଶିଶୁମାନଙ୍କ ଯତ୍ନ, ସୁରକ୍ଷା ପାଇଁ ଏଥିରେ ବ୍ୟବସ୍ଥା ରହିଛି। ଯେଉଁ ଶିଶୁମାନେ ଯତ୍ନ, ସୁରକ୍ଷା ଆବଶ୍ୟକ କରନ୍ତି, ସେମାନଙ୍କ ତାଲିକା କିଶୋର ନ୍ୟାୟ ଆଇନ ୨୦୧୫ର ଧାରା ୨(୧୪)ରେ ଲିଖିତ ଅଛି। ଏକଥା ମଧ୍ୟ ଆଇନରେ କୁହାଯାଇଛି ଯେ, ଶିଶୁର ଥଇଥାନ ବେଳେ ତା'ର ପରିବାରକୁ ପ୍ରାଥମିକତା ଦେବା ଉଚିତ ଏବଂ ଶିଶୁଟିର ଥଇଥାନର ସର୍ବଶେଷ ସ୍ଥଳ ହେଉଛି ଶିଶୁଯତ୍ନ ଅନୁଷ୍ଠାନ। ଏଣୁ ଆଇନ ଓ ତତ୍‌ସମ୍ପର୍କିତ ଯୋଜନାର କାର୍ଯ୍ୟକାରିତା ଓ ଅନୁପାଳନ ବେଳେ ଏହି ଦିଗକୁ ପ୍ରାଧାନ୍ୟ ଦେଇ ଶିଶୁମାନଙ୍କର ଯତ୍ନ, ସୁରକ୍ଷାକୁ ନିଶ୍ଚିତ କରିଥାନ୍ତି ବ୍ୟବସ୍ଥାର ଅଂଶୀଦାର ସମୂହ। ତେବେ ଯେଉଁଠି ଶିଶୁଟିକୁ ନିଜ ପରିବାରରେ ଥଇଥାନ କରିବାରେ ଅସୁବିଧା ସୃଷ୍ଟି ହୁଏ ସେଠି ତାକୁ ତା'ର ସମ୍ପର୍କୀୟଙ୍କ ଦ୍ୱାରା ଲାଳନପାଳନ ପାଇଁ ଚେଷ୍ଟା କରାଯାଇଥାଏ।

ତେବେ ପ୍ରତିପାଳନ ଯତ୍ନ ବା ଫଷ୍ଟର କେୟାର କହିଲେ ଶିଶୁଟିକୁ କୌଣସି ଦମ୍ପତିଙ୍କ ଦ୍ୱାରା ତାଙ୍କ ପରିବାରରେ ରଖି ଲାଳନପାଳନ କରାଯାଇଥାଏ। ଏହି ଦମ୍ପତି ଶିଶୁର ପାରିବାରିକ ସମ୍ପର୍କୀୟ ହୋଇନଥାନ୍ତି। ଶିଶୁଟିର ପ୍ରତିପାଳନ ଯତ୍ନ ପାଇଁ ସେହି ଯୋଗ୍ୟ ଦମ୍ପତିଙ୍କୁ ଚିହ୍ନଟ କରାଯାଏ। ଯୋଗ୍ୟ ଦମ୍ପତିଙ୍କ ନିକଟରେ ଏହି ଶିଶୁମାନଙ୍କ ଲାଳନପାଳନ ପାଇଁ ଛଡାଯାଇଥାଏ। ଶିଶୁଟିର ଲାଳନପାଳନ ପାଇଁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥାଏ। ଏମିତିକି ଏହି ଅଇନଗତ ପ୍ରକ୍ରିୟାରେ ସ୍ଥଳବିଶେଷରେ ସେମାନେ ଉକ୍ତ ଶିଶୁକୁ ପୋଷ୍ୟରୂପେ ମଧ୍ୟ ଗ୍ରହଣ କରିପାରନ୍ତି। ଏ କ୍ଷେତ୍ରରେ ସରକାର ଓ ବେସରକାରୀ ସଂଗଠନର ଉଦ୍ୟମ ଜାରି ରହିଥିବା ବେଳେ ଏଥିପ୍ରତି ଜନସାଧାରଣଙ୍କ ସଚେତନତା ଓ ଉତ୍ସର୍ଗୀକୃତ ମନୋଭାବର ଆବଶ୍ୟକତା ଢେର ଆବଶ୍ୟକ ପଡ଼ିଥାଏ। ଅନେକ ଶିଶୁ ଅନୁଷ୍ଠାନରେ ଆଜି ବି ପ୍ରତିପାଳନ ପାଇଁ ଅପେକ୍ଷାରେ ଅଛନ୍ତି କିନ୍ତୁ ଉପଯୁକ୍ତ ଦମ୍ପତି ବା ମାତାପିତାଙ୍କ ଅଭାବରୁ ସେମାନେ ପ୍ରତିପାଳିତ ହେବାରୁ ବଞ୍ଚିତ ହେଉଛନ୍ତି। ଯେମିତି ଲୋକେ କୁହନ୍ତି ଯେ, ବିବାହ ସ୍ୱର୍ଗରେ ନିର୍ଦ୍ଧିଷ୍ଟ ହୋଇଥାଏ ସେମିତି ପ୍ରତିପାଳନ ପାଇଁ ମାତାପିତା ମଧ୍ୟ ପୂର୍ବନିଶ୍ଚିତ ବୋଲି ଧରିନିଆଯାଇପାରେ। ଯଦିଓ ଏ କଥାର ପ୍ରାସଙ୍ଗିକତା ସ୍ପଷ୍ଟ ନୁହେଁ କିନ୍ତୁ କେହିକେହି ଏହାକୁ ବିଶ୍ୱାସ କରିବାକୁ ବାଧ୍ୟ ହୁଅନ୍ତି। କାରଣ ଚୟନ ପ୍ରକ୍ରିୟା ବେଳେ ଶିଶୁଟିର ସାଂସ୍କୃତିକ, ଗୋଷ୍ଠୀଗତ, ସାମାଜିକ ଚଳଣି ପ୍ରାୟତଃ ଉକ୍ତ ପରିବାର ସହ ମିଶିଯାଉଥିବାରୁ ଏପରି ଆଖ୍ୟାୟିତ କରନ୍ତି ଓ ଏହାକୁ ଭଗବାନଙ୍କ ଆଶୀର୍ବାଦ ବୋଲି ବି କୁହନ୍ତି ପ୍ରତିପାଳିତ ପାଇଁ ଚୟନ ହୋଇଥିବା ଉକ୍ତ ମାତାପିତା। ଯୁକ୍ତିତଃ ମାର୍ଗଦର୍ଶିକାର ସର୍ତ୍ତଗୁଡ଼ିକ କାରଣରୁ ମାତାପିତା ଓ ଶିଶୁଟିର ମେଳକ ପ୍ରାୟତଃ ସମାନ ରହିଥାଏ। ସେ ଯାହାହେଉନା କାହିଁକି ଏ ପ୍ରକ୍ରିୟା ଓ ଶିଶୁର ଥାଇଥାନ ଉଭୟ ମାତାପିତା ଓ ଶିଶୁଟି ପାଇଁ ବରଦାନ ସଦୃଶ।

ଆମେ ଜାଣୁ ଯେ ଅନୁଷ୍ଠାନରେ ଗୋଟିଏ ଗୃହମାତା ବା ଗୃହପିତା ୨୫ରୁ ଊର୍ଦ୍ଧ୍ୱ ଶିଶୁଙ୍କ ଦେଖାଶୁଣା କରୁଥିବା ବେଳେ ପ୍ରତିପାଳନରେ ଜଣେ ବା ଦୁଇଜଣ ଶିଶୁ ପରିବାରରେ କିମ୍ବା ଦଳଗତ ଭାବେ ଶିଶୁଙ୍କୁ ଗୋଟିଏ ଦକ୍ଷ ଅନୁଷ୍ଠାନ ମାଧ୍ୟମରେ ଦେଖାଶୁଣା କରନ୍ତି ଯାହା ଏକ ଉନ୍ନତ ମାନକଯୁକ୍ତ ଯତ୍ନର ପ୍ରକ୍ରିୟାକୁ ଇଙ୍ଗିତ କରେ। ଏହା କେବଳ ଶିଶୁଟିର ଭବିଷ୍ୟତ ଉଜ୍ଜ୍ୱଳ କରିବାରେ ସହାୟକ ହୁଏ ତାହା ନୁହେଁ ବରଂ ପ୍ରତିପାଳନ କରୁଥିବା ସେହି ମାତାପିତାଙ୍କ ନାମ ଚିରଦିନ ପାଇଁ ଇତିହାସ ପୃଷ୍ଠାମଣ୍ଡନ କରେ। ଆମର ପୌରାଣିକ କଥାବସ୍ତୁ ଏହାର ପ୍ରମାଣ।

ପ୍ରତିପାଳନର ମାର୍ଗଦର୍ଶିକା ଅନୁଯାୟୀ ଶିଶୁମାନଙ୍କୁ ଯତ୍ନ ସୁରକ୍ଷା, ଥଇଥାନ, ସାମାଜିକ ସମ୍ମିଶ୍ରଣ କରାଯାଏ। ସମ୍ପର୍କୀୟ ବା ନିଜ ପରିବାରରେ ଶିଶୁଟିର ଥଇଥାନ କରାଯାଇ ନ ପାରିଲେ ସମ୍ପର୍କୀୟ ହୋଇ ନ ଥିବା ଦମ୍ପତିଙ୍କ ପାଖରେ ରହି ଶିଶୁଟିଏ ବଢିଥାଏ। ଏହା ଏକ ନୂତନ ଓ ଫଳପ୍ରଦ ନିୟମାନୁମୋଦିତ ବ୍ୟବସ୍ଥା। ଯୋଗ୍ୟତା ଭିତିରେ ସ୍ୱାମୀ, ସ୍ତ୍ରୀ ଭାରତୀୟ ହୋଇଥିବେ, ସେମାନେ ୩୫ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବେ, ପୂର୍ବରୁ କୌଣସି ଅପରାଧମୂଳକ କାର୍ଯ୍ୟ ଘଟାଇ ନ ଥିବେ ଇତ୍ୟାଦିକୁ ଚୟନ ବେଳେ ଧ୍ୟାନ ଦିଆଯାଏ ଓ ସେହି ପରିବାରର ପୂର୍ବଅଭିଜ୍ଞତା, ଦକ୍ଷତା, ଶିଶୁମାନଙ୍କ ପ୍ରତି ଥିବା ସଦିଚ୍ଛା ଆଦିକୁ ବିଚାରକୁ ନେଇ ପ୍ରତିପାଳନ ପାଇଁ ପରିବାର ଚିହ୍ନଟୀକରଣ କରାଯାଏ। ଶିଶୁ ମଙ୍ଗଳ କମିଟିଙ୍କ ଅନୁମୋଦନକ୍ରମେ ଶିଶୁ ସାମୟିକ ଭାବରେ ପ୍ରତିପାଳନ ପାଇଁ ସେଠାରେ ଅବସ୍ଥାପିତ ହୁଅନ୍ତି। ଶିଶୁଟିର ଯତ୍ନ ଯୋଜନା ଅନୁସାରେ ଯେତେବେଳେ ତା'ର ସ୍ୱଗୃହକୁ ଫେରିବାର କଥା ଆସେ ବା ପୋଷ୍ୟ ଭାବରେ ଯିବା ପ୍ରସଙ୍ଗ ଆସେ ବା ଅନ୍ୟ ବିକଳ୍ପ ସୁବିଧାକୁ ଫେରାଇନେବାର ଯୁକ୍ତି ଉପସ୍ଥାପିତ ହୁଏ ସେତେବେଳେ ଶିଶୁ ମଙ୍ଗଳ କମିଟି ଏହାର ପରବର୍ତ୍ତୀ ଥଇଥାନର ବ୍ୟବସ୍ଥା କରନ୍ତି। କିନ୍ତୁ ଏହି ସାମୟିକ ସମୟର ଅବଧି ବା ସମ୍ପ୍ରସାରିତ ସାମୟିକ ସମୟର ଅବଧି କାଳରେ ଶିଶୁଟିର ଅଧିକାରକୁ ସୁରକ୍ଷିତ ରଖିବା ନିମନ୍ତେ ଏହି ପ୍ରତିପାଳନ ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯାଏ। ୧୮ବର୍ଷରୁ କମ ବୟସର ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନେ ଏହି ବ୍ୟବସ୍ଥାରେ ସୁବିଧା ଲାଭ କରିଥାଆନ୍ତି।

ଏଣୁ ବର୍ତ୍ତମାନ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ଆଉ ଅନୁଷ୍ଠାନ ନୁହେଁ ବରଂ ପ୍ରତିପାଳିତ ଗୃହଟିଏ ଯୋଗାଇଦେବା ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ। ଆଗକୁ ଆସନ୍ତୁ ମାତାପିତା, ଦମ୍ପତି ବା ସ୍ୱାମୀ ଓ ସ୍ତ୍ରୀମାନେ। ଶିଶୁମଙ୍ଗଳ କମଟି, ଜିଲା ଶିଶୁସୁରକ୍ଷା ୟୁନିଟ ସହ ସମ୍ପର୍କ ସ୍ଥାପନ କରି ଏ ବିଷୟରେ ପୂର୍ଣ୍ଣ ଅବଗତ ହୁଅନ୍ତୁ। ଦେଶ,ଜାତି ହିତରେ ନିଜର କର୍ତ୍ତବ୍ୟ ନିର୍ବାହ କରି ଶିଶୁମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହେବା ପାଇଁ ଆଗେଇ ଆସିଲେ ହିଁ ପ୍ରକୃତ ସାମାଜିକ ସେବାର ଉଦାହରଣ ସୃଷ୍ଟି ହେବ ଓ ଏକ ଉନ୍ନତ ଭବିଷ୍ୟତ ଗଠନ କରିହେବ। ପରବର୍ତ୍ତୀ ସମୟରେ ଏକ ସୁସ୍ଥ ମାନସିକତାପୂର୍ଣ୍ଣ ଭବିଷ୍ୟତ ସମସ୍ତଙ୍କୁ ସ୍ୱାଗତ କରିବ।

ପାଳିତ ମାତାପିତାଙ୍କୁ ଏ ସେବା ଆତ୍ମ ସନ୍ତୁଷ୍ଟି ପ୍ରଦାନ କରିବ। ପରିବାରରେ ଶିଶୁର ଉନ୍ନତ ଲାଳନପାଳନ ବିଷୟରେ ଶିକ୍ଷା ମିଳିବ ଓ ଦକ୍ଷତା ବୃଦ୍ଧି ହେବ। ଫଳରେ ପରିବାରରେ ଥିବା ସୁବିଧାଗୁଡିକୁ ସଂଗଠିତ କରାଇ ଉତ୍କୃଷ୍ଟମାନର ଯତ୍ନ ଓ ଶିଶୁସୁଲଭ ସେବା ଯୋଗାଇବାରେ ସକ୍ଷମ ହୋଇପାରିବା। ପୋଷ୍ୟ ପାଇଁ ଆଶାୟୀ ଥିବା ଦମ୍ପତିଙ୍କ ସଂଖ୍ୟାରେ ହ୍ରାସ ଘଟିବା ସହ ସେମାନେ ଏହି ପ୍ରକ୍ରିୟାରେ ମାତାପିତା ହେବାର ଗୌରବ ଅର୍ଜନ କରିପାରିବେ। ଏଥିପାଇଁ ସରକାରୀ ଓ ବେସରକାରୀସ୍ତରରେ ପ୍ରୟାସ ଜାରି ରହିଥିଲେ ହେଁ ପରିବାର, ଗୋଷ୍ଠୀ ସ୍ତରରେ ବ୍ୟାପକ ସଚେତନତା ଲୋଡ଼ା। ବାସ୍ତବରେ ଏ ପ୍ରୟାସ ହେଉଛି ଶିଶୁମାନଙ୍କ ନିମନ୍ତେ ପାରିବାରିକ ବିକଳ୍ପ ବା ପରିବାରଭିତ୍ତିକ ଶିଶୁ ଯତ୍ନ ସେବା, ଯାହାଦ୍ୱାରା ଶିଶୁଟି କୌଣସି ଅନୁଷ୍ଠାନକୁ ଯିବା ବଦଳରେ ଏକ ପରିବାରରେ ଥଇଥାନ ହୋଇପାରିବ। ତେବେ ଏ କ୍ଷେତ୍ରରେ ଯେଉଁମାନେ ଆଗକୁ ଆସି କାମ କରୁଛନ୍ତି ସେ ପାଳିତ ମାତାପିତା ହୁଅନ୍ତୁ ବା ସେବାର ଅଂଶୀଦାର ସମୂହ, ସେମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସେବା ସଫଳତାର ଶ୍ରେୟ ପ୍ରମାଣପତ୍ର ପ୍ରଦାନ କଲେ ପ୍ରତିପାଳନ ବ୍ୟବସ୍ଥା ନିମନ୍ତେ ସବୁସ୍ତରରେ ଆଗ୍ରହ ଜନ୍ମାଇ ହେବ। ପ୍ରତିପାଳନ ଯତ୍ନର ମହତ୍ତ୍ୱ ପ୍ରତ୍ୟେକ ବ୍ୟକ୍ତି ହୃଦୟଙ୍ଗମ କରିବା ଦରକାର। ସରକାରୀସ୍ତରର ତୃଣମୂଳକର୍ମୀ ଓ ଏନ.ଜି.ଓ.ମାନଙ୍କ ମାଧ୍ୟମରେ ସଚେତନତା ଓ ପରିବାର ଚିହ୍ନଟୀକରଣ ମଧ୍ୟ କରାଯାଇପାରେ। ତେବେ ପ୍ରତିପାଳନ ଯେ ଏକ ଅତ୍ୟାବଶ୍ୟକ ଆବଶ୍ୟକତା ଏହାର ଉପଲବ୍ଧି ଆମ ସମସ୍ତଙ୍କୁ କରିବାକୁ ହେବ ନଚେତ ଅନେକ ଶିଶୁଙ୍କ ଭବିଷ୍ୟତ ପାଇଁ ଆମେ ଦାୟୀ ରହିବା। ଆଉ ତା' ଭବିଷ୍ୟତ ପଚାରୁଥିବା ପ୍ରଶ୍ନର ଉତ୍ତର ଆମ ପାଖରେ ନଥିବ।

ବିଜିପୁର, ବ୍ରହ୍ମଗିରି, ପୁରୀ,
ମୋ- ୯୪୩୮୪୩୨୦୨୩

# ମହାମାରୀରେ ସାମାଜିକ ବାଛନ୍ଦ



ରୁଦ୍ର ପ୍ରସନ୍ନ ରଥ

କରୋନା ବିଷୟରେ ଲେଖିବାକୁ ବିଶେଷ କିଛି ବାକି ନାହିଁ। ଗୋଟିଏ ପାହୁ ନ ଥିବା ରାତି ପରି ଏହି ମହାମାରୀ ଆମ ସମସ୍ତଙ୍କ ଜୀବନକୁ ବିଗତ ବର୍ଷରୁ ସଂକ୍ରମିତ କରି ରଖିଛି। ସାରା ଦୁନିଆରେ ଲକ୍ଷ ଲକ୍ଷଙ୍କ ଜୀବନ ଯାଇଛି। କୋଟି କୋଟି ଲୋକ ସଂକ୍ରମିତ ହୋଇ ଯନ୍ତ୍ରଣା ଭୋଗିଛନ୍ତି। ପ୍ରତି ମୁହୂର୍ତ୍ତରେ କେହି ନା କେହି ଆତ୍ମୀୟସ୍ୱଜନ ପୀଡ଼ିତ ହେବାର କିମ୍ବା ଚାଲିଯିବାର ଖବର ଆମ ପାଖରେ ପହଞ୍ଚିଛି। ମଣିଷ ଏବେ ଯେମିତି ଗୋଟିଏ ଆଶଙ୍କାର ବଳୟ ଭିତରେ ଗଣି ଗଣି ନିଃଶ୍ୱାସ ନେଉଛି। ପରିସ୍ଥିତି ଏମିତି ହୋଇଛି ଯେ, ମଣିଷ ଆଜିର ଦିନଟିକୁ ବଞ୍ଚିଯିବାକୁ ହିଁ ସବୁଠାରୁ ବଡ଼ ଉପଲବ୍ଧି ବୋଲି ଭାବୁଛି।

ମଣିଷର ଏହି ଦୁଃଖ, ଦୈନ୍ୟ ଏବଂ ଯନ୍ତ୍ରଣାର କାହାଣୀ ବି ଦୈନିକ ରାଶି ରାଶି ହୋଇ ଲେଖା ହେଉଛି। ଖବରକାଗଜ ପୃଷ୍ଠା ଓଲଟାଇଲେ ଯନ୍ତ୍ରଣାର ଚିତ୍ର ସବୁ ଶବ୍ଦ ମାଧ୍ୟମରେ ଉକୁଟି ଆସୁଛି। ଟେଲିଭିଜନ ପୃଷ୍ଠାରେ ବି ସେଇ ଏକା କଥା। କରୋନା ବିରୋଧରେ ମଣିଷର ସଂଘର୍ଷର କାହାଣୀ ଦେଖି ଆଖିରୁ ଲୁହ ନିଗିଡି ଆସୁଛି। ପ୍ରକୃତିର କୋପ ଆଗରେ ମଣିଷ ସତରେ ଅସହାୟ, ପ୍ରକୃତିଗତ ବିଭୀଷିକା ଆଗରେ ମଣିଷର ପ୍ରସ୍ତୁତିଯେ କେତେ ନ୍ୟୂନ, ତାହା ବାରବାର ପ୍ରମାଣିତ ହୋଇଛି। ଏହି ମର୍ମରେ ଏତେ ଲେଖାଯାଇଛି ଆଉ ଏତେ ଦେଖାଯାଇଛି ଯେ, ବୋଧହୁଏ କରୋନାକୁ ନେଇ ଆଉ ବିଶେଷ କିଛି ଲେଖାହେବାର କିମ୍ବା ଦେଖାହେବାର ଆବଶ୍ୟକତା ନାହିଁ ଏକଥା ଜଣେ ଲେଖକର ପ୍ରଥମ ଅନୁଭବ ହେବ।

ତେବେ ଟିକିଏ ନିରେଖି ଦେଖିଲେ ତଥାପି କରୋନାର ଗୋଟିଏ ଦିଗ ଉପରେ ସବୁଠାରୁ କମ୍ ଲେଖା ହୋଇଛି ବୋଲି ଯେ କେହି ସ୍ୱୀକାର କରିବ। ସେ ଦିଗଟି ହେଉଛି କରୋନାକୁ ନେଇ ସାମାଜିକ ବାଛନ୍ଦ। କାଳର କରାଳଗତିରେ କରୋନାର ପ୍ରକୋପ ଯେତେ ଯେତେ ବଢ଼ି ବଢ଼ି ଚାଲିଛି, କରୋନାକୁ ନେଇ ସାମାଜିକ ବାଛନ୍ଦ ବି ସେତିକି ବଢ଼ି ବଢ଼ି ଚାଲିଛି। ଅଥଚ ଏ ନେଇ କେହି ବିବ୍ରତ ହେବା ପରି ଲାଗୁନାହିଁ। ଅବଶ୍ୟ ସାରା ଦେଶରେ ଯେଉଁଠି ରୋଗୀମାନେ ଭେଣ୍ଟିଲେଟର, ଅକ୍ସିଜେନ୍ ଆଉ ବେଡ୍ ପାଇଁ ସଂଘର୍ଷ କରୁଛନ୍ତି, ସେଠି କରୋନାଜନିତ ସାମାଜିକ ବାଛନ୍ଦର ପ୍ରଶ୍ନ କିଏ ଉଠାଇବ, କାହିଁକି ବା ଉଠାଇବ?

ତେବେ କରୋନାଜନିତ ସାମାଜିକ ବାଛନ୍ଦକୁ ଅସ୍ୱୀକାର କରାଯାଇପାରିବ ନାହିଁ। ସାଧାରଣତଃ ସାମାଜିକ ବାଛନ୍ଦ ଏକ ବିଯୁକ୍ତାତ୍ମକ ମାନସିକତା, ଯାହା ଗୋଟିଏ ଗୋଷ୍ଠୀ ସହ ରୋଗକୁ ଯୋଡ଼ି ଆରମ୍ଭ କରାଯାଇଥାଏ। ସାଧାରଣତଃ ସମାଜର ଏକ ବଳିଷ୍ଠ, କ୍ଷମତାଶାଳୀ ଏବଂ ପ୍ରଭାବୀବର୍ଗ ନିଜ ସ୍ଥାନକୁ ସୁରକ୍ଷିତ ରଖିବାକୁ ଯାଇ ସମାଜର ଗରିବ ଦଳିତ ଏବଂ ନିଷ୍ପେଷିତ ଗୋଷ୍ଠୀ ସହ ଗୋଟିଏ ରୋଗକୁ ଯୋଡ଼ି ଦେଇଥାଆନ୍ତି। ଏହା ଏପରି ହୋଇଥାଏ, ସତେ ଯେପରି ସେହି ବଞ୍ଚିତ ଗୋଷ୍ଠୀ ଯୋଗୁଁ ହିଁ ରୋଗର ଆରମ୍ଭ ଏବଂ ବିସ୍ତାର ହୋଇ ଚାଲିଛି। ସେହି ଗୋଷ୍ଠୀଟି ରୋଗରେ ପଡିଥିବାର ଦେଖିଲେ ଲୋକ ତାଙ୍କୁ ସାହାଯ୍ୟ କରିବା ତ ଦୂରର କଥା, ବରଂ ତାଙ୍କ ଉପରେ ଏପରି କଟକଣା ସବୁ ଲାଗୁ କରନ୍ତି ଯେ ସେ ଗୋଷ୍ଠୀ ସାହାଯ୍ୟ ପାଇବା ତ ଦୂରର କଥା ବରଂ ବିନା ଚିକିତ୍ସାରେ ସେଠାରେ ଯନ୍ତ୍ରଣା ଏପରିକି ମୃତ୍ୟୁ ମଧ୍ୟ ଭୋଗ କରନ୍ତି। ସଂଖ୍ୟାଲଘୁ, ଦଳିତ, ବିଧବା ମହିଳା, ଶିଶୁ, ଏକୁଟିଆ ରହୁଥିବା ମହିଳା ତଥା ସ୍ୱଳ୍ପ ଭୂମିହୀନମାନେ ଏହି ବାଛନ୍ଦର ଶିକାର ହୁଅନ୍ତି। ଅନେକ ସମୟରେ ଆମ ସାମାଜିକ ଏବଂ ରାଜନୈତିକ ବିଧିବ୍ୟବସ୍ଥା ଏହି ବାଛନ୍ଦ ବ୍ୟବସ୍ଥାରେ ନିଆଁରେ ଘିଅ ଢାଳିବା ପରି କାମ କରିଥାଏ। କିଛି ଉଦାହରଣ ଦେଲେ ଏହି ବାଛନ୍ଦକୁ ଭଲ ଭାବେ ବୁଝିହେବ।

କରୋନାର ପ୍ରଥମ ଲହର ସମୟରେ ଚାଇନାଫେରନ୍ତା ଲୋକଙ୍କୁ ଭାରତରେ ଘୃଣା କରାଯାଉଥିବାବେଳେ, ସୁରଟଫେରନ୍ତା ଲୋକଙ୍କୁ ଓଡ଼ିଶାରେ ଘୃଣ୍ୟ ଦୃଷ୍ଟିରେ ଦେଖାଯାଇଥିଲା। ସେହିପରି ସହରରୁ ଗାଁକୁ ଯାଉଥିବା ସବୁ ଲୋକ କରୋନା ସଂକ୍ରମିତ ବୋଲି ସନ୍ଦେହ କରାଯାଉଥିଲା। ରୋଗକୁ ନେଇ ସାମାଜିକ ବାଛନ୍ଦର ଭାବ ଏତେ ତୀବ୍ରଥିଲା ଯେ, ଏଥିରେ ଡାକ୍ତର ଏବଂ ଛାମୁଆ ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ଏହି ବାଛନ୍ଦର ଶିକାର ହୋଇଥିଲେ। ନୂଆଦିଲ୍ଲୀ ପରି ସହରରେ ଡାକ୍ତରମାନଙ୍କୁ ବିରୋଧ କରାଯାଇଥିଲା। ସ୍ୱାସ୍ଥ୍ୟସେବା ସାରି ଘରକୁ ଫେରୁଥିବା ଡାକ୍ତରମାନଙ୍କୁ କେଉଁଠି ଆପାର୍ଟମେଣ୍ଟରେ ପଶିବାକୁ ବାରଣ କରାଯାଉଥିଲା ତ ଆଉ କେଉଁଠି ସେମାନଙ୍କୁ ଭଡ଼ାଘର ଖାଲି କରିବାକୁ ମାଲିକମାନେ ତାଗିଦ କରୁଥିଲେ। କରୋନାକୁ ଭଲ ଭାବେ ବୁଝି ନ ପାରିବା, ମିଥ୍ୟା ତଥ୍ୟ, ଜାଲିଖବର ଏହି ସାମାଜିକ ବାଛନ୍ଦର ମୂଳପିଣ୍ଡ ପାଲଟେ।

ଏବେ କରୋନାର ଦ୍ୱିତୀୟ ଲହର ଆରମ୍ଭ ହେବା ସଙ୍ଗେ ସଙ୍ଗେ ବାଛନ୍ଦର ନୂଆ ସ୍ୱରୂପ ସବୁ ଧୀରେ ଧୀରେ ମୁଣ୍ଡ ଟେକିବାକୁ ଆରମ୍ଭ କଲେଣି। ଆପାର୍ଟମେଣ୍ଟର ନୋଟିସ୍ ବୋର୍ଡରେ ମାଳୀ, ରୋଷେଇଆ, ଘରୋଇ ସହାୟକମାନଙ୍କୁ ଆସିବାକୁ ମନା କରାଗଲାଣି। କରୋନା ଯେ ଧର୍ମ, ଲିଙ୍ଗ କିମ୍ବା ସାମାଜିକ ପ୍ରତିପତ୍ତିକୁ ଦେଖି ସଂକ୍ରମଣ କରେ ନାହିଁ, ଏକଥା ଏହି ପାଠୁଆ ଅଥଚ ଅବିବେକୀ ଲୋକ ବୁଝିବାକୁ ନାରାଜ। ଦୁଃଖର କଥା ଏଇଆ ଯେ, ପାଠ ପଢ଼ିଥିବା ଲୋକ ହିଁ ଏହିସବୁ ବାଛନ୍ଦ ବ୍ୟବସ୍ଥାର ସୂତ୍ରଧର ସାଜିଛନ୍ତି। ରୋଗ ଯେ ଗରିବ, ସଂଖ୍ୟାଲଘୁ, ଦଳିତ ଏବଂ ଦିନ ମଜୁରିଆଙ୍କ ଦ୍ୱାରା ବ୍ୟାପେ, ଏ ଉକ୍ତିର ଅନ୍ଧ ସମର୍ଥକଙ୍କ ସଂଖ୍ୟା ବି ପ୍ରବଳ। ସରକାରଙ୍କର ବାଛନ୍ଦକୁ ଏଡ଼ାଇବାକୁ ସମସ୍ତ ସଚେତନତା ଏମାନଙ୍କ ପାଇଁ କାଳା ଆଗରେ ମୂଳା ଚୋବାଇବା ପରି। ହୁଏତ ଏମାନେ କରୋନାରେ ସଂକ୍ରମିତ ନ ହୋଇ ପାରନ୍ତି, କିନ୍ତୁ ଅବିବେକିତା ଏବଂ ଅମାନବିକତାର ଦଂଶନରେ ବେଶ୍ ସଂକ୍ରମିତ।

କରୋନା ପରି ମହାମାରୀକୁ ହରାଇବାକୁ ହେଲେ ମଣିଷ ସମାଜକୁ ଏକାଠି ହେବାକୁ ପଡ଼ିବ। ରୋଗ ଭିତ୍ତିରେ ବାଛନ୍ଦ ବ୍ୟବସ୍ଥାକୁ ହଟାଇବାକୁ ପଡିବ। ଯେ ଯାଏ ଆମେ କରୋନା ବିରୋଧରେ ନ ଲଢ଼ି ଲୋକଙ୍କ ବିରୋଧରେ ଲଢୁଥିବା, ସେଯାଏ କରୋନା ଅଟ୍ଟହାସ୍ୟ କରି ଚାଲିଥିବ, ଆଉ ଗୋଟିଏ ପରେ ଗୋଟିଏ ମୁଣ୍ଡ ନେଇ ଚାଲୁଥିବ। କରୋନା ବିରୋଧରେ ମଣିଷର ଲଢ଼େଇ କେବେ ଶେଷ ହେବ କେହି ଜାଣେନା। କିନ୍ତୁ ଏ ଲଢ଼େଇର ଆରମ୍ଭ ସାମାଜିକ ବାଛନ୍ଦ ବିରୋଧରେ ଆରମ୍ଭ କରାଗଲେ କ୍ଷତି କ'ଣ?

ଧବଳଗିରି, ଯାଜପୁର ରୋଡ
ମୋ: ୭୯୭୮୬୭୧୭୭୬

## ଏଇ ଭାରତରେ

ତାମିଲନାଡୁର ଦୁରାଇ ପୃଥ୍ୱୀରାଜ ଦୁର୍ଗମ ଅଞ୍ଚଳର ଗରିବମାନଙ୍କୁ ମାଗଣାରେ ଆମ୍ବୁଲାନ୍ସ ସେବା ଓ ଖାଦ୍ୟ ଯୋଗାଇ ଦେଉଛନ୍ତି। ବିରୁଦ୍ଧୁନଗର ଜିଲା ଅରୁପ୍ପୁକୋଟ୍ଟାଇ ଗାଁରେ ଦୁରାଇଙ୍କ ଘର। ଏବେ ତାଙ୍କ ପାଖରେ ଦୁଇଟି ଆମ୍ବୁଲାନ୍ସ ରହିଛି। ତାଙ୍କ ଗାଁ ନିକଟରୁ ସେ ୪୦ କି.ମି. ମଧ୍ୟରେ ଏହି ସେବା ଯୋଗାଇ ଦେଉଛନ୍ତି। ୨୦୧୧ରେ ଦୁରାଇ କଲେଜରୁ ଡିଗ୍ରୀ ହାସଲ କରିବା ପରେ ଭିଲେଜ ଆଡ୍‌ମିନିଷ୍ଟ୍ରେଶନ ଅଫିସର ଭାବେ କାର୍ଯ୍ୟ କରି ଦରମାର ୫୦% ଟଙ୍କା ସଞ୍ଚୟରେ ଭ୍ୟାନ୍ କିଣିଥିଲେ, ଯାହା ଏବେ ଆମ୍ବୁଲାନ୍ସ ଭାବେ ବ୍ୟବହାର ହେଉଛି। ଗରିବମାନଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ମାଗଣା ରହିଛି ଓ ଅନ୍ୟମାନେ ଯିଏ ଯାହା ଦେଲେ ତାହାକୁ ଦାନ ଆକାରରେ ଗ୍ରହଣ କରାଯାଉଛି। ଦୁରାଇ ମଧ୍ୟ ତାଙ୍କ ଘରର ଏକ ଭାଗକୁ ଆଶ୍ରୟସ୍ଥଳୀ କରିଛନ୍ତି। ଏଠାରେ ଅସହାୟ ଲୋକମାନେ ମାଗଣାରେ ଖାଇ ବିଶ୍ରାମ ନେବାର ବ୍ୟବସ୍ଥା କରାଯାଇଛି। 'ରାଜେଶ ଉଦ୍ଧାଭୂମ କରାଙ୍ଗଲ' ନାମକ ଏନ୍‌ଜିଓ ଦ୍ୱାରା ସମସ୍ତ ସେବାକୁ ପରିଚାଳନା କରୁଛନ୍ତି। ସାନଭାଇ ରାଜେଶ ଏକ ଦୁର୍ଘଟଣାର ଶିକାର ହେବା ପରେ ଆମ୍ବୁଲାନ୍ସ ନ ମିଳିବା ଯୋଗୁ ତାଙ୍କ ପ୍ରାଣ ଚାଲିଯାଇଥିଲା ଓ ପରେ ସାନଭାଇ ନାମରେ ଏହି ଏନ୍‌ଜିଓ ଗଢିଥିଲେ। ଏଥିରେ ୧୫ ଜଣ ସ୍ୱେଚ୍ଛାସେବୀ ରହିଛନ୍ତି। ହ୍ୱାଟ୍‌ସଆପ୍ ଗ୍ରୁପରେ ୫୦୦ ଡୋନରଙ୍କଠାରୁ ସେ ପାଣ୍ଠି ସଂଗ୍ରହ କରି ଏହି କାର୍ଯ୍ୟରେ ବିନିଯୋଗ କରୁଛନ୍ତି। କରୋନା ରୋଗୀମାନଙ୍କୁ ହସ୍ପିଟାଲ ଆଣିବା ଲାଗି ଜିଲା କର୍ତ୍ତୃପକ୍ଷ ତାଙ୍କୁ ପିପିଇ କିଟ୍ ଯୋଗାଇ ଦେଉଛନ୍ତି।

## ଚିରନ୍ତନୀ

ହେ ଜଳ-ପବନ-ଅଗ୍ନି-ମୃତ୍ତିକା-ଆକାଶ-ମହାଭୂତ
ଯାହା ଘେନି ଧରେ ପ୍ରାଣ, ଯାହା ଛାଡ଼ି ଶେଷେ ହୁଏଁ ମୃତ।
ତୁମେ ମୋର ଆଦି ଅନ୍ତ, ତୁମେ ମୋର ସବୁ ସାନ ବଡ଼
ତୁମେ ସତ୍ୟ ସନାତନ ଜ୍ଞାନରୂପୀ ଜଡ଼ ଆହେ ଜଡ଼!
-(ଜଡ଼-ଦର୍ଶନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୧ ମେ ୧୯୯୬

- ବ୍ରାଜିଲ ସାଓପାଉଲୋଠାରେ ଅବସ୍ଥିତ ଦେଶର ସର୍ବବୃହତ ଜେଲରୁ ୧୦୦ ମିଟର ଲମ୍ବା ଏକ ସୁଡ଼ଙ୍ଗ ଖୋଳି ୫୩ ବନ୍ଦୀଙ୍କ ପଳାୟନ।
- ଦକ୍ଷିଣ ଆଫ୍ରିକାରେ ରାଷ୍ଟ୍ରପତି ନେଲସନ ମଣ୍ଡେଲାଙ୍କ ନେତୃତ୍ୱାଧୀନ ମିଳିତ ସରକାରରୁ ପୃଥକ୍ ହୋଇ ଉପରାଷ୍ଟ୍ରପତି ଏଫ୍. ଡବ୍ଲ୍ୟୁ. ଡି'କ୍ଲାର୍କଙ୍କ ନେତୃତ୍ୱାଧୀନ ନ୍ୟାସନାଲ ପାର୍ଟି ବିରୋଧୀ ଦଳ ଭୂମିକା ଗ୍ରହଣ କରିବ ବୋଲି ଘୋଷଣା କରିଛି।
- ଲୋକସଭା ନିର୍ବାଚନର ଫଳାଫଳ ଜଣାପଡ଼ିବା ପରେ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 9 | | 5 | |
| 7 | | | | | | | | |
| | | 2 | | | | 1 | | |
| | 9 | 6 | | | 2 | | | 3 |
| 8 | 4 | | | | | 2 | | |
| | | | 8 | | | | 7 | |
| | | | 9 | | 6 | | | 2 |
| 4 | | | | | | | | 1 |
| | 7 | 3 | 5 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 7 | 3 | 4 | 1 | 6 | 5 | 2 |
| 2 | 5 | 6 | 9 | 8 | 7 | 1 | 4 | 3 |
| 4 | 1 | 3 | 6 | 2 | 5 | 7 | 9 | 8 |
| 6 | 8 | 9 | 2 | 5 | 3 | 4 | 1 | 7 |
| 5 | 4 | 2 | 1 | 7 | 9 | 3 | 8 | 6 |
| 7 | 3 | 1 | 4 | 6 | 8 | 9 | 2 | 5 |
| 9 | 2 | 8 | 7 | 1 | 6 | 5 | 3 | 4 |
| 3 | 7 | 4 | 5 | 9 | 2 | 8 | 6 | 1 |
| 1 | 6 | 5 | 8 | 3 | 4 | 2 | 7 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସମୟୋପଯୋଗୀ ନିଷ୍ପତ୍ତି

ମହାଶୟ,

ଦେଶରେ ମହାମାରୀ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ବଢ଼ି ଚାଲିଥିବା ବେଳେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ଦଶମ ପରୀକ୍ଷାକୁ ବାତିଲ କରିବା ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାକୁ ସ୍ଥଗିତ ରଖିବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଏକ ସମୟୋପଯୋଗୀ ପଦକ୍ଷେପ ବୋଲି କୁହାଯାଇପାରିବ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଅନୁସରଣ କରି ଓଡ଼ିଶା ସମେତ ଦେଶର ଅର୍ଦ୍ଧାଧିକ ରାଜ୍ୟ ସରକାର ଦଶମ ଓ ଦ୍ୱାଦଶ(ଯୁକ୍ତ ଦୁଇ) ପରୀକ୍ଷାକୁ ବାତିଲ କିମ୍ବା ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନେବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଏହା ନିଶ୍ଚିତ ଯେ, ସାଂପ୍ରତିକ ସମୟରେ ଜୀବନ ରକ୍ଷା ସବୁଠୁ ଆଗ ; ଯାହା କି ସରକାରଙ୍କ ନିଷ୍ପତ୍ତିକୁ ସଂକେତ ପ୍ରଦାନ କରୁଛି। ତେବେ ବିନା ପରୀକ୍ଷାରେ ସେମାନଙ୍କର ରେଜଲ୍ଟ ବାହାରିବ ଏବଂ ଉଚ୍ଚଶିକ୍ଷାରେ ପ୍ରବେଶ କରିପାରିବେ। ଏହି ପଦ୍ଧତିରେ ଯେଉଁ ଛାତ୍ରୀଛାତ୍ରମାନେ ସନ୍ତୁଷ୍ଟ ହେବେ ନାହିଁ, ପରିସ୍ଥିତି ସୁଧୁରିଲେ ସେମାନଙ୍କୁ ପରୀକ୍ଷା ଦେବାପାଇଁ ସୁଯୋଗ ମିଳିବ। ଅନ୍ୟପକ୍ଷରେ ଦ୍ୱାଦଶ ପରୀକ୍ଷା ପାଇଁ ଜୁନ୍ ପହିଲାରେ ସରକାର ପରିସ୍ଥିତିର ସମୀକ୍ଷା କରି ନିଷ୍ପତ୍ତି ନେବେ। ଅବଶ୍ୟ ପରୀକ୍ଷା ପାଇଁ ୧୫ଦିନ ପୂର୍ବରୁ ଛାତ୍ରୀଛାତ୍ରମାନଙ୍କୁ ସରକାର ଜଣାଇବା ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଯଥାର୍ଥ ମନେହୁଏ। ମହାମାରୀ ସଂକଟ ଟଳିଲେ, ପରୀକ୍ଷା ହେବ। ଏଥିରେ ଛାତ୍ରୀଛାତ୍ରମାନେ ଚାପଗ୍ରସ୍ତ ହେବା ସ୍ୱାଭାବିକ। ପିଲାମାନଙ୍କ ମାନସିକ ଚାପ ହ୍ରାସ ପାଇଁ ଅଭିଭାବକ ସେମାନଙ୍କୁ ନୈତିକ ବଳ ଯୋଗାଇବା ଜରୁରୀ।

-ସୌଭାଗ୍ୟ ରଞ୍ଜନ ମହାନ୍ତି, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## କରୋନାରେ ଖବରଦାତାଙ୍କ ମୃତ୍ୟୁ

ପୋଲସରା/ବୁଗୁଡ଼ା,(ଡି.ଏନ.ଏ.): ଗଞ୍ଜାମ ଜିଲା ପୋଲସରା ସହରର ଜଣେ ଖବରଦାତାଙ୍କ ସୋମବାର କରୋନାରେ ମୃତ୍ୟୁ ଘଟିଛି। ସେ ହେଲେ ପୋଲସରାର କିଶୋର ଚନ୍ଦ୍ର ଦାସ। କିଶୋର 'ସମାଜ'ରେ ଖବରଦାତା ଭାବେ କାର୍ଯ୍ୟ କରୁଥିଲେ। ସେ ଗତ ୧ ତାରିଖରୁ କରୋନାରେ ଆକ୍ରାନ୍ତ ହୋଇ ଶୀତଳାପଲ୍ଲିସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। କିଶୋରଙ୍କ ବିୟୋଗରେ ସୋମବାର ବୁଗୁଡ଼ା ମିଡ଼ିଆ କ୍ଲବ ପକ୍ଷରୁ ସଭାପତି ଅନିଲ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଶୋକସଭା ହୋଇଥିଲା। ଉପଦେଷ୍ଟା କଳୀଚରଣ ଦାଶ ଓ କ୍ଲବର ସଦସ୍ୟମାନଙ୍କ ପକ୍ଷରୁ କିଶୋରଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଛି।



**ସଂକ୍ଷେପରେ**

## ପୂର୍ବତନ ସଂସ୍କୃତି ସଚିବ ଗୋପୀନାଥ ମହାନ୍ତିଙ୍କ ପରଲୋକ



**ବାଲେଶ୍ୱର ଅଫିସ, ୧୦।୫:** ପୂର୍ବତନ ସଂସ୍କୃତି ବିଭାଗ ସଚିବ ତଥା ବରିଷ୍ଠ ଆଇଏଏସ୍ ଅଫିସର ଗୋପୀନାଥ ମହାନ୍ତି(୭୨)ଙ୍କ ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ପରଲୋକ ହୋଇଯାଇଛି। ସେ କରୋନାରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ପୂର୍ବତନ ସଚିବ ଗୋପୀନାଥଙ୍କ ଘର ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶ୍ରୀଜଙ୍ଗ ପଞ୍ଚାୟତ ଇଙ୍କଡ଼ ସାହିରେ। ସେ ରାଜ୍ୟ ସରକାରଙ୍କର ବହୁ ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇଥିଲେ। ଢେଙ୍କାନାଳ ଜିଲାପାଳଙ୍କଠାରୁ ଆରମ୍ଭ କରି ବିଦ୍ୟୁତ୍ ବିଭାଗର ଯୁଗ୍ମ ସଚିବ, ସଂସ୍କୃତି ସଚିବ, ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ ଭଳି ଉଚ୍ଚ ପଦବୀରେ କାର୍ଯ୍ୟ କରିଥିଲେ। ଗ୍ରାମରେ ଜଗନ୍ନାଥ ମନ୍ଦିର ସହ ବାପାଙ୍କ ନାମରେ ହାଇସ୍କୁଲ, ମା'ଙ୍କ ନାମରେ ଏମ୍ଇ ସ୍କୁଲ ଏବଂ ଶ୍ରୀଜଙ୍ଗ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପରିଷଦ ଗଠନ କରିଥିଲେ। ଏଥିସହିତ ରାଜ୍ୟ ସାରା ବିଭିନ୍ନ ଜିଲାର ସାଂସ୍କୃତିକ ଇତିହାସ ସଙ୍କଳନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ (ଓଡ଼ିଶା)ର ପ୍ରତିଷ୍ଠାତା ତଥା ସ୍ଥାୟୀ ସଭାପତି, ଫକୀରମୋହନ ସ୍ମୃତି ସଂସଦର ସମ୍ପାଦକ ଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କ ପ୍ରଚେଷ୍ଟାରେ ଜିଲାରେ ଥିବା ଐତିହାସିକ ଶାନ୍ତିକାନନ ସୌନ୍ଦର୍ଯ୍ୟକରଣ ହୋଇପାରିଥିଲା। ତାଙ୍କ ବିୟୋଗରେ ଫକୀରମୋହନ ସାହିତ୍ୟ ପରିଷଦର ବରିଷ୍ଠ ସଦସ୍ୟ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଶ୍ରୀଜଙ୍ଗ ସ୍ୱାଧୀନତା ସ୍ମୃତି ପରିଷଦର ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ ଅଧ୍ୟାପକ କମଳାକାନ୍ତ ଦାସ, ଶ୍ରୀଜଙ୍ଗ ସରପଞ୍ଚ କାର୍ତ୍ତିକ ବାରିକ, ବରିଷ୍ଠ ନାଗରିକ ରବି ରଥ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗୋପୀନାଥ କୋରେଇର ପୂର୍ବତନ ଭାଜପା ବିଧାୟିକା ସଞ୍ଚିତା ମହାନ୍ତିଙ୍କ ସ୍ୱାମୀ।

## ଉଦଳା ସବ୍‌ଜେଲ୍‌ର ୨୧ ଅନ୍ତେବାସୀ ପଜିଟିଭ୍

**ଉଦଳା,୧୦।୫ (ଡି.ଏନ.ଏ):** ମୟୂରଭଞ୍ଜ ଜିଲା ଉଦଳା ସବ୍‌ଜେଲ୍‌ରେ ୨୧ ଅନ୍ତେବାସୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏନେଇ ଜେଲ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଛି। ଏହି ସବ୍‌ଜେଲ୍‌ରେ ୧୧୨ ବିଚାରାଧୀନ ବନ୍ଦୀ ରହୁଛନ୍ତି। ରବିବାର ୭୬ ଜଣଙ୍କର ସ୍ୱାବ୍ ଟେଷ୍ଟ ହୋଇଥିଲା। ସେମାନଙ୍କ ମଧ୍ୟରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ। ସମସ୍ତଙ୍କୁ ଆଇସୋଲେଶନରେ ରଖାଯାଇଥିବା ସବ୍‌ଜେଲର ଧନେଶ୍ୱର ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଏତେ ସଂଖ୍ୟକ ପଜିଟିଭ୍ ବାହାରିବା ପରେ ସ୍ଥାନୀୟ ଏନ୍ଏସି ପକ୍ଷରୁ ଜେଲ୍ ପରିସରକୁ ସାନିଟାଇଜ୍ କରାଯାଇଛି।

## ଟ୍ରଲିରେ ଜନ୍ମ ଦେଲେ ପ୍ରସୂତି

**ଖଇରା, ୧୦।୫(ଡି.ଏନ.ଏ.):** ସୁରକ୍ଷିତ ମାତୃତ୍ୱ ଲାଗି ସରକାର ଗୁରୁତ୍ୱ ଦେଉଥିବା ବେଳେ ମୌଳିକ ସୁବିଧାରୁ ବଞ୍ଚିତ ଅନେକ ମହିଳା ଏହି ଯୋଜନାର ସୁଫଳ ପାଇପାରୁନାହାନ୍ତି। ଅନେକ ସମୟରେ ଗର୍ଭ ଯନ୍ତ୍ରଣାରେ ଛଟପଟ ହେଉଥିବା ପ୍ରସୂତି ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚି ନ ପାରି ରାସ୍ତାକଡ଼ରେ ସନ୍ତାନ ପ୍ରସବ କରିବାର ନଜିର ରହିଛି। ଏଭଳି ଆଉ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ଖଇରା ବ୍ଲକ ମାଖନପୁର ଗ୍ରାମ ପଞ୍ଚାୟତ ଖରିଦା ଗ୍ରାମରେ। ରାସ୍ତା ଖରାପ ଯୋଗୁ ଉକ୍ତ ଗାଁକୁ ଆମ୍ବୁଲାନ୍ସ ପଶି ନ ପାରିବାରୁ ସୋମବାର ଜଣେ ଗର୍ଭବତୀ ଅସୁରକ୍ଷିତ ଭାବେ ଟ୍ରଲିରେ ସନ୍ତାନ ପ୍ରସବ କରିଛନ୍ତି। ଗ୍ରାମର କମଳାକାନ୍ତ ସାହୁଙ୍କ ସ୍ତ୍ରୀ ମଞ୍ଜୁଲତାଙ୍କ ଗର୍ଭଯନ୍ତ୍ରଣା ହେବାରୁ ତାଙ୍କୁ ମେଡିକାଲ ନେବା ପାଇଁ ପରିବାର ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ଉକ୍ତ ଗ୍ରାମର ରାସ୍ତାକୁ ଠିକାଦାର ଅଧାପନ୍ତରିଆ ଭାବେ ଛାଡ଼ିଦେଇଥିବାରୁ କାଦୁଅ ପଚ ପଚ ହୋଇ ରହିଛି। ଫଳରେ ଆମ୍ବୁଲାନ୍ସ ଗ୍ରାମ ଭିତରକୁ ଯାଇ ନ ପାରି ମୁଣ୍ଡରେ ଅଟକି ରହିଥିଲା। ଶେଷରେ ଗ୍ରାମବାସୀ ମଞ୍ଜୁଲତାଙ୍କୁ ଏକ ଟ୍ରଲିରେ ବୋହି ଗାଡ଼ି ନିକଟକୁ ଆଣୁଥିବା ବେଳେ ସେ ବାଟରେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ପରେ ମା' ଓ ନବଜାତକଙ୍କୁ ଚିକିତ୍ସା ପାଇଁ ସୋର ମେଡିକାଲରେ ଭର୍ତ୍ତି କରାଯାଇଛି।

# କରୋନା ପାଇଁ ଅଟକିଛି ତଦନ୍ତ

### ଆର୍ମ୍‌ଡ ଡିସିପିଙ୍କୁ ସିପାହି ଝିଅ ଯୋଗାଇବା ଘଟଣା
### ସିପାହିଙ୍କ ଘରକୁ ମଦବୋତଲ, ପଥର ମାଡ଼ ଅଭିଯୋଗ

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ଝିଅ ଯୋଗାଇବାକୁ ଜଣେ ସିପାହିଙ୍କ ଉପରେ ଚାପ ପକାଇବା ସହ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ନେଇ ଆର୍ମ୍‌ଡ ଡିସିପି ବିଜୟ କୁମାର ସାହୁଙ୍କ ନାମରେ ଏପ୍ରିଲ ୫ରେ ଅଭିଯୋଗ ଆସିଥିଲା। ଓଏସ୍ଏପି ସିପାହି ନୀହାର ରଞ୍ଜନ ନାୟକଙ୍କ ସ୍ତ୍ରୀ ଓ ପରିବାର ଲୋକେ ଏ ନେଇ ପୋଲିସ କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ। ପୋଲିସ କମିଶନର ଏହାକୁ ଗୁରୁତ୍ୱ ଦେଇ ଅତିରିକ୍ତ କମିଶନର ରେଖା ଲୋହାନୀଙ୍କୁ ତୁରନ୍ତ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ମାସେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଆର୍ମ୍‌ଡ ଡିସିପି ବିଜୟଙ୍କ ବିରୋଧରେ ତଦନ୍ତ ସରିପାରି ନାହିଁ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ତଦନ୍ତ ଏବେ ଅଧାରେ ଅଟକି ରହିଛି।

ତେବେ ଏହି ସମୟ ମଧ୍ୟରେ ବିଜୟ ନିଜ ସମର୍ଥକଙ୍କୁ ମତାଉଥିବା ଓ ତଦନ୍ତ ନିଜ ପକ୍ଷକୁ ଟାଣୁଥିବା ଅଭିଯୋଗ ବାରମ୍ବାର ଆସିଥିଲା। ଏବେ ତାଙ୍କ ବିରୋଧରେ ଚନ୍ଦ୍ରଶେଖରପୁର ଥାନାରେ ଆଉ ଏକ ଅଭିଯୋଗ ହୋଇଛି। ସିପାହି ନୀହାରଙ୍କ ଘର ଉପରକୁ ମଦବୋତଲ ଓ ପଥର ଫିଙ୍ଗା ଯାଉଥିବାବେଳେ ଘର ସାମ୍ନାରେ ପାର୍କିଂ କରାଯାଇଥିବା ମୋଟରସାଇକେଲ୍ ପୋଡ଼ିବାକୁ ଉଦ୍ୟମ ହୋଇଥିବା ନୀହାରଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ସ୍ତ୍ରୀଙ୍କ ଅଭିଯୋଗ ଅନୁଯାୟୀ, କେହି ଦୁର୍ବୃତ୍ତ ୯ ତାରିଖ ବିଳମ୍ବିତ ରାତିରେ ତାଙ୍କ ଘର ଉପରକୁ ଇଟା, ପଥର ସହ ମଦବୋତଲ ଫିଙ୍ଗିଥିଲେ। ଏହାର କିଛି ସମୟ ପରେ ଝରକା ପାଖରେ ପେଟ୍ରୋଲ୍ ବାସ୍ନା ହେବାରୁ ସେ ଓ ତାଙ୍କ ସ୍ୱାମୀ ବାହାରକୁ ଆସି ଦେଖିବାରୁ ବାଇକ ଉପରେ ଘୋଡ଼ାଯାଇଥିବା କପଡ଼ା ଜଳୁଥିଲା। ସେହିପରି ମଦ ବୋତଲ ଭାଙ୍ଗି ଚାରିଆଡ଼େ କାଚ ପଡ଼ିରହିଥିଲା। ଆର୍ମ୍‌ଡ ଡିସିପି ତାଙ୍କ ପରିବାରକୁ ଭୟଭୀତ କରିବାକୁ ଏଭଳି ଚେଷ୍ଟା କରୁଥିବା ସେ ସନ୍ଦେହ କରିଥିଲେ। ଏ ନେଇ ସୋମବାର ସେ ଥାନାରେ ଅଭିଯୋଗ କରିଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଯୁବରାଜ ସ୍ୱାଇଁଙ୍କୁ ପଚରାଯିବାରୁ କହିଛନ୍ତି, ତାଙ୍କ ଘର ଆଗରେ ପଥର ଓ ମଦବୋତଲ ପଡ଼ିଥିବା ଅଭିଯୋଗ ଆସିଛି। ଏ ନେଇ ମାମଲା ରୁଜୁ ହୋଇ ନ ଥିବା ବେଳେ ଆମେ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛୁ। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଥିଲେ ମାମଲା ରୁଜୁ କରାଯିବ। ଅନ୍ୟପକ୍ଷରେ ଆର୍ମ୍‌ଡ ଡିସିପି କହିଛନ୍ତି ଉକ୍ତ ଘଟଣା ସମ୍ପର୍କରେ ସେ କିଛି ଜାଣିନାହାନ୍ତି। ଏସବୁ ଆପଣଙ୍କଠାରୁ ହିଁ ଜାଣିବାକୁ ପାଉଛି। ମୋ' ବିରୋଧରେ ମିଥ୍ୟା ଅଭିଯୋଗ କରାଯାଉଛି, ଏଥିରେ ମୋର କୌଣସି ଦୋଷ ନାହିଁ। ଅନ୍ୟପକ୍ଷେ ପୂର୍ବରୁ ଆର୍ମ୍‌ଡ ଡିସିପି ବିଜୟଙ୍କ ଘଟଣାରେ ତଦନ୍ତ କରୁଥିବା ଅତିରିକ୍ତ ପୋଲିସ କମିଶନର ରେଖା ଲୋହାନୀଙ୍କୁ ପଚାରିବାରୁ କହିଛନ୍ତି, କରୋନା ପାଇଁ ତଦନ୍ତ ଅଧାରେ ଅଟକିଛି। ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯାଇ ପୋଲିସ କମିଶନରଙ୍କୁ ରିପୋର୍ଟ ପ୍ରଦାନ କରାଯିବ।

# ଅନାଥ, ଅବହେଳିତ ଶିଶୁଙ୍କ ଯତ୍ନ ନିଅ

### ଜିଲାପାଳଙ୍କୁ ସରକାରଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୦।୫(ବ୍ୟୁରୋ)**



ଅନାଥ, ଅବହେଳିତ ଏବଂ ଯେଉଁ ପିଲାମାନଙ୍କ ମାତାପିତା କୋଭିଡ୍ କେୟାର ସେଣ୍ଟର(ସିସିସି)ରେ ଚିକିତ୍ସିତ ହେଉଛନ୍ତି, ସେହି ପିଲାମାନଙ୍କ ଉପଯୁକ୍ତ ଯତ୍ନ ନେବା ଲାଗି ରାଜ୍ୟ ସରକାର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ସୋମବାର ସମନ୍ୱିତ ଶିଶୁ ବିକାଶ ଯୋଜନା(ଆଇସିଡିଏସ୍) ଏବଂ ସାମାଜିକ ମଙ୍ଗଳ ବିଭାଗ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ଏ ନେଇ ଚିଠି ଲେଖିଛନ୍ତି। ପ୍ରତ୍ୟେକ ଜିଲାରେ ଅତିକମ୍‌ରେ ଗୋଟିଏ ଶିଶୁ ଯତ୍ନ ପ୍ରତିଷ୍ଠାନ ଚିହ୍ନଟ କରିବା ଲାଗି ଜିଲାପାଳମାନଙ୍କୁ କୁହାଯାଇଛି। କୋଭିଡ-୧୯ ମହାମାରୀ ସମୟରେ ଅବହେଳିତ ଶିଶୁମାନଙ୍କ ପ୍ରାଥମିକତାଭିତ୍ତିରେ ଯତ୍ନ ନେବା ଲାଗି ପରାମର୍ଶ ଦିଆଯାଇଛି। ସିସିସି କିମ୍ବା ସଙ୍ଗରୋଧରେ ଥିବା ମାତାପିତାଙ୍କ ଫେରିବା ପର୍ଯ୍ୟନ୍ତ ଚିହ୍ନଟ ଶିଶୁ ଯତ୍ନ ପ୍ରତିଷ୍ଠାନରେ ଥିବା ପିଲାଙ୍କ ଅନ୍ତରୀଣ ଉପଯୁକ୍ତ ଯତ୍ନ ନେବା ପାଇଁ କୁହାଯାଇଛି। ଏଥିସହିତ ସମସ୍ତ ଚିକିତ୍ସାଳୟ ଏବଂ ଜିଲାରେ ଥିବା ସିସିସିରେ ପିଲାମାନଙ୍କ ଲାଗି ସମସ୍ତ ପ୍ରକାର ସୁବିଧା କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ହସ୍ପିଟାଲ ଓ ସିସିସିରେ ଶିଶୁ ଯତ୍ନ ପ୍ରତିଷ୍ଠାନ ଏବଂ ଚାଇଲ୍ଡଲାଇନ୍ ନଂ.୧୦୯୮କୁ ଉପଯୁକ୍ତ ଭାବେ ପ୍ରଦର୍ଶନ କରିବା ପାଇଁ କୁହାଯାଇଛି। ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକୁ ପ୍ରାଥମିକତାଭିତ୍ତିରେ ଅକ୍ସିମିଟର, ମୋବାଇଲ ଫୋନ୍ ଏବଂ ଥର୍ମାଲ୍ ସ୍କାନର ଯୋଗାଇ ଦେବାକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



କଟକ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମ୍‌କୁ ସୋମବାର ଜଣେ ଦିବ୍ୟାଙ୍ଗ ଟିକା ନେବାକୁ ଯାଉଛନ୍ତି।

# ବିଦ୍ୟୁତ୍ କର୍ମଚାରୀଙ୍କଠାରୁ ୬.୧୬ ଲକ୍ଷ ଲୁଟ

**ବାଣପୁର,୧୦।୫(ଡି.ଏନ୍.ଏ.)**

କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟରେ ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ ଖୋର୍ଦ୍ଧା ଜିଲାରେ ଲୁଟେରାମାନେ ସକ୍ରିୟ ହୋଇଉଠିଛନ୍ତି। ସୋମବାର ବାଣପୁର ଥାନା ଶକ୍ତି ସିନେମା ହଲ ଛକ ନିକଟରୁ ଜଣେ ବିଦ୍ୟୁତ୍ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଦୁଇ ଜଣ ଦୁର୍ବୃତ୍ତ ୬ଲକ୍ଷ ୧୬ହଜାର ୭୮୦ଟଙ୍କା ଲୁଟି ନେଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବାଣପୁର ଥାନା ଅଧୀନ ଗୋବିନ୍ଦପୁର ଗ୍ରାମର ସଞ୍ଜିତ ପ୍ରଧାନ ଇମ୍ପେରିଅଲ ପ୍ରାଇଭେଟ ଲିମିଟେଡ୍ କମ୍ପାନୀରେ ସୁପରଭାଇଜର ଭାବେ କାର୍ଯ୍ୟ କରନ୍ତି। ସୋମବାର ମଧ୍ୟାହ୍ନ ୧୨ଟା ୩୦ରେ ବିଦ୍ୟୁତ୍ ଦେୟ ବାବଦରେ ସଂଗ୍ରହ ହୋଇଥିବା ୬ଲକ୍ଷ ୧୬ହଜାର ୭୮୦ଟଙ୍କା ସଞ୍ଜିତ୍ ଏକ ବ୍ୟାଗରେ ଧରି ବ୍ୟାଙ୍କରେ ଜମା କରିବା ପାଇଁ ଘରୁ ବାଇକରେ ବାଲୁଗାଁ ଯାଉଥିଲେ। ଶକ୍ତି ସିନେମା ହଲ ନିକଟ ହମ୍ପସ ନିକଟରେ ଦୁଇ ଜଣ ଦୁର୍ବୃତ୍ତ ଏକ୍ ବାଇକ୍‌ରେ ଆସି ହଠାତ୍ ସଞ୍ଜିତ୍‌ଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ। ଜଣେ ଦୁର୍ବୃତ୍ତ ସଞ୍ଜିତଙ୍କ ବାଇକ୍ ଚାବି ଓ ମୋବାଇଲ ଫୋନ ଛଡ଼ାଇନେଇ ରାସ୍ତାରେ ଫିଙ୍ଗି ଦେଇଥିଲେ। ପରେ ଦୁର୍ବୃତ୍ତମାନେ ତାଙ୍କୁ ବନ୍ଧୁକ ଦେଖାଇ ଟଙ୍କା ବ୍ୟାଗକୁ ଛଡ଼ାଇନେଇ ଫେରାର ହୋଇଯାଇଥିଲେ। ଏନେଇ ଇମ୍ପେରିଅଲ ପ୍ରାଇଭେଟ ଲିମିଟେଡ୍ କମ୍ପାନୀର ରାଜ୍ୟ ମୁଖ୍ୟ ମହାଦେବ ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

**ଟିକା ପାଇଁ ଠେଲାପେଲା**

# ଟିକାକରଣ କେନ୍ଦ୍ରରେ ଅବ୍ୟବସ୍ଥା

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଉଛି। ସେଥିପାଇଁ ଲୋକେ ଟିକା ନେବାକୁ ଆତୁର। ଫଳରେ ଟିକାକରଣ କେନ୍ଦ୍ରରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳୁଛି। ଭୁବନେଶ୍ୱର, କଟକଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକମାନେ ସକାଳୁ ପ୍ରବଳ ଭିଡ଼ ଲଗାଉଛନ୍ତି। ଟିକାକରଣ କେନ୍ଦ୍ରରେ କୋଭିଡ୍ ନିୟମାବଳୀକୁ ନ ମାନି ଆଗୁଆ ଟିକା ନେବା ପାଇଁ ପରସ୍ପର ମଧ୍ୟରେ ଠେଲାପେଲା ଚାଲିଛି। ପୋଲିସ ମଧ୍ୟ ଏହି ଭିଡ଼କୁ ନିୟନ୍ତ୍ରଣ କରିପାରୁ ନାହିଁ। ପଞ୍ଜୀକୃତ ବ୍ୟକ୍ତି କେଉଁଦିନ ଓ କେଉଁଠି ଟିକା ନେବେ ସେ ନେଇ ମୋବାଇଲ୍‌କୁ ସୂଚନା ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ହେଲେ ଲୋକେ କୌଣସି ସୂଚନା ପାଇପାରୁ ନ ଥିବାରୁ ନିକଟସ୍ଥ ଟିକା କେନ୍ଦ୍ରରେ ଗହଳି ବଢ଼ୁଛି। ଏହାଦ୍ୱାରା କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଚେତାବନୀ ଦେଇଛନ୍ତି।

ଭଦ୍ରକ ଜିଲା ବାସୁଦେବପୁର ଡାକ୍ତରଖାନାରେ ସୋମବାର ଲୋକେ ଟିକା ନେବାକୁ ଠେଲାପେଲା ହେଉଥିଲେ। ସେମାନଙ୍କ ମଧ୍ୟରୁ ଅନେକ ପଞ୍ଜୀକରଣ ନ କରି ହସ୍ପିଟାଲକୁ ଟିକା ନେବାକୁ ଆସିଥିଲେ। ଭୋର ୪ଟାରୁ ପଞ୍ଜୀକରଣ କରିବାକୁ ଲମ୍ବା ଲାଇନ ଲାଗିଯାଉଛି। ଦୈନିକ ୪୦୦ ଲୋକଙ୍କୁ ଟିକା ଦିଆଯିବାର ବ୍ୟବସ୍ଥା ଥିବାବେଳେ ୨୦୦୦ ଲୋକ ଲାଇନରେ ଛିଡ଼ା ହୋଇଥିଲେ। ଫଳରେ ପଞ୍ଜୀକରଣ ସରିବା ପରେ ସେଠାରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ପୋଲିସକୁ ଭିଡ଼ ନିୟନ୍ତ୍ରଣ କରିବାକୁ ପଡ଼ିଥିଲା।

ବାସୁଦେବପୁର ଭଳି ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ସେଠାରେ ଟିକା ନେବା ପାଇଁ ଲୋକମାନେ ଲମ୍ବା ଲାଇନରେ ଛିଡ଼ା ହୋଇଥିଲେ। ଲୋକମାନେ ସାମାଜିକ ଦୂରତା କଟକଣା ସମ୍ପୂର୍ଣ୍ଣ ଭାବେ ଭୁଲି ଯାଇଥିଲେ। ଟିକା ନେବା ପାଇଁ ଠେଲାପେଲା ହେଉଥିବା ଦେଖିବାକୁ ମିଳିଥିଲା।

କେନ୍ଦୁଝର ଜିଲା ଆନନ୍ଦପୁର ଟିକାକରଣ କେନ୍ଦ୍ରରେ ମଧ୍ୟ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା। ଲୋକମାନେ ସାମାଜିକ ଦୂରତା ଭୁଲି ଟିକା ପାଇଁ ପ୍ରବଳ ଗହଳି ଲଗାଇଥିଲେ। ସ୍ଥିତି ଏଭଳି ହୋଇଥିଲା ଯେ ଭ୍ୟାକ୍ସିନେଶନ ସେଣ୍ଟରରେ ୧୫୦ ଟିକା ଥିବା ବେଳେ ହଜାରେରୁ ଅଧିକ ଲୋକ ଭିଡ଼ ଜମାଇଥିଲେ। କେହି କେହି ରାତି ୨ଟାରୁ ଆସି ଲାଇନ ଲଗାଇଥିବା ଜଣାପଡ଼ିଛି।

**OFFICE OF THE NOTIFIED AREA COUNCIL, KHARIAR ROAD**
e-mail: nackhrd@rediffmail.com, Phone: 06678-221239
No. 1018 Dt.: 10.05.2021
**2nd CORRIGENDUM**
No. C-238: The Tender Call Notice No. 971 Dt.09.04.2021 of this office is hereby cancelled due to some un-avoidable circumstances.
Sd./- Executive Officer
NAC, Khariar Road
OIPR-13136/11/0006/2122

# ଭାସ୍କର୍ଯ୍ୟ ଶିଳ୍ପୀ ଜଗତର ପିତାମହ ଥିଲେ ରଘୁନାଥ

**ଭୁବନେଶ୍ୱର, ୧୦।୫(ବ୍ୟୁରୋ):** ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ସୋମବାର ଏକାଡେମୀ କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ରଘୁନାଥଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ରଘୁନାଥ ହସ୍ତଶିଳ୍ପ ତାଲିମ କେନ୍ଦ୍ରରେ ଚାକିରୀ ଜୀବନ ଆରମ୍ଭ କରି ଓଡ଼ିଶାର ପାରମ୍ପରିକ ପ୍ରସ୍ତରକଳାକୁ ଉଜ୍ଜୀବିତ କରି ରଖିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ତାଙ୍କର ପ୍ରସ୍ତର ଶିଳ୍ପ କ୍ଷେତ୍ରରେ ଉତ୍କୃଷ୍ଟ କୃତି ନିମନ୍ତେ ସେ ଓଡ଼ିଶା ଲଳିତ କଳା ଏକାଡେମୀରୁ ରାଜ୍ୟ ପୁରସ୍କାର ଓ ଏକାଡେମୀର ସର୍ବୋଚ୍ଚ ସମ୍ମାନ ଧର୍ମପଦ ପୁରସ୍କାର ପାଇଥିଲେ। ସେହିପରି ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏହି ମହାନ ବ୍ୟକ୍ତିଙ୍କ ବିୟୋଗରେ ଓଡ଼ିଶା ଭାସ୍କର୍ଯ୍ୟ ଶିଳ୍ପୀ ଜଗତର ପିତାମହ ଭୀଷ୍ମ ଭାବେ ପରିଚିତ ଜଣେ ଉଚ୍ଚକୋଟୀର ଶିଳ୍ପୀଙ୍କୁ ହରାଇଛି ବୋଲି ଶିଳ୍ପୀ ଓ କଳାପ୍ରେମୀ ମତ ପ୍ରକାଶ କରିଛନ୍ତି। ସଭାରେ ଏକାଡେମୀର ସଭାପତି ସୁଦର୍ଶନ ପଟ୍ଟନାୟକ, ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଉପନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ଲଳିତକଳା ଏକାଡେମୀ କାର୍ଯ୍ୟାଳୟରେ ଅନୁଷ୍ଠିତ ଶୋକସଭା।

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
Date.10.05.2021
**ADVERTISEMENT FOR RECRUITMENT OF EXECUTIVES IN OMC LTD.**
**ADDENDUM**
Pursuant to **Advt. No.55/OMC dtd.22.04.2021** and **Advt. No.56/OMC dtd.28.04.2021** for recruitment of various Executive Posts in OMC, the last date of receipt of applications as mentioned in the aforesaid advertisements are hereby extended to **01.06.2021& 08.06.2021** in place of15.05.2021&21.05.2021 respectively, owing to ongoing COVID-19 pandemic scenario.
All other terms & conditions of the above advertisements shall remain unchanged.
Sd/-
Director (Personnel)
**N.B.**: Candidates are advised to visit OMC website (https://omcltd.in) regularly for further updates.

# ପରିବାରବର୍ଗଙ୍କ କରୋନା ଟେଷ୍ଟ ପରେ ବିବାହ ଅନୁମତି

### ଗଞ୍ଜାମ ଜିଲା ପ୍ରଶାସନର ନୂଆ ନିୟମ

**ଛତ୍ରପୁର,୧୦।୫(ଡି.ଏନ୍.ଏ.)**

କରୋନା ସଂକ୍ରମଣ ବଢ଼ୁଥିବାରୁ କଟକଣା ମଧ୍ୟରେ ବିବାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିବାହରେ ୫୦ ଲୋକ ଏକାଠି ହୋଇପାରିବେ। ଏଥିପାଇଁ ସ୍ଥାନୀୟ ପ୍ରଶାସନଠାରୁ ଅନୁମତି ନେବାକୁ ପଡ଼ିବ। ବାହାଘରରେ ଯୋଗଦେବାକୁ ଥିବା ବ୍ୟକ୍ତିଙ୍କ ତାଲିକା ପ୍ରଦାନ କରିବାକୁ ହେବ। ଗଞ୍ଜାମ ଜିଲାରେ ଦ୍ୱିତୀୟ ଲହରରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଭଳି ସମୟରେ ଜିଲାରେ କେହି ବିବାହ ଆୟୋଜନ କଲେ ପରିବାର ସଦସ୍ୟଙ୍କ କରୋନା ଟେଷ୍ଟ କରାଇବେ। କୌଣସି ସଦସ୍ୟଙ୍କର ଆଣ୍ଟିଜେନ ଟେଷ୍ଟ ପଜିଟିଭ ଜଣାପଡ଼ିଲେ ବାହାଘରକୁ ଅନୁମତି ଦିଆଯିବ ନାହିଁ। ସୋମବାର ଅନୁଷ୍ଠିତ କୋଭିଡ୍ ପରିଚାଳନା ସମ୍ପର୍କିତ ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହା କହିଛନ୍ତି।

କୋଭିଡ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ, ଚିକିତ୍ସକ କିମ୍ବା କର୍ମଚାରୀ କୌଣସି ଫୋନ କଲ୍‌କୁ ଅବହେଳା ନ କରିବାକୁ ଜିଲାପାଳ କହିଛନ୍ତି। ଯେମିତି ବି ହେଉ ଲୋକଙ୍କ ଜୀବନ ବଞ୍ଚାଇବା ଲକ୍ଷ୍ୟ ନେଇ ସମସ୍ତେ କାର୍ଯ୍ୟ କରିବା ଦିଗରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ସେହିପରି ଘରେ ସଙ୍ଗରୋଧରେ ରହୁଥିବା ବ୍ୟକ୍ତିଙ୍କ ସହ ଜୁମ୍ ଭିଡିଓ କଲ୍ କିମ୍ବା ଫୋନ କଲ୍ କରି ସ୍ୱାସ୍ଥ୍ୟାବସ୍ଥା ବୁଝିବାକୁ କୁହାଯାଇଛି। ଚିକିତ୍ସିତ ହେଉଥିବା ଆକ୍ରାନ୍ତଙ୍କ ସମ୍ପର୍କୀୟ ବାରମ୍ବାର ଫୋନ କରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି। ଏଭଳି କରିବା ଦ୍ୱାରା ଚିକିତ୍ସାରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ସୀମିତ କଲ୍ ଏବଂ ସମୟକୁ ଦେଖି ଫୋନ କରିବା ପାଇଁ ଜିଲାପାଳ ଅନୁରୋଧ କରିଛନ୍ତି। ବ୍ରହ୍ମପୁର ଓ ଛତ୍ରପୁର ସହରରେ ଆଉ ଅତିରିକ୍ତ ଶହେ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ପ୍ରସ୍ତୁତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଖବର ସଂଗ୍ରହ ବେଳେ ବ୍ଲକ ଅଞ୍ଚଳର ଖବରଦାତା ସତର୍କତା ଅବଲମ୍ବନ କରିବାକୁ ଜିଲାପାଳ ଜଣାଇଥିଲେ।

**ପୌର ପରିଷଦ କାର୍ଯ୍ୟାଳୟ, ନବରଙ୍ଗପୁର**
ପତ୍ର ସଂଖ୍ୟା: ୧୪୩୯/୨୦୨୧ ତା୧୦।୦୫।୨୧
**ବିଜ୍ଞାପନ**
No. C-233: ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନବରଙ୍ଗପୁର ପୌରପାଳିକା ଅଧୀନସ୍ଥ ନିମ୍ନ ଲିଜ ୩ (ତିନି) ବର୍ଷ ସକାଶେ ଲିଜ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଆସନ୍ତା ତା୨୮।୦୫।୨୦୨୧ରିଖ ଦିବା ଘ୧୧.୦୦ଣ୍ଟା ମଧ୍ୟରେ ଜଉମୁଦ ଟେଣ୍ଡରଗୁଡ଼ିକ ପ୍ରଥମ ଅମାନତ ପଇଠ ରସିଦ ସଂଲଗ୍ନ କରି ଟେଣ୍ଡର ବାକ୍ସରେ ପକାଇବେ। ଟେଣ୍ଡରଗୁଡ଼ିକ ସେହି ଦିନ ଅର୍ଥାତ୍ ୨୮।୦୫।୨୦୨୧ରିଖ ଦିବା ଘ୧୨.୦୦ଣ୍ଟାରେ ଟେଣ୍ଡର ପକାଇଥିବା ବ୍ୟକ୍ତି କିମ୍ବା ସେମାନଙ୍କ ମନୋନୀତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡର କାଗଜ ପୌର ପରିଷଦ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ନିର୍ଦ୍ଧାରିତ ମୂଲ୍ୟରେ ଏହି ପ୍ରକାଶନ ଦିନଠାରୁ **ତା୨୭।୦୫।୨୦୨୧ରିଖ ପର୍ଯ୍ୟନ୍ତ** କାର୍ଯ୍ୟାଳୟ ଦିବସ ଏବଂ ସମୟ ମଧ୍ୟରେ ପାଇପାରିବେ। କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ବା ସମସ୍ତ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି। କର୍ତ୍ତୃପକ୍ଷ କାରଣ ନ ଦର୍ଶାଇ ସମସ୍ତ ଟେଣ୍ଡରକୁ ରଦ୍ଦ ବା ନାକଚ କରିପାରିବେ। ଉକ୍ତ ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ବିବରଣୀ ଏବଂ ସର୍ତ୍ତାବଳୀ ଇତ୍ୟାଦି ପୌର ପରିଷଦ କାର୍ଯ୍ୟାଳୟରେ ପାଇପାରିବେ।

| କ୍ର.ସଂଖ୍ୟା | ସଇରାତର ନାମ | ଲିଜ୍ ସମୟ କାଳ ତାରିଖ | ନିର୍ଦ୍ଧାରିତ ଦର | ପ୍ରଥମ ଅମାନତ ମୂଲ୍ୟ | ଟେଣ୍ଡର କାଗଜର ଦାମ | ଲିଜ୍ ସମୟ କାଳ | ମନ୍ତବ୍ୟ |
|---|---|---|---|---|---|---|---|
| ୦୧ | ଘୋରାମୁଣ୍ଡା ବନ୍ଧ ମାଛ ଚାଷ ସକାଶେ | ୧।୬।୨୧ଠାରୁ ୩୧।୦୫।୨୪ | ୮୭୦୦୦/- | ୧୭୪୦୦/- | ୧୦୦୦ + VAT | ୩ ବର୍ଷ | ୩ (ତିନି) ଲକ୍ଷ ଟଙ୍କାର ଦ୍ରାବକତା (upto date solvency) |
| ୦୨ | ନୂଆ ବନ୍ଧ ମାଛ ଚାଷ ସକାଶେ | ୧।୬।୨୧ଠାରୁ ୩୧।୦୫।୨୪ | ୩୦୦୦୦/- | ୬୦୦୦/- | ୧୦୦୦ + VAT | ୩ ବର୍ଷ | ୩ (ତିନି) ଲକ୍ଷ ଟଙ୍କାର ଦ୍ରାବକତା (upto date solvency) |

ନିର୍ବାହୀ ଅଧିକାରୀ, ପୌରସଂସ୍ଥା, ନବରଙ୍ଗପୁର
OIPR-13065/11/0002/2122

**କରୋନା ଟିକା ଓ ପରୀକ୍ଷା ପାଇଁ ୨ ଜଣଙ୍କୁ ଦାୟିତ୍ୱ**

କଟକ ଅଫିସ: ହାଇକୋର୍ଟ ଆଇନଜୀବୀଙ୍କ କରୋନା ଟିକା ଓ ପରୀକ୍ଷା ସଂକ୍ରାନ୍ତୀୟ କାର୍ଯ୍ୟର ସୂଚାରୁ ପରିଚାଳନା ପାଇଁ ସିଏମ୍‌ସି କମିଶନର ଅନନ୍ୟା ଦାସ ଜଣେ ନୋଡାଲ ଅଫିସର ଓ ଜଣେ ନୋଡାଲ ଡାକ୍ତରଙ୍କୁ ଦାୟିତ୍ୱ ଦେଇଛନ୍ତି। ନୋଡାଲ ଅଫିସର ଭାବେ ସିଏମ୍‌ସିର ମନୋରଞ୍ଜନ ମହାପାତ୍ର ଓ ନୋଡାଲ ଡାକ୍ତର ଭାବେ ସ୍ମିତିରଞ୍ଜନ ସାମଲଙ୍କୁ ଦାୟିତ୍ୱ ଦିଆଯାଇଛି। ହାଇକୋର୍ଟ ଆଇନଜୀବୀମାନେ ସେମାନଙ୍କର କୋଭିଡ ସଂକ୍ରାନ୍ତୀୟ କାର୍ଯ୍ୟ ପାଇଁ ଉପରୋକ୍ତ ଦୁଇ ଅଧିକାରୀଙ୍କ ସହ ଯଥାକ୍ରମେ ୯୪୩୭୧୧୨୭୨୦ ଓ ୭୦୦୮୯୪୫୪୮୯ ନମ୍ବରରେ ଯୋଗାଯୋଗ କରିବାକୁ କମିଶନର ସୂଚନା ଦେଇଛନ୍ତି।

# ସତ ଲୁଚାଉଛି ସିଏମ୍‌ସି

କଟକ ଅଫିସ, ୧୦।୫

ଜିଲାରେ କରୋନାର ୨ୟ ଲହରରେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରି କି ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସତୀଚୌରା ଶ୍ମଶାନରେ କରୋନା ମୃତକଙ୍କ ଦାହ ସଂସ୍କାର କରାଯାଉଛି। ଏଠାରେ ଦୈନିକ ୧୦ରୁ ଊର୍ଦ୍ଧ୍ୱ କରୋନା ମୃତକଙ୍କ ସତ୍କାର କରାଯାଉଥିବବେଳେ ସିଏମ୍‌ସି ପକ୍ଷରୁ ମାତ୍ର ଅଳ୍ପ ସଂଖ୍ୟା କୁହାଯାଉଛି। ଏପ୍ରିଲ ମାସ ଆରମ୍ଭରୁ ଏପର୍ଯ୍ୟନ୍ତ ମୋଟ୍ ୯୧ ଜଣ କରୋନାରେ ମୃତ୍ୟୁବରଣ କରିଥିବା ସିଏମ୍‌ସି ଟୁଇଟର ଜରିଆରେ ସୂଚନା ଦେଇଛି। ହେଲେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ସତୀଚୌରା ଶ୍ମଶାନରେ କରୋନାରେ ମୃତକଙ୍କ ଦାହ ନିମନ୍ତେ ସିଏମ୍‌ସି ପକ୍ଷରୁ ଦାୟିତ୍ୱ ନେଇଥିବା ସାବିତ୍ରୀ ଜନସେବା ହେଲ୍‌ଥ ହେଲ୍ପ ଲାଇନ୍ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଏପ୍ରିଲ ପହିଲାରୁ ମେ' ୯ ତାରିଖ ମଧ୍ୟରେ ସତୀଚୌରା ଶ୍ମଶାନରେ ୫୮୨ ମୃତଦେହ ସତ୍କାର କରାଯାଇଛି। ଏପ୍ରିଲ୍ ମାସରେ ଦାହ କରାଯାଇଥିବା କରୋନା ମୃତକଙ୍କ ସଂଖ୍ୟା ୨୩୭ ରହିଥିବାବେଳେ ମେ' ମାସର ୯ତାରିଖ ପର୍ଯ୍ୟନ୍ତ ୩୪୫ କରୋନା ମୃତକଙ୍କୁ ଏଠାରେ



ସତୀଚୌରା ଶ୍ମଶାନରେ ମୃତଦେହ ସତ୍କାର କରାଯାଉଛି।

ଦାହ କରାଯାଇଛି। ବିଶେଷକରି ଗତ ୩ଦିନ ମଧ୍ୟରେ ୧୩୯ଟି ମୃତଦେହ ସତ୍କାର କରାଯାଇଥିବା ସୂଚନା ମିଳିଛି। ଏନେଇ ସିଏମ୍‌ସି ଅଧିକାରୀଙ୍କୁ ପଚାରିଲେ କୌଣସି ଉତ୍ତର ମିଳୁ ନାହିଁ। ଅପରପକ୍ଷେ ସିଏମ୍‌ସି ପକ୍ଷରୁ ସାବିତ୍ରୀ ଜନସେବା ହେଲ୍‌ଥ ହେଲ୍ପ ଲାଇନ୍ ସହ କରାଯାଇଥିବା ଚୁକ୍ତି ଆସନ୍ତା ଜୁନ୍ ୧୦ ତାରିଖରେ ସମାପ୍ତ ହେବାକୁ ଯାଉଛି। ଏଭଳିସ୍ଥିତିରେ କରୋନା ମୃତକଙ୍କୁ ଦାହ କରିବା ପାଇଁ ସିଏମ୍‌ସି ପକ୍ଷରୁ ନୂତନ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି ନୂତନ ଟେଣ୍ଡର ପ୍ରକ୍ରିୟାରେ ସତୀଚୌରା ଓ

- ସତୀଚୌରା ଶ୍ମଶାନରେ କୋଭିଡ୍ ମୃତକଙ୍କ ଠିକ୍ ତଥ୍ୟ ମିଳୁନାହିଁ
- ଗତ ୩୯ ଦିନରେ ୫୮୨ ମୃତଦେହ ସତ୍କାର ବେଳେ ସିଏମ୍‌ସି କହୁଛି ୯୧

କାଳିଆବୋଦାଠାରେ କରୋନା ମୃତକଙ୍କୁ ଦାହ କରାଯିବାର ବ୍ୟବସ୍ଥା କରାଯାଉଛି। ବର୍ତ୍ତମାନ ଗୋଟିଏ କରୋନା ଶବକୁ ଦାହ ସଂସ୍କାର କରିବା ପାଇଁ ସିଏମ୍‌ସି ପକ୍ଷରୁ ୪,୪୮୦ ଟଙ୍କା ହିସାବରେ ସଂସ୍ଥାକୁ ପଇଠ କରାଯାଉଛି। ଏହି ୪,୪୮୦ ଟଙ୍କା ମଧ୍ୟରେ ଶବକୁ ଦାହ କରିବା ପାଇଁ କାଠ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ସମେତ ଯେଉଁମାନେ ଶବ ଦାହ କରିବେ ସେମାନଙ୍କ ପାଇଁ କରୋନା ଗାଇଡ୍ ଲାଇନ୍ ଅନୁଯାୟୀ ସାନିଟାଇଜର, ମାସ୍କ, ସାବୁନ୍, ପିପିଇକିଟ୍ ଆଦିର ବ୍ୟବସ୍ଥା ରହିଛି। ସେହିପରି ସାବିତ୍ରୀ ଜନସେବାର ୨୦ ଜଣ ସଦସ୍ୟ ଶବ ଦାହ କାର୍ଯ୍ୟରେ ଲାଗି ରହିଛନ୍ତି। ମାତ୍ର ଏମାନେ କୋଭିଡ୍ ଗାଇଡ୍ ଲାଇନ୍‌କୁ ଅନୁସରଣ କରୁଛନ୍ତି କି ନାହିଁ ତାହା ପ୍ରତି ସିଏମ୍‌ସିର ତିଳେମାତ୍ର ଦୃଷ୍ଟି ନାହିଁ। ଏପରିକି ଯଦି ଏମାନଙ୍କର କୌଣସି ଘଟଣା କିମ୍ବା ଦୁର୍ଘଟଣା ଘଟେ ତାହା ପାଇଁ ସିଏମ୍‌ସି ଦାୟୀ ରହିବ ନାହିଁ ବୋଲି ସିଧାସିଧା ଶୁଣାଇ ଦେଇଛି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସମାଜ ପ୍ରତି ନିଜର ଦାୟିତ୍ୱବୋଧକୁ ନେଇ ଏପ୍ରକାର କାର୍ଯ୍ୟ ତୁଲାଉଥିବା ସଂସ୍ଥାର କର୍ମକର୍ତ୍ତାଙ୍କ ପାଇଁ ଜିଲା ପ୍ରଶାସନର କୌଣସି ମାନବିକତା ଥିବା ପରିଲକ୍ଷିତ ହେଉନାହିଁ। ଏମାନେ ଏପ୍ରକାରର ବିପଦପୂର୍ଣ୍ଣ କାର୍ଯ୍ୟରେ ଲିପ୍ତ ରହିଥିବାବେଳେ ଏସମ୍ପନ୍ଧରେ ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ ମଧ୍ୟ କରାଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ସରପଞ୍ଚଙ୍କ ଘରେ ଭଙ୍ଗାରୁଜା

ଉତ୍ତ୍ୟକ୍ତ ଲୋକେ କାର୍ ଜାଳିଦେଲେ

**ଖୁଣ୍ଟୁଣୀ,୧୦।୫(ଡି.ଏନ.ଏ.):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମହାକାଳବସ୍ତ ପଞ୍ଚାୟତ ସରପଞ୍ଚ ସାବିତ୍ରୀ ରାଉଳଙ୍କ ଘରେ ସୋମବାର ରାତି ପ୍ରାୟ ୧୧ଟାରେ ଶତାଧିକ ଉତ୍ତ୍ୟକ୍ତ ଲୋକ ପଶି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏପରି କି ସାବିତ୍ରୀଙ୍କ ପୁଅ ଆଲୋକଙ୍କ କାର ଜାଳି ଦେଇଛନ୍ତି। ଖବରପାଇ ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ, ଖୁଣ୍ଟୁଣୀ ଥାନା ଆଇଆଇସି ସୁଚିତ୍ରବିର୍ଯ୍ୟ ଦାସ ପ୍ରମୁଖ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୋଲିସ ସୂତ୍ରରୁ ପ୍ରକାଶ, ଏକ ମାସ ହେବ ଉକ୍ତ ଗ୍ରାମର କେତେଜଣ ଲୋକ କୌଣସି କାରଣକୁ ନେଇ ଆଲୋକଙ୍କୁ ଧମକ ଦେଇଥିଲେ। ଫଳରେ ତାଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ସେ ଜିଲାପାଳ, ଏସ୍‌ପି ଓ ଖୁଣ୍ଟୁଣୀ ପୋଲିସଙ୍କୁ ଜଣାଇଥିଲେ। ହେଲେ ତାଙ୍କୁ ପୋଲିସ ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇ ନ ଥିବା ଆଲୋକ କହିଛନ୍ତି। ଅପରପକ୍ଷେ ମହାକାଳବସ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ସୋମବାର ସନ୍ଧ୍ୟାରେ ଆଲୋକ ଅପହରଣ କରିଥିବାରୁ ଦୁର୍ବୃତ୍ତମାନେ ଉତ୍ତ୍ୟକ୍ତ ହୋଇ ଏଭଳି କାଣ୍ଡ କରିଥିବା ଜଣାପଡିଛି। ଏ ସମ୍ପର୍କରେ ଆଲୋକ କହିଛନ୍ତି, ଏହା ତାଙ୍କ ବିରୋଧରେ ଗ୍ରାମବାସୀଙ୍କ ଷଡଯନ୍ତ୍ର। ମହାକାଳବସ୍ତ ଗ୍ରାମର ବ୍ୟକ୍ତିଙ୍କୁ ଅପହରଣ କରିନାହିଁ ବୋଲି ସେ ସଫେଇ ଦେଇଥିଲେ।

### ସିଏମ୍‌ସି ଅଞ୍ଚଳରେ ସଂକ୍ରମଣ ବଢୁଛି

କଟକ ଅଫିସ,୧୦।୫: କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ କରୋନା ସଂକ୍ରମଣ ବଢିବାରେ ଲାଗିଛି। ସୋମବାର ସିଏମ୍‌ସି ଅଞ୍ଚଳରେ ୧୦୯୨ ଟେଷ୍ଟିଂ କରାଯାଇ ୩୭୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସିଏମ୍‌ସି ଅଞ୍ଚଳରେ ମୋଟ୍ ସଂକ୍ରମଣ ହାର ୩୪. ୪୩ ପ୍ରତିଶତ ରହିଛି। କୋଭିଡ୍ ଟେଷ୍ଟିଂ ଅନୁଯାୟୀ ଗତ ରବିବାର ସିଏମ୍‌ସି ଅଞ୍ଚଳରୁ ୪୭୬ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।

### ଏସ୍‌ସିବିରେ କୋଭିଡ୍ ସମୀକ୍ଷା ବୈଠକ

**କଟକ ଅଫିସ, ୧୦।୫:** ଏସ୍‌ସିବି ମେଡିକାଲରେ କୋଭିଡ୍ ସମ୍ପର୍କିତ ଏକ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ ଯୋଗଦେଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ବୈଠକରେ କୋଭିଡ୍ ହସ୍ପିଟାଲର କାର୍ଯ୍ୟକାରିତା, କରୋନା ମୃତକଙ୍କୁ ତୁରନ୍ତ ଶ୍ମଶାନ ନିଆଯିବା, ନୂତନ ମେଡିସିନ ଓ ସମସ୍ତ ୱାର୍ଡକୁ ଅକ୍ସିଜେନ ଯୋଗାଣ ଉପରେ ସାମଲ ସମୀକ୍ଷା କରିଥିଲେ। ସେହିପରି କରୋନା ମୃତଦେହ ପରିବହନ ପାଇଁ ୪ଟି ସ୍ୱତନ୍ତ୍ର ଯାନ ଯୋଗାଇ ଦେବା ଲାଗି ସିଏମସିକୁ ନିର୍ଦ୍ଦେଶ ଦେଇଥିଲେ। କରୋନା ରୋଗୀଙ୍କ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ କହିଥିଲେ। ଅକ୍ସିଜେନ ପାଇପ୍ ଯୋଗାଣରେ ବିଳମ୍ବିତ ପାଇଁ ସାମଲ କ୍ଷୋଭ ପ୍ରକାଶ କରିଥିଲେ। ଏହି ସବୁ କାର୍ଯ୍ୟ ୭ ଦିନ ମଧ୍ୟରେ ଶେଷ କରିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଏସ୍‌ସିବି ମେଡିକାଲ କଲେଜ ଡିନ୍ ଦଣ୍ଡେଶ୍ୱର ହୋତା, ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଲୁସି ଦାସ, ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ସତ୍ୟ ଏସ୍ ତ୍ରିପାଠୀ କିସ୍ ବିଶ୍ୱବିଦ୍ୟାଳୟ କୁଳାଧିପତି



ସତ୍ୟ ଏସ୍ ତ୍ରିପାଠୀ | ଉପେନ୍ଦ୍ର ତ୍ରିପାଠୀ | ପ୍ରଫେସର ଦୀପକ ବେହେରା | ଡ. ପୀତବାସ ସାହୁ | ଡ. କାହ୍ନୁଚରଣ ମାହାଲି

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

କିସ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ପଦପଦବୀରେ ପ୍ରତିଷ୍ଠିତ ବ୍ୟକ୍ତି ତଥା ଶିକ୍ଷାବିତ୍ ଯୋଗଦେଇଛନ୍ତି। କଟକ ଜିଲାର ସତ୍ୟ ଏସ୍ ତ୍ରିପାଠୀ କିସ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଭାବେ ଯୋଗଦେଇଛନ୍ତି। ମିଳିତ ଜାତିସଂଘର ପୂର୍ବତନ ସହକାରୀ ମହାସଚିବ ତଥା ଗ୍ଲୋବାଲ ଆଲଏନ୍ସ ଫର୍ ସଷ୍ଟେନେବଲ ପ୍ଲାନେଟ୍‌ର ମହାସଚିବ ତ୍ରିପାଠୀ ୧୯୯୮ରୁ ଦୀର୍ଘ ଦୁଇ ଦଶନ୍ଧି ଧରି ଜାତିସଂଘରେ ବିଭିନ୍ନ ପଦପଦବୀରେ ରହି ସେବା ଯୋଗାଇ ଦେଇ ଆସୁଛନ୍ତି। ଅର୍ଥନୀତି ଓ ଆଇନ କ୍ଷେତ୍ରରେ ତାଙ୍କର ୪୦ବର୍ଷର ଅଭିଜ୍ଞତା ରହିଛି। ସେହିପରି ପ୍ରାକ୍ତନ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଗଞ୍ଜାମ ଜିଲାର ଉପେନ୍ଦ୍ର ତ୍ରିପାଠୀ କିସ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ଭାବେ ଯୋଗଦେଇଛନ୍ତି। ଶିକ୍ଷାବିତ୍ ତଥା ନୃତତ୍ତ୍ୱବିତ୍ ସମ୍ବଲପୁର ଜିଲାର ପ୍ରଫେସର ଦୀପକ ବେହେରା ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଯୋଗଦେଇଛନ୍ତି। ପୂର୍ବରୁ ସେ ତିନୋଟି ବିଶ୍ୱବିଦ୍ୟାଳୟର କଳପତି ଭାବେ କାର୍ଯ୍ୟ କରିଛନ୍ତି। ସେହିପରି ତାମିଲନାଡୁସ୍ଥିତ ରାଜୀବ ଗାନ୍ଧୀ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୟୁଥ୍ ଡେଭଲପ୍‌ମେଣ୍ଟ ବିଭାଗ ପ୍ରାକ୍ତନ ଡିନ୍ ଓଡ଼ିଶାର କେନ୍ଦୁଝର ଜିଲାର ପ୍ରଫେସର ପୀତବାସ ସାହୁ ବିଶ୍ୱବିଦ୍ୟାଳୟ ଉପକୁଳପତି ଭାବେ ଯୋଗଦେଇଛନ୍ତି। ତାମିଲନାଡୁ କ୍ୟାଡରର ଅବସରପ୍ରାପ୍ତ ଭାରତୀୟ ପୋଲିସ ପ୍ରଶାସନିକ ଅଧିକାରୀ ଅତିରିକ୍ତ ଡିଜି ର୍‍ୟାଙ୍କର ଡ. କାହ୍ନୁଚରଣ ମାହାଲି କିସ୍ ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଭାବେ ଯୋଗଦେଇଛନ୍ତି। ମୟୂରଭଞ୍ଜ ଜିଲାର ଏକ ଜନଜାତି ପରିବାରରେ ଜନ୍ମିତ ଏହି ଓଡ଼ିଆ ବ୍ୟକ୍ତି ଜଣେ ଦକ୍ଷ ପ୍ରଶାସକ ଭାବେ ସୁନାମ ଅର୍ଜନ କରିଛନ୍ତି। କିସ୍‌ରେ ଏହି ସମସ୍ତ ସମ୍ମାନଜନକ ପଦପଦବୀରେ ଯୋଗଦେଇଥିବା ପ୍ରତିଷ୍ଠିତ ପ୍ରଶାସକ ତଥା ଶିକ୍ଷାବିତ୍‌ଙ୍କୁ କିସ୍ ଛାତ୍ର ସଂଘ, ପୁରାତନ ଛାତ୍ର ସଂଘ, କିସ୍ ଆଦିବାସୀ ଅଭିଭାବକ ସଂଘ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏଭଳି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଯୋଗଦାନ ଫଳରେ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ଜନଜାତି ଶିକ୍ଷାକ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ ହୋଇପାରିବ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ରରୁ ଟିକା ଚୋରି ଅଭିଯୋଗ

ନିଆଳି,୧୦।୫(ଡି.ଏନ.ଏ.)

ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଟିକା ଚୋରି ସହ ଟିକାକରଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ଟିକା ନେବା ପାଇଁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁସଂଖ୍ୟକ ବରିଷ୍ଠ ନାଗରିକ ଧାଡିରେ ଛିଡା ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କୁ ଟିକା ନ ମିଳିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଟିକାକରଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଜଣେ ମହିଳା ସାମିଲ ହୋଇଥିଲେ। ସମ୍ପୃକ୍ତ ମହିଳା ବେଆଇନ ଭାବେ ତାଲିକା ପ୍ରସ୍ତୁତ କରି ଚିହ୍ନା ଲୋକଙ୍କୁ ଟିକାକରଣ ପାଇଁ ସୁଯୋଗ ଦେଇଥିଲେ। ଏହା ଜଣାପଡିବା ପରେ ଲୋକମାନେ ହୋହଲ୍ଲା କରିଥିଲେ। ଏହି ସମୟରେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ କିଛି ଟିକା ଲୁଚେଇ ନେଇ ପଳାଉଥିବାବେଳେ ଲୋକମାନେ ତାଙ୍କୁ ଅଟକାଇଥିଲେ। ଏ ସମ୍ପର୍କରେ ସେମାନେ ତୁରନ୍ତ ମେଡିକାଲ ଦାୟିତ୍ୱରେ ଥିବା ଡା. ପ୍ରମୋଦ ରାଉତଙ୍କୁ ଜଣାଇଥିଲେ। ଡା. ରାଉତ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ୨୫ଟି ଟିକା ଜବତ କରିଥିଲେ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୋମବାର ୩୦୦ ଡୋଜ୍ ଟିକା ଆସିଥିଲା। ସେଥିମଧ୍ୟରୁ ୧୭୧ ଜଣଙ୍କୁ ଟିକା ଦିଆଯାଇଥିବା ପଞ୍ଜୀକରଣ ରେକର୍ଡରୁ ଜଣାପଡିଛି। ପରେ ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ୨୫ଟି ଟିକା ଜବତ କରାଯାଇଥିଲା। ଅବଶିଷ୍ଟ ଟିକା କୁଆଡେ ଗଲା, ଟିକାକରଣ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମ୍ପୃକ୍ତ ମହିଳାଙ୍କୁ କେନ୍ଦ୍ରରେ ରହିବା ପାଇଁ କିଏ ଅନୁମତି ଦେଇଥିଲେ ବୋଲି ଡା. ରାଉତଙ୍କୁ ଲୋକମାନେ ପ୍ରଶ୍ନ କରିଥିଲେ। ଏ ସମ୍ପର୍କରେ ତଦନ୍ତ କରାଯାଇ ସମ୍ପୃକ୍ତ ମହିଳା ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡା. ରାଉତ କହିବା ପରେ ଲୋକମାନେ ଶାନ୍ତ ହୋଇଥିଲେ।

ଆଡ୍‌ଭାଇଜରି ଜାରି କଲେ ଡିସିପି

## ସଂସ୍ଥାର ସମସ୍ତ କର୍ମଚାରୀ ତାଲିକାଭୁକ୍ତ ହେବେ

କଟକ ଅଫିସ, ୧୦।୫

କରୋନା ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ୍ ଜାରି ରହିଛି। ସୋମବାର କଟକ ସହରରେ ଅମାନିଆମାନେ ବାହାରେ ବୁଲୁଥିବାବେଳେ ଦୋକାନଗୁଡିକରେ ଭିଡ ଦେଖିବାକୁ ମିଳିଥିଲା। ଏପରି କି ରାସ୍ତାରେ ଅନ୍ୟଦିନ ପରି ଗାଡ଼ି ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା। ଲକ୍‌ଡାଉନ୍ ସମୟରେ ଆଇଟି, ଶିଳ୍ପ ଓ କିଛି ଘରୋଇ ସଂସ୍ଥା ଖୋଲା ରହିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମତି ମିଳିଥିଲା। ସେମାନେ ୩୦ରୁ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶ ରହିଥିଲା। ସଂସ୍ଥାକୁ କାର୍ଯ୍ୟ କରିବାକୁ ଆସୁଥିବା କର୍ମଚାରୀଙ୍କ ବ୍ୟତୀତ ଅନ୍ୟମାନେ ମଧ୍ୟ ନିଜ ପରିଚୟ ପତ୍ର ଦେଖାଇ ସହରରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ଡିସିପି ପ୍ରତୀକ୍ ସିଂଙ୍କ ପକ୍ଷରୁ ଆଡ୍‌ଭାଇଜରି ଜାରି କରାଯାଇଛି। ପ୍ରତ୍ୟେକ ସଂସ୍ଥା ପକ୍ଷରୁ ସେମାନଙ୍କ କର୍ମଚାରୀଙ୍କ ତଥ୍ୟ ହ୍ୱାଟ୍ସଆପ୍ କିମ୍ବା ଡିସିପିଙ୍କ ଅଫିସରେ ଲାଗିଥିବା ଡ୍ରପ୍ ବକ୍ସରେ ପକାଇବାକୁ କୁହାଯାଇଛି। ଫଳରେ ପୋଲିସ ଚେକିଂ ସମୟରେ ଯେଉଁ କର୍ମଚାରୀଙ୍କ ନିକଟରେ ସଂସ୍ଥାର ଅଥରାଇଜେସନ୍ ନଥିବ ସେମାନଙ୍କ ନିକଟରୁ ଜରିମାନା ଆଦାୟ କରାଯିବ ବୋଲି ଡିସିପି କହିଛନ୍ତି।

## ଘରୁ ସୁନା କଲମ, ଟଙ୍କା ଚୋରି

**ଭୁବନେଶ୍ୱର, ୧୦।୫(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନିଳାଦ୍ରୀବିହାର ସେକ୍ଟର-୨ ଅଞ୍ଚଳର ଅସୀମା ତ୍ରିପାଠୀଙ୍କ ଘରୁ ଗତ ୭ ତାରିଖ ରାତିରେ ପାର୍କର ସୁନା କଲମ, ମୋବାଇଲ ଫୋନ୍ ଓ ୧୧,୫୦୦ ଟଙ୍କା ଚୋରି ହୋଇଥିଲା। ଏ ନେଇ ଅସୀମା ଅଭିଯୋଗ କରିବାରୁ ପୋଲିସ ମାମଲା(ନଂ.୨୨୬/୨୧) ରୁଜୁକରି ତଦନ୍ତ ଚଳାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରିୟଙ୍କା



@ ରବୀନ୍ଦ୍ର



@ ଚନ୍ଦନ



@ ଅଜିତ୍



@ ମହେଶ୍ୱର



@ ରାଜା



@ ମିଥୁନ



ଭୁବନେଶ୍ୱର ସଚିବାଳୟ ମାର୍ଗରେ ଏବିସି ଗ୍ରୁପ୍ ପକ୍ଷରୁ ସାନିଟାଇଜର ସ୍ପ୍ରେ କରାଯାଉଛି।

# ମିଳିଲା ମିସ୍ତ୍ରିଙ୍କ କ୍ଷତାକ୍ତ ମୃତଦେହ, ହତ୍ୟା ସନ୍ଦେହ

ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର /ବାଲକାଟୀ,୧୦।୫(ଡି.ଏନ୍.ଏ.):

ରାଜଧାନୀର ଧଉଳି ଥାନା ଅଧୀନ ସରଦେଇପୁର ଡାକବଙ୍ଗଳା ନିକଟରୁ ସୋମବାର ଏକ ରକ୍ତଭିଜା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଗଞ୍ଜାମ ଜିଲା କୋଦଳା ଅଞ୍ଚଳର ଜଗନ୍ନାଥ ମହାରଣା। ସେ କିଛିଦିନ ହେବ ଧଉଳି ଥାନା ଅଞ୍ଚଳରେ ରହି କାଠ ମିସ୍ତ୍ରି ଭାବେ କାମ କରୁଥିଲେ। ତାଙ୍କ କାନମୂଳ ଓ ମୁହଁରେ କ୍ଷତ ଚିହ୍ନ ରହିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ୍ ହସ୍ପିଟାଲକୁ ପଠାଇଛି। ଏଥିସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଛି। ପାରିପାର୍ଶ୍ୱିକ ସ୍ଥିତି ଓ ପ୍ରାଥମିକ ତଦନ୍ତରୁ ତାଙ୍କୁ ଧାରୁଆ ଅସ୍ତ୍ରରେ ଭୁସି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଘଟଣାସ୍ଥଳରୁ ଯୋତା ଓ ଏକ ସ୍କୁଟି (ଓଡି ୧୩ସି ୧୪୮୧) ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮/୨୧) ରୁଜୁ କରି ତଦନ୍ତ ଚଳାଇଛି।

### ସ୍କୁଟିକୁ ନେଇ ତନାଘନା

ଜବତ ସ୍କୁଟିର ମାଲିକ ପୁରୀ ଅଞ୍ଚଳର ବୋଲି ଜଣାପଡ଼ିଛି। ଜଗନ୍ନାଥ ତାଙ୍କ ପାଖରେ କାମ କରନ୍ତି। କିଛିଦିନ ତଳେ ସେ ଜଗନ୍ନାଥଙ୍କୁ ବଡ଼ଗଡ଼ସ୍ଥିତ ତାଙ୍କ ଶ୍ୱଶୁର ଘରେ କାମ କରିବାକୁ ପଠାଇବା ସହ ତାଙ୍କ ସ୍କୁଟି ଚଳାଇବାକୁ ଦେଇଥିଲେ ବୋଲି ସମ୍ପୃକ୍ତ ବ୍ୟକ୍ତି ପୋଲିସକୁ କହିଛନ୍ତି। ତେବେ ମୃତଦେହ ଘଟଣାସ୍ଥଳକୁ କିପରି ଆସିଲା ସେନେଇ ନାନା ପ୍ରଶ୍ନ ସୃଷ୍ଟି ହୋଇଛି।



ଘଟଣାସ୍ଥଳରୁ ଜବତ ହୋଇଥିବା ସ୍କୁଟି ।

### ବାହାରୁ ହତ୍ୟା କରି ଆଣି ପକାଇଥାଇପାରନ୍ତି

ଯୁବକଙ୍କୁ ଅନ୍ୟ ସ୍ଥାନରୁ ହତ୍ୟା କରାଯାଇ ଘଟଣାସ୍ଥଳରେ ଫିଙ୍ଗାଯାଇଥିବା ପୋଲିସ ସନ୍ଦେହ କରୁଛି। ସ୍କୁଟିର ଚାବି ସମ୍ପୃକ୍ତ ସ୍ଥାନରୁ ଟିକେ ଦୂରରେ ଫିଙ୍ଗି ଅନ୍ୟ ଏକ ଗାଡ଼ିରେ ଚାଲିଯାଇଥିବା ସନ୍ଦେହ କରାଯାଉଛି। ଏଥିରେ ଏକାଧିକ ଦୁର୍ବୃତ୍ତଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି।

### ମୋବାଇ ଫୋନ୍ ସୁଇଚ୍ ଅଫ

ମୃତ ଜଗନ୍ନାଥଙ୍କ ମୋବାଇଲ୍ ଫୋନ ଟ୍ରାକିଂରୁ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ତାଙ୍କ ଶେଷ ଲୋକେଶନ୍ ମୃତଦେହ ମିଳିଥିବା ସ୍ଥାନ ଦେଖାଉଛି। ସେହିଠାରେ ହିଁ ଶେଷଥର ଫୋନ୍ ସୁଇଚ୍ ଅଫ ହୋଇଛି। ତେବେ ଏଯାଏ ପୋଲିସକୁ ଫୋନ୍ ମିଳିନାହିଁ।

### ବର୍ଷାରେ ନଷ୍ଟ ହୋଇଯାଇଛି କିଛି ପ୍ରମାଣ

ରବିବାର ରାତିରେ ତାଙ୍କୁ ହତ୍ୟା କରାଯାଇଥିବାବେଳେ ବର୍ଷା ହୋଇଥିବାରୁ ହତ୍ୟାକାରୀଙ୍କ ପାଦଚିହ୍ନ ଓ ଅନ୍ୟ କିଛି ତଥ୍ୟ ଧୋଇଯାଇଥିବା ସାଇଣ୍ଟିଫିକ ଟିମ୍ ଆଶଙ୍କା କରୁଛି।

## ସଂକ୍ଷେପରେ

### ୨ ଅକ୍ସିଜେନ୍ ପ୍ଲାଣ୍ଟ ବସାଇବ ଏନ୍‌ସିଏଲ୍

**ନୂଆଦିଲ୍ଲୀ,୧୦।୫:** କରୋନା ରୋଗୀଙ୍କ ଚିକିତ୍ସା ଲାଗି ମେଡିକାଲ ଅକ୍ସିଜେନ ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଦେଶ ମଧ୍ୟରେ ମେଡିକାଲ ଅକ୍ସିଜେନ ଅଭାବ ଚିନ୍ତାର କାରଣ ପାଲଟିଛି। ଏହାକୁ ଧ୍ୟାନରେ ରଖି କୋଲ୍ ଇଣ୍ଡିଆର ଏକ କମ୍ପାନୀ ନର୍ଦର୍ନ କୋଲ୍‌ଫିଲ୍ଡସ ଲିମିଟେଡ୍(ଏନ୍‌ସିଏଲ୍) ୨ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ କରିବ। ଏହି ୨ ପ୍ଲାଣ୍ଟ ମଧ୍ୟପ୍ରଦେଶ ଏବଂ ଉତ୍ତର ପ୍ରଦେଶର ୨ ହସ୍ପିଟାଲରେ ସ୍ଥାପନ ହେବ। ମଧ୍ୟପ୍ରଦେଶର ଜୟନ୍ତ ସ୍ଥିତ ନେହେରୁ ଶତାବ୍ଦୀ ଚିକିତ୍ସାଳୟ ଏବଂ ଉତ୍ତର ପ୍ରଦେଶର ବିନା ସ୍ଥିତ ଅଟଳ ଚିକିତ୍ସାଳୟରେ ହେବାକୁ ଥିବା ଏହି ପ୍ଲାଣ୍ଟଗୁଡିକ ସିଙ୍ଗରୌଲି ଏବଂ ସୋନଭଦ୍ରା ଅଞ୍ଚଳରେ ଅକ୍ସିଜେନ ଆବଶ୍ୟକତା ପୂରଣ କରିବାରେ ସହାୟକ ହେବ ବୋଲି କୋଲ୍ ଇଣ୍ଡିଆ ପକ୍ଷରୁ ସୂଚନା ରହିଛି।

### ପ୍ରିଭେସି ନିୟମ ନ ମାନିଲେ ମିଳିବ କମ୍ ସୁବିଧା: ହ୍ୱାଟ୍ସଆପ୍




**ନୂଆଦିଲ୍ଲୀ,୧୦।୫:** ନୂଆ ପ୍ରିଭେସି ନିୟମ ନ ମାନିଲେ ୟୁଜରଙ୍କ ଆକାଉଣ୍ଟ ଡିଲିଟ ନ କରିବା ଲାଗି ହ୍ୱାଟ୍ସଆପ୍ ପୂର୍ବରୁ କହି ସାରିଛି। କମ୍ପାନୀର ଏହି ନୂଆ ଅପ୍‌ଡେଟ ବିବାଦୀୟ ହୋଇପଡିଥିବା ବେଳେ ଡାଟା ସୁରକ୍ଷା ନେଇ ଏହା ୟୁଜରଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରିଛି। ଆକାଉଣ୍ଟ ଡିଲିଟ ନ କରିବା ଲାଗି କମ୍ପାନୀ କହିବା ପରେ ୟୁଜରଙ୍କୁ କିଛିଟା ଆଶ୍ୱସ୍ତି ମିଳିଥିଲା। ହେଲେ କମ୍ପାନୀ ସୋମବାର ପୁଣି ଥରେ ଅନ୍ୟ ଏକ ଘୋଷଣା କରିଛି। ଏହା କହିଛି, ଯଦି ନୂଆ ନିୟମ ୟୁଜର ନ ମାନନ୍ତି ତେବେ ଏହାର ପ୍ଲାଟ୍‌ଫର୍ମରେ ଉପଲବ୍ଧ ହେଉଥିବା ସବୁ ସୁବିଧା ମିଳିବ ନାହିଁ। ନୂଆ ସର୍ତ୍ତ ମୁତାବକ, ହ୍ୱାଟ୍ସଆପ୍‌ରେ ୟୁଜର ଚାଟ୍ ଲିଷ୍ଟ, ଆସୁଥିବା ଇନ୍‌କମିଂ ଫୋନ କଲ୍ ଏବଂ ଭିଡିଓକଲ୍ ସୁବିଧା ଲୋକଙ୍କୁ ମିଳିବନି ବୋଲି ଜଣାପଡିଛି। ନୂଆ ଅପ୍‌ଡେଟ ଗ୍ରହଣ କରିବାକୁ କମ୍ପାନୀ ଏଭଳି ନୀତି ଆପଣାଇଛି। ଉଲ୍ଲେଖଯୋଗ୍ୟ, ଗତ ସପ୍ତାହରେ ଏହି କମ୍ପାନୀ ୟୁଜରଙ୍କ ଆକାଉଣ୍ଟ ଡିଲିଟ ନ କରିବା ଲାଗି କହିଥିଲା। ସେହିଭଳି ନୂଆ ପଲିସି ଗ୍ରହଣ କରିବା ଲାଗି ୟୁଜରଙ୍କୁ ରିମାଇଣ୍ଡ କରାଯିବାକୁ ଏହା ଯୋଜନା ରଖିଛି।

# ଅଟୋମୋବାଇଲ ବଜାରରେ କରୋନା ମାଡ଼

**ନୂଆଦିଲ୍ଲୀ,୧୦।୫**

- ୨୦୨୦-୨୧ରେ ଯାନ ପଞ୍ଜୀକରଣ ୩୦% ଖସିଲା
- ଏପ୍ରିଲରେ ୨୮% ହ୍ରାସ



ଆର୍ଥିକ ବର୍ଷ ୨୦୨୦-୨୧ରେ ଦେଶର ଅଟୋମୋବାଇଲ ବଜାରକୁ କରୋନା ମହାମାରୀ ଝଟକା ଲାଗିଛି। ସୋମବାର ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଫାଡା) ପକ୍ଷରୁ ପ୍ରକାଶିତ ରିପୋର୍ଟ ମୁତାବକ ଏହି ଅବଧିରେ ଘରୋଇ ବଜାରରେ ମୋଟର ଯାନ ପଞ୍ଜୀକରଣ ୩୦% ଖସିଛି। ଏହା ଗତ ୮ ବର୍ଷର ସର୍ବନିମ୍ନ ସ୍ତର ୧.୫୨ କୋଟି ୟୁନିଟକୁ ଖସିଆସିଛି। ଆର୍ଥିକ ବର୍ଷ ୨୦୧୯-୨୦ରେ ମୋଟ ଯାନ ପଞ୍ଜୀକରଣ ୨.୧୭ କୋଟି ରହିଥିଲା। ଟ୍ରାକ୍ଟରକୁ ଛାଡ଼ିଦେଲେ ଗତ ଆର୍ଥିକ ବର୍ଷ ପ୍ରାୟ ସବୁ ବର୍ଗରେ ଯାନ ବିକ୍ରି ନକାରାତ୍ମକ ସ୍ଥିତିରେ ରହିଛି। ୨ ଚକିଆ, ୩ ଚକିଆ, ବାଣିଜ୍ୟିକ ଯାନ ଏବଂ ପାସେଞ୍ଜର ଯାନ ବିକ୍ରି ଯଥାକ୍ରମେ ୩୧.୫୧%, ୬୪.୧୨%, ୪୯.୦୫% ଏବଂ ୧୩.୯୬% ହ୍ରାସ ହୋଇଛି।

ଗତ ଆର୍ଥିକ ବର୍ଷରେ ମୋଟ ୨୩.୮୬ ଲକ୍ଷ ୟୁନିଟ ଯାତ୍ରୀବାହୀ ଯାନ ପଞ୍ଜୀକରଣ ହୋଇଛି। ଏହାର ପୂର୍ବ ଆର୍ଥିକ ବର୍ଷରେ ଏହା ୨୭.୭୩ ଲକ୍ଷ ୟୁନିଟ ଥିଲା। ସେହିଭଳି ୨ ଚକିଆ ବର୍ଗରେ ବିକ୍ରି ୧.୧୫ କୋଟି ୟୁନିଟ ରହିଛି। ଯାହା ଏହାର ପୂର୍ବ ଅବଧିରେ ୧.୬୮ କୋଟି ୟୁନିଟ ରହିଥିଲା। ୨୦୨୦-୨୧ରେ ୨.୫୮ ଲକ୍ଷ ୟୁନିଟ ୩ଚକିଆ ଯାନ ବିକ୍ରି ହୋଇଛି। ଏହା ୨୦୧୯-୨୦ରେ ୭.୧୯ ଲକ୍ଷ ୟୁନିଟ ଥିଲା। ସେହିଭଳି ବାଣିଜ୍ୟିକ ଯାନ ପଞ୍ଜୀକରଣ ଗତ ଆର୍ଥିକ ବର୍ଷରେ ୪.୪୮ ଲକ୍ଷ ୟୁନିଟକୁ ଖସିଛି। ଏହା ପୂର୍ବ ଅବଧିରେ ପଞ୍ଜୀକରଣ ୮.୮୧ ଲକ୍ଷ ୟୁନିଟ ଥିଲା। ଟ୍ରାକ୍ଟର ପଞ୍ଜୀକରଣ ୧୬.୧୧% ବୃଦ୍ଧି ପାଇ ୬.୪୪ ଲକ୍ଷ ୟୁନିଟ ଛୁଇଁଛି। ଯାହା ପୂର୍ବ ଅବଧିରେ ୫.୫୫ ଲକ୍ଷ ୟୁନିଟ ଥିଲା।

ଏପ୍ରିଲ ୨୦୨୦ରେ ସାରା ଦେଶରେ ସମ୍ପୂର୍ଣ୍ଣ ଲକ୍‌ଡାଉନ ଯୋଗୁ ଗୋଟିଏ ମାତ୍ର ଗାଡି ବିକ୍ରି ହୋଇ ପାରି ନ ଥିଲା। ସେହିଭଳି କରୋନା ଦ୍ୱିତୀୟ ଲହର ଯୋଗୁ ଏପ୍ରିଲ ୨୦୨୧ରେ ମୋଟ ଯାନ ପଞ୍ଜୀକରଣ ୨୮.୧୫% ଖସି ୧୧.୮୫ ଲକ୍ଷ ୟୁନିଟକୁ ଖସିଛି। ଏହା ମାର୍ଚ୍ଚରେ ୧୬.୪୯ ଲକ୍ଷ ୟୁନିଟ ରହିଥିଲା। ଏହି ମାସରେ ଯାତ୍ରୀବାହୀ ଯାନ ପଞ୍ଜୀକରଣ ୨୫.୩୩% ଖସି ୨.୦୮ ଲକ୍ଷ ୟୁନିଟ ରହିଛି। ସେହିଭଳି ୨ ଚକିଆ ବର୍ଗରେ ୨୭.୬୩%, ବାଣିଜ୍ୟିକ ବର୍ଗରେ ୨୩.୬୫% ଏବଂ ଟ୍ରାକ୍ଟର ବିକ୍ରି ୪୪.୫% ଖସିଛି। ଦ୍ୱିତୀୟ ଲହର ଯୋଗୁ ପୁଣି ଥରେ ଅଟୋମୋବାଇଲ ବଜାର ଉପରେ ଗଭୀର ଚାପ ପଡ଼ିଥିବା ଫାଡା ସଭାପତି ଭିଙ୍କେଶ ଗୁଲାଟି କହିଛନ୍ତି।

# ରେଡ୍ ଚିଫ୍ ସୁଜ୍ ପକ୍ଷରୁ ନୂଆ ଆଡ୍ କ୍ୟାମ୍ପେନ ଶୁଭାରମ୍ଭ




**ନୂଆଦିଲ୍ଲୀ,୧୦।୫**

ଦେଶର ଅଗ୍ରଣୀ ଓ ପ୍ରତିଷ୍ଠିତ ଲେଦର ଫୁଟ୍‌ୱେର ବ୍ରାଣ୍ଡ ରେଡ୍ ଚିଫ୍ ସୁଜ୍ ତାର ନୂତନ ଆଡ୍ କ୍ୟାମ୍ପେନିଂ ଆରମ୍ଭ କରିଛି। କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ବଲିଉଡ୍ ଅଭିନେତା ଭିକି କୌଶଲ ଏହାର ଋତୁକାଳୀନ କ୍ୟାମ୍ପେନର ପ୍ରଚାର ଓ ପ୍ରସାର କରୁଛନ୍ତି। ଦୀର୍ଘ ୨୫ ବର୍ଷ ହେବ ଦେଶବାସୀଙ୍କୁ ଏକ ଭିନ୍ନ ଧରଣର ସୁଜ୍ କ୍ୟାଲିଟି ସହ ଗ୍ରାହକଙ୍କୁ ଆରାମ ଓ ଷ୍ଟାଇଲ ପ୍ରଦାନ କରିଆସିଛି। ବର୍ତ୍ତମାନ ସମୟରେ କମ୍ପାନୀର ସାରା ଦେଶରେ ୩୦୦୦ରୁ ଉର୍ଦ୍ଧ୍ୱ ମଲ୍ଟି ବ୍ରାଣ୍ଡ ଆଉଟଲେଟ ରହିଥିବା ବେଳେ ୧୮୦ରୁ ଉର୍ଦ୍ଧ୍ୱ ଏକ୍ସକ୍ଲୁସିଭ ଷ୍ଟୋର ରହିଥିବା ସୂଚନା ମିଳିଛି। ଏ ସମ୍ପର୍କରେ କମ୍ପାନୀର ଜିଏମ୍ (ମାର୍କେଟିଂ) ରାହୁଲ ଶର୍ମା କହିଛନ୍ତି, ଭିକି ଆମ ସହ ଦୀର୍ଘଦିନ ହେବ ଜଡିତ ରହିଛନ୍ତି। ଫଳରେ କମ୍ପାନୀ ମଧ୍ୟ ଭଲ କାରବାର କରିବାରେ ସକ୍ଷମ ହୋଇପାରିଛି। ଗ୍ରାହକଙ୍କ ନିକଟତର ହେବା ପାଇଁ ଆମେ ସବୁବେଳେ ଭିନ୍ନ ଭିନ୍ନ ଧରଣ ସୁଜ୍ ବଜାରକୁ ଆଣିବା ସହ ଗ୍ରାହକଙ୍କ ପସନ୍ଦ ଓ ଚାହିଦାକୁ ନଜରରେ ରଖି କାରବାର କରିଥାଉ ବୋଲି ରାହୁଲ କହିଥିଲେ। କମ୍ପାନୀ ଯୁବ ବର୍ଗଙ୍କୁ ଗୁରୁତ୍ୱ ଦେଇଆସିଛି। ଭିକିଙ୍କ ସହଯୋଗ ଆମ ପାଇଁ ବେଶ୍ ଉତ୍ସାହ ସୃଷ୍ଟି କରିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ନିବେଶକ ସମ୍ପତ୍ତି ୬.୪୪ ଲକ୍ଷ କୋଟି ବୃଦ୍ଧି

## ୨.୫୮% ବଢ଼ିଲା ସେନ୍‌ସେକ୍ସ



**ନୂଆଦିଲ୍ଲୀ,୧୦।୫**

ଭାରତୀୟ ପୁଞ୍ଜିବଜାର ଗତ ୪ ଦିନ ହେବ ବେଶ୍ ଭଲ ପ୍ରଦର୍ଶନ କରୁଛି। ଫଳରେ ନିବେଶକ ସମ୍ପତ୍ତିରେ ୬.୪୪ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ଗତ ୪ ସେସନରେ ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ୧୨୪୮.୯୦ ପଏଣ୍ଟ (୨.୫୮%) ବଢ଼ିଥିବା ନଜରକୁ ଆସିଛି। ସୋମବାର ସେନ୍‌ସେକ୍ସ ୨୯୫.୯୪ ପଏଣ୍ଟ ବା ୦.୬୦% ବଢ଼ି ୪୯,୫୦୨.୪୧ ପଏଣ୍ଟ ସ୍ତରରେ ରହିଛି।

ବିଏସ୍‌ଇରେ ସୂଚୀଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣ ମେ ୫ ପରଠାରୁ ୬.୪୪ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇ ୨୧୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବିଶ୍ୱ ବଜାରର ପ୍ରଭାବିତ ସ୍ଥିତି, ମାର୍ଚ୍ଚ ତ୍ରୈମାସରେ କମ୍ପାନୀଗୁଡିକର ଲାଭରେ ଉନ୍ନତି, ଆର୍‌ବିଆଇର ନୂଆ ପଦକ୍ଷେପ ଘୋଷଣା ଏବଂ ସାରା ଦେଶରେ ଲକ୍‌ଡାଉନ ନ ଲାଗିବା ଫଳରେ ଏହାର ଲାଭ ଭାରତୀୟ ପୁଞ୍ଜିବଜାର ଉପରେ ପଡିଛି ବୋଲି ରିଲାଏନ୍ସ ସିକ୍ୟୁରିଟିଜର ଷ୍ଟ୍ରାଟେଜି ମୁଖ୍ୟ ବିନୋଦ ମୋଦି କହିଛନ୍ତି।

ସୋମବାର ୩୦ ପ୍ରମୁଖ କମ୍ପାନୀ ମଧ୍ୟରୁ ଏଲ୍‌ଆଣ୍ଡଟି ସବୁଠାରୁ ଭଲ କାରବାର କରିବା ସହ ଏହାର ଶେୟାର ୪% ଭଲ ପରଫରମାନ୍ସ କରିଛି। ସେହିଭଳି ଡ.ରେଡି, ସନ୍‌ଫାର୍ମା ଏବଂ ଏନ୍‌ଟିପିସି ଶେୟାର ମଧ୍ୟ ଉନ୍ନତ ସ୍ଥିତିରେ ରହିଛି। ଏହାବାଦ ଅଲଟ୍ରାଟେକ ସିମେଣ୍ଟ, ଇନ୍‌ଫୋସିସ, ଏଚ୍‌ସିଏଲ୍ ଟେକ୍ନୋଲୋଜି, ଆକ୍ସିସ ବ୍ୟାଙ୍କ କାରବାର ପ୍ରଭାବିତ ରହିଛି। ବିଏସ୍‌ଇ ମେଟାଲ, କ୍ୟାପିଟାଲ ଗୁଡ୍ସ, ହେଲ୍‌ଥ କେୟାର, ପାୱାର, ୟୁଟିଲିଟି ଏବଂ ଇଣ୍ଡଷ୍ଟ୍ରିଆଲ ସୂଚକାଙ୍କ ପ୍ରାୟ ୩.୫୩% ବଢ଼ିଛି। ଏହି ସମୟରେ ଆଇଟି ଶେୟାର ନିମ୍ନରେ ରହିଛି। ମୋଟାମୋଟି ଭାବେ କହିବାକୁ ଗଲେ ମିଡ୍ କ୍ୟାପ୍ ଏବଂ ସ୍ମଲକ୍ୟାପ ସୂଚକାଙ୍କ ପ୍ରାୟ ୦.୯୭% ବୃଦ୍ଧି ପାଇଛି।

# ଏପ୍ରିଲରେ ଆର୍ଥିକ କାର୍ଯ୍ୟକଳାପ ହ୍ରାସ: ଫିଚ୍

**ନୂଆଦିଲ୍ଲୀ,୧୦।୫**

କରୋନା ମହାମାରୀ ଯୋଗୁ ଚଳିତ ବର୍ଷ ଏପ୍ରିଲ ମାସରେ ଦେଶର ଆର୍ଥିକ କାର୍ଯ୍ୟକଳାପ ହ୍ରାସ ହୋଇଛି। ମାତ୍ର ପୂର୍ବ ବର୍ଷ ଭଳି ବଜାର ଏତେ ପ୍ରଭାବିତ ହେବ ନାହିଁ ବୋଲି ଫିଚ୍ ରେଟିଂ ଏଜେନ୍ସି ପକ୍ଷରୁ ସୋମବାର ସୂଚନା ମିଳିଛି। ଏପ୍ରିଲ-ମେ ଅବଧିରେ ବଜାର ପ୍ରଭାବିତ ହୋଇ ରହିଥିବା ବେଳେ ସୁଧାର ଲାଗି ସମୟ ଲାଗିବ ବୋଲି ଏହି ଏଜେନ୍ସି ମତ ପ୍ରକାଶ କରିଛି। ସାରା ବିଶ୍ୱର ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ନୂଆ ଲହର ଯୋଗୁ ପ୍ରଭାବିତ ହେବା ଆଶଙ୍କା ଉପୁଜିଛି। ଏହାକୁ ଧ୍ୟାନରେ ରଖି ରିଜର୍ଭ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବଜାର ଚାପଗ୍ରସ୍ତ ରହିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଆଶଙ୍କା କରିଛି। ବଜାର ପୂର୍ବ ବର୍ଷ ଭଳି ପ୍ରଭାବିତ ହୋଇ ନ ଥିବା ବେଳେ ଚଳିତ ବର୍ଷ ଅଧିକ ଲୋକଙ୍କ ଜୀବନ ଚାଲିଯାଉଛି। ନୂଆ ସଂକ୍ରମଣ ମାତ୍ରା ମଧ୍ୟ ଅଧିକ ରହିଥିବା ଫିଚ୍ ରେଟିଂ ପକ୍ଷରୁ ଏହାର ରିପୋର୍ଟରେ ପ୍ରକାଶ ପାଇଛି।

# କୋଭିଡ୍‌ରେ ରେଲୱେର ୧୯୫୨ କର୍ମଚାରୀ ମୃତ

**ନୂଆଦିଲ୍ଲୀ,୧୦।୫**

ବର୍ତ୍ତମାନ ସୁଦ୍ଧା ରେଲୱେର ୧୯୫୨ କର୍ମଚାରୀ କୋଭିଡ୍-୧୯ ଯୋଗୁ ମୃତ୍ୟୁବରଣ କରିଛନ୍ତି। ଦୈନିକ ପ୍ରାୟ ୧୦୦୦ କର୍ମଚାରୀ ସଂକ୍ରମିତ ହେଉଥିବା ରେଲୱେର ଜଣେ ବରିଷ୍ଠ ଅଧିକାରୀ ସୋମବାର ସୂଚନା ଦେଇଛନ୍ତି। ରେଲୱେରେ ମୋଟ ୧୩ ଲକ୍ଷ କର୍ମଚାରୀ କାମ କରୁଛନ୍ତି। ମହାମାରୀ ସମୟରେ ରେଲୱେ ପରିବହନ ସହ କଟକଣା ଭିତରେ କିଛି ଯାତ୍ରୀ ଟ୍ରେନ ମଧ୍ୟ ପରିଚାଳନା କରୁଛି। ଫଳରେ ପ୍ରାୟ କର୍ମଚାରୀ କରୋନାର ଶିକାର ହେଉଥିବା ରେଳ ବୋର୍ଡ ଅଧ୍ୟକ୍ଷ ସୁନୀତ ଶର୍ମା କହିଛନ୍ତି। ସେ ଏହା ମଧ୍ୟ କହିଛନ୍ତି, ରେଲୱେର ହସ୍ପିଟାଲ ରହିଛି। ଏହାର ବେଡ୍ ସଂଖ୍ୟା ବୃଦ୍ଧି କରାଯାଇଛି। ହସ୍ପିଟାଲରେ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ଲୋକଙ୍କୁ ୪ ହଜାର ବେଡ୍ ଦ୍ୱାରା ସେବା ଯୋଗାଣ ହେଉଛି। କର୍ମଚାରୀମାନେ କେତେ ଶୀଘ୍ର ଭଲ ହେବେ ସେ ଦିଗରେ ପଦକ୍ଷେପ ନିଆଯାଇଛି। ଗତବର୍ଷ ମାର୍ଚ୍ଚ ପରଠାରୁ ମୋଟ ୧୯୫୨ କର୍ମଚାରୀ କୋଭିଡ୍ ଯୋଗୁ



ପ୍ରାଣ ହରାଇଥିବା ସେ ସ୍ପଷ୍ଟ କରିଛନ୍ତି। ସେହିଭଳି ରେଲୱେ ୪୭୦୦ ଟନ୍ ଲିକ୍ୟୁଡ ମେଡିକାଲ ଅକ୍ସିଜେନ (ଏଲ୍‌ଏମ୍‌ଓ) ପରିବହନ କରିଛି। ରବିବାର ଗୋଟିଏ ଦିଗରେ ଏହା ୮୩୧ ଟନ୍ ଅକ୍ସିଜେନ ପରିବହନ କରିଥିବା ଜଣାପଡ଼ିଛି।

## ରାଜ୍ୟ ଖବର...

### ମହାନଦୀରେ ବୁଡ଼ି ଯୁବକ ମୃତ

**ବଡ଼ମ୍ବା,୧୦।୫(ଡି.ଏନ.ଏ.)–** କଟକ ଜିଲା ବଡ଼ମ୍ବା ବ୍ଲକ ଭଟାରିକା ନିକଟ ମହାନଦୀରେ ବୁଡ଼ି ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରତାପାଟ ଗ୍ରାମର ପପି ସେଠୀ (୨୨)। ଏହି ଥାନା ଅନ୍ତର୍ଗତ କଣ୍ଟା ଗ୍ରାମର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଖବରପାଇ ପପି ସେଠୀକୁ ଯାଇଥିଲେ। ମୃତଦେହ ସଂସ୍କାର କରିବା ପରେ ସେ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। ଗୋଡ଼ ଖସିଯିବାରୁ ସେ ଭାସିଯାଇଥିଲେ। ନିକଟରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ମ୍ବା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପପିଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ମ୍ବା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛନ୍ତି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୮/୨୧) ରୁଜୁ ହୋଇଛି।

### ଘରକୁ ଫେରିବା ବେଳେ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ

**ମାଲକାନଗିରି,୧୦।୫ (ଡି.ଏନ୍.ଏ.)**

ଲକ୍‌ଡାଉନ ଯୋଗୁ କମ୍ପାନୀ ବନ୍ଦ ହୋଇଯିବାରୁ ଗ୍ରାମକୁ ଫେରୁଥିବା ବେଳେ ଜଣେ ପ୍ରବାସୀ ଶ୍ରମିକଙ୍କ ବସ୍ ଭିତରେ ରାତିରେ ମୃତ୍ୟୁ ହୋଇଛି। ତାଙ୍କ ନାମ ସୁଧୀର ରଞ୍ଜନ ବିଶ୍ୱାଳ। ବାଲେଶ୍ୱର ଜିଲା ସୋର ବ୍ଲକ କୁମ୍ଭି ଗ୍ରାମରେ ତାଙ୍କ ଘର। ସୁଧୀର ତେଲଙ୍ଗାନାର ହାଇଦ୍ରାବାଦସ୍ଥିତ ସିଙ୍ଗାରାମ କୋଇଲା ଖଣିରେ କାମ କରିବାକୁ ଯାଇଥିଲେ। ତେଲଙ୍ଗାନାରେ ଲକ୍‌ଡାଉନ ଘୋଷଣା ହେବା ପରେ କମ୍ପାନୀ ବନ୍ଦ ହୋଇଯାଇଥିଲା। ଫଳରେ ସେ ଏକ ଘରୋଇ ବସ୍‌ରେ ରବିବାର ଓଡ଼ିଶା ଫେରୁଥିବା ବେଳେ ମାଲକାନଗିରି ଜିଲା ମୋଟୁ ସୀମାନ୍ତରେ ସୁଧୀରଙ୍କ ଛାତିରେ ଯନ୍ତ୍ରଣା ଅନୁଭବ ହୋଇଥିଲା। ଫଳରେ ବସ୍ ଭିତରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ତାଙ୍କ ମୃତଦେହ ଆନ୍ଧ୍ର ସୀମାରେ ଥିବାରୁ ମୋଟୁ ପୋଲିସ ତେଲଙ୍ଗାନା ପୋଲିସ ସହ ଆଲୋଚନା କରି ସୋମବାର ମୃତଦେହକୁ ମାଲକାନଗିରି ଆଣି କୋଭିଡ୍ ନିୟମ ଅନୁଯାୟୀ ସିଲେରୁ ନଦୀ କୂଳରେ ମୃତଦେହ ସତ୍କାର କରିଛି।

### ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରକ୍ତଦାନକୁ ବ୍ୟାପକ କରାଯିବ

**ଭୁବନେଶ୍ୱର, ୧୦।୫ (ବ୍ୟୁରୋ)**

ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଭର୍ଚୁଆଲ ପ୍ଲାଟଫର୍ମ ମାଧ୍ୟମରେ ସମସ୍ତ ରାଜ୍ୟ କର୍ମକର୍ତ୍ତା ତଥା ସମସ୍ତ ଜିଲା ସଭାପତିଙ୍କୁ ନେଇ ସୋମବାର ଏକ ବୈଠକ ଆୟୋଜିତ ହୋଇଛି। କରୋନା ନିମନ୍ତେ ରାଜ୍ୟବ୍ୟାପୀ କିପରି ରକ୍ତ ଅଭାବ ଦେଖା ନ ଯିବ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଥିଲା। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ (ଯୁବ ଓ ଛାତ୍ର ବ୍ୟାପାର) ପ୍ରଣବ ବଳବନ୍ତରାୟ, ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ଓ ଆଇଟି ସଂଯୋଜକ ସୁବ୍ରତ ଛାଟୋଇ ପ୍ରମୁଖ ପରିଚାଳନା କରିଥିଲେ।

### ବଜ୍ରପାତରେ ନଡ଼ିଆଗଛ, ୨ବଖରା ଜଳିଗଲା

**ସାଲେପୁର, ୧୦।୫(ଡି.ଏନ୍.ଏ.)**

କଟକ ଜିଲା ସାଲେପୁର ବ୍ଲକ ମାଳଶାସନ ପଞ୍ଚାୟତ ଅନ୍ତର୍ଗତ ମାଳ ଗ୍ରାମରେ ରବିବାର ରାତିରେ କାଳବୈଶାଖୀ ଓ ଝଡ଼ବର୍ଷା ସହ ବଜ୍ରପାତ ଘଟି ୨ ବଖରା ଜଳିଯାଇଛି। ଏଥିରେ ଗ୍ରାମର ଯୁଧିଷ୍ଠିର ଓଝାଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ତାଙ୍କ ଘରର ୨ ବଖରା ଜଳିଯିବା ସହ ନିକଟରେ ଥିବା ଏକ ନଡ଼ିଆ ଗଛ ମଧ୍ୟ ଜଳିଯାଇଛି। ନିଆଁରେ ଘରର ୮ ବସ୍ତାରୁ ଉର୍ଦ୍ଧ୍ୱ ଧାନ, ଚାଉଳ, ଆସବାବପତ୍ର ସମେତ ବହୁ ବିଦ୍ୟୁତ୍ ସଂରଞ୍ଜାମ ଆଦି ପୋଡ଼ିଯାଇଛି। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଖବରପାଇ ସାଲେପୁର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ ଜଳିଯାଇଥିଲା। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



### ବଡ଼ଭାଇକୁ ହତ୍ୟା, ସାନଭାଇ ଅଟକ

**ବଲାଙ୍ଗୀର ଅଫିସ, ୧୦।୫**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଭାଲୁଡୁଙ୍ଗୁରୀ ଗାଁ ପାହାଡ଼ ନିକଟରେ ସୋମବାର ସକାଳୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲା। ପରେ ମୃତକ କୁସ୍‌ମେଲ ଗ୍ରାମର ଚନ୍ଦ୍ରଶେଖର କରଚୋଲ (୩୦) ବୋଲି ଚିହ୍ନଟ ହୋଇଥିଲା। ପାରିବାରିକ ବିବାଦକୁ କେନ୍ଦ୍ରକରି ଚନ୍ଦ୍ରଶେଖରଙ୍କୁ ସାନଭାଇ ନିରୋଜ ହତ୍ୟା କରିବା ପରେ ମୃତଦେହକୁ ଭାଲୁଡୁଙ୍ଗୁରି ନିକଟ ପାହାଡ ତଳେ ଫିଙ୍ଗି ଦେଇଥିବା ପରିବାର ଲୋକେ ସନ୍ଦେହ କରି ଥାନାରେ ଅଭିଯୋଗ କରିଥିଲେ। ଏନେଇ ସଦର ଥାନାରେ ଏକ ମାମଲା ରୁଜୁ କରି ସାନଭାଇ ନିରୋଜଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଛି।

# ରୋହିତଙ୍କ ଟୁଇଟ୍‌କୁ ଲେଖାଶ୍ରୀଙ୍କ ସମାଲୋଚନା

**ସମ୍ବଲପୁର, ୧୦।୫ (ବ୍ୟୁରୋ)**



Rohit Pujari @rohitpujaribjd · 1h
Pls Help,We need Oxygen cylinders and Flowmeters with tube & mask in our Sambalpur District.
@zenx
@1ndus
@SELCOFoundation
@bitosa
@sopnendu
@aroopzutshi
2 4 6

Rohit Pujari @rohitpujaribjd · 16m
We need the following and this has to be given directly to the District administration.
D Type Oxygen Cylinders (47.6 Lt) (Jumbo): 1000 Nos
B Type Oxygen Cylinders (10 Lt) (Medium): 1000 Nos
Oxygen Flow Meter to be fitted with B Type: 500 Nos
Oxygen Mask: 5000 Nos or more



Lekha Samantsinghar
@DrLekhaShree
ଅକ୍ସୀଜେନ ଯୋଗାଣ ପାଇଁ ଦୁନିଆ ଆଗରେ ମସିହା ସାଜିଥିବା ନବୀନ ବାବୁ ଙ୍କ ନିଜ ରାଜ୍ୟ ଲୋକେ ଅମ୍ଳଜାନ ବିନା ମରୁଛନ୍ତି। ଆଉ ତାଙ୍କ ବିଧାୟକ ଦୁନିଆ ଆଗରେ ହାତପାତୁଛନ୍ତି।
6:19 pm · 10 May 21 · Twitter for Android

ସମ୍ବଲପୁର ଜିଲା ରେଢ଼ାଖୋଲ ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଏକ ପୋଷ୍ଟ କରିଛନ୍ତି। ଏଥିରେ ସେ ଜିଲାବାସୀଙ୍କୁ ଅକ୍ସିଜେନ୍ ସିଲିଣ୍ଡର ଓ ମାସ୍କ ଯୋଗାଇଦେବାକୁ ଅନୁରୋଧ କରିଛନ୍ତି। ଏହି ପୋଷ୍ଟକୁ ନେଇ ଏବେ ପୂଜାରୀଙ୍କୁ ଟ୍ରୋଲ୍ କରାଯାଇଛି। ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କଠାରୁ ଆରମ୍ଭ କରି ଭାଜପା ଯୁବ ନେତା ଟଙ୍କଧର ତ୍ରିପାଠୀଙ୍କ ସମେତ ଅନ୍ୟ କେତେଜଣ ଭାଜପା ନେତା ଏହାକୁ ସମାଲୋଚନା କରିଛନ୍ତି। ରାଜ୍ୟ ସରକାର କୋଭିଡ ମୁକାବିଲା ପାଇଁ ସବୁ କ୍ଷେତ୍ରରେ ପ୍ରସ୍ତୁତ ରହିଥିବା ଘୋଷଣା କରୁଥିବା ବେଳେ ସରକାରୀ ଉପମୁଖ୍ୟ ସଚେତକ ପୂଜାରୀ ଅକ୍ସିଜେନ୍ ସିଲିଣ୍ଡର ସାମାଜିକ ଗଣମାଧ୍ୟମରେ ମାଗିବା ସରକାରଙ୍କ ବାସ୍ତବ ଚିତ୍ରକୁ ପଦାରେ ପକାଇ ଦେଇଥିବା ଲେଖାଶ୍ରୀ ଉଲ୍ଲେଖ କରିଛନ୍ତି। ସେହିପରି ଟଙ୍କଧର ତ୍ରିପାଠୀ ଅକ୍ସିଜେନ୍ ସିଲିଣ୍ଡର ସକାଶେ ଭିକ ମାଗୁଥିବା ନେଇ କଟୁ ମନ୍ତବ୍ୟ ଦେଇଛନ୍ତି। ରୋହିତ ପୂଜାରୀ ପ୍ରତିକ୍ରିୟା ଦେଇ କହିଛନ୍ତି, ରାଜ୍ୟ ସରକାର କୋଭିଡ୍ ମୁକାବିଲାରେ ରୋଲ ମଡେଲ ସାଜିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଶ ଓ ଦେଶ ବାହାରେ ପ୍ରଶଂସା କରାଯାଉଛି। ରାଜ୍ୟରୁ ଅନ୍ୟ ରାଜ୍ୟଗୁଡିକୁ ଅକ୍ସିଜେନ୍ ଯୋଗାଇ ଦିଆଯାଉଛି। ମୋର କେତେଜଣ ସମ୍ପର୍କୀୟଙ୍କୁ ସାମାଜିକ ଗଣମାଧ୍ୟମରେ ଖାଲି ସିଲିଣ୍ଡର, ମାସ୍କ ଯୋଗାଇ ସହଯୋଗ କରିବାକୁ ଅନୁରୋଧ କରିଥିଲି। ଏହାକୁ ନେଇ ଭାଜପା ଅଯଥାରେ ରାଜନୀତି କରୁଛି। ଜଣେ ଯୁବ ନେତା ଓ ମହିଳା ନେତ୍ରୀ ଭାଷାରେ ଶାଳୀନତା ନ ରଖି କଟୁ ମନ୍ତବ୍ୟ ଦେଉଛନ୍ତି, ଯାହା ଶୋଭନୀୟ ନୁହେଁ। ରାଜ୍ୟ ତଥା ସମ୍ବଲପୁର ଜିଲାରେ ଅକ୍ସିଜେନର ଅଭାବ ନାହିଁ। ହେଲେ ଖାଲି ସିଲିଣ୍ଡର ଷ୍ଟକ ରହିଲେ ଆଗାମୀ ଦିନରେ ବ୍ୟବହାର କରାଯାଇପାରିବ। ଏହି ଉଦ୍ଦେଶ୍ୟରେ ସେ ସୋସିଆଲ ମିଡିଆରେ ଅନୁରୋଧ କରିଥିବା କହିଛନ୍ତି। ଯଦି ଜିଲା ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ତାଙ୍କୁ ଭିକାରୀ ହେବାକୁ ପଡେ ତା'ହେଲେ ସେ ଭିକ ମାଗିବେ ବୋଲି କହିଛନ୍ତି।

### ମନ୍ଦିର ପ୍ରତିଷ୍ଠା ବନ୍ଦ କଲା ପ୍ରଶାସନ

**ଶେରଗଡ଼,୧୦।୫(ଡି.ଏନ.ଏ.)**

କରୋନାର ଦ୍ୱିତୀୟ ଲହର ରୋକିବାକୁ ସମସ୍ତ ଧର୍ମାନୁଷ୍ଠାନ ବନ୍ଦ କରାଯାଇଛି। ସୀମିତ ପୂଜକଙ୍କୁ ନେଇ ନୀତି ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ରହିଛି। ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ କୃଷ୍ଣଛାଇ ଗ୍ରାମରେ ଏହାକୁ ଉଲ୍ଲଂଘନ କରି ଗ୍ରାମରେ ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରତିଷ୍ଠା ଆୟୋଜନ କରାଯାଇଥିଲା। ଏଥିଲାଗି ସୋମବାର ଶତାଧିକ ମହିଳା କଳସ ଶୋଭାଯାତ୍ରା କରିଥିଲେ। ଖବରପାଇ ସ୍ଥାନୀୟ ପ୍ରଶାସନ ପହଞ୍ଚି ମନ୍ଦିର ପ୍ରତିଷ୍ଠା ବନ୍ଦ କରିବା ସହ ଗ୍ରାମରେ ୧୪୪ ଧାରି ଜାରି କରିଛି। ଉକ୍ତ ମନ୍ଦିରରେ ତାଲା ପକାଯାଇଛି। ଶେରଗଡ ବ୍ଲକରେ କରୋନା ପଜିଟିଭ୍ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସମସ୍ତେ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ବାରମ୍ବାର ସଚେତନ କରାଯାଉଛି। ହେଲେ ବାରଣ ସତ୍ତ୍ୱେ ଗ୍ରାମବାସୀ ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା କରିଥିଲେ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅପାଳକ, ଅବିହୁତା**
**ଅବଛା, ଅରାଜକ**
**ସବୁ ସମାନ।**

ଦୁର୍ଭିକ୍ଷ ବା ଶସ୍ୟାଭାବ ଦେଖା ଦେଲେ ମଣିଷ ଅଖିଆ ଅପିଆ ଘାଣ୍ଟି ହୁଏ। ବେଉଷଣ ଠିକ୍ ନ ହେଲେ ତଥା କୃଷି କାର୍ଯ୍ୟ ସମୟାନୁସାରେ ନ ହୋଇପାରିଲେ ଖାଦ୍ୟର ଅଭାବ ଘଟିଥାଏ। ସେହିପରି ଅରାଜକତା ଦେଖାଦେଲେ ବିଶୃଙ୍ଖଳା ଯୋଗୁ ମଣିଷ ଜୀବନ ଦୁର୍ବିଷହ ହୋଇଯାଏ। ଉପରୋକ୍ତ ଅବସ୍ଥା ମଣିଷ ପାଇଁ ମାରାତ୍ମକ ପରିସ୍ଥିତି ସୃଷ୍ଟି କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଶ୍ୱ, ଅସ୍ତ୍ର, ବସ୍ତ୍ର, ଅବଳା**
**ଉଧାର ନ ଦେବୁ କାହାକୁ ବଳା।**

ଅଶ୍ୱ ବା ବାହନ, ନିଜ ବ୍ୟବହୃତ ଅସ୍ତ୍ର, ବସ୍ତ୍ର ଓ ନିଜର ସ୍ତ୍ରୀ , ଏମାନେ ସମସ୍ତେ ଏକାନ୍ତ ଭାବେ ନିଜର ସମ୍ପତ୍ତି ହୋଇଥାନ୍ତି। ସେ ସବୁର ବ୍ୟବହାର ତଥା କୌଶଳ ନିଜକୁ ଭଲ ଭାବେ ଜଣା ହୋଇଥିବାବେଳେ ଏମାନଙ୍କୁ ଅନ୍ୟର ବ୍ୟବହାର ପାଇଁ ଦିଆଯିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ବତ୍‌ଙ୍କ ପୋଷ୍ଟକୁ ଡିଲିଟ୍ କରିଦେଇଛି ଇନଷ୍ଟାଗ୍ରାମ। କଙ୍ଗନା ନିକଟରେ କରୋନା ପଜିଟିଭ ହୋଇଥିବା ନେଇ ଏହାକୁ 'ସାମାନ୍ୟ ଫ୍ଲୁ' ବୋଲି କହିଥିଲେ। ଯାହାକୁ ତୀବ୍ର ବିରୋଧ କରାଯାଇଥିଲା। ଦେଶରେ କରୋନାର ଘାତକ ଦ୍ୱିତୀୟ ଲହର ଚାଲିଥିବା ବେଳେ କଙ୍ଗନାଙ୍କ ଏପରି ପୋଷ୍ଟ ୟୁଜରମାନଙ୍କୁ ବ୍ୟଥିତ କରିଥିଲା। ଫଳରେ ସେ ଟ୍ରୋଲର ଶିକାର ହୋଇଥିଲେ। ଏପରି ଭୁଲ ତଥ୍ୟ ଦେଇଥିବାରୁ ତାଙ୍କୁ କଡ଼ା ସମାଲୋଚନା କରାଯାଇଥିଲା। ଏହା ପରେ ଇନ୍‌ଷ୍ଟାଗ୍ରାମ କଙ୍ଗନାଙ୍କ ଏହି ପୋଷ୍ଟକୁ ଡିଲିଟ କରିଦେଇଛି। ବିବାଦୀୟ ମନ୍ତବ୍ୟ ପାଇଁ ଗତ ସପ୍ତାହରେ କଙ୍ଗନାଙ୍କ ଟୁଇଟର ଆକାଉଣ୍ଟ ମଧ୍ୟ ସ୍ଥାୟୀ ଭାବେ ବନ୍ଦ କରି ଦିଆଯାଇଛି।



# ମୃତ୍ୟୁ ପରେ ବଦଳିଯାଏ ଫିଙ୍ଗରପ୍ରିଣ୍ଟ

**ମୃତ୍ୟୁ ପରେ ଫିଙ୍ଗରପ୍ରିଣ୍ଟ ବଦଳି ନ ଥାଏ ବୋଲି ଯେଉଁ ଧାରଣା ରହିଛି, ତାହା ସତ୍ୟ ନୁହେଁ। ଶେଷନିଃଶ୍ୱାସ ତ୍ୟାଗ କରିବା ପରେ ମନୁଷ୍ୟ ଶରୀରର ଇଲେକ୍ଟ୍ରିକ୍ ଚାର୍ଜ ଶେଷ ହୋଇଯାଏ। ଏହାପରେ ବାହ୍ୟ ଏବଂ ଆଭ୍ୟନ୍ତରୀଣ ଅଙ୍ଗରେ ଦ୍ରୁତ ପରିବର୍ତ୍ତନ ଆରମ୍ଭ ହୋଇଯାଏ। ତଦନୁଯାୟୀ ଫିଙ୍ଗରପ୍ରିଣ୍ଟ ମଧ୍ୟ ବଦଳିବା ଆରମ୍ଭ କରିଥାଏ।**

**ନୂଆଦିଲ୍ଲୀ:** ଫିଙ୍ଗରପ୍ରିଣ୍ଟକୁ ନେଇ ହଲିଉଡ୍ ଏବଂ ବଲିଉଡ୍‌ରେ ଅନେକ ଚଳଚ୍ଚିତ୍ର ନିର୍ମାଣ ହୋଇଛି। ଚଳଚ୍ଚିତ୍ରର ନେଗେଟିଭ୍ ଚରିତ୍ରରେ ଅଭିନୟ କରୁଥିବା ବ୍ୟକ୍ତି ମୃତବ୍ୟକ୍ତିଙ୍କ ଫିଙ୍ଗର ପ୍ରିଣ୍ଟ ସଂଗ୍ରହ କରି ବେଆଇନ ଭାବେ ବ୍ୟବହାର କରୁଥିବା ଅନେକ ଦୃଶ୍ୟ ଅତି ସାଧାରଣ। ହେଲେ ଏହାର ବାସ୍ତବତା ଭିନ୍ନ, ଯାହାକୁ ସମର୍ଥନ କରେ ନାହିଁ ବିଜ୍ଞାନ। କାରଣ ମୃତ୍ୟୁ ପରେ ଶରୀରର ଇଲେକ୍ଟ୍ରିକାଲ ଚାର୍ଜ ବନ୍ଦ ହୋଇଯାଏ। ସ୍ନାୟବିକ ତନ୍ତ୍ରିକା କାମ କରେନାହିଁ। ତେଣୁ ମୃତ୍ୟୁର ଠିକ୍ ପରେ ପରେ ଫିଙ୍ଗରପ୍ରିଣ୍ଟ ମଧ୍ୟ ବଦଳିଯାଏ। ତେଣୁ ବଦଳିଯାଇଥିବା ଫିଙ୍ଗରପ୍ରିଣ୍ଟକୁ ବେଆଇନ କାର୍ଯ୍ୟରେ ବ୍ୟବହାର କରିବା ଏକ ପ୍ରକାର ଅସମ୍ଭବ।

୨୦୧୫ ଜୁଲାଇ ୧୪ରେ ରାଷ୍ଟ୍ରୀୟ ବିଜ୍ଞାନ ଏକାଡେମୀ ପକ୍ଷରୁ ଏକ ସଂସ୍କରଣ ପ୍ରକାଶିତ ହୋଇଥିଲା। ଫିଙ୍ଗରପ୍ରିଣ୍ଟ ସମ୍ପର୍କିତ ଏକ ବିଶ୍ଳେଷଣାତ୍ମକ ନିବନ୍ଧରେ ଏହା ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶିତ ହୋଇଥିଲା। ଏଥିରେ କୁହାଯାଇଥିଲା ଯେ, ସମୟ ଅନ୍ତରାଳରେ ହାତର ଅଙ୍ଗୁଳି ସଙ୍କୋଚନ ପ୍ରସାରଣ ହୋଇଥାଏ। ଫଳରେ ଫିଙ୍ଗରପ୍ରିଣ୍ଟ କମ୍ ବିଶ୍ୱସନୀୟ ହୋଇଯାଇଥାଏ। ସାଧାରଣତଃ ମୃତ୍ୟୁ ପରେ ଜଣେ ବ୍ୟକ୍ତିଙ୍କ ଶିରାପ୍ରଶିରା ସହିତ ଆଙ୍ଗୁଠିଗୁଡ଼ିକ ମଧ୍ୟ ସଙ୍କୁଚିତ ହୋଇପଡ଼େ। ଫଳରେ ମୃତ୍ୟୁ ପୂର୍ବରୁ ଏବଂ ପରେ ଏଥିରେ ପାର୍ଥକ୍ୟ ଦୃଷ୍ଟିଗୋଚର ହୋଇଥାଏ। ତେବେ ଆବଶ୍ୟକସ୍ଥଳେ ମୃତବ୍ୟକ୍ତିଙ୍କ ଠିକ୍ ଫିଙ୍ଗରପ୍ରିଣ୍ଟ ସଂଗ୍ରହ ଲାଗି ଏକ ପ୍ରକାର ଉପକରଣ ବ୍ୟବହାର କରାଯାଏ। ହେଲେ ଏହା ଯେ ଶତ ପ୍ରତିଶତ ଠିକ୍ ତାହା କହିହେବନାହିଁ। ସେହିପରି ଏକ ଅର୍ଦ୍ଧଦଗ୍ଧ ମୃତଦେହର ଫିଙ୍ଗର ପ୍ରିଣ୍ଟ ନେବା ଅସମ୍ଭବ। ତେଣୁ ଜୀବିତ ଏବଂ ମୃତ ବ୍ୟକ୍ତିଙ୍କ ଫିଙ୍ଗରପ୍ରିଣ୍ଟରେ ପାର୍ଥକ୍ୟ ଦେଖାଦେବା ସ୍ୱାଭାବିକ କଥା। ତେବେ ଡାକ୍ତର, ଫରେନ୍‌ସିକ ଏକ୍ସପର୍ଟମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ଏହାକୁ ଜାଣିପାରିଥାଆନ୍ତି।

ଅନ୍ୟପକ୍ଷରେ ମୃତବ୍ୟକ୍ତିଙ୍କ ଫିଙ୍ଗରପ୍ରିଣ୍ଟ ସମ୍ପୂର୍ଣ୍ଣ ଅଲୋଡ଼ା ବୋଲି କୁହାଯାଇପାରିବ ନାହିଁ। ଏହାକୁ ବ୍ୟବହାର କରି ଅପରିଚିତ ମୃତକଙ୍କ ପରିଚୟ ଜଣାପଡ଼ିଥାଏ। ଅନେକ କ୍ଷେତ୍ରରେ ଚମଡ଼ାର ପ୍ରିଣ୍ଟ ମଧ୍ୟ ସଂଗ୍ରହ କରାଯାଏ। ସିଲିକନ ପୁଟିର ବ୍ୟବହାର କରି ପ୍ରିଣ୍ଟ ପ୍ରସ୍ତୁତ କରାଯାଏ। ଏହି ଚିତ୍ରକୁ ତଦନ୍ତରେ ବ୍ୟବହାର କରାଯାଇଥାଏ। ଏବେ ମୋବାଇଲ ଫୋନ୍‌ରେ ଫିଙ୍ଗରପ୍ରିଣ୍ଟ ସେନ୍ସର ବ୍ୟବହାର କରାଯାଉଛି। ହେଲେ ବ୍ୟବହାରକାରୀଙ୍କ ମୃତ୍ୟୁ ପରେ ତାଙ୍କ ଫିଙ୍ଗରପ୍ରିଣ୍ଟ କାମରେ ଆସେନାହିଁ। କାରଣ ଅତ୍ୟାଧୁନିକ ସ୍ମାର୍ଟଫୋନ୍ ଜଣେ ମୃତ ଏବଂ ଜୀବିତ ବ୍ୟକ୍ତିଙ୍କ ଭିତରେ ଅନ୍ତରକୁ ସହଜରେ ଧରିବାରେ ସକ୍ଷମ। ତେବେ ମୃତ୍ୟୁର କେଇ ମିନିଟ୍ ମଧ୍ୟରେ ଫିଙ୍ଗରପ୍ରିଣ୍ଟ ସଂଗ୍ରହ କରାଯାଇପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି।







୧୨ତମ ଜନ୍ମବାର୍ଷିକ ଶୁଭେଚ୍ଛା

(ମାମା)

ତେଜଶ୍ରୀ ବରାଳ

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ:

ଝୁନା ବରାଳ, ଦୁର୍ଯ୍ୟୋଧନ ବରାଳ, ଅଭିଶେକ ବରାଳ ।

ଧ-୨୦୬୯୦


## ଟାୟାର ଉପରେ ଷ୍ଟଣ୍ଟ

**ନୂଆଦିଲ୍ଲୀ:** ଏକ ଟ୍ରକ ଟାୟାର ଉପରେ ଷ୍ଟଣ୍ଟ କରି ଚର୍ଚ୍ଚାକୁ ଆସିଛନ୍ତି ଜଣେ ବାଳକ। ଆଇପିଏସ ଅଫିସର ରୂପିନ ଶର୍ମା ଏହି ଭିଡିଓକୁ ତାଙ୍କ ଟୁଇଟର ପେଜ୍‌ରେ ଶେୟାର କରିଛନ୍ତି। ଏଥିରେ ସେ ଲେଖିଛନ୍ତି, 'ଟ୍ୟାଲେଣ୍ଟ ଅଛି, ସାହସ ବି'। ଏହାକୁ ୧ ହଜାରରୁ ଅଧିକ ୟୁଜର ଦେଖିସାରିଥିବାବେଳେ ୧୦୦ରୁ ଊର୍ଦ୍ଧ୍ୱ ୟୁଜର୍ସ ଲାଇକ ମଧ୍ୟ କରିଛନ୍ତି। ଜଣେ ୟୁଜର କହିଛନ୍ତି, ଯାକୁ ହିଁ କୁହନ୍ତି ପ୍ରତିଭା।



## ଟ୍ରୋଲ୍ ହେଲେ ଦିବ୍ୟା ଖୋସ୍‌ଲା

**ମୁମ୍ବାଇ:** ଦେଶରେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିଚାଲିଛି। ଏଥିରୁ ରକ୍ଷା ପାଇବା ପାଇଁ ସମଗ୍ର ଦେଶରେ ଟିକାକରଣ କାର୍ଯ୍ୟ ଜୋରସୋରରେ ଚାଲିଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବଲିଉଡ ସେଲିବ୍ରିଟିମାନେ ମଧ୍ୟ ଟିକା ନେଉଛନ୍ତି। ତେବେ ଟିକା ନେବାପରେ ବଲିଉଡ୍ ଗାୟିକା ତଥା ଅଭିନେତ୍ରୀ ଦିବ୍ୟା ଖୋସଲା କୁମାର ଟ୍ରୋଲ ହୋଇଛନ୍ତି। କାରଣ ଟିକା ନେବା ସମୟରେ ଦିବ୍ୟା ମୁହଁରେ ମାସ୍କ ଦେଇ ନ ଥିଲେ। ଯାହାକୁ ନେଇ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଦିବ୍ୟା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଟିକା ନେବା ସମୟର ଏକ ଭିଡିଓ ଶେୟାର କରିଛନ୍ତି। ଭିଡିଓରେ ଦେଖିବାକୁ ମିଳିଛି, ଟିକା ନେବା ସମୟରେ ସେ ମୁହଁରେ ମାସ୍କ ଦେଇନାହାନ୍ତି। ଏଥିସହିତ ଭିଡିଓରେ 'ଚକ ଦେ ଇଣ୍ଡିଆ'ର ଟାଇଟଲ ଗୀତ ବାଜୁଛି। ଭିଡିଓ ଶେୟାର କରି ଦିବ୍ୟା ତାଙ୍କ ପ୍ରଶଂସକମାନଙ୍କୁ କରୋନା ହରାଇବାକୁ ନିବେଦନ କରୁଛନ୍ତି। ସେ ଏଥିରେ କ୍ୟାପଶନ ଲେଖିଛନ୍ତି, ଆଜି ମୁଁ ପ୍ରଥମ ଡୋଜ ଟିକା ନେଲି। ଆପଣ ସମସ୍ତେ ବି ନିଅନ୍ତୁ। ପ୍ରଶଂସକଙ୍କୁ କରୋନା ସଚେତନତା ସୃଷ୍ଟି କରୁଥିବା ଏହି ଅଭିନେତ୍ରୀ ଜଣକ ନିଜେ ମୁହଁରେ ମାସ୍କ ଦେଇ ନ ଥିଲେ। ଯେଉଁଥିପାଇଁ ଲୋକେ ତାଙ୍କୁ ଟ୍ରୋଲ କରିବାରେ ଲାଗିଛନ୍ତି। ଦିବ୍ୟା ବଲିଉଡ୍‌ର ଜଣେ ଭଲ ଗାୟିକା, ଅଭିନେତ୍ରୀ, ନିର୍ଦ୍ଦେଶିକା ଏବଂ ଫିଲ୍ମ ନିର୍ମାତା ମଧ୍ୟ। ଅନେକ ଫିଲ୍ମରେ ସେ ଅଭିନୟ କରିଛନ୍ତି।

## ଜୈବିକ ଅସ୍ତ୍ରରେ ଚାଇନାର ତୃତୀୟ ବିଶ୍ୱଯୁଦ୍ଧ ଷଡ଼ଯନ୍ତ୍ର

**ୱାଶିଂଟନ/ନୂଆଦିଲ୍ଲୀ:** କରୋନା ଭୂତାଣୁ ଦ୍ୱାରା ଚାଇନା ତୃତୀୟ ବିଶ୍ୱଯୁଦ୍ଧର ପ୍ରସ୍ତୁତି କରିଥିବା ଆମେରିକା କହିଛି। ଜାଣିଶୁଣି ଚାଇନା ଏଭଳି ଯୋଜନା କରିଥିବା ଆମେରିକା ପକ୍ଷରୁ ଦାବି କରାଯାଇଛି। କରୋନା ସଂକ୍ରମଣ ପରେ ମାତ୍ର ୬ରୁ ୮ ମାସ ମଧ୍ୟରେ ଚାଇନାର ସ୍ଥିତି ସ୍ୱାଭାବିକ ହୋଇ ସାରିଛି। ମାତ୍ର ଏବେ ବି ଭାରତ ସମେତ ପୃଥିବୀର ବହୁ ଦେଶ କରୋନା ମହାମାରୀ ସହିତ ଲଢ଼େଇ ଜାରି ରଖିଛନ୍ତି। କରୋନା ସଂକ୍ରମଣ ଚାଇନାରୁ ଦୂର ହୋଇଥିବାବେଳେ ପୃଥିବୀର ଅନ୍ୟ ଦେଶରୁ ମହାମାରୀର ବିପଦ ୨ ବର୍ଷ ହେଲା ଟଳି ନାହିଁ। ଏହା ଚାଇନାର ଯୋଜନାବଦ୍ଧ ଜୈବିକ ଅସ୍ତ୍ର ପ୍ରୟୋଗକୁ ସତ ପ୍ରମାଣିତ କରିଥିବା ଆମେରିକା କହିଛି। ୨୦୧୫ରେ ଚାଇନାର ପକ୍ଷରୁ ଏଭଳି ଯୋଜନା କରାଯାଇଥିବା ସମ୍ପର୍କିତ ରିପୋର୍ଟ ଆମେରିକାର ହସ୍ତଗତ ହୋଇଛି। ଚାଇନା ସୈନ୍ୟ ବାହିନୀର ବୈଜ୍ଞାନିକ ଜୈବିକ ଅସ୍ତ୍ର ମାଧ୍ୟମରେ ତୃତୀୟ ବିଶ୍ୱଯୁଦ୍ଧ ଲଢ଼ାଯିବାର ଭବିଷ୍ୟବାଣୀ କରିଥିଲେ। ଏହି ରିପୋର୍ଟ ଚାଇନାର ସୈନ୍ୟ ବାହିନୀ ବୈଜ୍ଞାନିକ ଏବଂ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ୨୦୧୫ରେ ପ୍ରସ୍ତୁତ ହୋଇଥିଲା। ଏ ବାବଦରେ ଅଷ୍ଟ୍ରେଲିଆ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଛି।

## ସୁରକ୍ଷିତ ରଖିବାର ରେସିପି

**ମୁମ୍ବାଇ:** ନିଜକୁ ସୁରକ୍ଷିତ ରଖିବା ପାଇଁ ଏକ ନୂଆ ରେସିପି ଏବେ ଲୋକଙ୍କ ପାଇଁ ପ୍ରସ୍ତୁତ କରିଛି ମୁମ୍ବାଇ ପୋଲିସ। କଥାଟା ଶୁଣିବା ପାଇଁ ହୁଏତ ଅନେକଙ୍କୁ ବିସ୍ମୟକର ମନେ ହୋଇପାରେ। କିନ୍ତୁ ସୋସିଆଲ ମିଡିଆରେ ଏଭଳି କେ ଭିନ୍ନ ରେସିପି ଶେୟାର କରି ଲୋକଙ୍କୁ ସଚେତନ କରିବା ପାଇଁ ପ୍ରୟାସ କରିଛି ପୋଲିସ। ସାଧାରଣତଃ ରେସିପି ଅର୍ଥ ଏକ ପ୍ରକାରର ଖାଦ୍ୟ ଏବଂ ଏହାର ପ୍ରସ୍ତୁତି ଶୈଳୀ ସମ୍ପର୍କରେ ଜାଣିବା ପାଇଁ ସମସ୍ତଙ୍କର ଆଗ୍ରହ ରହିଥାଏ। କିନ୍ତୁ ଏବେ ମୁମ୍ବାଇ ପୋଲିସ ଏକ ସ୍ୱନ୍ତ୍ର ଧରଣର ରେସିପି ସୋସିଆଲ ମିଡିଆରେ ଶେୟାର କରିଛି, ଯାହା ସମ୍ପର୍କରେ ଆଗରୁ କେହି କେବେ ଜାଣି ନ ଥିବେ। ଏହି ରେସିପି ହେଉଛି ସୁରକ୍ଷିତ ରଖିବାର ରେସିପି। ଅର୍ଥାତ ନିଜକୁ ସୁରକ୍ଷିତ ରଖିବା ପାଇଁ କିଭଳି ନିୟମ ମାନିବାକୁ ହେବ ସେନେଇ ପୋଲିସ ଏଭଳି ଏକ ପନ୍ଥାକୁ ଆପଣାଇଛି। କରୋନା ସମୟରେ ଲୋକଙ୍କୁ ସଚେତନ କରିବା ପାଇଁ ପୋଲିସ ବିଭିନ୍ନ ପ୍ରକାରର ଶୈଳୀକୁ ଆପଣାଉଛି। କୋଭିଡ ନିୟମ ସବୁ ମାନିବା ପାଇଁ ଲୋକଙ୍କୁ ବାରମ୍ବାର ପରାମର୍ଶ ଦେଉଛି। ତେବେ ଏହି ସବୁ ନିୟମକୁ ଲୋକଙ୍କପାଖରେ ପହଞ୍ଚାଇବା ପାଇଁ ଏବେ ମୁମ୍ବାଇ ପୋଲିସ ଏକ ଅଭିନବ ପନ୍ଥା ଆପଣାଇଛି। ପୋଲିସ ଏବେ ସୋସିଆଲ ମିଡିଆରେ ଏକ ରେସିପି ପ୍ରସ୍ତୁତ କରି ଶେୟାର କରିଛି। ଏହି ରେସିପିରେ ତିନୋଟି ଷ୍ଟେପ୍ ଗ୍ରହଣ କରିବାକୁ ହେବ। ପ୍ରଥମ ଷ୍ଟେପରେ ପୋଲିସ କହିଛି କି ଦୁଇ ଲେୟାର ମାସ୍କ ହେଉଛି ପ୍ରଥମ ଆବଶ୍ୟକତା। ଏହାପରେ ଦ୍ୱିତୀୟ ଷ୍ଟେପ୍‌ରେ ପ୍ରତ୍ୟେକ ସ୍ଥାନରେ ଲୋକଙ୍କ ଠାରୁ ୬ ଫୁଟର ଦୂରତା ରକ୍ଷା କରନ୍ତୁ। ରେସିପିର ତୃତୀୟ ତଥା ଶେଷ ଷ୍ଟେପ୍‌ରେ ରହିଛି କି ଯଦି ଅତ୍ୟନ୍ତ ଜରୁରୀ ଅଛି ତେବେ ବାହାରକୁ ଯାଆନ୍ତୁ। ଏଭଳି ତିନି ଷ୍ଟେପର ରେସିପି ତିଆରି କଲେ ହିଁ ନିରାପଦରେ ରହିହେବ ବୋଲି ପୋଲିସ ଲୋକଙ୍କୁ ସଚେତନ କରାଇବାକୁ ଚେଷ୍ଟା କରିଛି। ଏଭଳି ଏକ ଢଙ୍ଗରେ ପୁଣି ଥରେ ଲୋକଙ୍କୁ ସଚେତନ କରିବାର ଶୈଳୀ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଭଳି ଏକ ପୋଷ୍ଟ ଶେୟାର କରି ପୋଲିସ କ୍ୟାପସନରେ କହିଛି ଏହି ଷ୍ଟେପରୁ କୌଣସି ଗୋଟିଏ ବି ଭୁଲ ହେଲେ ଜୀବନ ପ୍ରତି ରିସ୍କ ଆସିପାରେ। ତେଣୁ କର୍ଫ୍ୟୁ ଥିବା ପର୍ଯ୍ୟନ୍ତ ସମସ୍ତେ ଏହି ରେସିପିକୁ ଗ୍ରହଣ କରିବା ପାଇଁ ମୁମ୍ବାଇ ପୋଲିସ କହିଛି।




## ୫୦ ଥର ଅପହରଣ କରିଛି ଏଲିଅନ

**ଲଣ୍ଡନ:** ଏଲଅନ୍‌କୁ ନେଇ ବିଭିନ୍ନ ସମୟରେ ଭିନ୍ନଭିନ୍ନ ରୋମାଞ୍ଚକର ଘଟଣା ସମ୍ପର୍କରେ ଶୁଣିବାକୁ ମିଳିଥାଏ। ଏବେ ଜଣେ ବ୍ରିଟିଶ ମହିଳା ତାଙ୍କୁ ୫୦ ଥର ଏଲିଅନ ଅପହରଣ କରିଥିବା ଦାବି କରିଛନ୍ତି। ଅପହରଣ ସମୟର ଅନୁଭୂତି ସେ ବଖାଣିଛନ୍ତି। ମହିଳା ଜଣକ ହେଉଛନ୍ତି ପାଓ୍ୱଲା ସ୍ମିଥ। ବର୍ତ୍ତମାନ ତାଙ୍କୁ ୫୦ ବର୍ଷ। ସେ ବ୍ରେଡ ଫୋର୍ଡରେ ବାସ କରନ୍ତି। ସେ ଛୋଟ ଥିବାବେଳେ ତାଙ୍କୁ ପ୍ରଥମେ ଏଲିଅନ୍‌ମାନେ ୟୁଏଫଓରେ ବସାଇ ଅପହରଣ କରିନେଇଥିଲେ। ଏହାପରେ ମଧ୍ୟ ତାଙ୍କୁ ଅପହରଣ କରାଯାଇଛି। ଅପହରଣ ସମୟରେ ଏଲିଅନ ତାଙ୍କ ଶରୀରର ଥରେ ଏକ ପ୍ରକାର ଚିହ୍ନ ଆଙ୍କିଥିବା ପାଓ୍ୱଲା ଦାବି କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ଏଲଅନ୍‌କୁ ୫୨ ଥର ଭେଟିଥିବା ଦାବି କରିଛନ୍ତି। ଏଲିଅନ ତାଙ୍କୁ ବଳପୂର୍ବକ ଉଠାଇ ନେଉଥିବାର କାରଣ କ'ଣ ତାହା ତାଙ୍କୁ ଅଜଣା ବୋଲି ସେ କହିଛନ୍ତି। ୧୯୮୨ରେ ପାଓ୍ୱଲା ପ୍ରଥମେ ୟୁଏଫଓକୁ ଦେଖିଥିବା ପ୍ରକାଶ କରିଛନ୍ତି।




BIKASHA FINANCE

BIKASHA FINANCE

ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।

ସୁଧ = 2%

Mob.: 8280503279, 7656825022

Retamunda, Bhatigaon, Baragarh


## କେମିତି ରହିବ ଆଜିର ପାଗ

**ରାଜ୍ୟ**- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁରର ଗୋଟିଏ ଦୁଇଟି ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବା ସହ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ମଙ୍ଗଳବାର ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୪ | ୨୩.୧ |
| ଚାନ୍ଦବାଲି | ୩୬.୬ | ୨୩.୪ |
| କଟକ | ୩୫.୮ | ୨୫.୧ |
| ପାରାଦୀପ | ୩୨.୭ | ୨୫.୦ |
| ଭୁବନେଶ୍ୱର | ୩୭.୦ | ୨୨.୧ |
| ଗୋପାଳପୁର | ୩୪.୦ | ୨୬.୭ |
| ପୁରୀ | ୩୩.୪ | ୨୪.୪ |
| ଅନୁଗୋଳ | ୩୮.୧ | ୨୪.୬ |
| ବାରିପଦା | ୩୬.୨ | ୨୩.୦ |
| ଝାରସୁଗୁଡ଼ା | ୩୬.୨ | ୨୪.୬ |
| କେନ୍ଦୁଝର | ୩୪.୨ | ୨୦.୨ |
| ସମ୍ବଲପୁର | ୩୬.୪ | ୨୫.୫ |
| ସୁନ୍ଦରଗଡ଼ | ୩୮.୫ | ୨୩.୦ |
| ହୀରାକୁଦ | ୩୫.୬ | ୨୪.୬ |
| ତାଳଚେର | ୩୭.୪ | ୨୫.୪ |
| ଭବାନୀପାଟଣା | ୩୭.୨ | ୨୪.୧ |
| ବଲାଙ୍ଗୀର | ୩୮.୩ | – |
| କୋରାପୁଟ | ୩୨.୦ | ୧୯.୫ |
| ଫୁଲବାଣୀ | ୩୭.୦ | – |
| ଟିଟିଲାଗଡ଼ | ୩୮.୦ | ୨୪.୮ |
| ମାଲକାନଗିରି | ୪୦.୦ | ୨୩.୫ |
| ସୋନପୁର | ୩୭.୮ | ୨୫.୬ |
| ଦାରିଙ୍ଗିବାଡ଼ି | ୩୧.୫ | ୧୮.୫ |
| ନୟାଗଡ଼ | ୩୭.୭ | ୨୫.୦ |
| ବୌଦ୍ଧ | ୩୯.୫ | ୨୫.୦ |
| ଛତ୍ରପୁର | ୩୪.୫ | ୨୭.୦ |
| ପାରଳାଖେମୁଣ୍ଡି | ୩୬.୫ | ୨୬.୦ |
| ରାୟଗଡ଼ା | – | – |

ଡିଗ୍ରୀ ସେଲ୍‌ସିୟସ୍

## ପ୍ରେମିକାର ବିବାହ ବନ୍ଦ କରିବାକୁ ସରକାରଙ୍କୁ ନିବେଦନ କଲେ ପ୍ରେମିକ

**ଜୟପୁର:** ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲୋଟ କରୋନା ମହାମାରୀ ଯୋଗୁ ବିବାହ ନ କରିବାକୁ ରାଜ୍ୟବାସୀଙ୍କୁ ନିବେଦନ କରିଥିଲେ। ଏବେ ଜଣେ ଯୁବକ ମୁଖ୍ୟମନ୍ତ୍ରୀଙ୍କୁ ବିବାହ ବନ୍ଦ କରିବାକୁ ଆକୁଳ ନିବେଦନ କରିଛନ୍ତି। ସେ କହିଛନ୍ତି, 'ମୋ ଗର୍ଲଫ୍ରେଣ୍ଡର ବିବାହ। ମୁଖ୍ୟମନ୍ତ୍ରୀ ମହାଶୟ ତୁରନ୍ତ କଟକଣା କଡ଼ାକଡ଼ି କରିଦିଅନ୍ତୁ। ସଂକ୍ରମଣ ବଢୁଥିବାରୁ ଏବେ ବିବାହ ଉତ୍ସବ ଉପରେ ମଧ୍ୟ ରୋକ ଲଗାଇ ଦିଅନ୍ତୁ। କଟକଣା ଘୋଷଣା କଲେ ମୋ ଗର୍ଲଫ୍ରେଣ୍ଡର ବିବାହ ମଧ୍ୟ ବନ୍ଦ ହୋଇଯିବ।' ଗର୍ଲଫ୍ରେଣ୍ଡର ବିବାହ ରୋକିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଏପରି ଅନୁରୋଧ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ହୋଇଛି। ଲୋକେ ଏହାକୁ ବିପୁଳ ମାତ୍ରାରେ ଶେୟାର କରୁଥିବା ମଧ୍ୟ ଦେଖାଯାଇଛି।


# ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



୰ଭରତ ଚନ୍ଦ୍ର ସିଂହ

ସିନ୍ଧୁପୁର, ମାହାଙ୍ଗା, କଟକ

ଆବିର୍ଭାବ: ୨୮।୦୫।୧୯୬୩
ତିରୋଧାନ: ୦୧।୦୫।୨୦୨୧

ଏମିତି କ'ଣ ସତରେ କିଏ ଚାଲିଯାଆନ୍ତି ? ହସ ଖୁସିରେ ସଂସାରର ଚକ ଗଡ଼ି ଚାଲିଥିବା ବେଳେ ହଠାତ୍ ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇ ଦେଇ ଅଫେରା ପଥର ପଥିକ ହୋଇଗଲୁ। ତୋର ଅବର୍ତ୍ତମାନରେ କାଳିଆ ଠାକୁର ପାଖରେ ଏତିକି ବିନତି ତୋର ଅମର ଆତ୍ମାକୁ ତାଙ୍କ ପଦ୍ମପାଦରେ ସ୍ଥାନ ଦିଅନ୍ତୁ।

-:ଶୋକସନ୍ତପ୍ତ:- ବାପା, ବୋଉ, ଭାଇ, ଭାଉଜ, ଭଉଣୀ, ଝିଆରୀ, ବନ୍ଧୁ ଓ ପରିବାରବର୍ଗ, ପୁତୁରା, ଭଣଜା ଓ ଭାଣିଜୀ ।

ଧ-୨୦୬୯୧

୨୪ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଶ୍ରୀମତୀ ବସନ୍ତ କୁମାରୀ ମହାପାତ୍ର

ସ୍ୱାମୀ: ସ୍ୱର୍ଗତ ଇଂ. ଶ୍ରୀଯୁକ୍ତ ଦୟାନିଧି ମହାପାତ୍ର

ପ୍ଲଟ୍ ନଂ.- ଜି-୫, ବି.ଜେ.ବି. ନଗର, ଭୁବନେଶ୍ୱର-୧୪

ଜନ୍ମ: ୧୫।୦୨।୧୯୩୫ (ବସନ୍ତ ପଞ୍ଚମୀ)

ତିରୋଧାନ: ୦୬।୦୫।୧୯୯୭ (ରୁକ୍ମିଣୀ ଅମାବାସ୍ୟା)

ତୋରି ଦେହର ଅଂଶ ଆମେ ସବୁ, ତୁ ନ'ମାସ ଗର୍ଭରେ ଆମକୁ ରଖିଥିଲୁ। ଆଶୀର୍ବାଦ କର ଚିରଦିନ ପାଇଁ ତୁ ଆମ ପାଖରେ ରହିଥିବୁ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ଗୁହାରି। ତୋର ଆଦରର ଝିଅ-ଜ୍ୱାଇଁ, ପୁଅ-ବୋହୂ ଓ ନାତି ନାତୁଣୀମାନେ।

ଧ-୭୧୧୦୧

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରଭାମୟୀ ମହାନ୍ତି

ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର

ଆବିର୍ଭାବ: ତା୨୬।୦୧।୧୯୫୫
ତିରୋଧାନ: ତା୦୧।୦୫।୨୦୨୧

"ବୋଉ ଚାଲିଗଲା" ଆଉ କେବେ ଆମଘରେ ବୋଉ ଡାକ ଶୁଭିବନି। ଏତେ ଶୀଘ୍ର ତୁ ଆମମାନଙ୍କୁ ଶୋକସାଗରରେ ଭସାଇ ଚାଲିଯିବୁ କେବେ ବି କଳ୍ପନା କରିନଥିଲୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-

ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ ଏବଂ ବନ୍ଧୁବାନ୍ଧବ ।

ଧ-୨୦୬୮୮

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଉଦୟନାଥ ମିଶ୍ର

ଗ୍ରାମ: ଗୋକୁଳପୁର, ପୁରୀ

ତିରୋଧାନ: ୦୫।୦୫।୨୦୦୮

ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।

-:ଶୋକସନ୍ତପ୍ତ:-

ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୨୦୬୩୩

ସୌନ୍ଦର୍ଯ୍ୟ



# ଖରାଦିନେ ତ୍ୱଚାର ଯତ୍ନ

**ଖରାଦିନେ ତ୍ୱଚାରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇଥାଏ। ତେବେ ତ୍ୱଚାର ସମସ୍ୟା ଦୂର କରିବା ପାଇଁ ଠିକ୍ ସମୟରେ ତା'ର ଉପଚାର କରିବାକୁ ଭୁଲନ୍ତୁ ନାହିଁ....**

➔ଖରାଦିନେ ମୁହଁର ତ୍ୱଚାକୁ ଧୂଳି ଏବଂ ଝାଳ ହେବାରୁ ଦୂରେଇ ରଖନ୍ତୁ। ଝାଳ ସହିତ ଅତ୍ୟଧିକ ଧୂଳି ରହିଲେ ଖୁବଶୀଘ୍ର ମୁହଁରେ ବ୍ରଣ ହୋଇଥାଏ। ତେଣୁ ଦିନକୁ ଅତି କମରେ ତିନି ଚାରି ଥର ମୁହଁ ଧୁଅନ୍ତୁ। କିନ୍ତୁ ସବୁଥର ଫେସ୍ ୱାଶ୍ ଲଗାନ୍ତୁ ନାହିଁ। ମୁହଁ ସଫା କରିବା ପାଇଁ ମୁଲତାନୀ ମାଟି, ଚନ୍ଦନ କିମ୍ବା ରୋଜ ୱାଟର ବ୍ୟବହାର କରନ୍ତୁ।

➔ଖରାଦିନେ ଶୀତଦିନର କ୍ରିମ୍ ଲଗାନ୍ତୁ ନାହିଁ। ଲାଇଟ୍ ଲୋସନ କିମ୍ବା ସେରମ ଲଗାନ୍ତୁ। ୱାଟର ଏବଂ ଜେଲ୍ ଥିବା ମଶ୍ଚରାଇଜର ଲଗାନ୍ତୁ। ଅତ୍ୟଧିକ ତୈଳୀୟ ତ୍ୱଚା ନିମନ୍ତେ ମିନେରାଲ ଫେସିଆଲ ସ୍ପ୍ରେ ବ୍ୟବହାର କରନ୍ତୁ। ସ୍ନାନ କରୁଥିବା ପାଣିରେ ଗ୍ଲିସେରିନ୍ ଏବଂ ରୋଜ ୱାଟର ପକାନ୍ତୁ।

➔ଖରାଦିନେ ବି ତ୍ୱଚା ଶୁଷ୍କ ହୋଇଥାଏ। ତେଣୁ ଶୋଇବା ପୂର୍ବରୁ ସଫା କରି ତ୍ୱଚାରେ ମଶ୍ଚରାଇଜର ଲଗାନ୍ତୁ। ଅତ୍ୟଧିକ ଝାଳ ବାହାରୁଥିଲେ ଟୋନର ଲଗାନ୍ତୁ।

➔ଟାଣ ଖରାରେ ବାହାରକୁ ବାହାରୁଥିଲେ ସନ୍ ଗ୍ଲାସ ଏବଂ ଲିପ୍ ବାମ୍ ନିଶ୍ଚୟ ଲଗାନ୍ତୁ। ଏହା ସହିତ ସନସ୍କ୍ରିନ୍ ଲୋସନ ମଧ୍ୟ ଲଗାନ୍ତୁ।

➔ଖରାଦିନେ ଦୁଇଥର ସ୍ନାନ କଲେ ତ୍ୱଚା ଫ୍ରେଶ ରହିଥାଏ। ଯଦି ଘିମିରି ହେଉଥାଏ ତେବେ ପାଣିରେ ନିମ୍ବ ପତ୍ର ପକାଇ ସ୍ନାନ କରନ୍ତୁ।

➔ଭିଟାମିନ୍ ସି ଥିବା କ୍ରିମ୍ ବ୍ୟବହାର କରନ୍ତୁ। ହାତ ଏବଂ ପାଦକୁ କିଛି ସମୟ ଲୁଣ ପାଣିରେ ଭିଜାଇ ରଖିଲେ ରକ୍ତ ସଞ୍ଚାଳନ ବୃଦ୍ଧି ପାଇଥାଏ।




ଫ୍ୟାଶନ

# ଶାଢ଼ିରେ ଦିଶିବେ ଫ୍ୟାଶନେବଲ



**ଫ୍ୟାଶନ ଟ୍ରେଣ୍ଡ ନିମନ୍ତେ ଖରାଦିନ ବହୁତ ଭଲ। ଏହି ଋତୁରେ ହିଁ ହାଲୁକା ଫ୍ୟାଶନେବଲ ପୋଷାକ ପିନ୍ଧି ହୁଏ। ତେବେ ଶାଢ଼ି ପିନ୍ଧିବାକୁ ପସନ୍ଦ କରୁଥିବା ମହିଳାମାନେ ବି ଏହି ଋତୁରେ ବେଶ୍ ଷ୍ଟାଇଲିସ୍ ଦେଖାଯାଇପାରିବେ...**



➤ଫ୍ୟାଶନ ଡିଜାଇନରଙ୍କ କହିବା ଅନୁସାରେ ଖରାଦିନେ ହାଲ୍କା ଶାଢ଼ି ପିନ୍ଧିଲେ ସୁନ୍ଦର ଦେଖାଯିବା ସହିତ ଆରାମ ବି ଲାଗିଥାଏ। ତେଣୁ ଏବେ ଆପଣ ଅଙ୍ଗେଜା, କୋଟା କିମ୍ବା ଚନ୍ଦେରୀ ଶାଢ଼ି ପିନ୍ଧନ୍ତୁ।

➤ଖରାଦିନେ ଗରମ ଲାଗୁଥିଲେ କଟନ୍, ଖଦି ଏବଂ କାଞ୍ଚି ସିଲ୍କ ଶାଢ଼ି ମଧ୍ୟ ପିନ୍ଧିପାରିବେ। ଯଦି ଘରେ କୌଣସି ଉତ୍ସବ ଅଛି ତେବେ ଖଦି ଜମଦାନୀ କିମ୍ବା କୋଟା ଶାଢ଼ି ପିନ୍ଧନ୍ତୁ।

➤ଖରାଦିନେ ହାଲ୍କା ରଙ୍ଗଥିବା ଶାଢ଼ି ପିନ୍ଧନ୍ତୁ, ବହୁତ ସୁନ୍ଦର ଲାଗିବ। ହାଲ୍କା ରଙ୍ଗର ଶାଢ଼ି ପିନ୍ଧିଲେ ଖରାଦିନେ ଥଣ୍ଡା ଅନୁଭବ କରିବାକୁ ଦେଇଥାଏ।

➤ହାଲ୍କା ଗୋଲାପୀ, ନୀଳ, ହଳଦିଆ କିମ୍ବା ଆସମାନି ଶାଢ଼ି ପିନ୍ଧନ୍ତୁ, ଫ୍ୟାଶନ ଟ୍ରେଣ୍ଡରେ ବେଶ୍ ସୁନ୍ଦର ଲାଗିବ। ଏହା ସହିତ ଫ୍ଲୋରାଲ, ପେଷ୍ଟଲ କିମ୍ବା ବ୍ରାଇଟ କଲର ଶାଢ଼ି ମଧ୍ୟ କେବେ କେବେ ପିନ୍ଧନ୍ତୁ, ଭଲ ଲାଗିବ।

ଖାଦ୍ୟ ରୁଚି

# ମ୍ୟାଙ୍ଗୋ ଶେକ୍



**ଆବଶ୍ୟକ ସାମଗ୍ରୀ**

ପାଚିଲା ଆମ୍ବ– ୨ଟି (ବଡ଼), କ୍ଷୀର– ୪ କପ୍, ଚିନି– ୪ ଛୋଟ ଚାମଚ, ଗୁଜୁରାତି– ୧ଟି, ବରଫ କ୍ୟୁବ– ୮–୧୦ ଖଣ୍ଡ

**ପ୍ରସ୍ତୁତି ପ୍ରଣାଳୀ–**

ମ୍ୟାଙ୍ଗୋ ଶେକ୍ କରିବା ପାଇଁ ଆମ୍ବକୁ ଧୋଇ ଚୋପା ଛଡାଇ ଦିଅନ୍ତୁ। ଏହାପରେ ଆମ୍ବକୁ ଛୁରିରେ ଟାକୁଆରୁ ବାହାର କରି ଦିଅନ୍ତୁ। ଆମ୍ବ ସହିତ କ୍ଷୀର, ଚିନି, ଗୁଜୁରାତି ଓ ବରଫ ପକାଇ ଭଲଭାବେ ଗ୍ରାଇଣ୍ଡିଂ କରନ୍ତୁ। ସବୁ ଭଲଭାବେ ମିଶିଯିବା ପରେ ଏହି ଆମ୍ବ ରସକୁ ଗ୍ଲାସକୁ ଢାଳି ଦିଅନ୍ତୁ। ଏହାପରେ ନଡ଼ିଆ ଏବଂ ଚେରି ପକାଇ ସର୍ଭ କରନ୍ତୁ।

# ମହାମାରୀରେ ମହାଯୋଦ୍ଧା

ଅନେକ ରୂପରେ ଅବତୀର୍ଣ୍ଣ ହୁଏ ନାରୀଟିଏ। ଆଉ ସବୁ ରୂପରେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ଠିକ୍ ଭାବେ ପାଳନ କରିବା ପାଇଁ ସେ ଭରପୂର ପ୍ରୟାସ କରିଥାଏ। ପରିବାରରେ ଦୁହିତାର ସଂଜ୍ଞାକୁ ଯଥାର୍ଥ କରୁଥିବା ନାରୀମାନେ ଏବେ କାର୍ଯ୍ୟକ୍ଷେତ୍ରରେ ବି କିଛି କମ୍ ନୁହନ୍ତି। ଯେତେବେଳେ, ଯେକୌଣସି ପ୍ରକାରର ଚ୍ୟାଲେଞ୍ଜକୁ ସେମାନେ ସାମ୍ନା କରିବାକୁ ପ୍ରସ୍ତୁତ ଅଛନ୍ତି। ସେଥିପାଇଁ ତ ଏବେ ଲକଡାଉନ୍ ସମୟରେ ବି ଅନେକ ମହିଳା ନିଜ କର୍ମକ୍ଷେତ୍ରରେ ଯୋଗଦେଇ କର୍ତ୍ତବ୍ୟ ପାଳନ କରୁଛନ୍ତି। ଲକ୍‌ଡାଉନରେ କିଛି ମହିଳା ନିଜ କର୍ତ୍ତବ୍ୟରେ ଏପରି ବନ୍ଧା ଯେ ସେମାନେ ଚାହିଁଲେ ବି ୱାର୍କ ଫ୍ରମ ହୋମ୍ ମାଧ୍ୟମରେ କାମ କରିପାରିବେ ନାହିଁ। ଲୋକଙ୍କ ସୁରକ୍ଷା ପାଇଁ ସେମାନେ ସାଜିଛନ୍ତି କରୋନା ଯୋଦ୍ଧା।






**କର୍ତ୍ତବ୍ୟ ପାଇଁ ସେ ସବୁବେଳେ ବାଜି ଲଗାଇ ଦେଇଥାଏ ନିଜ ଜୀବନକୁ। ପରିବାରରେ ଯେମିତି ଭିନ୍ନ ଭିନ୍ନ ରୂପରେ ସେ ତା'ର ଦାୟିତ୍ୱ ସମ୍ପାଦନ କରିଥାଏ ଠିକ୍ ସେମିତି କାର୍ଯ୍ୟକ୍ଷେତ୍ରରେ ବି ପ୍ରଦର୍ଶନ କରିଥାଏ ଅଦମ୍ୟ ସାହସିକତା। କେତେବେଳେ କୋମଳ ସେ କେବେ ପୁଣି କଠୋର ଆଉ କେବେ ତା' ହାତ ପରଶରେ ବଞ୍ଚିବାର ସାହସ ପାଏ ଅନେକ ଜୀବନ। ଏମିତି ଅନେକ ମହିଳା ଅଛନ୍ତି ଯେଉଁମାନଙ୍କୁ ଲକ୍‌ଡାଉନରେ ବି କର୍ମକ୍ଷେତ୍ରକୁ ଯିବାକୁ ପଡୁଛି କେବଳ କର୍ତ୍ତବ୍ୟ ପାଇଁ...**

**ଡାକ୍ତର ବୋଲି ଅଲଗା ରହୁଛି:** *ଡାକ୍ତର ଫଗୁସ୍ମିତା ମହାନ୍ତି–* ଏବେ କୋଭିଡ୍ ପାଇଁ ରୋଗୀଙ୍କ ସଂଖ୍ୟା ବହୁତ ବଢିଯାଇଛି, ସେଥିପାଇଁ ଆମକୁ ଅଧିକ ସମୟ ଦେବାକୁ ପଡୁଛି। ଏ ସମୟରେ କାମ ଆଗରେ ଆଉ କିଛି ଦେଖାଯାଏ ନାହିଁ ବୋଲି କହନ୍ତି ଭୁବନେଶ୍ୱରର ଅଲଟିମେଟ୍ ହସପିଟାଲର କୋଭିଡ ୱାର୍ଡରେ କାମ କରୁଥିବା ଡାକ୍ତର ଫଗୁସ୍ମିତା ମହାନ୍ତି।

ନିଜ ଜୀବନକୁ ବାଜି ଲଗାଇ ଅନ୍ୟମାନଙ୍କ ପାଇଁ କାମ କରିବାରେ ଗୋଟେ ଭିନ୍ନ ଆନନ୍ଦ ବି ରହିଛି। ବେଳେବେଳେ ରୋଗୀମାନଙ୍କୁ ଦେଖିଲେ ସେମାନଙ୍କ କଷ୍ଟ ଆଗରେ ତାଙ୍କ କଷ୍ଟ କିଛି ବି ନୁହଁ ବୋଲି ଭାବନ୍ତି ଫଗୁସ୍ମିତା। ସେଥିପାଇଁ ତ ସେ କହନ୍ତି ହସ୍‌ପିଟାଲରୁ ଭଲ ହୋଇ ଯିବା ପରେ ସେମାନେ ଯେତେବେଳେ ଖୁସି ହୋଇ କୃତଜ୍ଞତାର ଶବ୍ଦଟିଏ କହନ୍ତି ସେତିକିରେ ତାଙ୍କୁ ଯେମିତି ସବୁକିଛି ମିଳିଯାଏ।

ନିଜ ବ୍ୟକ୍ତିଗତ ସମସ୍ୟାକୁ କେବେ ବଡ଼ ବୋଲି ଭାବିନାହାନ୍ତି ସେ। ସବୁଦିନ ଡାକ୍ତରଖାନାରେ କୋଭିଡ ରୋଗୀଙ୍କ ଚିକିତ୍ସା କରୁଥିବାରୁ ସେ ନିଜ ଘରକୁ ବି ଆସି ପାରୁ ନାହାନ୍ତି। କଟକରେ ରହୁଥିବା ନିଜ ପରିବାର ଲୋକଙ୍କଠାରୁ ଅଲଗା ହୋଇ ସେ ଘରଭଡା ନେଇ ଅଲଗା ରହୁଛନ୍ତି। କାହିଁକି ନା ତାଙ୍କ ବାପାଙ୍କୁ ଡାଇବେଟିସ୍ ଅଛି ଏବଂ ମାଆଙ୍କ ସ୍ୱାସ୍ଥ୍ୟ ବି ଖରାପ ହେବାର ସମ୍ଭାବନା ରହିଛି। ଏପଟେ ସହଜରେ ତାଙ୍କୁ ଭରଭଡା ବି ମିଳୁନି। କିଛିଦିନ ତଳେ ସେ ଭୁବନେଶ୍ୱରରେ ଯେଉଁଠାରେ ଭଡା ରହୁଥିଲେ ଏବେ ପୁଣି ଏକ ଘର ବଦଳାଇ ଏକା ରହୁଛନ୍ତି। ତାଙ୍କ ଯୋଗୁଁ କାଳେ ଅନ୍ୟମାନେ ସଂକ୍ରମିତ ହେବେ ସେଥିପାଇଁ ଘର ମାଲିକ ବି ତାଙ୍କୁ ଘର ଛାଡିବାକୁ ବାଧ୍ୟ କରିଥିଲେ। ଏବେ ସେ ଏକୁଟିଆ ଥିବା ଏକ ଘରେ ଭଡାରେ ରହି ଡ୍ୟୁଟି କରୁଛନ୍ତି। ଏସବୁ ସମସ୍ୟା ସତ୍ତ୍ୱେ ନିଜ କର୍ତ୍ତବ୍ୟକୁ ଠିକ୍ ଭାବରେ ପାଳନ କରିବା ପାଇଁ ସେ ଯଥାସମ୍ଭବ ପ୍ରୟାସ କରୁଛନ୍ତି ବୋଲି କହନ୍ତି।

**ପରିଶ୍ରମ ବ୍ୟର୍ଥ ନ ଯାଉ:** *ସୁଚିତ୍ରା ପରିଡ଼ା, ଏସ୍.ଆଇ. ଏୟାରପୋର୍ଟ ଥାନା, ଭୁବନେଶ୍ୱର–* ଏବେ ସମୟ ଯାହା ଆମର ଡ୍ୟୁଟି ଅତ୍ୟନ୍ତ ଜରୁରୀ। କାରଣ ଲୋକଙ୍କୁ ସଚେତନ କରିବା ପାଇଁ ସବୁବେଳେ ଆମକୁ ସଜାଗ ରହିବା ପାଇଁ ପଡୁଛି ବୋଲି କହନ୍ତି ଏୟାରପୋର୍ଟ ଥାନା ଏସ.ଆଇ. ସୁଚିତ୍ରା ପରିଡ଼ା।

ସୁଚିତ୍ରା ଘରେ ଛୋଟ ଛୁଆ ଆଉ ପରିବାର ଲୋକଙ୍କ ଜୀବନକୁ ରିସ୍କରେ ନେଇ କୋଭିଡ ଡ୍ୟୁଟି କରୁଛନ୍ତି। ତାଙ୍କର ଯିବା ସମୟ ଠିକ୍ ଥାଏ ମାତ୍ର ଆସିବାର ସମୟ ନ ଥାଏ। କିନ୍ତୁ ସେ କହନ୍ତି ଯଦି ଲୋକେ ସଚେତନ ହୋଇ କୋଭିଡ ନିୟମ ସବୁ ମାନିବେ ତାଙ୍କ ପରିଶ୍ରମ ବ୍ୟର୍ଥ ଯିବନି। କୋଭିଡ ଡ୍ୟୁଟି ତାଙ୍କୁ ସେଭଳି କିଛି ଅଲଗା ମନେ ହେଉନି। ତା' ଛଡ଼ା ତାଙ୍କୁ କମିସନର ଏବଂ ଡେପୁଟି କମିସନରଙ୍କଠାରୁ ମଧ୍ୟ ସବୁ ସହଯୋଗ ମିଳୁଛି। ସେ କିମ୍ବା ତାଙ୍କ ବିଭାଗର କୌଣସି କର୍ମଚାରୀ କେବେ ଛୁଟି ନେଇ କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହେବାକୁ ଚାହିଁନାହାନ୍ତି। ଘର ପରିବାର ଏବଂ କର୍ମକ୍ଷେତ୍ର ମଧ୍ୟରେ ସେ ଢେର ଆଗରୁ ସମନ୍ୱୟ ରକ୍ଷା କରିବା ଅଭ୍ୟାସ ରଖିଛନ୍ତି। ଏବେ ସାନିଟାଇଜେସନ୍ ଏବଂ ପରିଷ୍କାର ରହିବା ଉପରେ ଅଧିକ ଧ୍ୟାନ ଦେବାକୁ ପଡୁଛି।

**ରୋଗୀ ସେବା ହିଁ ଧର୍ମ:** *ଇତିଶ୍ରୀ ଛାଟୋଇ, ନର୍ସ, ଶ୍ରୀ ହସପିଟାଲ–* ସେବା କରିବା ଆମର ଧର୍ମ। ନିଜ କଥା ଭୁଲି ଲୋକଙ୍କୁ କଷ୍ଟରୁ ମୁକ୍ତି ଦେବା ପାଇଁ ଆମେ ସବୁବେଳେ ପ୍ରୟାସ କରିଥାଉ ବୋଲି କହନ୍ତି ଶ୍ରୀ ହସ୍‌ପିଟାଲର ନର୍ସ ଇତିଶ୍ରୀ ଛାଟୋଇ। ଆଗରୁ ତ ସେ ନର୍ସଭାବେ ଅନେକ ରୋଗୀଙ୍କ ସେବା କରିଛନ୍ତି। କିନ୍ତୁ ଏବେ କୋଭିଡ ପାଇଁ ତାଙ୍କୁ ସାରାଦିନ ୮ଘଣ୍ଟା ପର୍ଯ୍ୟନ୍ତ ପିପିଇ କିଟ୍ ପିନ୍ଧି ରହିବାକୁ ପଡୁଛି। ଏତେ ସମୟ ପର୍ଯ୍ୟନ୍ତ ଗରମ ଝାଳରେ ପିପିଇ କିଟ୍ ପିନ୍ଧି ରହିବାକୁ ବହୁତ ବିରକ୍ତ ଲାଗେ, କିନ୍ତୁ ରୋଗୀଙ୍କ କଷ୍ଟ ଦେଖିଲେ ତାଙ୍କ ନିଜ କଷ୍ଟ ସେମିତି ବଡ଼ ଲାଗେନି। ତା' ଛଡା ସେ ପିପିଇ କିଟ୍ ଓହ୍ଲାଇ ଖାଇବାକୁ ପ୍ରାୟତଃ ଯାଆନ୍ତି ନାହିଁ, ଖାଲି ଯାହା ବେଳେବେଳେ ପାଣି ପିଇବା ପାଇଁ ରେଷ୍ଟ ରୁମକୁ ଆସନ୍ତି। ଏସବୁ ସତ୍ତ୍ୱେ ଏବେ କୋଭିଡ ପାଇଁ ଏତେ ସଂଖ୍ୟାରେ ରୋଗୀ ଡାକ୍ତରଖାନାକୁ ଆସୁଥିବାରୁ ତାଙ୍କ ଚିକିତ୍ସାରେ ସମୟ କେମିତି ସରିଯାଏ ସେ ଜାଣିପାରନ୍ତି ନାହିଁ। ତେବେ ଘରକୁ ଫେରିଲେ ସେ ପ୍ରଥମେ ଭଲଭାବେ ଉଷୁମ ପାଣିରେ ଗୌଧୋଇବା ସହିତ ସବୁ ପୋଷାକପତ୍ରକୁ ସଫାକରନ୍ତି ଏବଂ କିଛି ସମୟ ବାମ୍ପ ନେବା ପରେ ଘର ଲୋକଙ୍କ ପାଖକୁ ଯାଆନ୍ତି। କୋଭିଡ୍ ରୋଗୀଙ୍କୁ ଚିକିତ୍ସା କରି ନିଜ ସହିତ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏବେ କାମ ଢେର୍ ବଢିଯାଇଛି ଇତିଶ୍ରୀଙ୍କର।

**–ସସ୍ମିତା ନାୟକ**



ଫଗୁସ୍ମିତା ମହାନ୍ତି



ସୁଚିତ୍ରା ପରିଡ଼ା



ଇତିଶ୍ରୀ ଛାଟୋଇ



# ଅତି ଶୀଘ୍ର ଖାଆନ୍ତୁ ନାହିଁ



**ଆ**ଜିକାଲିର ବ୍ୟସ୍ତବହୁଳ ଜୀବନ ଶୈଳୀରେ ଆରାମରେ ବସି ଖାଇବା ପାଇଁ କାହା ପାଖରେ ସମୟ ନାହିଁ। ଖୁବ ଶୀଘ୍ର ଖାଇ ଦେଇ କାମ ଶେଷ କରିଦେବା ଅନେକଙ୍କର ଅଭ୍ୟାସ ହୋଇଗଲାଣି। କିନ୍ତୁ ଅତିଶୀଘ୍ର ଖାଇବା ଫଳରେ ଶରୀର ଉପରେ ଖରାପ ପ୍ରଭାବ ପଡିଥାଏ। ତେଣୁ ଶୀଘ୍ର ଶୀଘ୍ର ଖାଆନ୍ତୁ ନାହିଁ।

➔ ଅତିଶୀଘ୍ର ଖାଇବା ଅଭ୍ୟାସ ଫଳରେ ହଜମକ୍ରିୟା ପ୍ରଭାବିତ ହୋଇଥାଏ। ଭଲଭାବରେ ଖାଦ୍ୟ ହଜମ ନ ହେଲେ ଗ୍ୟାସ ହେବା ସହିତ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଦେଖା ଦେଇଥାଏ।

➔ଆରାମରେ ଧୀରେ ଧୀରେ ଖାଇବା ଫଳରେ ମେଟାବଲିକ କ୍ଷମତା ବୃଦ୍ଧି ପାଇଥାଏ। କିନ୍ତୁ ଅତିଶୀଘ୍ର ଖାଇବା ଫଳରେ ମେଟାବଲିଜିମ୍ ସନ୍ତୁଳନ ଖରାପ ହୋଇଥାଏ। ତେଣୁ ଗ୍ଲୁକୋଜ ଏବଂ କୋଲେଷ୍ଟ୍ରଲ ଲେଭଲ ବଢ଼ିବାର ସମ୍ଭାବନା ସୃଷ୍ଟି ହୋଇଥାଏ।

➔ଜଲ୍‌ଦି ଜଲ୍‌ଦି ଖାଇବା ଫଳରେ ଶରୀରର ସନ୍ତୁଳନ ଖରାପ ହୋଇ ଗ୍ଲୁକୋଜ ସ୍ତର ବୃଦ୍ଧି ପାଇଥାଏ। ତେଣୁ ଡାଇବେଟିସ୍ ହେବାର ସମ୍ଭାବନା ରହିଥାଏ।

➔ତରତର ହୋଇ ଖାଇବା ଫଳରେ ଅନେକ ସମୟରେ ଓଭର ଡାଏଟିଂ ହୋଇଯାଏ ଜଣାପଡେନି। ତେଣୁ ଓଜନ ବୃଦ୍ଧି ବି ହୋଇଥାଏ। ତେଣୁ ଖାଇବା ସମୟରେ ଆରାମରେ ବସି ଖାଆନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମେ ୧୧/୨୦୨୧ Bhubaneswar, Tuesday, May 11/ 2021

# ଶ୍ରୀଲଙ୍କାରେ ଭାରତ ୩ ଦିନିକିଆ, ଟି୨୦ ଖେଳିବ

ନୂଆଦିଲ୍ଲୀ, ୧୦।୫

ଶ୍ରୀଲଙ୍କାରେ ଭାରତୀୟ କ୍ରିକେଟ ଦଳ ଆସନ୍ତା ଜୁଲାଇରେ ୩ଟି ଲେଖାଏ ଦିନିକିଆ ଓ ଟି୨୦ କ୍ରିକେଟ ମ୍ୟାଚ ଖେଳିବା ଏକପ୍ରକାର ନିଶ୍ଚିତ ହୋଇଛି। ତେବେ ଶୀର୍ଷସ୍ଥାନୀୟ ଖେଳାଳିମାନେ ସେତେବେଳେ ୟୁକେରେ ଥିବାରୁ ଏକ ଦ୍ୱିତୀୟ ଶ୍ରେଣୀୟ ଭାରତୀୟ ଦଳ ଶ୍ରୀଲଙ୍କା ଯିବ। ଶ୍ରୀଲଙ୍କା କ୍ରିକେଟ ପକ୍ଷରୁ ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁସାରେ ୩ଟି ଦିନିକିଆ ଜୁଲାଇ ୧୩, ୧୬, ୧୯ ଏବଂ ୩ଟି ଟି୨୦ ଜୁଲାଇ ୨୨, ୨୪ ଓ ୨୭ ତାରିଖରେ ଅନୁଷ୍ଠିତ ହେବ। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଜୁନ୍ ୧୮ରୁ ୨୨ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ବିପକ୍ଷରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବ। ଏହାପରେ ଅଗଷ୍ଟ ୪ରୁ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବ। ମଝିରେ ଏକମାସର ବ୍ୟବଧାନ ଥିଲେ ହେଁ କ୍ୱାରାଣ୍ଟାଇନ୍ ନିୟମ ଦୃଷ୍ଟିରୁ ଭାରତୀୟ ଦଳ ସେହି ବଳୟ ମଧ୍ୟରେ ହିଁ ରହିବ।

ପ୍ରାରମ୍ଭିକ ପ୍ରସ୍ତୁତି ଅନୁସାରେ ଭାରତୀୟ ଦ୍ୱିତୀୟ ଶ୍ରେଣୀୟ ଦଳ ଜୁଲାଇ ୫ରେ ଶ୍ରୀଲଙ୍କାରେ ପହଞ୍ଚିବ ଏବଂ ୨୮ରେ ଶ୍ରୀଲଙ୍କା ଛାଡ଼ିବ। ସେଠାରେ ଭାରତୀୟ ଦଳ ଏକସପ୍ତାହ କ୍ୱାରାଣ୍ଟାଇନ୍‌ରେ ରହିବ। ଏହାକୁ ୨ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ୩ ଦିନ କଡ଼ା ନିୟମ ମଧ୍ୟରେ ଦଳକୁ କେବଳ ହୋଟେଲ ରୁମ୍ ମଧ୍ୟରେ କଟାଇବାକୁ ହେବ। ପରବର୍ତ୍ତୀ ୪ ଦିନ ହୋଟେଲ ଏବଂ ଗ୍ରାଉଣ୍ଡରେ ଟ୍ରେନିଂ କରିପାରିବେ। ବିନା ଦର୍ଶକରେ ଏହି ସିରିଜ ଅନୁଷ୍ଠିତ ହେବ। କେଉଁ ଗ୍ରାଉଣ୍ଡରେ ମ୍ୟାଚଗୁଡ଼ିକ ଖେଳାଯିବ ତାହା ସ୍ପଷ୍ଟ କରାଯାଇନାହିଁ। ୨୦୧୮ ନିଦାହାସ ଟ୍ରଫି ପରେ ଭାରତୀୟ ଦଳ ଆଉ ଶ୍ରୀଲଙ୍କା ଗସ୍ତ କରିନାହିଁ। କୋହଲିଙ୍କ ସମେତ ରୋହିତ ଶର୍ମା, ଯଶପ୍ରୀତ୍ ବୁମ୍ରା, ରବୀନ୍ଦ୍ର ଜାଡେଜା, ରିଷଭ ପନ୍ତ, ଲୋକେଶ ରାହୁଲଙ୍କ ପରି ସିନିୟର ଖେଳାଳି ସେତେବେଳେ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ସିରିଜ ପାଇଁ ୟୁକେରେ ଥିବେ। ତେଣୁ ଶ୍ରୀଲଙ୍କା ଗସ୍ତ ପାଇଁ ଶିଖର ଧାୱନ, ଭୁବନେଶ୍ୱର କୁମାର, ହାର୍ଦ୍ଦିକ ପାଣ୍ଡ୍ୟା, ୟୁଜବେନ୍ଦ୍ର ଚହଲ, ସଞ୍ଜୁ ସାମ୍‌ସନ, ପୃଥ୍ୱୀ ଶ’, ଦୀପକ ଚହର, ରାହୁଲ ଚହର, ଜୟଦେବ ଉନାଡକଟ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ ଓ ରାହୁଲ ଟେୱାଟିଆଙ୍କ ପରି ଖେଳାଳିଙ୍କ ଉପରେ ଚୟନକର୍ତ୍ତାଙ୍କ ଫୋକସ ରହିପାରେ।

# ଜେଭ୍‌ରେଭଙ୍କୁ ମାଡ୍ରିଡ୍ ଓପନ ଟାଇଟଲ

ମାଡ୍ରିଡ, ୧୦।୫(ଏପି)

ଚମତ୍କାର ଫର୍ମ ବଜାୟ ରଖି ଆଲେକଜାଣ୍ଡର ଜେଭ୍‌ରେଭ ମାଡ୍ରିଡ୍ ଓପନ ଟେନିସ ଟାଇଟଲ ଜିତିଛନ୍ତି। କ୍ୟାରିୟରରେ ଦ୍ୱିତୀୟଥର ପାଇଁ ସେ ମାଡ୍ରିଡ ଟାଇଟଲ ହାସଲ କରିଛନ୍ତି। ଟପ୍ ସିଡ୍ ରାଫାଲ ନାଡାଲଙ୍କୁ କ୍ୱାର୍ଟର ଫାଇନାଲ ଏବଂ ୪ର୍ଥ ର୍‍ୟାଙ୍କ୍‌ପ୍ରାପ୍ତ ଡୋମିନିକ୍ ଥିମ୍‌ଙ୍କୁ ସେମିଫାଇନାଲରେ ହରାଇଥିବା ଜେଭ୍‌ରେଭ ଫାଇନାଲରେ ମାଟିଓ ବେରେଟିନିଙ୍କୁ ୬-୭(୮), ୬-୪, ୬-୩ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଚଳିତ ସିଜନରେ ଏହା ତାଙ୍କର ଦ୍ୱିତୀୟ ଟାଇଟଲ। ୬ଷ୍ଠ ର୍‍ୟାଙ୍କିଂଧାରୀ ଏହି ଜର୍ମାନୀ ଖେଳାଳି ଗତ ମାର୍ଚ୍ଚରେ ମେକ୍ସିକାନ୍ ଓପନ ଜିତିଥିଲେ।

ଜେଭ୍‌ରେଭ ୨୦୧୮ରେ କ୍ୟାରିୟରର ପ୍ରଥମ ମାଡ୍ରିଡ ଟାଇଟଲ ଜିତିଥିଲେ। ସେତେବେଳେ ସେ ଫାଇନାଲରେ ଥିମ୍‌ଙ୍କୁ ପରାସ୍ତ କରିଥିଲେ। ଏଥର ଚାମ୍ପିୟନ ହେବାସହ ସେ ୪ର୍ଥ ଥର ପାଇଁ ମାଷ୍ଟର୍ସ ୧୦୦୦ ଟାଇଟଲ ହାସଲ କରିଛନ୍ତି। ତେବେ ଗତ ୩ ବର୍ଷରେ ଏହାଥିଲା ପ୍ରଥମ। ଗତବର୍ଷ ଫ୍ରେଞ୍ଚ ଓପନର ୪ର୍ଥ ରାଉଣ୍ଡରୁ ବିଦାୟ ପରେ ଜେଭ୍‌ରେଭଙ୍କ ପ୍ରଦର୍ଶନରେ ଆଶାଠାରୁ ଅଧିକ ଉନ୍ନତି ଘଟିଛି। ଫ୍ରେଞ୍ଚ ଓପନରେ ଭଲ କରିବାକୁ ହେଲେ କ୍ଲେ କୋର୍ଟ ସିଜନରେ ଉତ୍ତମ ଖେଳିବାକୁ ହେବ ବୋଲି ୨୪ ବର୍ଷୀୟ ଜେଭ୍‌ରେଭ କହିଛନ୍ତି। ‘‘ଦୀର୍ଘଦିନ ପରେ ଏକ ମାଷ୍ଟର୍ସ ଟାଇଟଲ ଜିତିଥିବାରୁ ମୁଁ ବହୁତ ଖୁସି। ମୁଁ ଏବେ ଆଗାମୀ କିଛି ସପ୍ତାହ ଉପରେ ଫୋକସ କରିବି’’ ବୋଲି ଏହି ଜର୍ମାନୀ ଖେଳାଳି ପ୍ରକାଶ କରିଛନ୍ତି। ୧୦ତମ ର୍‍ୟାଙ୍କ୍‌ପ୍ରାପ୍ତ ବେରେଟିନି ଗତ ସପ୍ତାହରେ ବ୍ରେଲଗ୍ରେଡ୍‌ରେ ଟାଇଟଲ ଜିତିଥିଲେ। ତଳିପେଟରେ ଯନ୍ତ୍ରଣା ଯୋଗୁ ସେ ଗତ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲ ପରଠାରୁ ଟେନିସରୁ ଦୂରେଇ ରହିଥିଲେ। ମାଣ୍ଟେକାର୍ଲୋ ଟୁର୍ନାମେଣ୍ଟରେ ସେ ପ୍ରତ୍ୟାବର୍ତ୍ତନ ଉଦ୍ୟମ କରିଥିଲେ ହେଁ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ଏହା ତାଙ୍କ କ୍ୟାରିୟରର ପ୍ରଥମ ମାଷ୍ଟର୍ସ ୧୦୦୦ ଫାଇନାଲ ଥିଲା। ଶ୍ରେଷ୍ଠ ପ୍ରଦର୍ଶନ ଦେଇ ନ ପାରିଲେ ହେଁ ସେ ଖୁସି ଅଛନ୍ତି ବୋଲି ବେରେଟିନି ପ୍ରକାଶ କରିଛନ୍ତି।



ଚାମ୍ପିୟନ ଆଲେକଜାଣ୍ଡର ଜେଭ୍‌ରେଭ ଓ ରନର୍ସଅପ୍ ମାଟିଓ ବେରେଟିନି।

## ପାକିସ୍ତାନର କ୍ଲିନ୍ ସୁଇପ୍

ହରାରେ, ୧୦।୫(ଏପି)

ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ଏକ ଇନିଂସ ୧୪୭ ରନରେ ଜିମ୍ବାୱେକୁ ପରାସ୍ତ କରିଛି। ଏଥିସହ ପାକିସ୍ତାନ ୨ ମ୍ୟାଚ ବିଶିଷ୍ଟ ସିରିଜକୁ କ୍ଲିନ୍ ସୁଇପ୍ କରିଛି। ତୃତୀୟ ଦିନର ଅସମାପ୍ତ ସ୍କୋର ୨୨୦/୯ରୁ ଖେଳ ଆରମ୍ଭ କରିଥିବା ଜିମ୍ବାୱେ ସୋମବାର ୪ର୍ଥ ଦିବସରେ ଆଉ ୧୧ ରନ ଯୋଗକରି ଅଲ୍‌ଆଉଟ ହୋଇ ଯାଇଥିଲା। ପାକିସ୍ତାନ ୫୧୦/୮ରେ ପ୍ରଥମ ଇନିଂସକୁ ଘୋଷଣା କରିଥିବାବେଳେ ଜିମ୍ବାୱେ ୧୩୨ରେ ଅଲ୍‌ଆଉଟ ହୋଇ ଫଲୋଅନ ହୋଇଥିଲା ଏବଂ ଦ୍ୱିତୀୟ ଇନିଂସରେ ୨୩୧ ରନ କରିବାକୁ ସକ୍ଷମ ହୋଇଥିଲା।

## ପୂର୍ବତନ ଫୁଟ୍‌ବଲ ଖେଳାଳି କିଶୋରଙ୍କ ପରଲୋକ

**ଭୁବନେଶ୍ୱର, ୧୦।୫ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟର ପୂର୍ବତନ ଫୁଟ୍‌ବଲ ଖେଳାଳି କିଶୋର ଦାସଙ୍କର ସୋମବାର ସକାଳ ୬ଟାରେ ରାଉରକେଲାରେ ପରଲୋକ ଘଟିଛି। ସେ ଦୀର୍ଘଦିନଧରି ଅସୁସ୍ଥ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା। ୮୦ ଦଶକର ପ୍ରାରମ୍ଭରେ ସେ ଓଡ଼ିଶା ପକ୍ଷରୁ ସନ୍ତୋଷ ଟ୍ରଫି ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରିଥିଲେ। ଏହା ବ୍ୟତୀତ ସେ ଜୟଦୁର୍ଗା ପରି ରାଜ୍ୟର କେତେକ ପ୍ରତିଷ୍ଠିତ କ୍ଲବ ପକ୍ଷରୁ ଖେଳିଥିଲେ। ତାଙ୍କ ବିୟୋଗରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ବର୍ମିଂହାମ ପକ୍ଷରୁ ଖେଳିବେ ଶେଫାଳି

ନୂଆଦିଲ୍ଲୀ, ୧୦।୫(ପି.ଟି.)

ଭାରତର ଟିନ୍ ବ୍ୟାଟିଂ ସେନ୍‌ସେସନ ଶେଫାଳି ବର୍ମା ‘ଦି ହଣ୍ଡ୍ରେଡ’ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସଂସ୍କରଣରେ ବର୍ମିଂହାମ ଫୋଏନିକ୍ସ ପକ୍ଷରୁ ଖେଳିବେ। ଏହା ବ୍ୟତୀତ ଚଳିତ ବର୍ଷ ଶେଷଭାଗରେ ହେବାକୁଥିବା ମହିଳା ବିଗ୍‌ବାଶ୍ ଲିଗ୍‌ରେ ସେ ସିଡ୍‌ନୀ ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରତିନିଧିତ୍ୱ କରିବା ସମ୍ଭାବନା ରହିଛି। ୧୭ ବର୍ଷୀୟା ଶେଫାଳି ସମ୍ପ୍ରତି ଆଇସିସି ମହିଳା ଟି୨୦ ର୍‍ୟାଙ୍କିଂର ନମ୍ବରୱାନ ସ୍ଥାନରେ ଅଛନ୍ତି। ତାଙ୍କ ବ୍ୟତୀତ ୧୦୦ ବଲ୍ ଟୁର୍ନାମେଣ୍ଟରେ ଭାରତୀୟ ଅଧିନାୟିକା ହରମନପ୍ରୀତ କୌର, ଉପଅଧିନାୟିକା ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗ୍ରେଜ ଓ ଦୀପ୍ତି ଶର୍ମା ଖେଳିବେ। ଏହି ପ୍ରତିଯୋଗିତା ୮ଟି ଲେଖାଏ ମହିଳା ଓ ପୁରୁଷ ଦଳକୁ ନେଇ ଅନୁଷ୍ଠିତ ହେବ।



ଶେଫାଳି ବର୍ମା

**‘ଦି ହଣ୍ଡ୍ରେଡ’ ଟୁର୍ନାମେଣ୍ଟ**

‘‘ବର୍ମିଂହାମ ଫ୍ରାଞ୍ଚାଇଜ୍ ଶେଫାଳିଙ୍କୁ ନେବା ପାଇଁ ଚାହିଁଲା ପରେ ଚୁକ୍ତି ପ୍ରାୟତଃ ଶେଷ ହୋଇଛି। ସେ ଦଳରେ ନ୍ୟୁଜିଲାଣ୍ଡର ସୋଫି ଡେଭିନଙ୍କ ସ୍ଥାନ ନେବେ’’ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଏକ ସୂତ୍ରରୁ ପ୍ରକାଶ। ସେ ମହିଳା ବିଗ୍‌ବାଶ୍ ଲିଗ୍‌ରେ ଖେଳିବାନେଇ ମଧ୍ୟ ଆଲୋଚନା ଚାଲିଛି ବୋଲି କୁହାଯାଇଛି।

କୋଭିଡ୍-୧୯ ମହାମାରୀ ଯୋଗୁ ଗତବର୍ଷ ବନ୍ଦ ରହିଥିବା ‘ଦି ହଣ୍ଡ୍ରେଡ’ ଟୁର୍ନାମେଣ୍ଟ ଚଳିତ ବର୍ଷ ଜୁଲାଇ ୨୧ରୁ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି। ଲଣ୍ଡନରେ ଦି ଓଭାଲ ଇନ୍‌ଭିନ୍ସିବଲ୍ସ ଏବଂ ମାଞ୍ଚେଷ୍ଟର ଓରିଜିନାଲ୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ଶେଫାଳିଙ୍କ ପାଇଁ ବିଦେଶରେ ଏହା ହେବ ପ୍ରଥମ ଟି୨୦ ପ୍ରତିଯୋଗିତା। ସମ୍ପ୍ରତି ବିଶ୍ୱ କ୍ରିକେଟରେ ପାୱାରଫୁଲ୍ ଷ୍ଟ୍ରାଇକରଭାବେ ବିଶେଷ ପରିଚିତ ଶେଫାଳି ୨୨ଟି ଅନ୍ତର୍ଜାତୀୟ ମ୍ୟାଚରେ ୧୪୮.୩୧ ଷ୍ଟ୍ରାଇକ୍‌ରେଟ୍‌ରେ ୬୧୭ ରନ ସଂଗ୍ରହ କରିଛନ୍ତି। ଭାରତୀୟ ମହିଳା କ୍ରିକେଟ ଦଳର ମୁଖ୍ୟ କୋଚ୍ ଚୟନ ଚଳିତ ସପ୍ତାହରେ ଅନୁଷ୍ଠିତ ହେବ।

## ସନରାଇଜର୍ସ ହାଇଦ୍ରାବାଦ ଦାନ କଲା ୩୦ କୋଟି

ନୂଆଦିଲ୍ଲୀ, ୧୦।୫ (ପି.ଟି.)

ଦେଶରେ କୋଭିଡ୍ ରିଲିଫ କାର୍ଯ୍ୟ ପାଇଁ ଆଇପିଏଲ୍ ଟିମ୍ ସନରାଇଜର୍ସ ହାଇଦ୍ରାବାଦ, ସନ୍ ଟିଭି ମାଲିକ ୩୦ କୋଟି ଟଙ୍କା ଦାନ କରିଛନ୍ତି। ମହାମାରୀ ବିରୋଧରେ ଚାଲିଥିବା ଲଢେଇ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜରିଆରେ ଅକ୍ସିଜେନ ଓ ଔଷଧ ଯୋଗାଣ କ୍ଷେତ୍ରରେ ଏହା ବ୍ୟୟ କରାଯିବ। କରୋନା ମହାମାରୀର ଦ୍ୱିତୀୟ ଲହର ଦେଶରେ ଅଭୂତପୂର୍ବ ସ୍ୱାସ୍ଥ୍ୟ ସଂକଟ ସୃଷ୍ଟି କରିଛି। ଦୈନିକ ହାରାହାରି ୪,୦୦୦ରୁ ଅଧିକଙ୍କ ପ୍ରାଣହାନି ଘଟୁଛି। ୨୦୧୬ ଆଇପିଏଲ୍ ଚାମ୍ପିୟନ ଫ୍ରାଞ୍ଚାଇଜ୍ କହିଛି ଜନସଚେତନତା ସୃଷ୍ଟି କରିବା ଲାଗି କମ୍ପାନୀ ଏହାର ମିଡିଆ ସମ୍ବଳକୁ ନିୟୋଜିତ କରିବ। ସୂଚନାଯୋଗ୍ୟ, ସନରାଇଜର୍ସ ହାଇଦ୍ରାବାଦର ଋଦ୍ଧିମାନ ଶାହା, ଅନ୍ୟ ଦୁଇ ଫ୍ରାଞ୍ଚାଇଜ୍‌ର ୩ ଖେଳାଳି ଓ ଅନ୍ୟ ଟିମ୍‌ର ଦୁଇକୋଚ୍ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଆଇପିଏଲ୍‌କୁ ଗତ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସସ୍‌ପେଣ୍ଡ କରାଯାଇଥିଲା।

# ବାବର, ହିଲି ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ



ବାବର ଆଜମ ଓ ଆଲିସା ହିଲି।

ଦୁବାଇ, ୧୦।୫(ପି.ଟି.)

ପାକିସ୍ତାନ ଅଧିନାୟକ ବାବର ଆଜମ ଏବଂ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ଉଇକେଟ କିପର ଆଲିସା ହିଲି ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ଏପ୍ରିଲରେ ଚମତ୍କାର ପ୍ରଦର୍ଶନ ପାଇଁ ସେ ଏହି ସୌଭାଗ୍ୟ ପାଇଛନ୍ତି। ନିକଟରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜର ସମସ୍ତ ଫର୍ମାଟରେ ସ୍ଥିର ଏବଂ ଆକର୍ଷଣୀୟ ପ୍ରଦର୍ଶନ ପାଇଁ ବାବର ପ୍ରଶଂସକ ଏବଂ ଆଇସିସି ଭୋଟିଂ ଏକାଡେମୀର ପ୍ରଥମ ପସନ୍ଦ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଦିନିକିଆରେ ମ୍ୟାଚ ବିଜୟୀ ୯୪(୮୨ ବଲ) ଇନିଂସ ଯୋଗୁ ସେ ୧୩ ରେଟିଂ ପଏଣ୍ଟ ଲାଭ କରିଥିଲେ। ଫଳରେ ତାଙ୍କ ପଏଣ୍ଟ କ୍ୟାରିୟର ଶ୍ରେଷ୍ଠ ୮୬୫ରେ ପହଞ୍ଚି ଯାଇଥିଲା। ଏହା ବ୍ୟତୀତ ସମାନ ପ୍ରତିଦ୍ୱନ୍ଦ୍ୱୀ ଦଳ ବିପକ୍ଷରେ ଟି୨୦ ସିରିଜର ତୃତୀୟ ମ୍ୟାଚରେ ପାକିସ୍ତାନର ରନ୍ ଚେଜ୍ ସମୟରେ ସେ ୫୯ ବଲ୍‌ରୁ ୧୨୨ ରନ ସଂଗ୍ରହ କରିଥିଲେ। ନିକଟରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ସମସ୍ତ ପ୍ରକାର ବୋଲିଂ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରି ସର୍ଦନ ଷ୍ଟାର ହିଲି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ଟି ଦିନିକିଆ ଖେଳି ୫୧.୬୬ ଆଭରେଜ ଏବଂ ୯୮.୭୨ ଆଭରେଜରେ ୧୫୫ ରନ କରିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆର ସିରିଜ ବିଜୟରେ ସେ ଅଗ୍ରଣୀ ସ୍କୋରର ଥିଲେ। ତାଙ୍କ ପ୍ରଦର୍ଶନ ମାଧ୍ୟମରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ରେକର୍ଡ ୨୪ତମ ବିଜୟ ହାସଲ କରିଥିଲା।

# କନ୍‌କସନ ସ୍ୱଟର୍ସ ବ୍ୟବହାର କରାଯିବ

କୁରିଚ୍, ୧୦।୫ (ଏପି)

କାତାର ବିଶ୍ୱକପ୍ ଫୁଟ୍‌ବଲ ୨୦୨୨ରେ ‘କନ୍‌କସନ ସ୍ୱଟର୍ସ’ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ‘ଫିଫା’ ସ୍ପଷ୍ଟ କରିଛି। ଏହାଦ୍ୱାରା ମୁଣ୍ଡରେ ଆଘାତପ୍ରାପ୍ତଙ୍କୁ ତୁରନ୍ତ ଚିକିତ୍ସା ପ୍ରଦାନ କରିହେବ। ବିଶେଷଜ୍ଞମାନେ ଷ୍ଟାଣ୍ଡରେ ନିଜ ଆସନରୁ ସମ୍ଭାବ୍ୟ ବ୍ରେନ୍ ଇଞ୍ଜୁରୀକୁ ଚିହ୍ନଟ କରିପାରିବେ। ଯଦିବା ଏହା

**କାତାର ବିଶ୍ୱକପ୍**

ନଜରକୁ ନ ଆସେ ତେବେ ଟିମ୍ ଡାକ୍ତରମାନେ ଭିଡିଓ ରିପ୍ଲେରୁ ତାହା ଠଉରେଇ ପାରିବେ। ଗୁରୁବାର ଫିଫାର ଇନ୍ ହାଉସ୍ ୟୁଟ୍ୟୁବ୍ ଚ୍ୟାନେଲକୁ ଏକ ସାକ୍ଷାତ୍‌କାର ଦେବା ଅବସରରେ ଫିଫାର ନୂଆ ମେଡିକାଲ ନିର୍ଦ୍ଦେଶକ ଆଣ୍ଡ୍ରୁ ମାସେ ଏ ବିଷୟ ସ୍ପଷ୍ଟ କରିଛନ୍ତି। କୌଣସି ଖେଳାଳିଙ୍କ ମୁଣ୍ଡରେ ଆଘାତ ଲାଗିଲେ ପ୍ରଥମେ ତାଙ୍କୁ ଚିକିତ୍ସା କରାଯିବ। ଖେଳାଳି ଜଣକ ସୁରକ୍ଷିତ କି ନା ତାହା ପ୍ରଥମେ ଜାଣିବାକୁ ହେବ। ତା’ପରେ ଯାଇ ସମ୍ପୃକ୍ତ ଖେଳାଳିଙ୍କୁ ବାଦ୍ ଦିଆଯିବ କି ନା ସେ ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

# ସୁଶୀଲଙ୍କ ବିରୋଧରେ ‘ଲୁକ୍ ଆଉଟ ସର୍କୁଲାର’

ନୂଆଦିଲ୍ଲୀ, ୧୦।୫ (ପି.ଟି.)




ଭାରତୀୟ କୁସ୍ତିର ଅଭୂତପୂର୍ବ ସଫଳତା ପଛରେ ରେସ୍‌ଲର ସୁଶୀଲ କୁମାରଙ୍କ ବିଶେଷ ଅବଦାନ ରହିଛି। କିନ୍ତୁ ସେ ଏକ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ପୋଲିସ ତରଫରୁ ସେ ନେଇ ତଦନ୍ତ ଜାରି ରହିଛି। ଏହା ଖେଳର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିଛି। ସୂଚନାଯୋଗ୍ୟ, ସର୍ବାଧିକ ୮ ଅଲିମ୍ପିକ କୋଟା ହାସଲ ପରେ ମେ’ ୪ ତାରିଖରେ ଛାତ୍ରାସାଲ ଷ୍ଟାଡିୟମ ବାହାରେ ଭାରତୀୟ ରେସଲରମାନେ ଖୁସି ମନାଉଥିବାବେଳେ କୌଣସି କାରଣରୁ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ମାରପିଟ୍‌ରେ ସାଗର ରାଣା ନାମକ ଜଣେ ୨୩ ବର୍ଷୀୟ ଯୁବ ରେସ୍‌ଲରଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାପରଠାରୁ ସୁଶୀଲଙ୍କର ଆଉ ପତ୍ତା ମିଳୁନାହିଁ। ପୋଲିସ ସୋମବାର ଏହି ଚାମ୍ପିୟନ ରେସ୍‌ଲରଙ୍କ ବିରୋଧରେ ‘ଲୁକ୍ ଆଉଟ ସର୍କୁଲାର’ (ଏଲ୍‌ଓସି) ଜାରି କରିଛି।

କେବଳ ଏହିଘଟଣା ନୁହେଁ ଗତ ଫେବୃୟାରୀ ମାସର ଏକ ଘଟଣା ଭାରତୀୟ ରେସ୍‌ଲିଂର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିଥିଲା। ହରିୟାଣାର ରୋହତକ ଜିଲା ଅନ୍ତର୍ଗତ ଜାଟ୍ କଲେଜ୍‌ରେ ମନୋଜ ମଲିକ ନାମକ ଜଣେ କୋଚ୍‌ଙ୍କ ସମେତ ୫ଜଣଙ୍କୁ ହତ୍ୟା ମାମଲାରେ କୋଚ୍ ସୁଖବିନ୍ଦର ମୋର୍‌ଙ୍କ ସମ୍ପୃକ୍ତି ଥିଲା। ମଲିକଙ୍କ ସହ ବ୍ୟକ୍ତିଗତ ବିବାଦ ଯୋଗୁ ସୁଖବିନ୍ଦର ୫ଜଣ ଲୋକଙ୍କୁ ଗୁଳିକରି ହତ୍ୟା କରିଥିଲେ। ଦିଲ୍ଲୀ ଓ ହରିୟାଣା ପୋଲିସ ମିଳିତ ଚଢ଼ାଉ କରି ତାଙ୍କୁ ନୂଆଦିଲ୍ଲୀରୁ ଗିରଫ କରିଥିଲେ।

ସୁଶିଲ ଓ ଅନ୍ୟ ୪ଜଣ ରେସଲର ୨୦୧୮ ଡିସେମ୍ବରରୁ ଏ’ ଗ୍ରେଡ୍ କଣ୍ଟ୍ରାକ୍ଟ ଲାଭ କରିଛନ୍ତି। ସମସ୍ତେ ବାର୍ଷିକ ୩୦ ଲକ୍ଷ ଲେଖାଏ ଆର୍ଥିକ ସହାୟତା ପାଇ ଆସୁଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ସୁଶିଲଙ୍କୁ ଚୁକ୍ତି ତାଲିକାରୁ ବାଦ୍ ଦିଆଯିବ କି ନା ତାହା ସ୍ଥିର ହୋଇ ନ ଥିବା ତୋମାର କହିଛନ୍ତି। ଛାତ୍ରାସାଲ ଷ୍ଟାଡିୟମର ସୁନାମ ରହିଛି। ଏହି ଷ୍ଟାଡିୟମରୁ ସୁଶୀଲ, ଯୋଗେଶ୍ୱର, ବଜରଙ୍ଗ ଏବଂ ବର୍ତ୍ତମାନ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ରବି ଦାହିୟା ଓ ଦୀପକ ପୁନିଆଙ୍କ ଭଳି ରେସଲର ସୃଷ୍ଟି ହୋଇଛନ୍ତି। ଖବର ଅନୁସାରେ ସୁଶୀଲଙ୍କ ଗୋଷ୍ଠୀ ସହ ମତାନ୍ତର ଯୋଗୁ ଯୋଗେଶ୍ୱର ଓ ବଜରଙ୍ଗ ଛାତ୍ରାସାଲ ଷ୍ଟାଡିୟମ ଛାଡ଼ିଥିଲେ। ସୁଶୀଲଙ୍କ କୋଚ୍ ଓ ଶ୍ୱଶୁର ତଥା ୧୯୮୨ ଏସିଆନ ଗେମ୍ସ ଚାମ୍ପିୟନ ସତ୍‌ପାଲ ସିଂ ୨୦୧୬ରେ ଅତିରିକ୍ତ ନିର୍ଦ୍ଦେଶକ ପଦବୀରୁ ଅବସର ନେବା ପର୍ଯ୍ୟନ୍ତ ଷ୍ଟାଡିୟମ ଦାୟିତ୍ୱରେ ରହିଆସିଥିଲେ। ତାଙ୍କ ପରେ ରେଲୱେରୁ ଡେପୁଟେଶନରେ ଆସି ସୁନୀଲ ଓଏସ୍‌ଡି ଭାବେ ନିଯୁକ୍ତି ପାଇଥିଲେ। ଷ୍ଟାଡିୟମରେ ତାଙ୍କର ଅଖଣ୍ଡ କ୍ଷମତା ରହିଥିଲା। ତାଙ୍କ ନିର୍ଦ୍ଦେଶ ଅମାନ୍ୟ କଲେ କିମ୍ବା ପ୍ରସ୍ତାବ ଅନୁସାରେ କାର୍ଯ୍ୟ ନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ହଇରାଣ ହରକତ କରାଯାଉଥିଲା। ଯୁବ ରେସ୍‌ଲରମାନେ ସେମାନଙ୍କ କ୍ୟାରିୟର ଗଢ଼ିବା ଲାଗି ଷ୍ଟାଡିୟମକୁ ଆସୁଥିଲେ। ଯେଉଁମାନେ ଷ୍ଟାଡିୟମ ରାଜନୀତିରେ ସାମିଲ ହେବାକୁ ପସନ୍ଦ କରୁ ନ ଥିଲେ ସେମାନେ ଛାଡ଼ି ଚାଲିଯିବାକୁ ପସନ୍ଦ କରୁଥିଲେ।

ପ୍ରକାଶ ଯୋଗ୍ୟ ଯେ, ସୁଶୀଲଙ୍କ ଅନ୍ତର୍ଜାତୀୟ ସଫଳତା ଅନେକଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛି। ନାଜଗଡ଼ର ବାପ୍ରୋଲ ଗ୍ରାମ ବାସିନ୍ଦା ଏହିରେସଲର ଏ ପର୍ଯ୍ୟନ୍ତ ଖେଳରେ ଭାରତର ଏକମାତ୍ର ବିଶ୍ୱ ଚାମ୍ପିୟନ (୨୦୧୦)। ସେ ହେଉଛନ୍ତି ଦେଶର ଏକମାତ୍ର ଆଥଲେଟ, ଯିଏକି ଦୁଇ ବ୍ୟକ୍ତିଗତ ଅଲିମ୍ପିକ ପଦକ ହାସଲ କରିଛନ୍ତି। ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ପକ୍ଷରୁ ଏହି ଘଟଣା ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ସୁଶୀଲ ବର୍ଷ ବର୍ଷ ଧରି ଅନ୍ତର୍ଜାତୀୟ ସ୍ତରରେ ଚମତ୍କାର ସଫଳତା ହାସଲ କରି ଯେଉଁ ସୁନାମ ଅର୍ଜନ କରିଥିଲେ ତାହା ଧୂଳିସାତ୍ ହୋଇଛି ବୋଲି ଡବ୍ଲ୍ୟୁଏଫ୍‌ଆଇ ଆସିଷ୍ଟାଣ୍ଟ ସେକ୍ରେଟାରୀ ବିନୋଦ ତୋମାର କହିଛନ୍ତି। ସୁଶୀଲ ୨୦୦୮ରେ ବ୍ରୋଞ୍ଜ ପଦକ ଜିତିଥିଲେ। ଦୀର୍ଘ ୫୬ ବର୍ଷ ପରେ ଭାରତ ରେସ୍‌ଲିଂରେ ଏକ ପଦକ ଲାଭ କରିବାରେ ସମର୍ଥ ହୋଇଥିଲା। ଏହି ସଫଳତାର ପ୍ରଭାବ ସୁଦୂରପ୍ରସାରୀ ଥିଲା। ଭାରତରେ ଯୋଗେଶ୍ୱର ଦତ୍ତ, ଗୀତା ଓ ବବିତା ଫୋଗଟ୍ ଏବଂ ତାଙ୍କ ସମ୍ପର୍କୀୟ ଭାଇ ଭଉଣୀ ଭିନେଶଙ୍କ ଭଳି ପ୍ରତିଭାସମ୍ପନ୍ନ ରେସଲ୍‌ର ସୃଷ୍ଟି ହେଲେ। ସାକ୍ଷୀ ମଲିକ ରିଓରେ ବ୍ରୋଞ୍ଜ ଜିତିଥିବାବେଳେ ବଜରଙ୍ଗ ପୁନିଆ, ରବି ଡାହିୟା ଓ ଦୀପ ପୁନିଆ ବିଶ୍ୱ ପଦକ ବିଜେତା ହୋଇପାରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ପୋଖରୀରୁ ହରିଣ ଉଦ୍ଧାର

ନିମାପଡ଼ା,(ଡି.ଏନ୍.ଏ.): ନିମାପଡ଼ା ଥାନା ଅଧୀନ ଅଂଶାଲୋ ଦଳିତସାହି ତାରିଣୀ ମନ୍ଦିର ନିକଟସ୍ଥ ଏକ ପୋଖରୀରୁ ଗ୍ରାମବାସୀ ଏକ ହରିଣ ଉଦ୍ଧାର କରିଛନ୍ତି। ସୋମବାର ଉଦ୍ଧାର ହରିଣକୁ ବନବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। ସୂଚନା ମୁତାବକ, ବିଲରେ ହରିଣ ଧାନ ଖାଉଥିବା ବେଳେ କେତେଜଣ ପିଲା ଧରିବା ପାଇଁ ଗୋଡ଼ାଇଥିଲେ। ଫଳରେ ମନ୍ଦିର ନିକଟ ପୋଖରୀରେ ହରିଣ ପଡ଼ିଯାଇଥିଲା। ପରେ ଗ୍ରାମବାସୀଙ୍କ ଉଦ୍ୟମରେ ଉଦ୍ଧାର କରାଯାଇଥିଲା। ଉକ୍ତ ହରିଣକୁ କୋଣାର୍କ ବାଲିଖଣ୍ଡ ଅଭୟାରଣ୍ୟରେ ଛଡ଼ାଯିବ ବୋଲି ଗୋପ ବନଖଣ୍ଡ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ, ଫରେଷ୍ଟର ପ୍ରଦୀପ ପାଣିଗ୍ରାହୀ, ନିମାପଡ଼ା ଫରେଷ୍ଟର ଟିକିନା ପ୍ରଧାନ କହିଛନ୍ତି। ଖାଦ୍ୟ ଅନ୍ୱେଷଣରେ ହରିଣ ଗ୍ରାମକୁ ପଶି ଆସିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।



୧୦.୦୫.୨୦୨୧
୧୧୮୧ ଟଙ୍କା

# ୩ଘଣ୍ଟା ଅପେକ୍ଷା ସତ୍ତ୍ୱେ ମିଳିଲାନି ଟିକା

ଗୋପ,୧୦।୫(ଡି.ଏନ୍.ଏ.):

କିଛିଦିନର ବ୍ୟବଧାନ ପରେ ଟିକା ଦାନ ଆରମ୍ଭ ହୋଇଥିବାରୁ ଗୋପ ବ୍ଲକ ଅଞ୍ଚଳର ଲୋକେ ସ୍ଥାନୀୟ ମେଡିକାଲରେ ସୋମବାର ଲମ୍ବାଲାଇନ ଲଗାଇଥିଲେ। ପ୍ରାୟ ୨ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ହେଲେ କେନ୍ଦ୍ରରେ ଆବଶ୍ୟକତା ଅନୁସାରେ ଟିକା ନ ଥିବାରୁ ଟିକା ନ ପାଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଆସିଥିବା ପୋଲିସ ମଧ୍ୟ ନାକେଦମ ହେବା ସହ ବୁଝାଶୁଝା କରି ଲୋକଙ୍କୁ ଫେରାଇଥିଲା। ଏହି ବ୍ଲକ ଅଞ୍ଚଳରେ କରୋନା ସଂକ୍ରମିତରେ ପ୍ରାୟ ୪ଶହରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ୫ରୁ ଅଧିକ ଲୋକ ମୃତ୍ୟୁବରଣ କଲେଣି। ସମସ୍ତେ ଏହି ଟିକା ନେବା ଲାଗି ବ୍ୟସ୍ତ ହୋଇପଡିବା ବେଳେ ୨ ସପ୍ତାହ ଧରି ଟିକା ନ ଥିବାରୁ ଟିକାକରଣ ବନ୍ଦ ରହିଥିଲା। ସୋମବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨ ଶହ ଡୋଜ ଟିକା ଆସିଥିବା ବେଳେ ପ୍ରାୟ ୪ ଶହରୁ ଅଧିକ ଲୋକ ଭୋର୍ ୫ଟାରୁ ଲମ୍ବା ଲାଇନରେ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସକାଳ ୮ଟା ସମୟରେ ୨ ଶହ ଟିକେଟ ଦିଆଯାଇଥିଲା। ଏହି ଭିଡକୁ ଦେଖି ପୋଲିସ ମଧ୍ୟ ମୁତୟନ କରାଯାଇଥିଲା। ଟିକେଟ ଶେଷ ପରେ କିଛି ସମୟ ଲାଗି ହୋହାଲ୍ଲା ଲାଗିବାରୁ ଗୋପ ଥାନା ଏଏସ୍ଆଇ ରାଧାଶ୍ୟାମ ନାୟକ ଲୋକଙ୍କୁ ବୁଝାଇବାରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅପରପକ୍ଷେ ସୋମବାର କରୋନା ଟିକାର କେବଳ ଦ୍ୱିତୀୟ ଡୋଜ୍ ଦିଆଯାଉଥିବା ବେଳେ ପ୍ରଥମ ଡୋଜ୍ ନେବାକୁ ଆସିଥିବା କେତେକ ବୟସ୍କ ବ୍ୟକ୍ତି ମଧ୍ୟ ଫେରିବାକୁ ବାଧ ହୋଇଥିଲେ। ଏପରି ଅଭିଯୋଗକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବ ପ୍ରସାଦ ମଙ୍ଗରାଜ କହିଛନ୍ତି, ଆବଶ୍ୟକତା ଅନୁସାରେ ଟିକା ଆସିପାରୁ ନ ଥିବାରୁ ଏପରି ସମସ୍ୟା ଦେଖାଦେଇଛି।

## ଟିକା ନ ଥିବାରୁ ଫେରୁଛନ୍ତି ଆଶାୟୀ

ସାକ୍ଷୀଗୋପାଳ/କଣାସ,୧୦।୫(ସ୍ୱ.ପ୍ର.):

ପ୍ରାୟ ୧୦ ଦିନର ବ୍ୟବଧାନ ପରେ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର କୋଭିଡ୍ ଟିକା ପ୍ରଦାନ ହୋଇଥିଲା। ଏଥିପାଇଁ ଭୋର ୫ଟାରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଆସି ଧାଡ଼ିରେ ରହିଥିଲେ। ହେଲେ ସ୍ୱାସ୍ଥ୍ୟକେନ୍ଦ୍ରକୁ ମାତ୍ର ୨୦୦ଡୋଜ ଟିକା ଆସିଥିଲା। ଫଳରେ ଟିକା ନ ପାଇ ଅସନ୍ତୋଷ ପ୍ରକାଶ କରି ଲୋକେ ଫେରିଥିଲେ। ସେହିପରି ଅଲଗୁମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ୧୦୦ ଡୋଜ ଓ ଗବକୁଣ୍ଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ୧୦୦ ଡୋଜ ଟିକା ଆସିଥିଲା। ଏହି ୨ କେନ୍ଦ୍ରରେ ମଧ୍ୟ ଟିକା ନେବା ନିମନ୍ତେ ପ୍ରାୟ ୬୦୦ ରୁ ଊର୍ଦ୍ଧ୍ୱ ଲୋକ ଲାଇନ ଲଗାଇଥିଲେ। କିନ୍ତୁ କୌଣସି କେନ୍ଦ୍ରକୁ ଆବଶ୍ୟକ ଟିକା ନ ଆସୁଥିବାରୁ ଲୋକେ ନିରାଶ ହେବା ସହ ପର୍ଯ୍ୟାପ୍ତ ପରିମାଣର ଟିକା ଆଣିବା ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଲୋକମାନେ ପ୍ରାୟ ୪ ଘଣ୍ଟା ଧରି ଧାଡିରେ ଛିଡା ହୋଇଥିଲେ ମଧ୍ୟ କେହି ବି କୋଭିଡ କଟକଣା ନିୟମ ଓ ସାମାଜିକ ଦୂରତା ରକ୍ଷା କରି ନ ଥିଲେ। ସେହିଭଳି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ୍ୟ ୪୦୦ ଟିକା ସୋମବାର ଆସିଥିଲା। ଟିକା ମିଳୁଥିବା ଶୁଣି ସକାଳ ୮ଟାରୁ କେନ୍ଦ୍ର ପରିସରରେ ବିନା ମାସ୍କ ଓ ସାମାଜିକ ଦୂରତ୍ୱ ନ ରଖି ଶତାଧିକରୁ ଊର୍ଦ୍ଧ୍ୱ ଲୋକ ଠିଆ ହୋଇଥିଲେ। ଫଳରେ ଠେଲାପେଲା ହେବାରୁ ପୋଲିସ ସହ ବିଡିଓ ଲୋଚନ ଦାସ ଏବଂ ତହସିଲଦାର ଲକ୍ଷ୍ମୀଧର ମହାରଣା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ୪୦୦ ଲୋକଙ୍କୁ ଟିକା ଦିଆଯାଇ ଅନ୍ୟ ଲୋକଙ୍କୁ ଫେରାଇବା ସହ ଆସନ୍ତା ୨/୩ଦିନ ପରେ ପୁଣି ଟିକା ଦିଆଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଥିଲା।


ପିପିଲିସ୍ଥିତ ଏକ ଟିକା କେନ୍ଦ୍ରରେ ଟିକା ନେବାକୁ ଆସିଥିବା ଲୋକଙ୍କ ମଧ୍ୟରେ ରହୁନି ସାମାଜିକ ଦୂରତ୍ୱ।

## ଟିକା କେନ୍ଦ୍ରରେ କରୋନା କଟକଣାକୁ ଫୁ

ପିପିଲି,୧୦।୫(ଡି.ଏନ୍.ଏ.):

ଟିକା ନେବା ପାଇଁ ପିପିଲି ବ୍ଲକ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଦେଖିବାକୁ ମିଳିଥିଲା ପ୍ରବଳ ଭିଡ଼। କିଛି ଦିନର ବନ୍ଦ ପରେ ସୋମବାର ଏଠାରେ ଟିକା ଦିଆ ଯାଉଥିବାର ଖବର ପାଇ ଭୋର ସମୟରୁ ଲୋକଙ୍କ ଧାଡ଼ି ଲାଗିଥିଲା। ଫଳରେ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହି ନ ଥିଲା। ଏପରି କି କିଛିସମୟ ପାଇଁ ସେଠାରେ ଲୋକମାନଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଧାଡ଼ିରେ ଏତେ ଲୋକ ଥିଲେ ଯେ, ସ୍ୱାସ୍ଥ୍ୟକେନ୍ଦ୍ର ପରିସରର ମଙ୍ଗଳପୁର ଗ୍ରାମ୍ୟ ରାସ୍ତା ଦେଇ ଜାତୀୟ ରାଜପଥ ପର୍ଯ୍ୟନ୍ତ ଲମ୍ବିଥିଲା। କିନ୍ତୁ କେନ୍ଦ୍ରକୁ ୩୫୧ଡୋଜ ଭ୍ୟାକ୍ସିନ ଆସିଥିବାବେଳେ ୨ହଜାରରୁ ଅଧିକ ଲୋକ ଧାଡ଼ିରେ ରହିଥିଲେ। ଏ ନେଇ ଟିକା କେନ୍ଦ୍ର ସମ୍ମୁଖରେ ବିଶୃଙ୍ଖଳା ପରିବେଶ ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ନିୟନ୍ତ୍ରଣ ହୋଇ ନ ଥିଲା। ପରେ ଟିକା ଅଭାବ ଜାଣି ଲୋକେ ନିଜେ ନିରାଶ ହୋଇ ଫେରିଥିଲେ।

## ୫୪ ଖବରଦାତା ନେଲେ ଟିକା

ପିପିଲି,୧୦।୫(ସ୍ୱ.ପ୍ର./ଡି.ଏନ୍.ଏ.):

ପିପିଲିରେ ସୋମବାର ସମସ୍ତ କାର୍ଯ୍ୟରତ ଖବରଦାତାଙ୍କୁ କରୋନା ଟିକା ପ୍ରଦାନ କରାଯାଇଛି । ଖବରଦାତାଙ୍କୁ ରାଜ୍ୟ ସରକାର ଆଗଧାଡ଼ିର କରୋନା ଯୋଦ୍ଧା ଘୋଷଣା କରିବା ପରେ କୋଭିଡ୍ ଟିକା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହାକୁ ପୁରୀ ଜିଲା ପ୍ରଶାସନ ତରଫରୁ କାର୍ଯ୍ୟକାରୀ କରାଯାଇଛି। ଆଜି ପିପିଲି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ପିପିଲି, ଡେଲାଙ୍ଗ, ସତ୍ୟବାଦୀ, ବଳଙ୍ଗା ଅଞ୍ଚଳର ୫୪ଜଣ ଖବରଦାତାଙ୍କୁ ପ୍ରଥମ ଡୋଜ କୋଭିଡ ଟିକା ଦିଆଯାଇଥିବା ବେଳେ ଦ୍ୱିତୀୟ ଡୋଜ ୩୫୧ଜଣଙ୍କୁ ଟିକା ମୋଟ ୪୦୫ଜଣଙ୍କୁ ଟିକା ଦିଆଯାଇଥିବା ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ବିଜୟଲକ୍ଷ୍ମୀ ସାହୁ ସୂଚନା ଦେଇଛନ୍ତି। ଏହି ଟିକାକରଣ କାର୍ଯ୍ୟକ୍ରମରେ ମେଡିକାଲ ଅଫିସର ଡ. ବିନୟ ପଣ୍ଡା ତତ୍ତ୍ୱାବଧାନରେ ହେଉଥିବା ବେଳେ ଏଥିରେ ବ୍ଲକ ସୁପରଭାଇଜର ବିନୋଦିନୀ ରଥ, ବ୍ଲକ ଡାଟା ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ଉନ୍ନତୀକରଣ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି
(୧) ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଆର୍-ଟି-୧୪-୨୧-୨୨, ତାରିଖ: ୦୬।୦୫।୨୦୨୧
କାର୍ଯ୍ୟ: ଡିଭିଜନାଲ ରେଲ୍‌ୱେ ହସ୍ପିଟାଲ/ରାୟପୁର ଏବଂ ସବ୍-ଡିଭିଜନାଲ ହସ୍ପିଟାଲ/ବିଏମ୍‌ୱାଇଠାରେ ଇନ୍-ହାଉସ୍ ଚିକିତ୍ସାକୁ ଉନ୍ନତ କରିବା ପାଇଁ ଭିତ୍ତିଭୂମିର ଉନ୍ନତୀକରଣ । ଟେଣ୍ଡର ମୂଲ୍ୟ: ₹୫୧,୨୧,୮୬୩/- । ଟେଣ୍ଡର ଦାଖଲ: ତା୦୩।୦୬।୨୦୨୧ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡର ଖୋଲାଯିବ: ତା୦୩।୦୬।୨୦୨୧ରିଖ ୧୧.୦୦ ଘଟିକାରେ ।
ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଭିଜନାଲ ଇଞ୍ଜିନିୟର (ସିଓ.)/ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ରାୟପୁରଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ ।
ଡିଭିଜନାଲ ଇଞ୍ଜିନିୟର (II)
PR/R/Engg/IP/13 ରାୟପୁର
South East Central Railway @secrail


## ସଂକ୍ଷେପରେ

### କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

ବ୍ରହ୍ମଗିରି,୧୦। ୫(ଡି.ଏନ.ଏ): ବ୍ରହ୍ମଗିରି ଥାନା ଅନ୍ତର୍ଗତ ଜେନାପୁର ଗ୍ରାମର ଜଣେ ମହିଳା କରୋନା ଆକ୍ରାନ୍ତ ଥିବାବେଳେ ସୋମବାର ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ମହିଳା ଜଣକ ୪/୫ ଦିନ ଧରି ଜ୍ୱରରେ ଆକ୍ରାନ୍ତ ଥିଲେ । ଜ୍ୱର ଭଲ ନ ହେବାରୁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। ସେଠାରେ ତାଙ୍କର କରୋନା ପରୀକ୍ଷା କରାଯିବାରେ ରିପୋର୍ଟ ପଜିଟିଭ୍ ବାହାରିଥିଲା । ଏ ନେଇ ସ୍ୱାସ୍ଥ୍ୟ କର୍ମଚାରୀମାନେ ତାଙ୍କୁ ପୁରୀସ୍ଥିତ କୋଭିଡ୍ ହସପିଟାଲକୁ ନେଇଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି।

### ସର୍ପାଘାତରେ ଜଣେ ମୃତ

ପୁରୀ ଅଫିସ,୧୦।୫- ପୁରୀ ସହରରେ ସର୍ପାଘାତରେ ଜଣେ ବ୍ୟକ୍ତିଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ କାଳିଆକେରା ଗ୍ରାମର ପ୍ରଭାକର ଦାସ (୫୦)। ଏ ନେଇ ପୋଲିସ ପକ୍ଷରୁ ମୃତଦେହକୁ ଜବତ କରାଯିବା ସହ ନଂ. ୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ପ୍ରଭାକର ତାଙ୍କ ଘର ପଛପଟେ କାମ କରୁଥିବା ସମୟରେ ଗୋଟେ ନାଗସାପ ତାଙ୍କୁ ଦଂଶନ କରିଥିଲା। ଏହାଜାଣି ପରିବାର ଲୋକେ ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଭାକର ମୃତ୍ୟୁବରଣ କରିଥିବା ଡାକ୍ତର କହିଛନ୍ତି। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅନ୍ୟପଟେ ସ୍ନେକ୍ ହେଲ୍ପ ଲାଇନ ସାହାଯ୍ୟରେ ନାଗଟିକୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କାକଟପୁର,୧୦।୫(ଡି.ଏନ୍.ଏ.): କାକଟପୁର ଥାନା ଅଞ୍ଚଳରୁ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ସୋମବାର ପୋଲିସ ଜବତ କରିଛି। ସେ ହେଲେ କାକଟପୁର-କନ୍ଦଳପୁର ରାସ୍ତାରେ କଣ୍ଟାସାହିରେ ରହୁଥିବା ସୌରେନ୍ଦ୍ର ସେଠୀ (୩୦)। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲ ପଠାଇଛି। ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ସୌରେନ୍ଦ୍ର ଅବିବାହିତ ଥିବାବେଳେ ସୋମବାର ତାଙ୍କ ବାପାଙ୍କୁ କିଛି ଟଙ୍କା ମାଗିଥିଲେ। ହେଲେ ବାପା ଟଙ୍କା ଦେବା ପାଇଁ ମନା କରି ଦେଇଥିଲେ। ଏଥିରେ ସୌରେନ୍ଦ୍ର ଦୁଃଖ ପ୍ରକାଶ କରି ନିଜ ରୁମକୁ ଚାଲିଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ରୁମରୁ ନ ବାହାରିବାରୁ ସନ୍ଦେହରେ ତାଙ୍କ ବାପା ଗାଁଲୋକଙ୍କୁ ଡାକି କବାଟ ଭାଙ୍ଗିଥିଲେ। ଫଳରେ ସୌରେନ୍ଦ୍ର ରୁମରେ ଲାଗିଥିବା ପଙ୍ଖାରେ ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିବାବେଳେ ବାପାଙ୍କୁ ପଚରାଉଚୁରା କରି ତଦନ୍ତ ଚଳାଇଥିବା କାକଟପୁର ଥାନାର ଭାରପ୍ରାପ୍ତ ନିରୀକ୍ଷକ ସୁଶାନ୍ତ ସାହୁ ପ୍ରକାଶ କରିଛନ୍ତି।

### ୨୫ କୋରେକ୍ସ ବୋତଲ ଜବତ, ଜଣେ ଗିରଫ

ପୁରୀ ଅଫିସ,୧୦।୫- ପୁରୀ କୁମ୍ଭାରପଡା ଥାନା ପୋଲିସ କୋରେକ୍ସ ବିକିବା ଅଭିଯୋଗରେ ଜଣେ ଯୁବକଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ନରେନ୍ଦ୍ର କୋଣ ମଙ୍ଗଳାସାହିର ନୃସିଂହ ମଲ୍ଲିକ (୨୭) । ପୋଲିସ ଏ ନେଇ ନଂ .୧୪୭/୨୧ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କ ନିକଟରୁ ୨୫ଟି କୋରେକ୍ସ ବୋତଲ ଜବତ କରିଛି। ସୂଚନା ଅନୁଯାୟୀ, କୁମ୍ଭାରପଡା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ନରେନ୍ଦ୍ରକୋଣ ଅଞ୍ଚଳରେ କୋରେକ୍ସ ବିକ୍ରି ହେଉଥିବା ଖବର ପାଇ ମଙ୍ଗଳାସାହିରେ ଚଢ଼ାଉ କରିଥିଲା। ଅଭିଯୁକ୍ତ ନୃସିଂହ ତା' ଘର ନିକଟରେ କୋରେକ୍ସ ବିକ୍ରି କରୁଥିବା ବେଳେ ପୋଲିସ ତାକୁ କାବୁ କରିବା ସହ କୋରେକ୍ସ ଜବତ କରିଥିଲା ।


ଶିଳ୍ପୀ ଶ୍ରୀଧର ଦାସ ରାଜ୍ୟ ସଭା ସଦସ୍ୟ ତଥା ଭାସ୍କର୍ଯ୍ୟ ଶିଳ୍ପୀ ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କୁ ସ୍ୟାଣ୍ଡ ଆନିମେଶନ ଦ୍ୱାରା ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## କଣାସ, କାତପଡ଼ା ଅନିର୍ଦ୍ଦିଷ୍ଟକାଳ ପାଇଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା

କଣାସ,୧୦।୫(ସ୍ୱ.ପ୍ର.):

କଣାସ ବ୍ଲକରେ ଦିନକୁ ଦିନ କରୋନା ପଜିଟିଭ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କଣାସ ବିଡିଓ ଲୋଚନ ଦାସ କଣାସ ଏବଂ କାତପଡା ଗ୍ରାମକୁ ୧୧ତାରିଖ ମଧ୍ୟାହ୍ନ ୧୨ଠାରୁ ଅନିର୍ଦ୍ଦିଷ୍ଟକାଳ ପାଇଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରିଛନ୍ତି। କଣାସରୁ ୩୯ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ କାତପଡା ଗ୍ରାମରୁ ୧୫ରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହୋଇଥିବାରୁ ବିଡିଓ ଏଭଳି ନିଷ୍ପତ୍ତି ନେଇଛନ୍ତି। ତେବେ ପ୍ରଶାସନ ପକ୍ଷରୁ ସୋମବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ୨ ଗ୍ରାମବାସୀଙ୍କୁ ଜଣାଇ ଦିଆଯାଇଛି। ଏଥିସହ ଏହି ନିୟମକୁ ଲୋକେ ପାଳନ କରିବା ସହ ଘରେ ସୁରକ୍ଷିତ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।


OFFICE OF THE
NOTIFIED AREA COUNCIL, DASPALLA
At/P.O.- Daspalla, Dist.- Nayagarh
Ph.: 06757220005, e-Mail: nacdaspalla@gmail.com
No. 1065 Date: 10.05.2021
1st CORRIGENDUM
Bid Identification No. NAC-Daspalla/01/2021-22
Tender ID: 2021_ORULB_68093_1 and 2021_ORULB_68093_2
With reference to the tender ID No. **2021_ORULB_68093_1** and **2021_ORULB_68093_2**, the last date of Bid submission has been extended to **26th May 2021** and opening date extended to **27th May 2021** due to lockdown of State for COVID-19.
All other contents will remain unchanged.
Sd./- Executive Officer
N.A.C., Daspalla



NTPC Limited
(A Govt. of India Enterprise)
Invitation for Expression of Interest for Issue of Dry Fly Ash & bottom ash from NTPC Darlipali, Dist-Sundergarh - 770072, Odisha.
NTPC Limited, Darlipali Super Thermal Power Station located nearly 32 KM from Sundergarh/ Jharsuguda invites Expression of Interest (EOI) from interested agencies in the prescribed format for issue of Dry Fly ash & bottom ash on chargeable basis from plant silos/ ash pond.
Interested parties are requested to submit their requirement as per details/format given in website www.ntpc.co.in/www.ntpctender.com. The details/format may also be obtained from the address given below:
Address:
AGM (EMG), Darlipali Super Thermal Power Station, NTPC Ltd., PO-Darlipali, Dist-Sundergarh, Odisha – 770072.
Email : sajuthomas@ntpc.co.in, ajitbose@ntpc.co.in
Mob.: 8828187465
Leading the Power Sector


## ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ

ପୁରୀ ଅଫିସ,୧୦।୫

ବୈଶାଖ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିର ଶ୍ରୀଜୀଉମାନଙ୍କର ପଇତାଲାଗି ନୀତି ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ଗୁପ୍ତନୀତି ମଧ୍ୟରେ ଏହି ନୀତି ପ୍ରମୁଖ ଅଟେ। ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ନିମନ୍ତେ ଏହି ନୀତି ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହେବା ପରେ ମଇଲମ କରାଯାଇଥିଲା। ପରେ ଲକ୍ଷ୍ମୀ ଏବଂ ସରସ୍ୱତୀ ଖଟଶେଯ ଘରକୁ ବିଜେ କରିଥିଲେ। ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଶ୍ରୀଜୀଉଙ୍କ ପଇତାଲାଗି ନୀତି ନିମନ୍ତେ ଦଇତାପତି ସେବାୟତମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ଦଇତାପତିମାନେ ରତ୍ନସିଂହାସନ ଉପରକୁ ଉଠି ନୀତି ସମ୍ପାଦନ କରିଥିଲେ। ପାଟ ଡୋରିରେ ନିର୍ମିତ ହୋଇଥିବା ଜାଲିଯୁକ୍ତ ବସ୍ତ୍ରକୁ ମହାପ୍ରଭୁଙ୍କୁ ଲାଗିକରାଯାଇଥିଲା। ଯାହାକୁ ପଇତାଲାଗି ବୋଲି କୁହାଯାଇଥାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ବର୍ଷକରେ ମହାପ୍ରଭୁଙ୍କର ୨ଥର ପଇତାଲାଗି ନୀତି ଅନୁଷ୍ଠିତ ହୋଇଥାଏ। ଚନ୍ଦନଯାତ୍ରା ପୂର୍ବରୁ ଏବଂ ମହାପ୍ରଭୁଙ୍କ ଘୋଡ଼ଲାଗି ପୂର୍ବରୁ ଏହି ନୀତି ହୋଇଥାଏ। ଯାତ୍ରା ଅନୁଷ୍ଠିତ ହେବା ପୂର୍ବରୁ ସୋମବାର ଦେଖି ମହାପ୍ରଭୁଙ୍କ ଏହି ନୀତି ସମ୍ପନ୍ନ କରାଯାଇଥାଏ। ଚନ୍ଦନଯାତ୍ରା ସମୟରେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଚନ୍ଦନ ପ୍ରଲେପ କରାଯାଇଥାଏ। ଚନ୍ଦନ ଲେପନ କାରଣରୁ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗକୁ ଯେପରି କୌଣସି କ୍ଷତି ନ ହେବ ସେଥିପାଇଁ ମହାପ୍ରଭୁଙ୍କୁ ପଇତା ଲାଗି କରାଯାଇଥାଏ। ପଇତା ବସ୍ତ୍ରକୁ ଶ୍ରୀମନ୍ଦିର ପାଟେରା ସେବାୟତମାନେ ପ୍ରସ୍ତୁତ କରିଥାନ୍ତି। ପାଟରା ସେବାୟତମାନେ ଶ୍ରୀମନ୍ଦିର ପରିସରରେ ଥିବା ମହାଲକ୍ଷ୍ମୀ ମନ୍ଦିର ଜଗମୋହନଠାରେ ପାଟ ସୂତାରେ ପଇତା ଲାଗି ବସ୍ତ୍ର ନିର୍ମାଣ କରିଥାନ୍ତି। ପଇତା ପ୍ରସ୍ତୁତ ହେବା ପରେ ପଇତାଗୁଡିକୁ ପାଟରାସେବକମାନେ ଦେଉଳକରଣଙ୍କୁ ହସ୍ତାନ୍ତର କରିଥାନ୍ତି। ମହାପ୍ରଭୁଙ୍କୁ ପଇତାଲାଗି ପୂର୍ବରୁ ଦେଉଳକରଣ ପଇତାଗୁଡିକୁ ଦଇତାପତିଙ୍କୁ ହସ୍ତାନ୍ତର କରିଥାନ୍ତି। ପଇତାଲାଗି ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କର ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି ବଢ଼ି ରାତ୍ର ପହୁଡ ଅନୁଷ୍ଠିତ ହୋଇଥିଲା।

## ଥାନା ପରିସରରେ ଭୁଶୁଡ଼ିଲା ନିର୍ମାଣାଧୀନ ପାଚେରି

ବ୍ରହ୍ମଗିରି,୧୦। ୫(ଡି.ଏନ.ଏ):

ବ୍ରହ୍ମଗିରି ଥାନା ପରିସରରେ ଥିବା ଏକ ପୋଖରୀର ପୁନରୁଦ୍ଧାର କାର୍ଯ୍ୟରେ ନିର୍ମାଣ ହେଉଥିବା ଏକ ପାଚେରି ଭୁଶୁଡ଼ି ପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ପଞ୍ଚାୟତ ଅଧୀନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ପ୍ରାୟ ୭ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ଥାନା ପରିସରରେ ଥିବା ଏକ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟରେ ପୋଖରୀ ଚତୁଃପାର୍ଶ୍ୱରେ ପାଚେରି ମଧ୍ୟ ନିର୍ମାଣ ହେଉଥିଲା। ତେବେ ଏହି କାର୍ଯ୍ୟ ନ ସରୁଣୁ ରବିବାର ରାତିରେ



ହୋଇଥିବା କାଳବୈଶାଖୀ ବର୍ଷାରେ ଏହି ପାଚେରି ଭୁଶୁଡି ପଡିଛି। ଏହି ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ସାଧାରଣରେ ଆଲୋଚନା ହେଉଛି । ଏ ସମ୍ପର୍କରେ ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ କୁମାର ସାହୁଙ୍କୁ ପଚାରିବାରେ ଏହି କିଛିଦିନ ହେଲା ପାଚେରି କାର୍ଯ୍ୟ ହୋଇଥିବାବେଳେ କଞ୍ଚା ଥିବାରୁ ତାହା ଭାଙ୍ଗିଯାଇଛି।

## ସରପଞ୍ଚଙ୍କ ସ୍ୱାମୀଙ୍କ ନାଁରେ ମାମଲା

### ବିବାହରେ କଟକଣା ଉଲ୍ଲଂଘନ

କଣାସ,୧୦।୫(ସ୍ୱ.ପ୍ର.)

ରାଜ୍ୟରେ କରୋନା ସଂକ୍ରମଣ ସଂଖ୍ୟା ବଢୁଥିବାରୁ ସରକାର ଲକ୍‌ଡାଉନ ଓ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏଥିସହ ସଭା, ସମିତି, ବିବାହ କାର୍ଯ୍ୟଗୁଡ଼ିକୁ ସୀମିତ ଲୋକରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ କଣାସ ବ୍ଲକ ଗଡ଼ଖାରଦ ପଞ୍ଚାୟତର ସରପଞ୍ଚ କୋଭିଡ୍ ନିୟମ ଉଲ୍ଲଂଘନ କରି ବିବାହ କାର୍ଯ୍ୟ ଆୟୋଜନ କରିଥିଲେ। ଏଭଳି ଅଭିଯୋଗ ହେବା ପରେ ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କ ନିର୍ଦ୍ଦେଶକ୍ରମେ ଗଡ଼ଖାରଦ ସରପଞ୍ଚଙ୍କ ସ୍ୱାମୀଙ୍କ ନାଁରେ ମାମଲା ରୁଜୁ ହୋଇଛି। ଏ ନେଇ ଗଡ଼ିଶାଗୋଦା ଥାନା ପୋଲିସ ନଂ.୧୩୯/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରବିବାର ଗଡ଼ଖାରଦ ସରପଞ୍ଚ ପବନୀ ସାହୁଙ୍କ ପୁଅ ଓ ଝିଅ ବିବାହ କାର୍ଯ୍ୟ ୫୦ଜଣଙ୍କ ଭିତରେ କରିବା ପାଇଁ ତହସିଲଦାରଙ୍କଠାରୁ ଅନୁମତି ଆଣିଥିଲେ। ହେଲେ ବାଦୁରାବର ଗ୍ରାମରେ ସରପଞ୍ଚଙ୍କ ପରିବାର ଲୋକେ ରାତିରେ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ପ୍ରୋସେଶନ ଓ ଭୋଜି କାର୍ଯ୍ୟ କରିଥିବା ନେଇ ଜଣେ ବ୍ୟକ୍ତି ତହସିଲଦାରଙ୍କୁ ଜଣାଇଥିଲେ। ଫଳରେ ତହସିଲଦାର ତୁରନ୍ତ ଗଡିଶାଗୋଦା ଥାନା ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କାଙ୍କୁ ଜଣାଇ ସେଠାକୁ ଯାଇ ବିବାହ ଉତ୍ସବ କାର୍ଯ୍ୟକ୍ରମକୁ ଲଗାମ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଆଇଆଇସି ଲେଙ୍କା ବାଦୁରାବର ଗ୍ରାମରେ ପହଞ୍ଚି ବିବାହ କାର୍ଯ୍ୟରେ ବହୁ ଲୋକଙ୍କ ସମାଗମ ହୋଇଥିବା ଦେଖି ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ସରପଞ୍ଚଙ୍କ ସ୍ୱାମୀଙ୍କ ନାମରେ ମାମଲା ରୁଜୁ କରିଥିଲେ।


Powering Your Wealth
SMIFS LIMITED
LEGACY | TRUST | GROWTH
CIN-U51109WB1993PLC060987
Regd. Office Address: 4, Lee Road, Vaibhav, 5th Floor, Kolkata – 700 020 West Bengal, India;
Tel. No.: (+91 33) 6634 5400, (+91 33) 4011 5400; E-mail : helpdesk@smifs.com Web : www.smifs.com
Single SEBI Registration No.: NSE (Cash) NSE (F&O) NSE (CD) BSE (Cash) BSE (F&O) BSE (CD); MCX; ICEX; :INZ000220635; CDSL & NSDL
SEBI Registration No.: IN-DP-414-2019; AMFI: ARN-3080 PMS: INP000004623;
RESEARCH ANALYST SEBI REGN. NO.: INH300001474

Promise of Fixed and Guaranteed Returns from Un-Authorized Persons

Dear Investor,
Greetings from SMIFS Limited (formerly known as Stewart & Mackertich Wealth Management Limited) and thank you for being our valued client.
It is our continuous effort to make your association with SMIFS Limited (in short "the Company") fruitful, convenient and hassle free the Company endeavors to provide timely updates to safeguard your valuable investments.
As per the information received from Stock Exchanges, it has come to the knowledge of SMIFS Limited that some unscrupulous and unauthorized persons are fabricating the Name of "SMIFS Limited" as "Stewart & Mackertich", along with the Company Logo, its address, contact details, etc. and circulating Pamphlets/Leaflets, offering illegal and unlawful Investment Schemes/ Proposals to innocent Investors promising Guaranteed/ Assured Returns in way of Brokerage Pass Back, Salary, Profit Sharing, Health Cover, SIP, Education for Children, Life Insurance, Weekly/Fortnightly/Monthly Payments, ETC.. The Fraudsters are also canvassing that the Company as Listed with SEBI.
Please note that SMIFS Limited in NOWHERE related to these Unscrupulous and Unauthorized Persons and their Illegal and Unlawful Investment Schemes and/or Guaranteed/Assured Returns. Thus all existing and prospective investors are requested to stay away from the unlawful alluring trap and protect their valuable investments. Any fraudulent, illegal and unlawful activities may please be reported to the Compliance Desk at compliance@smifs.com and/or call at the Contact Numbers provided below.
Investors are advised to protect themselves by being cautious and be on the lookout of warning signs of investment fraud as Guaranteed, High Investment Returns, Unsolicited Offers, Pressure to buy "Right Now" and Handle their Trading Account themselves on their Own and DO NOT allow others to operate their Trading Accounts. Investors must carefully read any material given and verify the truth of every statement told about the investment, before making any investment. SMIFS Limited DOES NOT deal in Cash with its Clients.
Investors are advised to check their registered E-Mail In-Box and use Secured Online Back Office Facility on a Daily Basis to verify their Statements, Financial Ledgers, Demat Account Statements on a Regular Basis. Investors are also advised to check the SMS Alerts provided by the Stock Exchanges and Depository Participants, on their registered Mobile Numbers, for the verification of Books of Records submitted to the said Authorities. Please DO NOT share your Password with anyone for your "SAFETY". Please update your KYC Records with the correct E-Mail Address and Mobile Number, if necessary.
The Company has already initiated Legal Recourse against the accused persons who are tarnishing the goodwill and reputation of SMIFS Limited.
**Remember: A little awareness and alertness can go a long way keeping your Investments "SAFE".**
Assuring you the best of our services and attention.
Compliance Officer
SMIFS Limited
4, Lee Road, Vaibhav
Kolkata – 700020
Contact: +91 33 40115401/ 6634 5401
E-Mail: investors@smifs.com
Date: 09.05.2021

## ବାଲୁଗାଁରେ କାଳବୈଶାଖୀ

ବାଲୁଗାଁ,(ଡି.ଏନ୍.ଏ.): ବାଲୁଗାଁ ତଥା ଚିଲିକା ଅଞ୍ଚଳରେ ସୋମବାର ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ଝଡ଼ ତୋଫାନ ଓ ବର୍ଷା ସହ କୁଆପଥର ବୃଷ୍ଟି ହୋଇଥିଲା। ଫଳରେ ସ୍ଥାନୀୟ ଅଞ୍ଚଳରେ ବହୁ ଗଛ ଉପୁଡ଼ି ପଡ଼ିବା ସହ ଅନେକଙ୍କ ଚାଳ ଛପର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ସୂର୍ଯ୍ୟନଗର, ସାମନ୍ତରାପୁର, ଅଶୋକନଗର, ପାଇକଶାଣୀ କଲୋନୀ, ଆଇବି ରୋଡ୍ ଏବଂ ବାଲୁଗାଁ ବଜାର ଅଞ୍ଚଳରେ ବର୍ଷାଜଳ ଜମି ରହି ଏକ ପ୍ରକାର କୃତ୍ରିମ ହ୍ରଦ ସୃଷ୍ଟି କରିଛି। ନାଳନର୍ଦ୍ଦମା ସବୁ ପୋତି ହୋଇଯିବା ଫଳରେ ଏଭଳି ସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ଜଙ୍ଗଲରୁ ବୃଦ୍ଧଙ୍କ ମୃତଦେହ ଜବତ

ଖୋର୍ଦ୍ଧା ଅଫିସ,୧୦।୫: ଖୋର୍ଦ୍ଧା ଜିଲା ବରମପୁରା ମୌଜା ଜଙ୍ଗଲରୁ ଜଣେ ବୃଦ୍ଧଙ୍କ କ୍ଷତବିକ୍ଷତ ମୃତଦେହ ସୋମବାର ସଦର ଥାନା ପୋଲିସ ଜବତ କରିଛି। ମୃତକ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅଞ୍ଚଳର ବିଜୟ କୁମାର ମହାନ୍ତି (୬୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୧) ରୁଜୁ ହୋଇଛି। ସୋମବାର ପୂର୍ବାହ୍ନରେ ଜଙ୍ଗଲରେ ଜଣେ ବୃଦ୍ଧଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ମୃତଦେହର ଅର୍ଦ୍ଧାଧିକ ଅଂଶକୁ ବୁଲା କୁକୁର ଖାଇଦେଇଥିବା ଅନୁମାନ କରାଯାଉଛି।

### ୧୩୩.୨୦ଟନ୍ ଅକ୍ସିଜେନ ଗଲା ଦିଲ୍ଲୀ



ଜଟଣୀ,୧୦।୫(ଡି.ଏନ୍.ଏ.): ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ସଂକ୍ରମିତ ରୋଗୀଙ୍କୁ ପର୍ଯ୍ୟାପ୍ତ ଅକ୍ସଜେନ ଯୋଗାଇବା ଉଦ୍ଦେଶ୍ୟରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅକ୍ସିଜେନ ଏକ୍ସପ୍ରେସ୍ ମାଧମରେ ଦେଶର ବିଭିନ୍ନ ରାଜ୍ୟକୁ ଅକ୍ସିଜେନ ପରିବହନ ନିରବଚ୍ଛିନ୍ନ ଭାବେ ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ରବିବାର ରାତିରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ୭ଟି କ୍ରାୟୋଜେନିକ ଟ୍ୟାଙ୍କର ଦ୍ୱାରା ୧୩୩.୨୦ଟନ୍ ତରଳ ଅକ୍ସିଜେନ ଜଖପୁରା ଟାଟା ଷ୍ଟିଲ୍ ସାଇଡିଂରୁ ଦିଲ୍ଲୀକୁ ପଠାଯାଇଛି।

### ଦୋକାନ ସିଲ୍, ୫ ହଜାର ଜରିମାନା ଆଦାୟ

ଜଟଣୀ,୧୦।୫(ଡି.ଏନ୍.ଏ.): କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ରାଜ୍ୟରେ ଲକ୍ଡାଉନ ଓ ସପ୍ତାହାନ୍ତ ଶଟ୍ଡାଉନ କଟକଣା ଜାରି ରହିଛି। ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବା ପାଇଁ ନିର୍ଦ୍ଦେଶ ରହିଛି। ତେବେ ଖୋର୍ଦ୍ଧା ଜିଲା ଜଟଣୀ ସହରରେ ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଉଛି। ସୋମବାର ମଧ୍ୟାହ୍ନରେ ସ୍ଥାନୀୟ ପୌରପ୍ରସାଶନ ପକ୍ଷରୁ ଲାଇଫ୍ ଷ୍ଟାଇଲ ନାମକ ହୋଲ୍‌ସେଲ୍ ଲୁଗା ଗୋଦାମ ଉପରେ ଚଢ଼ାଉ କରାଯାଇଥିଲା। ଦୋକାନକୁ ସିଲ୍ କରାଯିବା ସହିତ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

### ଦିନକରେ ୯,୬୦୦ ଟଙ୍କା ଜରିମାନା ଆଦାୟ

ବେଗୁନିଆ,୧୦।୫(ଡି.ଏନ୍.ଏ.): ବେଗୁନିଆ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ମାସ୍କ ଚେକିଂ ଓ କୋଭିଡ୍ ନିୟମ ଉଲ୍ଲଂଘନ ନେଇ ଅମାନିଆଙ୍କଠାରୁ ୯ହଜାର ୬୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ମାସ୍କ ଚେକିଂ ବାବଦକୁ ଅମାନିଆଙ୍କଠାରୁ ୭ହଜାର ୬୦୦ଟଙ୍କା ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି କୋଭିଡ୍ ନିୟମ ଉଲ୍ଲଂଘନ ନେଇ ବେଗୁନିଆ ବଜାରସ୍ଥିତ ୟୁକୋ ବ୍ୟାଙ୍କ ପରିଚାଳକଙ୍କଠାରୁ ରାଜସ୍ୱ ବିଭାଗ ପକ୍ଷରୁ ୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ହାତବାନ୍ଧି ବସିଛନ୍ତି ନିର୍ମାଣ ଶ୍ରମିକ

- ଲକ୍ଡାଉନ ପାଇଁ ବସି ବସି ଫେରୁଛନ୍ତି
- କରୋନା ଭୟ, ସେପଟେ ପରିବାର ଚିନ୍ତା

ଖୋର୍ଦ୍ଧା ଅଫିସ,୧୦।୫

ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ସଂକ୍ରମଣ ନିୟନ୍ତ୍ରଣ ଲାଗି ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍ଡାଉନ ଏବଂ ରାଜ୍ୟରେ ଲକ୍ଡାଉନ ଜାରି ରହିଛି। ଲକ୍ଡାଉନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀକୁ ବାଦ୍ ଦେଲେ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଛି। ଲକ୍ଡାଉନର ପ୍ରଭାବ ରାଜମିସ୍ତ୍ରି ଏବଂ ଶ୍ରମିକଙ୍କ ଉପରେ ପଡିଛି। ଦୈନିକ ଖଟିଲେ ପରବାର ଚଳାଉଥିବା ଏହି ଶ୍ରମିକଙ୍କ ଦୁର୍ଦ୍ଦଶା ଦ୍ୱିଗୁଣ ବଢ଼ିଛି। ହାତରେ ଅନ୍ୟ କୌଣସି କାମ ନ ଥିବାରୁ ପରିବାର କିପରି ଚଳିବ ନେଇ ଶ୍ରମିକଙ୍କ ମୁଣ୍ଡବ୍ୟଥା ସାଜିଛି।

ସୂଚନା ମୁତାବକ, ମା' ବରୁଣେଇ ଶ୍ରମିକ ସଂଘ ଅଧୀନରେ ରହିଛନ୍ତି ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ। ଏଥିରେ କୁଶଳୀ, ଅର୍ଦ୍ଧକୁଶଳୀ ଶ୍ରମିକ ରହିଛନ୍ତି। ରାତି ପାହିଲେ ଖୋର୍ଦ୍ଧା ପୂର୍ତ୍ତ ବଙ୍ଗଳା ସମ୍ମୁଖରେ ଶ୍ରମିକଙ୍କ ଭିଡ ଜମୁଛି। ସାଧାରଣତଃ ହଳଦିଆ, ମୁକ୍ତାପୁର, ଅଙ୍ଗରାପଡା, ମହୁଲ, ମାଜଣା, ମଧୁପୁର, ନୂଆଗାଁ, ତାଳବସ୍ତ, ଉମପଡା, ତୁଳସୀପୁର, ବୈଦ୍ୟନାଥଶ୍ୱର, ବଡବେରଣା, କାଇପଦର, ଦଧିମାଛଗାଡିଆ, ବାଜପୁର, ଶିଆଳିଆ ଆଦି ୫୦ ଗ୍ରାମର ଶ୍ରମିକମାନେ ଦୈନିକ ଏଠାକୁ ଆସନ୍ତି। ରାସ୍ତା କାମ, କୋଠାବାଡି ନିର୍ମାଣ ପାଇଁ ଠିକାଦାର ଏବଂ ଘରୋଇ ନିର୍ମାଣ କାର୍ଯ୍ୟ ଲାଗି ଲୋକେ ଆସି ଏଠାରୁ ଆବଶ୍ୟକ ଅନୁସାରେ ଶ୍ରମିକଙ୍କୁ ନେଇଥାନ୍ତି। ସଂଘ ସମ୍ପାଦକ ମନୋରଞ୍ଜନ ନାୟକ କହିଛନ୍ତି, ଶ୍ରମିକଙ୍କ କାର୍ଯ୍ୟ ଅନୁଯାୟୀ ଦୈନିକ ମଜୁରି ରହିଛି। ସେହି ଅନୁସାରେ ଶ୍ରମିକମାନେ କାମକୁ ଯାଆନ୍ତି। ତେବେ ଲକ୍ଡାଉନ ଯୋଗୁ କାମ ମିଳୁନାହିଁ। ଯାହା ବି ମିଳୁଛି, ଶ୍ରମିକଙ୍କ ପାଇଁ ଯଥେଷ୍ଟ ନୁହଁ। ଯାନବାହନ ଚଳାଚଳ କରୁ ନ ଥିବାରୁ ଗାଁରୁ ଶ୍ରମିକ ଆସି ପାରୁନାହାନ୍ତି।



ମା' ବରୁଣେଇ ଶ୍ରମିକ ସଂଘର ଶ୍ରମିକମାନେ।

ଗତ ସପ୍ତାହ ହେଲା ଏଠାରେ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅପେକ୍ଷା କରି ରହୁଛି। ଗ୍ରାହକଙ୍କ ଦେଖାନାହିଁ। ସଂଘରେ ରହିଥିବା ଅଧିକାଂଶ ଶ୍ରମିକଙ୍କ ଅବସ୍ଥା ଶୋଚନୀୟ। ରୋଜଗାର ନ ଥିବାରୁ ମାନସିକ ସ୍ତରରେ ଭାଙ୍ଗିପଡିଛନ୍ତି। ଏପେଟ କରୋନାର ଭୟ ରହିଛି। ସତର୍କ ନ ରହି କାର୍ଯ୍ୟ କଲେ, ସଂକ୍ରମଣ ହେବା ଆଶଙ୍କା ରହିଛି। ନିର୍ମାଣ ଶ୍ରମିକଙ୍କ ପାଇଁ ସରକାର ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି ହରିହର ପ୍ରଧାନ, ସନା ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ବିଦ୍ୟାଧର ବେହେରା, ସୁଦର୍ଶନ ବେହେରା, ରଶ୍ମି ସାହୁ, ମହେଶ୍ୱର ପ୍ରଧାନ, ନବକିଶୋର ବେହେରା ପ୍ରମୁଖ ଦାବି କରିଛନ୍ତି।

# ୧୦ ଦିନରେ ୧୬୪୬ ସଂକ୍ରମିତ

ଖୋର୍ଦ୍ଧା ଅଫିସ,୧୦।୫

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ଏହି ଗ୍ରାମାଞ୍ଚଳରେ ୨୪ଘଣ୍ଟାରେ ୫୪ଜଣ ସଂକ୍ରମିତ ହୋଇଛନ୍ତି। ତେବେ ୧୦ଦିନ ମଧ୍ୟରେ ମୋଟ୍ ୧୬୪୬ଜଣ ସଂକ୍ରମିତ ହୋଇଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ସୋମବାର ସୁଦ୍ଧା ୩,୨୧,୭୪୯ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୧୬,୩୮୩ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୫, ୧୬୪ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୫୭ଜଣଙ୍କ ମୃତ୍ୟୁ ଘଟିଛି। ୧୧୩୭ ସକ୍ରିୟ ରହିଛନ୍ତି।

ଖୋର୍ଦ୍ଧା ଉପଖଣ୍ଡରେ ସୋମବାର ୬୦୭ଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୩୮ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୭୦ଜଣ ସୁସ୍ଥ ହୋଇ ଫେରିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧା ୨, ବେଗୁନିଆ ୪, ବୋଲଗଡ଼ ୧୧, ଟାଙ୍ଗୀ ୧୭, ଚିଲିକା ଓ ବାଣପୁର ବ୍ଲକରୁ ଜଣେ ଲେଖାଏ ରହିଥିବା ବେଳେ ବାଲୁଗାଁ ଏନଏସିରୁ ୨ଜଣ ରହିଛନ୍ତି। ଖୋର୍ଦ୍ଧା ସହର ଏବଂ ବାଣପୁର ଏନ୍ଏସିରୁ କେହି ଆକ୍ରାନ୍ତ ନାହାନ୍ତି। ଖୋର୍ଦ୍ଧା ଉପଖଣ୍ଡରେ ସୋମବାର ସୁଦ୍ଧା ୨,୧୧,୧୫୬ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ୧୦୧୭୧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୯୪୬୫ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୭୦୬ ସକ୍ରିୟ ସଂକ୍ରମିତ ରହିଛନ୍ତି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ଉପଖଣ୍ଡର ଟାଙ୍ଗୀ ତହସିଲରୁ ୨୪୯୫୦, ଖୋର୍ଦ୍ଧା ୨୮୪୯୦, ବାଲୁଗାଁ ଏନ୍ଏସି ୪୦୫୦୦, ଚିଲିକା ୪୪୩୫୦, ବୋଲଗଡ଼ ୪୬୪୬୦, ବାଣପୁର ଏନ୍ଏସି ୪୭୭୫୦, ଖୋର୍ଦ୍ଧା ସହର ୬୩୬୫୦ ଏବଂ ବାଣପୁର ତହସିଲରୁ ସର୍ବାଧିକ ୯୯୧୧୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

## ଗଙ୍ଗପଡ଼ା ଗଡ଼ସାହି ମାଇକ୍ରୋ କଣ୍ଟେନ୍‌ମେଣ୍ଟ

ଯାଁଳା,୧୦।୫(ଡି.ଏନ୍.ଏ.)

ଜଟଣୀ ବ୍ଲକ ଗଙ୍ଗପଡା ପଞ୍ଚାୟତରେ ୩ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ୭ଦିନ ପାଇଁ ଗଙ୍ଗପଡ଼ାର ୮ନମ୍ବର ୱାର୍ଡ ଗଡ଼ସାହି ଅଞ୍ଚଳକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସୋମବାର ସକାଳ ୭ଟାରୁ ଆସନ୍ତା ୧୭ତାରିଖ ସକାଳ ୭ଟା ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ। ଉକ୍ତ ଅଞ୍ଚଳରୁ କୌଣସି ବ୍ୟକ୍ତି ବାହାରକୁ ନ ବାହାରିବା ପାଇଁ ଅନୁରୋଧ କରାଯାଇଛି। ସେମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇଦେବା ପାଇଁ ପଞ୍ଚାୟତ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ କରିବା ଓ ସେମାନଙ୍କୁ ସୁବିଧା ଯୋଗାଇଦେବା ପାଇଁ ମଧ୍ୟ ପଞ୍ଚାୟତ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

## ବୃନ୍ଦାବନ କଳସଙ୍କୁ ଶ୍ରଦ୍ଧାଞ୍ଜଳି

ଖୋର୍ଦ୍ଧା ଅଫିସ,୧୦।୫

ଭାରତୀୟ ଜନତା ପାର୍ଟିର ପୂର୍ବତନ ରାଜ୍ୟ ଉପସଭାପତି ବୃନ୍ଦାବନ କଳସଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ସେ ୧୯୯୦ରୁ ୨୦୧୦ ପର୍ଯ୍ୟନ୍ତ ଭାଜପାର ଜଣେ ସକ୍ରିୟ ସଦସ୍ୟ ଥିଲେ। ସେ ଅଟଳ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଭାଜପା ଜିଲା ସଭାପତି ଏବଂ ଭାଜପା ରାଜ୍ୟ ମୁଖ୍ୟାଳୟ ଦାୟିତ୍ୱରେ ମଧ ରହିଥିଲେ। ୧୯୯୫ରେ ଖୋର୍ଦ୍ଧା ବିଧାନସଭା ଏବଂ ୧୯୯୬ରେ ଭୁବନେଶ୍ୱର ଏମ୍‌ପି ଆସନ ପାଇଁ ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ଭାଜପା ନେତା ସୁଦୀପ୍ତ ରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ, ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ନିକୁଞ୍ଜ କିଶୋର ପଟ୍ଟନାୟକ, ପ୍ରତାପ ମହାପାତ୍ର, ଲୋତକ ବିନ୍ଦୁ ପଟ୍ଟନାୟକ, ଦୁଷ୍ମନ୍ତ ହରିଚନ୍ଦନ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ବକେୟା ଦରମା ଦାବିରେ ସଫେଇ କର୍ମଚାରୀଙ୍କ ଧାରଣା



ସଫେଇ କର୍ମଚାରୀମାନେ ବାଲୁଗାଁ ଏନ୍ଏସି କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

ବାଲୁଗାଁ,୧୦।୫(ଡି.ଏନ୍.ଏ.)

ବକେୟା ଦରମା ଅର୍ଥ ପ୍ରଦାନ ଦାବିରେ ସୋମବାର ବାଲୁଗାଁ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କର୍ମଚାରୀମାନେ ଧାରଣା ଦେଇଥିଲେ। ଦୀର୍ଘ ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବସିବା ପରେ କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ଠିକା ସଂସ୍ଥା ମାଲିକଙ୍କ ସହ ଯୋଗାଯୋଗ କରିଥିଲେ। ମଙ୍ଗଳବାର ସଂସ୍ଥା ମାଲିକ ପହଞ୍ଚିବା ପରେ ସମାଧାନର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗୋଏଙ୍କା ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଯେ, ବାଲୁଗାଁ ଏନ୍ଏସିର ପରିମଳ ସେବା ପାଇଁ କିଛିବର୍ଷ ହେବ ଏକ ଘରୋଇ କମ୍ପାନୀକୁ ଠିକା ଦିଆଯାଇଛି। ଉକ୍ତ କମ୍ପାନୀ ଅଧୀନରେ ୪୦ରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀ ନିୟୋଜିତ ଅଛନ୍ତି। କିଛିମାସ ହେବ କର୍ମଚାରୀଙ୍କ ଉପସ୍ଥାନ ଏବଂ ପ୍ରାପ୍ୟକୁ ନେଇ ବିବାଦ ଦେଖାଦେଇଛି। ପ୍ରତିବାଦ କଲେ କର୍ମଚାରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ କାର୍ଯ୍ୟରୁ ବନ୍ଦ କରାଯାଉଛି। ପରିମଳ ପର୍ଯ୍ୟବେକ୍ଷକ ବିଭିନ୍ନ ଧମକ ଦେଉଥିବା ନେଇ କର୍ମଚାରୀମାନେ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ପରେ ଏକ ବୈଠକ କରାଯାଇ ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଅଦ୍ୟାବଧି ସୁଫଳ ମିଳିନାହିଁ। ଅନ୍ୟପକ୍ଷେ ଗତ ଏପ୍ରିଲର ଦରମା ମଧ କର୍ମଚାରୀଙ୍କୁ ମିଳି ନ ଥିବା ଅଭିଯୋଗରୁ ଜଣାପଡ଼ିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରିୟଙ୍କା



@ ରବୀନ୍ଦ୍ର



@ ଚନ୍ଦନ



@ ଅଜିତ୍



@ ମହେଶ୍ୱର



@ ରାଜା



@ ମିଥୁନ

# ପୁରୀ: ବଢୁଛି ଅଣକୋଭିଡ୍ ମୃତ୍ୟୁସଂଖ୍ୟା

- ଗଳାବାଟ ଦେଖାଇ ଶବଦାହ ହେଉଥିବା ଅଭିଯୋଗ
- ସ୍ୱର୍ଗଦ୍ୱାର କର୍ମଚାରୀଙ୍କୁ ଟିକା ଦେଉନି ପ୍ରଶାସନ

ପୁରୀ ଅଫିସ, ୧୦।୫

ସ୍ୱର୍ଗଦ୍ୱାରରେ ପୁରୀ ଜିଲା ବାହାର ଲୋକଙ୍କ ଶବଦାହ ବାରଣ ହୋଇଛି। କେବଳ ପୁରୀ ଜିଲାବାସୀ ହିଁ ଶବଦାହ କରିବାକୁ ପ୍ରଶାସନ ପକ୍ଷରୁ ଅନୁମତି ରହିଛି। ଏଭଳି ସ୍ଥଳେ ଜିଲା ବାହାର ଲୋକେ ବିଭିନ୍ନ ଆଳ ଦେଖାଇ ସ୍ୱର୍ଗଦ୍ୱାରରେ ମୃତଦେହ ସତ୍କାର କରୁଥିବା ଅଭିଯୋଗ ହେଉଛି। କେତେକ କ୍ଷେତ୍ରରେ ଜିଲା ବାହାରୁ ଆସି ପୁରୀ ସହରରେ ଭଡ଼ା ରହୁଥିବା କିମ୍ବା ସମ୍ପର୍କୀୟଙ୍କ ଘରେ ରହୁଥିବା ଦର୍ଶାଇ ମୃତଦେହ ସତ୍କାର କରାଯାଉଛି। ସେହିଭଳି ପୁରୀ ସହରରେ ଘର, ଫ୍ଲାଟ୍ ଥିବା କୌଣସି ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କ ମଧ୍ୟରୁ କାହାରି ବାହାରେ ମୃତ୍ୟୁ ଘଟିଲେ ମଧ ତାଙ୍କ ମୃତଦେହ ଦାହ ପାଇଁ ସ୍ୱର୍ଗଦ୍ୱାରକୁ ଅଣାଯାଉଛି। ପ୍ରଶାସନ ଏସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜି ନ ଥିବାରୁ ସ୍ୱର୍ଗଦ୍ୱାର ସେବାକେନ୍ଦ୍ର କର୍ମଚାରୀମାନେ ସତ୍କାର ଲାଗି ଅନୁମତି ଦେବାକୁ ବାଧ୍ୟ ହେଉଛନ୍ତି। ଏପ୍ରିଲ ୨୫ ତାରିଖ ପରଠାରୁ ପୁରୀ ସହରରେ ଅଣକୋଭିଡ୍ ମୃତ୍ୟୁ ସଂଖ୍ୟା ପୂର୍ବ ତୁଳନାରେ ବଢ଼ିଛି।

ସ୍ୱର୍ଗଦ୍ୱାର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରତି ୧୫ଦିନରେ ଥରେ ପୁରୀ ସହରର ମୃତ୍ୟୁସଂଖ୍ୟା ସମ୍ବନ୍ଧିତ ରିପୋର୍ଟ ମ୍ୟୁନିସିପାଲିଟିକୁ ଦିଆଯାଇଥାଏ। ସ୍ୱର୍ଗଦ୍ୱାରରେ ଜିଲା ବାହାର ଲୋକଙ୍କ ଉପରେ କଟକଣା ଲାଗିବା ପୂର୍ବରୁ ଦିନ ପିଛା ୩ରୁ ୪ଜଣଙ୍କ ଶେଷକୃତ୍ୟ ଏଠାରେ ହେଉଥିଲା। ମାତ୍ର ଏବେ ଏହି ସଂଖ୍ୟା ବଢ଼ିଛି। ଏପ୍ରିଲ ୨୫ ପରଠାରୁ ସ୍ୱର୍ଗଦ୍ୱାରରେ ପୁରୀ ସହର ବାସିନ୍ଦା ଦର୍ଶାଇ ଦିନକୁ ୮ରୁ ୯ ଜଣଙ୍କ ଶେଷକୃତ୍ୟ କରାଯାଇଛି। ଗତ ମେ ୧ରେ ୧୧ଜଣ, ୨ ଓ ୩ରେ ୯ଜଣ ଲେଖାଏଁ, ୪ରେ ୨ଜଣ, ୫ରେ ୯ଜଣ, ୬ରେ ୧୩ ଜଣ ଓ ୭ତାରିଖରେ ୧୦ ଜଣଙ୍କ ଶବଦାହ ହୋଇଛି। ଅର୍ଥାତ୍ ଗତ ସପ୍ତାହରେ ପ୍ରତିଦିନ ହାରାହାରି ୯ଜଣ ଲେଖାଏ ଅଣକୋଭିଡ୍ ରୋଗୀଙ୍କ ମୃତ୍ୟୁ ଘଟିଛି। ତେବେ କୋଭିଡ୍ ସମୟରେ ପୁରୀ ସହରରେ ଅଣକୋଭିଡ୍ ମୃତକଙ୍କ ସଂଖ୍ୟା ବଢ଼ିବାର କାରଣ ନେଇ ସୂଚନା ଅଧିକାର କର୍ମୀ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ଏଭଳି ତଥ୍ୟ ସାମ୍ନାକୁ ଆସିବା ପରେ ଦୁଇଟି ସମ୍ଭାବ୍ୟ ଦିଗ ଦେଖାଯାଉଛି। କୋଭିଡ୍ ସଂକ୍ରମିତ ହୋଇଥିବା ବ୍ୟକ୍ତି ଚିହ୍ନଟ ହୋଇ ନ ପାରିବାରୁ ପରିବାର ଲୋକେ ନ ଜଣାଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଉଛନ୍ତି ଅଥବା ପୁରୀ ସହରର ହୋଇ ନ ଥିବା ଲୋକେ ବିଭିନ୍ନ ଗଳାବାଟର ସୁଯୋଗ ନେଇ ସ୍ୱର୍ଗଦ୍ୱାରରେ ଶବଦାହ କରୁଛନ୍ତି। ତେବେ ଏ ନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ବାହାର ଜିଲାର ଲୋକେ ଗଳାବାଟ ଖୋଜି ଶବଦାହ କରୁଥିବା ନେଇ କୌଣସି ଖବର ପ୍ରଶାସନ ନିକଟରେ ନାହିଁ। ଏଭଳି ଅଭିଯୋଗ ସାମ୍ନାକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ସ୍ୱର୍ଗଦ୍ୱାରରେ କାର୍ଯ୍ୟରତ କର୍ମଚାରୀଙ୍କ କହିବା କଥା ଯେ, ଅନେକ ମୃତକ ପୁରୀ ଜିଲାର ନୁହନ୍ତି ବୋଲି ଜାଣିହେଉଛି। ଉଦାହରଣ ସ୍ୱରୂପ, ମୃତକ ଶ୍ୱଶୁର ବ୍ରହ୍ମପୁର ଓ ଜ୍ୱାଇଁ ଘର ପୁରୀରେ ହୋଇଥିଲେ ମଧ ସମ୍ପୃକ୍ତ ପରିବାର ଦୀର୍ଘଦିନ ଧରି ଜ୍ୱାଇଁ ପାଖରେ ରହୁଥିବା ଦର୍ଶାଇ ଶବଦାହ କରାଉଛନ୍ତି। ସେହିଭଳି ଜିଲା ବାହାର ଲୋକ ଯେଉଁମାନଙ୍କର ପୁରୀରେ ସମ୍ପତ୍ତି ରହିଛି ସେମାନେ ବିଦ୍ୟୁତ ବିଲ୍ କିମ୍ବା ଅନ୍ୟ ପ୍ରମାଣପତ୍ର ଦେଖାଇ ପୁରୀ ବାସିନ୍ଦା ହୋଇଥିବା ଦାବି କରୁଛନ୍ତି। ଅନେକ ବ୍ୟକ୍ତି ପୁରୀର ବାସିନ୍ଦା ନ ହୋଇ ମଧ ଏଠାରେ ଭଡ଼ା ରହୁଥିବା ଦର୍ଶାଉଛନ୍ତି। ତେବେ ସେମାନଙ୍କୁ ପୁରୀର କେଉଁ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି ବୋଲି ପଚରାଗଲେ, ନିଜ ସମ୍ପର୍କୀୟଙ୍କ ଘରେ ରହୁଥିବା କିମ୍ବା ସମ୍ପର୍କୀୟ ଏଠାରେ ଚାକିରି କରୁଥିବା କହୁଛନ୍ତି। ଜିଲା ବାହାରେ ରହୁଥିବା ପୁରୀ ଜିଲାବାସୀଙ୍କ ଉପରେ ପ୍ରଶାସନ କୌଣସି କଟକଣା ଲଗାଇନାହିଁ। ଅର୍ଥାତ୍ ଜଣେ ବ୍ୟକ୍ତି ଜିଲା ବାହାରେ ରହି ମୃତ ଘୋଷିତ ହେବା ପରେ ବି ତାଙ୍କ ମୃତଦେହ ସ୍ୱର୍ଗଦ୍ୱାରକୁ ଅଣାଯାଇ ସତ୍କାର କରାଯାପାରୁଛି। ଏଭଳି କ୍ଷେତ୍ରରେ ସେମାନଙ୍କ ପରିବାରବର୍ଗ ସଂକ୍ରମିତ ହେବାର ଆଶଙ୍କା ମଧ ରହୁଛି। ଅନ୍ୟପକ୍ଷରେ ସ୍ୱର୍ଗଦ୍ୱାର ସେବାକେନ୍ଦ୍ରରେ ଦାହକ, ପୂଜା ଦୋକାନୀ, କାଠଅଡ଼ା ଓ କର୍ମଚାରୀଙ୍କୁ ମିଶାଇ ୮୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ରହିଛନ୍ତି। ଏବେ ଏଠାରେ ଦୁଇଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ପ୍ରଶାସନ କେବଳ ମ୍ୟୁନିସିପାଲିଟି କର୍ମଚାରୀଙ୍କୁ ଟିକାଦେଇଥିବାବେଳେ ଏମାନଙ୍କ ଟିକାକରଣ କଥା ଚିନ୍ତା କରୁନାହିଁ। ଫଳରେ ସ୍ୱର୍ଗଦ୍ୱାର ସେବାକେନ୍ଦ୍ର କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।





## ବିଦ୍ୟୁତ୍‌ଖୁଣ୍ଟି, ସିସିଟିଭିର ପୁନରୁଦ୍ଧାର ଦାବି

ପୁରୀ ଅଫିସ,୧୦।୫

ପୁରୀ-କୋଣାର୍କ ବେଳା ମାର୍ଗରେ ଫନୀ ବାତ୍ୟାରେ ଭାଙ୍ଗିଯାଇଥିବା ବିଦ୍ୟୁତ୍‌ଖୁଣ୍ଟ ଏବଂ ସିସିଟିଭି କ୍ୟାମେରାଗୁଡ଼ିକର ପୁନରୁଦ୍ଧାର ଦାବି କରି ଆସୋସିଏଶନ ଅଫ ଟ୍ୱଇଟର ଆକ୍ଟିଭିଷ୍ଟସ୍ ଅନୁଷ୍ଠାନ ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅନୁଷ୍ଠାନ ସଦସ୍ୟ ସତ୍ୟନାରାୟଣ ସାହୁଙ୍କ କହିବା ଅନୁଯାୟୀ, ପୁରୀ ଓ କୋଣାର୍କ ଏକ ଧାର୍ମିକ ଏବଂ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ଦୈନିକ ହଜାର ହଜାର ଦେଶୀ ବିଦେଶୀ ପର୍ଯ୍ୟଟକ ପୁରୀ ବୁଲିବାକୁ ଆସିଥାନ୍ତି। କିନ୍ତୁ ଫନୀ ପରଠାରୁ ୨ ବର୍ଷ ହେବ ପୁରୀ-କୋଣାର୍କ ବେଳାମାର୍ଗ ସମ୍ପୂର୍ଣ୍ଣ ଅନ୍ଧକାର ରହୁଛି। ଆଲୋକୀକରଣର ସମସ୍ତ ଭିତ୍ତିଭୂମି ଥିଲେ ମଧ ଫନୀରେ ଭାଙ୍ଗିଥିବା ପ୍ରତ୍ୟେକ ପ୍ରମୁଖ ଛକଗୁଡ଼ିକରେ ହାଇମାଷ୍ଟ ଲାଇଟ୍ ଏବେ ବି ଭଗ୍ନ ଅବସ୍ଥାରେ ରହିଛି। ସନ୍ଧ୍ୟା ପରେ ରାସ୍ତା ଅନ୍ଧକାର ରହୁଥିବାରୁ ଯାତାୟାତ କରୁଥିବା ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟବାସିନ୍ଦା ଅନେକ ସମୟରେ ଲୁଟ୍‌ର ଶିକାର ହେଉଛନ୍ତି। ଏହାସହ ଦୁର୍ଘଟଣା ଘଟି ଅନେକ ଲୋକଙ୍କ ମୃତ୍ୟୁ ଘଟିଥିବା ନଜିର ରହିଛି। ସେହିପରି ରାସ୍ତା ଅଭୟାରଣ୍ୟ ଅଞ୍ଚଳ ମଧ୍ୟଦେଇ ଯାଉଥିବାରୁ ବେଳେ ବନ୍ୟଜନ୍ତୁ ବିଶେଷ କରି ହରିଣମାନେ ରାସ୍ତା ଉପରକୁ ଚାଲି ଆସୁଛନ୍ତି ଏବଂ ଦୁର୍ଘଟଣାର ଶିକାର ହେଉଛନ୍ତି। ଯାତ୍ରୀ ଓ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁରୀ- କୋଣାର୍କ ବେଳାମାର୍ଗରେ ଥିବା ପ୍ରମୁଖ ଛକଗୁଡ଼ିକରେ ଫନୀରେ ଅଚଳ ହୋଇଥିବା ହାଇମାଷ୍ଟ ଲାଇଟ୍‌ଗୁଡ଼ିକ ପୁନଃ କାର୍ଯ୍ୟକ୍ଷମ କରିବା ସହ ରାସ୍ତାରେ ସିସିଟିଭି କ୍ୟାମେରା ଲଗାଯାଉ ବୋଲି ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଦସ୍ୟ ଦେବେନ୍ଦ୍ର ସୁବୁଦ୍ଧି, ସନ୍ତୋଷ ବିଶ୍ୱାଳ ଏବଂ ଦେବରାଜ ଦାଶ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।